

ମୁଁ ମହିଳା କ୍ରିକେଟ୍ ଖେଳିବାକୁ ଯୋଗ୍ୟ: ଅନନ୍ୟା ବାଙ୍ଗର

▸ପୃଷ୍ଠା ୧୨ ଦେଖନ୍ତୁ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
## THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 42 ◆ISSUE-352 ◆BHUBANESWAR ◆FRIDAY ◆20 JUNE 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୨ ◆ସଂଖ୍ୟା-୩୫୨ ◆ଭୁବନେଶ୍ୱର ◆ଶୁକ୍ରବାର ◆୨୦ ଜୁନ୍ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦



DADLS-34



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

# ସେବା
# ସୁଶାସନ
# ଗରିବ କଲ୍ୟାଣ
## ପାଇଁ ସମର୍ପିତ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

# କେନ୍ଦ୍ର ସରକାରଙ୍କ ୧୧ ବର୍ଷ ଓ ରାଜ୍ୟ ସରକାରଙ୍କ ୧ ବର୍ଷ

ପ୍ରଧାନମନ୍ତ୍ରୀ
## ଶ୍ରୀଯୁକ୍ତ ନରେନ୍ଦ୍ର ମୋଦୀଙ୍କ
ଦ୍ୱାରା

₹ ୧୮,୬୦୦ କୋଟିର ଭିତ୍ତିଭୂମି ପ୍ରକଳ୍ପର **ଶିଳାନ୍ୟାସ ଓ ଶୁଭ ଉଦ୍‌ଘାଟନ**

ନୂତନ ରେଳ ସେବା ଏବଂ ୧୦୦ ବ୍ୟାଟେରୀ ଚାଳିତ ବସ୍‌ର **ଶୁଭାରମ୍ଭ**

ବରପୁତ୍ର ସମ୍ମାନ ଯୋଜନାର **ଲୋକାର୍ପଣ**

ଓଡ଼ିଶା ଭିଜନ୍ ୨୦୩୬ | ୨୦୪୭ ପୁସ୍ତିକା **ଶୁଭ ଉନ୍ମୋଚନ**

ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ **ପୁସ୍ତିକା ଉନ୍ମୋଚନ**

ଲକ୍ଷପତି ଦିଦିଙ୍କୁ **ସମ୍ବର୍ଦ୍ଧନା ଜ୍ଞାପନ**

୨୦ ଜୁନ୍ ୨୦୨୫ | ଅପରାହ୍ନ ୪ ଘଟିକା | ଜନତା ମଇଦାନ, ଭୁବନେଶ୍ୱର

### ଗରିମାମୟ ଉପସ୍ଥିତି

**ଡ. ହରି ବାବୁ କମ୍ଭମ୍ପାଟି**
ରାଜ୍ୟପାଳ, ଓଡ଼ିଶା

**ଶ୍ରୀଯୁକ୍ତ ମୋହନ ଚରଣ ମାଝୀ**
ମୁଖ୍ୟମନ୍ତ୍ରୀ, ଓଡ଼ିଶା

**ଶ୍ରୀଯୁକ୍ତ ଧର୍ମେନ୍ଦ୍ର ପ୍ରଧାନ**
କେନ୍ଦ୍ର ଶିକ୍ଷା ମନ୍ତ୍ରୀ

**ଶ୍ରୀଯୁକ୍ତ ଜୁଏଲ ଓରାମ**
କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ

**ଶ୍ରୀଯୁକ୍ତ ଅଶ୍ୱିନୀ ବୈଷ୍ଣବ**
କେନ୍ଦ୍ର ରେଳ, ସୂଚନା ଓ ପ୍ରସାରଣ, ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ମନ୍ତ୍ରୀ

**ଶ୍ରୀଯୁକ୍ତ କନକ ବର୍ଦ୍ଧନ ସିଂହ ଦେଓ**
ଉପମୁଖ୍ୟମନ୍ତ୍ରୀ, ଓଡ଼ିଶା

**ଶ୍ରୀମତୀ ପ୍ରଭାତୀ ପରିଡା**
ଉପମୁଖ୍ୟମନ୍ତ୍ରୀ, ଓଡ଼ିଶା

ଓଡ଼ିଶାର ମନ୍ତ୍ରୀଗଣ | ଓଡ଼ିଶାର ସାଂସଦଗଣ | ଓଡ଼ିଶାର ବିଧାୟକ/ ବିଧାୟିକା ଗଣ

OIPR-15001/13/0713/2526

ସିଧା ପ୍ରସାରଣ: DD News and DD Odia | YouTube: @DD Odia News Official/@DD Odia

ସୂଚନା ଓ ଲୋକସମ୍ପର୍କ ବିଭାଗ, ଓଡ଼ିଶା ସରକାର

■ ରଥଖଳାରୁ...

# ନାଟଗୋଡ଼ରେ ରୂପ ଖୋଦେଇ ଶେଷ



ପୁରୀ,୧୯।୬(ସମିସ): ଆଉ ୭ ଦିନ ପରେ ବିଶ୍ୱପ୍ରସିଦ୍ଧ ରଥଯାତ୍ରା। ଏଥିପାଇଁ ସମସ୍ତ ପ୍ରକାର ପ୍ରସ୍ତୁତି ସରି ସରି ଆସୁଛି। ରଥଖଳାରେ ବି କାମ ଦ୍ରୁତଗତିରେ ଆଗେଇ ଚାଲିଛି। ଗୁରୁବାର ତିନିରଥରେ ପଟା ପଡ଼ି ବେଦୀ ନିର୍ମାଣ ଶେଷ ହୋଇଛି। ବେଦୀ ସିଂହାସନ ମୁହାଁଟିର ରଙ୍ଗକାର୍ଯ୍ୟ ଚିତ୍ରକର ସେବକ ଆରମ୍ଭ କରିଛନ୍ତି। ପ୍ରତ୍ୟେକ ରଥର ପ୍ରଭା ଫ୍ରେମ୍‌ରେ ବାଙ୍କ ପଡ଼ି ରୂପ ଖୋଦେଇ ପଟା ସେଟିଂ ଶେଷ ହୋଇଛି। ଶୁକ୍ରବାର ରୂପକାର ସେବକ ପ୍ରଭାଗୁଡ଼ିକରେ ରୂପ ଖୋଦେଇ କାର୍ଯ୍ୟ ଆରମ୍ଭ କରିବେ। ତିନିରଥର ୧୨ଟି ଦୁଆରବେଢ଼ା ମଧ୍ୟରୁ ୯ଟିର ନିର୍ମାଣ ଶେଷ ହୋଇଥିବାବେଳେ ଶୁକ୍ରବାର ବାକି ୩ଟିର ନିର୍ମାଣ ହେବ। ରୂପକାର ସେବକମାନେ ତିନି ରଥର ମୋଟ୍ ୨୪ଟି ନାଟଗୋଡ଼ରୁ ୧୮ଟିରେ ରାହୁ ରୂପ ଖୋଦେଇ ଶେଷ କରିଥିଲେ। ବାକି ୬ଟି ନାଟଗୋଡ଼ର ରୂପ ଖୋଦେଇ ସମ୍ପୂର୍ଣ୍ଣ କରିଛନ୍ତି। ଏତଦ୍‌ବ୍ୟତୀତ ପଟା ଗୁଜଗୁଡ଼ିକରେ ନର ବିରାଳ, ଗଜ ବିରାଳ ଏବଂ ସିଂହ ବିରାଳ ଚିତ୍ର ଖୋଦେଇ କାର୍ଯ୍ୟ ଜାରି ରଖିଛନ୍ତି। ଚିତ୍ରକର ସେବକମାନେ ତିନିରଥ ଗୋଟିଏ ଗୋଟିଏ ସିଂହାସନ ମୁହାଁଟିର ରଙ୍ଗ କାର୍ଯ୍ୟ ପାଇଁ ସେଥିରେ ପ୍ରାଇମର ଦେବାସହ ନାଟଗୋଡ଼ଗୁଡ଼ିକର ରଙ୍ଗ କରୁଛନ୍ତି। ଏଥିସହ ରଥ ପାର୍ଶ୍ୱ ଦେବଦେବୀ ମୂର୍ତ୍ତିର ରଙ୍ଗ କାର୍ଯ୍ୟ ସହ ତିନିରଥ ଗୁଜ, ଚକଗୁଡ଼ିକରେ ରଙ୍ଗ ଦେଉଛନ୍ତି। ଦରଜୀ ସେବକମାନେ ତିନିରଥର ୨୪ଟି ବତା କନାରେ ୭୨ଟି ବିଳାସ ପଟି ଲାଗି ଶେଷ କରି ୧୨ଟି ଦୁଆରବେଢ଼ା ପାଇଁ କନାକଟା ପରେ ସେଥିରେ ଲେସ୍, ଚିକ୍କଣ ସିଲ୍‌ଭର ଜରିରେ ଫୁଲ ଡାଳି ପକାଉଛନ୍ତି। ଦୋଳବେଦୀ ପରିସର ଅସ୍ଥାୟୀ କମାରଶାଳରେ କମାର ସେବକମାନେ ତିନି ରଥର ସାରଥି ବାଗିଆ କଣ୍ଟା (ହାତ ଏବଂ ଜଏଣ୍ଟ ସ୍ଥାନ ପାଇଁ) ନିର୍ମାଣ ସହ ପ୍ରଭା କଣ୍ଟା ନିର୍ମାଣ ଜାରି ରଖିଛନ୍ତି।

## ରାଜ୍ୟରେ ଆଇନଶୃଙ୍ଖଳାକୁ ନେଇ ବର୍ଷିଲା ବିଜେଡି

# ବିଜେପି ସରକାରରେ ଅପରାଧୀ ଭୟଶୂନ୍ୟ

■ ମହିଳା ଓ ଶିଶୁଙ୍କୁ ସୁରକ୍ଷା ଦେବାରେ ସରକାର ବିଫଳ
■ ଓଡ଼ିଶା ଏବେ ଦେଶର ଅଷ୍ଟମ ଅପରାଧପ୍ରବଣ ରାଜ୍ୟ
■ ରାଜ୍ୟର ଆଇନଶୃଙ୍ଖଳା ସ୍ଥିତି ସମୀକ୍ଷା କରନ୍ତୁ ପ୍ରଧାନମନ୍ତ୍ରୀ



ଭୁବନେଶ୍ୱର,୧୯।୬(ସମିସ): ରାଜ୍ୟରେ ଅପରାଧୀ ଭୟଶୂନ୍ୟ, ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ, ମହିଳା ଓ ଶିଶୁମାନେ ଅସୁରକ୍ଷିତ। ବିଜେପି ଶାସନ କରିବା ପରେ ଓଡ଼ିଶା ଏବେ ଦେଶର ଅଷ୍ଟମ ଅପରାଧ ପ୍ରବଣ ରାଜ୍ୟ। ମହିଳା ଓ ଶିଶୁଙ୍କୁ ସୁରକ୍ଷା ଦେବାରେ ଅପାରଗ ସରକାର ବିଫଳ ବୋଲି ଉଲ୍ଲେଖ କରି ରାଜ୍ୟ ସରକାରଙ୍କ ଉପରେ ବର୍ଷିଛି ବିଜେଡି। ଶଙ୍ଖ ଭବନ ଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ଉପସଭାପତି ପ୍ରମିଳା ମଲ୍ଲିକ, ବରିଷ୍ଠ ସାଧାରଣ ସମ୍ପାଦିକା ସ୍ନେହାଙ୍ଗିନୀ ଛୁରିଆ, ଟୁକୁନି ସାହୁ, ରାଜଶ୍ରୀ ମଲ୍ଲିକ, ସାଧାରଣ ସମ୍ପାଦିକା ଶର୍ମିଷ୍ଠା ସେଠୀ, ମେୟର ସୁଲୋଚନା ଦାସ ପ୍ରମୁଖ ରାଜ୍ୟ ସରକାରଙ୍କ ଅପାରଗତାକୁ କଟୁ ସମାଲୋଚନା କରିଛନ୍ତି।

ପ୍ରମିଳା ମଲ୍ଲିକ କହିଛନ୍ତି ଯେ ବିଜେପି ରାଜ୍ୟବାସୀଙ୍କୁ ଅନେକ ମିଛ ପ୍ରତିଶ୍ରୁତି ଦେଇ କ୍ଷମତାକୁ ଆସିବା ପରେ ରାଜ୍ୟକୁ ସୁଶାସନ ପ୍ରଦାନରେ ବିଫଳ ହୋଇଛି। ରାଜ୍ୟରେ ନାରୀ ନିର୍ଯାତନା ଅହେତୁକ ବୃଦ୍ଧି ପାଇଛି। ରାଜ୍ୟରେ ମହିଳା ଓ ଶିଶୁମାନଙ୍କ ପ୍ରତି ଅପରାଧ ବଢ଼ି ଚାଲିଛି, କିନ୍ତୁ ରାଜ୍ୟ ସରକାର ମିଛ ସଫଳତାର ପ୍ରଚାରରେ ମାତିଛନ୍ତି। ବିଜେପିର ଓଡିଆ ଅସ୍ମିତା ସ୍ଲୋଗାନ ପ୍ରହସନରେ ପରିଣତ ହୋଇଛି। ପ୍ରଧାନମନ୍ତ୍ରୀ ବାରମ୍ବାର ରାଜ୍ୟକୁ ଆସୁଛନ୍ତି ଓ ଏହି ସମୟରେ ଅଧିକ ଅପରାଧ ଘଟିଥିବା ଦେଖାଯାଉଛି। ତେଣୁ ରାଜ୍ୟର ଆଇନ ଶୃଙ୍ଖଳାର ସ୍ଥିତିକୁ ପ୍ରଧାନମନ୍ତ୍ରୀ ସମୀକ୍ଷା କରନ୍ତୁ ବୋଲି ପ୍ରମିଳା କହିଛନ୍ତି।

ସ୍ନେହାଙ୍ଗିନୀ ଛୁରିଆ କହିଛନ୍ତି ଯେ ରାଜ୍ୟ ସରକାର ଏକ ବର୍ଷ ପୂର୍ତ୍ତି ସଫଳତାକୁ ପ୍ରଚାର କରିବା ପାଇଁ ଗୋଟିଏ ବର୍ଷରେ ଅନେକ ଉପଲବ୍ଧିର ସ୍ଲୋଗାନ ଦେଉଛନ୍ତି। ଦେଶର ଅପରାଧ ପ୍ରବଣ ରାଜ୍ୟ ମଧ୍ୟରେ ଓଡ଼ିଶା ୮ମସ୍ଥାନ ସ୍ଥାନ କରିବା ବିଜେପି ପାଇଁ ନିଶ୍ଚିତ ବଡ଼ ଉପଲବ୍ଧି। ଦେଶର ପ୍ରଥମ ଦଶଟି ରାଜ୍ୟ ମଧ୍ୟରେ ଆଠଟି ବିଜେପି ଶାସିତ ରାଜ୍ୟ ରହିଛି । ଗତ ଏକ ବର୍ଷରେ ରାଜ୍ୟରେ ଦୁଷ୍କର୍ମ, ଅପହରଣ, ହତ୍ୟା ଇତ୍ୟାଦି ଉଦବେଗଜନକ ଭାବେ ବୃଦ୍ଧି ପାଇଛି। ବିଧାନସଭାରେ ସରକାର ଦେଇଥିବା ତଥ୍ୟ ଅନୁଯାୟୀ ଗତ ଏକ ବର୍ଷରେ ରାଜ୍ୟରେ ତିନି ହଜାରରୁ ଉର୍ଦ୍ଧ୍ୱ ଦୁଷ୍କର୍ମ ହୋଇଛି। ତେଣୁ ରାଜ୍ୟରେ ମହିଳା ଓ ଶିଶୁ କେତେ ଅସୁରକ୍ଷିତ, ଏହି ତଥ୍ୟରୁ ସ୍ପଷ୍ଟ ଅନୁମେୟ ।

ନବୀନ ପଟ୍ଟନାୟକଙ୍କ ସରକାର ସମୟରେ ମହିଳା ଓ ଶିଶୁ ବିରୋଧୀ ହିଂସା ମାମଲାକୁ ପଞ୍ଜିକୃତ କରିବା ପାଇଁ ରାଜ୍ୟର ୬୦୦ଟି ଥାନାରେ ମହିଳା ଓ ଶିଶୁ ଡେସ୍କ ସ୍ଥାପନ କରାଯାଇଥିଲା। ସେଗୁଡିକ ଏବେ କାର୍ଯ୍ୟକ୍ଷମ ନାହିଁ, ଫଳସ୍ୱରୂପ ନିର୍ଯାତନାର ଶିକାର ହୋଇଥିବା ମହିଳାମାନେ ସେମାନଙ୍କ ଅଭିଯୋଗ ଦାଖଲ କରିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ସରକାରଙ୍କ ଅପାରଗତା ଯୋଗୁଁ ରାଜ୍ୟରେ ଅପରାଧ ବୃଦ୍ଧି ପାଇବାରେ ଲାଗିଛି । ତେଣୁ ସରକାର ତୁରନ୍ତ ପଦକ୍ଷେପ ନ ନେଲେ ବିଜେଡ଼ି ରାଜରାସ୍ତାକୁ ଓହ୍ଲାଇବ ବୋଲି ସେ ଚେତାବନୀ ଦେଇଛନ୍ତି ।

## ରଥଯାତ୍ରା ସମୀକ୍ଷା କଲେ ଉଚ୍ଚସ୍ତରୀୟ ମନ୍ତ୍ରୀ କମିଟି

# ଭକ୍ତଙ୍କ ସୁଖଦ ଓ ସୁରକ୍ଷିତ ଦର୍ଶନ ପାଇଁ ପରାମର୍ଶ

■ ରଥଖଳା ବୁଲି ରଥ ନିର୍ମାଣ ଅଗ୍ରଗତି ସମ୍ପର୍କରେ ବୁଝିଲେ
■ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଯାଇ ସ୍ୱାସ୍ଥ୍ୟ ବ୍ୟବସ୍ଥା ଅନୁଧ୍ୟାନ କଲେ



ପୁରୀ,୧୯।୬(ସମିସ): ପାଖେଇ ଆସିଲାଣି ରଥଯାତ୍ରା। ସମସ୍ତ କାର୍ଯ୍ୟକୁ ଚୂଡ଼ାନ୍ତ ରୂପ ଦେବାକୁ ସରକାର, ପ୍ରଶାସନ ଓ ସେବାୟତ ପ୍ରସ୍ତୁତ ଚଳାଇଛନ୍ତି। ଚଳିତ ବର୍ଷ ଶ୍ରଦ୍ଧାଳୁ ଓ ଦର୍ଶନାର୍ଥୀ ଯେପରି ସୁଖଦ ଓ ଶୃଙ୍ଖଳିତ ଦର୍ଶନ କରିବେ ସେଥିପାଇଁ ପ୍ରତ୍ୟେକ ଉତ୍ତରଦାୟୀ ଭାବେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଛନ୍ତି ରଥଯାତ୍ରା ପାଇଁ ଗଠିତ ଉଚ୍ଚସ୍ତରୀୟ ମନ୍ତ୍ରୀ କମିଟି। ଗୁରୁବାର ପୂର୍ବାହ୍ନରେ ସ୍ଥାନୀୟ ସ୍ୱତନ୍ତ୍ର ସର୍କିଟ୍ ହାଉସ୍‌ଠାରେ ଉପମୁଖ୍ୟମନ୍ତ୍ରୀ ତଥା କମିଟି ଅଧ୍ୟକ୍ଷ ପ୍ରଭାତୀ ପରିଡ଼ା, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ମହାପାତ୍ର, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ପ୍ରମୁଖ ପହଞ୍ଚି ଥିଲେ। ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସମସ୍ତଙ୍କୁ ସ୍ୱାଗତ କରିବା ସହ ରଥଯାତ୍ରା ପ୍ରସ୍ତୁତି ସମ୍ପର୍କରେ ବିଷଦ୍ ଭାବେ ଅବଗତ କରାଇଥିଲେ। ପରେ ସମସ୍ତ ମନ୍ତ୍ରୀଙ୍କ ସହ ଉପ ମୁଖ୍ୟମନ୍ତ୍ରୀ ରଥଖଳା ପରିଦର୍ଶନ କରି ରଥ ନିର୍ମାଣର ଅଗ୍ରଗତି ଅନୁଧ୍ୟାନ କରିଥିଲେ। ଏହା ପରେ ସିଂହଦ୍ୱାର ଓ ଶ୍ରୀମନ୍ଦିର ପରିଦର୍ଶନ କରିବା ସହ ଅତିଥିମାନଙ୍କ ବସିବା ବ୍ୟବସ୍ଥାକୁ ତଦାରଖ କରିଥିଲେ। ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ସମସ୍ତଙ୍କୁ ସ୍ୱାଗତ କରି ରଥଯାତ୍ରା ନୀତିକାନ୍ତି ସମ୍ପର୍କରେ ସୂଚନା ଦେବା ସହ ନିର୍ଦ୍ଧାରିତ ସମୟ ମଧ୍ୟରେ ନୀତି ସମ୍ପନ୍ନ ପାଇଁ ସେବାୟତଙ୍କ ସହ ଆଲୋଚନା ସମ୍ପର୍କରେ ଅବଗତ କରାଇଥିଲେ।

ସ୍ୱାସ୍ଥ୍ୟ ମନ୍ତ୍ରୀ ଶ୍ରୀ ମହାଲିଙ୍ଗ ସ୍ୱାସ୍ଥ୍ୟ ବ୍ୟବସ୍ଥା ସମ୍ପର୍କରେ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. ମହାପାତ୍ର ସ୍ୱଚ୍ଛତା, ଡ୍ରେନ୍ ସଫା, ଆଲୋକ ବ୍ୟବସ୍ଥା ସମ୍ପର୍କରେ ଏବଂ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଶ୍ରୀ ଜେନା ପରିବହନ ବ୍ୟବସ୍ଥା, ପାର୍କିଂ ସ୍ଥଳ, ୨୦୦ ଅଟୋ ମାଧ୍ୟମରେ ମାଗଣାରେ ଯାତ୍ରୀ ପରିବହନ ବ୍ୟବସ୍ଥା ଓ ଯାତ୍ରୀମାନଙ୍କ ସୁବିଧା ପାଇଁ ସମସ୍ତ ବ୍ୟବସ୍ଥା ସମ୍ପର୍କରେ ସୂଚନା ଦେଇଥିଲେ। ପରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ପାଢ଼ୀ ସମସ୍ତଙ୍କୁ ଖଣ୍ଡୁଆ ପାଟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ପରେ କମିଟି ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ସ୍ୱାସ୍ଥ୍ୟ ବ୍ୟବସ୍ଥାର ଅନୁଧ୍ୟାନ କରିବା ସହ ବିଭିନ୍ନ ପରାମର୍ଶ ଦେଇଥିଲେ। ଶେଷରେ ଗୁଣ୍ଡିଚା ମନ୍ଦିର ପରିଦର୍ଶନ କରିଥିଲେ।

ଅପରାହ୍ନରେ ସର୍କିଟ୍ ହାଉସ୍‌ଠାରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଶ୍ରୀମତୀ ପରିଡ଼ା ଏଥିରେ ଅଧ୍ୟକ୍ଷତା କରିବା ସହ ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା, ସୂଚନା କେନ୍ଦ୍ରଗୁଡ଼ିକ ସଠିକ୍ ପରିଚାଳନା କରିବା, ଯାତ୍ରୀମାନଙ୍କୁ ସମସ୍ତ ସୁବିଧା ଯୋଗାଇଦେବା, ନିରବଚ୍ଛିନ୍ନ ବିଦ୍ୟୁତ୍, ପାନୀୟଜଳ ଯୋଗାଣ, ରାସ୍ତା ମରାମତି, ସୁରକ୍ଷା ବ୍ୟବସ୍ଥା, ଶାନ୍ତିଶୃଙ୍ଖଳା ରକ୍ଷା, ଟ୍ରାଫିକ୍ ନିୟନ୍ତ୍ରଣ, ଦୂରଦର୍ଶନ ମାଧ୍ୟମରେ ରଥଯାତ୍ରାର ସିଧା ପ୍ରସାରଣ ଇତ୍ୟାଦି ସମ୍ପର୍କରେ ସମୀକ୍ଷା କରିବା ସହ କାର୍ଯ୍ୟ ତ୍ୱରାନ୍ୱିତ ପାଇଁ ନିର୍ଦ୍ଦେଶ ଦେଇଥିଲେ। ରଥ ନିର୍ମାଣ କାର୍ଯ୍ୟ ବେଶ୍ ଅଗ୍ରଗତି କରିଛି ଓ ନିର୍ଦ୍ଧାରିତ ସମୟ ପୂର୍ବରୁ ସରିବାର ଆଶା ରହିଛି। ଏହି ସମୀକ୍ଷା ବୈଠକରେ ଅତିରିକ୍ତ ପୁଲିସ ମହାନିର୍ଦ୍ଦେଶକ ଦୟାଲ ଗଙ୍ଗୱର, ଗୁଇନ୍ଦା ନିର୍ଦ୍ଦେଶକ ସୌମେନ୍ଦ୍ର ପ୍ରିୟଦର୍ଶୀ, ଆଇନ ବିଭାଗ ପ୍ରମୁଖ ସଚିବ ମାନସ ରଞ୍ଜନ ବାରିକ, କେନ୍ଦ୍ରାଞ୍ଚଳ ଆଇଜି ପ୍ରବୀଣ କୁମାର, ଆଇଜି ଟ୍ରେନିଂ ଅନୁପ କୁମାର ସାହୁ, ଏସ୍‌ପି ବିନୀତ ଅଗ୍ରୱାଲ, ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଡ. ଶରତ ଚନ୍ଦ୍ର ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ପୌରନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଉପଜିଲ୍ଲାପାଳ ରାଜ କିଶୋର ଜେନା ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଜେଲ୍‌ରେ ଧିମାନଙ୍କ ଭଏସ୍ ରେକର୍ଡ ପରୀକ୍ଷା



ଭବାନୀପାଟଣା,୧୯।୬(ସମିସ): କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ର ପୂର୍ବତନ ଉପ ଜିଲ୍ଲାପାଳ (ଆଇଏଏସ) ଧିମାନ ଚକମାଙ୍କ ଜେଲ୍‌ରେ ଭଏସ୍ ରେକର୍ଡ ପରୀକ୍ଷା ବା ସ୍ପେକ୍ଟ୍ରୋଗ୍ରାଫି ଟେଷ୍ଟ କରାଯାଇଛି। ଗୁରୁବାର ଭିଜିଲାନ୍ସ ସେଲ୍ ପକ୍ଷରୁ ଭବାନୀପାଟଣା ଜେଲ୍‌ରେ ଧିମାନଙ୍କ ବାର୍ତ୍ତାଳାପର ଭଏସ୍ ରେକର୍ଡ ପରୀକ୍ଷା କରାଯାଇଛି। ଭିଜିଲାନ୍ସ ଡିଏସପିଙ୍କ ସମେତ କଟକରୁ ଆସିଥିବା ସ୍ୱତନ୍ତ୍ର ଟିମ୍ ଜେଲକୁ ଯାଇ ତାଙ୍କର ଭଏସ ରେକର୍ଡର ପରୀକ୍ଷା କରିଛନ୍ତି। ବ୍ୟବସାୟୀଙ୍କୁ ଫୋନ୍ ଯୋଗେ ଟଙ୍କା ମାଗିଥିବା ସମ୍ପର୍କୀତ ଏକାଧିକ କଲ୍ ରେକର୍ଡ ସହ ଧିମାନଙ୍କ ଭଏସ ମ୍ୟାଚ୍ କରାଇବା ପାଇଁ ଭିଜିଲାନ୍ସ ସେଲ୍‌ର ଗୋଟିଏ ଟିମ୍ ଭବାନୀପାଟଣା ଆସିଥିଲେ। ସୂଚନାଯୋଗ୍ୟ, ୧୦ ଲକ୍ଷ ଟଙ୍କା ଲାଞ୍ଚ ନେଇ ସେ ଭିଜିଲାନ୍ସ ହାତରେ ଧରାପଡ଼ି ଜେଲରେ ଅଛନ୍ତି। ଗତ ୧୭ ତାରିଖରେ ଭିଜିଲାନ୍ସ କୋର୍ଟରେ ଜାମିନ ନାମଞ୍ଜୁର ହେତୁ ଏବେ ବିଚାର ବିଭାଗ ହାଜତରେ ଅଛନ୍ତି।

## ଭୁଲ୍ ଉପଧାରା ପାଇଁ ସମ୍ପୂର୍ଣ୍ଣ ତଦନ୍ତକୁ ଅବୈଧ କରାଯିବନି: ହାଇକୋର୍ଟ

କଟକ,୧୯।୬(ସମିସ): ଚାର୍ଜସିଟରେ କେବଳ ଭୁଲ ଉପଧାରା ଉଲ୍ଲେଖ କରାଯିବା ଦ୍ୱାରା ସମ୍ପୂର୍ଣ୍ଣ ତଦନ୍ତକୁ ଅବୈଧ ବୋଲି ବିବେଚନା କରାଯାଇପାରିବ ନାହିଁ ବୋଲି ଓଡ଼ିଶା ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ଫୌଜଦାରୀ କାର୍ଯ୍ୟଧାରା ଉପରେ ଏପରି ସାମାନ୍ୟ ତ୍ରୁଟିର ପ୍ରଭାବ ପ୍ରସଂଗରେ ପ୍ରମୋଦ କୁମାର ସିଂହଙ୍କ ଆବେଦନର ଶୁଣାଣି କରି ଜଷ୍ଟିସ୍ ସାବିତ୍ରୀ ରଥ ଏହି ରାୟ ପ୍ରକାଶ କରିଛନ୍ତି। ବିଏନଏସ ଧାରା ୧୯୩(୯) ପରିବର୍ତ୍ତେ ଏକ ଭୁଲ ଉପଧାରା ୧୯୩(୮) ଉଲ୍ଲେଖ କରାଯାଇଥିବାରୁ ଏହା ପୂରା ତଦନ୍ତକୁ ଅବୈଧ କରିବ ନାହିଁ ବୋଲି ଅଦାଲତ କହିଛନ୍ତି। ଜଣେ ପୀଡ଼ିତାଙ୍କ ଉପରେ ନିଷ୍ଠୁରତା ପ୍ରଦର୍ଶନ କରିବା ଏବଂ ତାଙ୍କ ସମ୍ମତି ବିନା ଗର୍ଭପାତ କରାଇବା ପାଇଁ ଆବେଦନକାରୀଙ୍କ ବିରୋଧରେ ଏକ ଏତଲା ରୁଜୁ ହୋଇଥିଲା। ଏହି ମାମଲାରେ ଅଧିକ ତଦନ୍ତ ଜାରି ରଖିବା ପାଇଁ କୋର୍ଟଙ୍କୁ ପ୍ରାର୍ଥନା କରିବା ସହିତ ପୁଲିସ ପକ୍ଷରୁ ଆବେଦନକାରୀଙ୍କ ବିରୋଧରେ ଏକ ପ୍ରାରମ୍ଭିକ ଚାର୍ଜସିଟ୍ ଦାଖଲ କରାଯାଇଥିଲା। ଚୂଡ଼ାନ୍ତ ଚାର୍ଜସିଟ ଦାଖଲ ପର୍ଯ୍ୟନ୍ତ ଫୌଜଦାରୀ କାର୍ଯ୍ୟଧାରା ଉପରେ ରହିତାଦେଶ ଓ ଏହାକୁ ରଦ୍ଦ ପାଇଁ ପ୍ରାର୍ଥନା କରି ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

# ନାରୀ ନିର୍ଯାତନାରେ ଓଡ଼ିଶା ଶୀର୍ଷରେ: ମହିଳା କଂଗ୍ରେସ

## ନ୍ୟାୟ ଦେବାରେ ସରକାର ବିଫଳ; ଜୋରଦାର୍ ହେବ ଲଢ଼େଇ



ଭୁବନେଶ୍ୱର,୧୯।୬(ସମିସ): ନାରୀ ନିର୍ଯାତନା ପ୍ରସଙ୍ଗରେ ବିଜେପି ସରକାରକୁ ଘେରିଛି ମହିଳା କଂଗ୍ରେସ। ବିଜେପି ସରକାରରେ ନାରୀ ନିର୍ଯାତନାରେ ଓଡ଼ିଶା ଶୀର୍ଷରେ ପହଞ୍ଚିଥିବା ନୂଆଦିଲ୍ଲୀସ୍ଥିତ ଇନ୍ଦିରା ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଅଭିଯୋଗ କରିଛନ୍ତି ଅଖିଳ ଭାରତ ମହିଳା କଂଗ୍ରେସ ସଭାନେତ୍ରୀ ଅଳକା ଲାମ୍ବା। ମହିଳା କଂଗ୍ରେସ କହିଛି, ଗତ ୧୧ ମାସର ରିପୋର୍ଟ ଦେଖିଲେ ଓଡ଼ିଶାରେ ପ୍ରତିଦିନ ୧୫ଟି ବଳାତ୍କାର ମାମଲା ଘଟୁଛି। ୧୦ ମାସରେ ରାଜ୍ୟର ବିଭିନ୍ନ ସ୍ଥାନରେ ୪,୫୦୦ ଝିଅ ନ୍ୟାୟ ପାଇଁ ନିବେଦନ କରୁଛନ୍ତି। ୧୧ ମାସରେ ରାଜ୍ୟର ୨୮,୦୦୦ ମହିଳା ଏବଂ ଝିଅ ଦୁଷ୍କର୍ମର ଶିକାର ହେଉଛନ୍ତି। ରାଜ୍ୟରେ ମହିଳା ହିଂସା ଘଟାଇବାକୁ ଅପରାଧୀମାନେ ଏତେ ସାହସ କେଉଁଠୁ ପାଉଛନ୍ତି ବୋଲି ମହିଳା କଂଗ୍ରେସ ପ୍ରଶ୍ନ କରିଛି।

ସାମ୍ବାଦିକ ସମ୍ମିଳନୀରେ କଂଗ୍ରେସ ବିଧାୟିକା ସୋଫିଆ ଫିର୍ଦ୍ଦୋଶ୍ କହିଛନ୍ତି, ଭଦ୍ରକ ହସ୍ପିଟାଲ୍‌ର ଜଣେ ନର୍ସ ତାଙ୍କ ସହିତ ହେଉଥିବା ଯୌନ ନିର୍ଯାତନା ଏବଂ ବଳାତ୍କାର ବିଷୟରେ କହିଛନ୍ତି ଏବଂ ନ୍ୟାୟ ମାଗୁଛନ୍ତି। ବାଲେଶ୍ୱରରେ ଜଣେ ନାବାଳିକା ଝିଅକୁ ବଳାତ୍କାର ଏବଂ ହତ୍ୟା କରାଯାଇଥିଲା। ରିପୋର୍ଟ ଅନୁସାରେ ବାଲେଶ୍ୱର ଜିଲ୍ଲାରେ ପ୍ରତିଦିନ ୭ ଜଣ ମହିଳା କାମବାସନାର ଶିକାର ହେଉଛନ୍ତି। ଓଡ଼ିଶାରେ ବିଜେପି ସରକାର ଗଠନ ହେବାର ୧୧ ମାସ ମଧ୍ୟରେ ୨୮,୦୦୦ ମହିଳାଙ୍କୁ ଅପରାଧରେ ଶିକାର କରାଯାଇଛି। ଏମାନଙ୍କ ମଧ୍ୟରୁ କେତେଜଣଙ୍କୁ ଏପର୍ଯ୍ୟନ୍ତ ନ୍ୟାୟ ମିଳିଛି ବୋଲି ସୋଫିଆ ପ୍ରଶ୍ନ କରିଛନ୍ତି। ନୂତନ ବିଜେପି ସରକାର ଗଠନ ହେବା ପରେ, ଓଡ଼ିଶାରେ ୧୮,୦୦୧ ମାମଲା ପଞ୍ଜିକୃତ ହୋଇଛି, ଯାହାମଧ୍ୟରୁ କେବଳ ୨୧୭ ମାମଲାର ଫଇସଲା ହୋଇଛି। ଯେତେବେଳେ କୌଣସି ଘଟଣା ଘଟେ, କେବଳ ଗୋଟିଏ ସ୍ୱର ଉଠେ ଯେ ତଦନ୍ତ ଚାଲିଛି; କିନ୍ତୁ ଗତ ୧୨ ମାସ ମଧ୍ୟରେ ଗୋଟିଏ ବି ତଦନ୍ତ ରିପୋର୍ଟ ବାହାରି ନାହିଁ। ୨୦୨୪ ମସିହାରେ ଓଡ଼ିଶା ରାଜ୍ୟରେ ବଳାତ୍କାର ମାମଲାରେ ୮% ବୃଦ୍ଧି ଘଟିଛି ବୋଲି ମୁଖ୍ୟମନ୍ତ୍ରୀ ନିଜେ କହିଥିବା ଉଲ୍ଲେଖ କରି ସୋଫିଆ ରାଜ୍ୟ ସରକାରଙ୍କୁ ଟାର୍ଗେଟ୍ କରିଛନ୍ତି।

ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ମିନାକ୍ଷୀ ବାହିନୀପତି କହିଛନ୍ତି ଯେ ରାଜ୍ୟର ମହିଳାମାନଙ୍କୁ ସୁରକ୍ଷାର ପ୍ରତିଶ୍ରୁତି ଦିଆଯାଇଥିଲା। କିନ୍ତୁ ଆଜି ଏଠାକାର ମହିଳାମାନଙ୍କୁ ଅନ୍ଧାର ଭିତରକୁ ଠେଲି ଦିଆଯାଇଛି। ମହିଳା ସଶକ୍ତୀକରଣ ଓଡ଼ିଶାର ପରିଚୟ। କିନ୍ତୁ ଓଡ଼ିଶାରେ ବିଜେପି ସରକାରଙ୍କ ଏହି ଗୋଟିଏ ବର୍ଷ ଓଡ଼ିଶାର ଭଉଣୀ, ଝିଅ ଏବଂ ମହିଳାଙ୍କ ପାଇଁ ଅତ୍ୟନ୍ତ ବିପଦପୂର୍ଣ୍ଣ ଏବଂ ଭୟଙ୍କର ସାବ୍ୟସ୍ତ ହୋଇଛି। ଗୋପାଳପୁର ବୁଲିଆସିଥିବା ମହିଳା ପର୍ଯ୍ୟଟକଙ୍କ ସହିତ ସମ୍ପ୍ରତି ଘଟିଥିବା ଗଣଦୁଷ୍କର୍ମ ଲଜ୍ଜାଜନକ। ଏହି ପ୍ରସଙ୍ଗରେ ବିଭିନ୍ନ ସମୟରେ ଆନ୍ଦୋଳନ କରିଥିବା କଂଗ୍ରେସ ନେତୃବୃନ୍ଦଙ୍କ ନାମରେ ପୁଲିସ କେସ୍ କରିବା ଦୁର୍ଭାଗ୍ୟଜନକ ବୋଲି ଶ୍ରୀମତୀ ବାହିନୀପତି କହିଛନ୍ତି।

## ଏଆଇସିସି ଗଠନ କଲା ତଥ୍ୟ ଅନୁସନ୍ଧାନ କମିଟି

ଭୁବନେଶ୍ୱର,୧୯।୬(ସମିସ): ରାଜ୍ୟରେ ବଢୁଥିବା ନାରୀ ନିର୍ଯାତନା ଘଟଣାରେ ଚିନ୍ତା ପ୍ରକଟ କରିବା ସହ ଏହି ଘଟଣାକୁ ଏଆଇସିସି ଗୁରୁତର ସହ ନେଇଛି। ଗୋପାଳପୁରରେ ଗଣଦୁଷ୍କର୍ମ ଘଟଣା, କେନ୍ଦୁଝରେ ହରିଚନ୍ଦନପୁରରେ ଦୁଷ୍କର୍ମ ଓ ହତ୍ୟା, ମହିଳାମାନଙ୍କ ବିରୋଧରେ ବଢୁଥିବା ଅତ୍ୟାଚାର ଭଳି ଘଟଣା ସମ୍ପର୍କରେ ତଦନ୍ତ ପାଇଁ ଏଆଇସିସି ଏକ ତଥ୍ୟ ଅନୁଧ୍ୟାନ କମିଟି ଗଠନ କରିଛି। କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ୍‌ଗେଙ୍କ ଦ୍ୱାରା ଗଠିତ ଏହି ଦଳ ଗଠନ କରିଛନ୍ତି। ଏହି ୫ ଜଣିଆ କମିଟିରେ ପୂର୍ବତନ ମହିଳା କଂଗ୍ରେସ ସଭାନେତ୍ରୀ ଦୀପା ଦାସମୁନ୍ସି ଆବାହକ ରହିଥିବାବେଳେ ସାଂସଦ ରଞ୍ଜିତ ରଞ୍ଜାନ, ସାଂସଦ ପ୍ରଣତି ସିନ୍ଦେ, ସାଂସଦ ଏସ ଯୋଥିମନି ଓ ପୂର୍ବତନ ଜାତୀୟ ମହିଳା କଂଗ୍ରେସ ଅଧ୍ୟକ୍ଷା ଶୋଭା ଓଜା ପ୍ରମୁଖ ସଦସ୍ୟ ରହିଛନ୍ତି। ଉକ୍ତ କମିଟି ଓଡ଼ିଶା ଆସି ବିଭିନ୍ନ ଜିଲ୍ଲା ଗସ୍ତ କରିବା ସହ ସବିଶେଷ ତଥ୍ୟ ସଂଗ୍ରହ କରି ରିପୋର୍ଟ ଦାଖଲ କରିବାକୁ ଏଆଇସିସି ସାଂଗଠନିକ ସାଧାରଣ ସମ୍ପାଦକ କେସି ବେଣୁଗୋପାଳ ଏକ ପ୍ରେସ ବିଜ୍ଞପ୍ତିରେ ଜଣାଇଛନ୍ତି।

# ଖଣି ପରିବହନରେ ଅଣଓଡ଼ିଆ ପ୍ରୀତି

■ ଏକଚାଟିଆ ପରିବହନ ବ୍ୟବସ୍ଥାରୁ ଅରାଜକତା
■ ବଢୁଛି ବେରୋଜଗାରୀ; ଦାନା ବାନ୍ଧୁଛି ଅସନ୍ତୋଷ

ଯୋଡ଼ା, ୧୯।୬(ସମିସ): ରାଜ୍ୟରେ ସରକାର ପରିବର୍ତ୍ତନ ହେବାର ଗୋଟିଏ ବର୍ଷ ମଧ୍ୟରେ ଯୋଡ଼ା ଖଣି ଅଞ୍ଚଳକୁ ଅଶାନ୍ତି ପ୍ରବେଶ କରିଛି। ବିଭିନ୍ନ ଘଟଣାକ୍ରମରେ ଧୀରେ ଧୀରେ ଅଶାନ୍ତି ବଢ଼ିବାରେ ଲାଗିଛି। କେତେବେଳେ ପରିବହନକୁ ନେଇ ଗୋଷ୍ଠୀ ସଂଘର୍ଷ ତ କେତେବେଳେ ଖଣିରେ କାର୍ଯ୍ୟ କରିବାକୁ ନେଇ ବିବାଦ। ଜିଲ୍ଲା ପ୍ରଶାସନ ଓ ପୁଲିସ୍ ବିଭାଗ କିଛି କରିପାରୁ ନାହାନ୍ତି। ଆଗାମୀ ଦିନରେ ଏହା ଆଇନଶୃଙ୍ଖଳା ପରିସ୍ଥିତି ସହ ଅରାଜକତା ସୃଷ୍ଟି କରିବାର ଆଶଙ୍କା ରହିଛି।

ପୂର୍ବରୁ ଅନେକ ପରିବହନ ସଂସ୍ଥା ପରିବହନ କାର୍ଯ୍ୟ କରୁଥିବାରୁ ଶତାଧିକ ଯୁବକ ପରିବହନ କାର୍ଯ୍ୟରେ ନିୟୋଜିତ ଥିଲେ। ଏବେ ସେମାନେ କାର୍ଯ୍ୟ ହରାଇ ବସି ରହିଛନ୍ତି। ଏପରିକି ସଂସ୍ଥାଗୁଡିକ ଖଣି ଦ୍ୱାରା ପ୍ରଭାବିତ ଲୋକଙ୍କ ସମସ୍ୟା ବୁଝିବା ସହ ଅନେକ ପ୍ରକାର ସହାୟତା ଯୋଗାଇ ଆସୁଥିଲେ। ଏବେ ଖଣିରେ କାର୍ଯ୍ୟ କରୁଥିବା ପରିବହନ ସଂସ୍ଥାକୁ ମଧ୍ୟ ହଟାଇ ଦିଆଯାଇଛି। ନୂଆ ସରକାର ଆସିବା ପରେ ଏକଦା ଖଣି ମାଫିଆ ଓ ହତ୍ୟା ଭଳି ଅଭିଯୋଗ ଥିବା ଜଣେ ଅଣଓଡ଼ିଆ ବ୍ୟକ୍ତିର ଆର୍‌ଜେ ଲଜିଷ୍ଟିକ ନାମକ ଏକ ସଂସ୍ଥା ଯୋଡ଼ା, ବଡ଼ବିଲ, କୋଇଡା ଅଞ୍ଚଳରେ ଥିବା ଖଣିଗୁଡ଼ିକରୁ ପରିବହନ କାର୍ଯ୍ୟ, ବୋଝେଇ କାର୍ଯ୍ୟ ମିଳୁଛି। ଫଳରେ ପୂର୍ବରୁ ବିଭିନ୍ନ ଖଣିରେ କାର୍ଯ୍ୟ କରୁଥିବା ଠିକାଦାର ଓ କର୍ମଚାରୀ ହାତ ବାନ୍ଧି ବସିଛନ୍ତି। ଉକ୍ତ ପରିବହନ ସଂସ୍ଥା ପୂର୍ବ ପରି ସ୍ଥାନୀୟ ବାସିନ୍ଦାଙ୍କ ସମସ୍ୟା ବୁଝିବା ପାଇଁ ପ୍ରତିଶ୍ରୁତି ଦେଇ କାମ ହାତେଇ ନେଇଥିଲା। ଏକ ବର୍ଷ ବିତି ଯାଇଥିଲେ ମଧ୍ୟ ଅଣଓଡ଼ିଆ ଠିକା ସଂସ୍ଥା ଦେଇଥିବା ପ୍ରତିଶ୍ରୁତି ପାଳନ ନ କରିବାରୁ ଖଣି ଅଞ୍ଚଳରେ ଅସନ୍ତୋଷ ଦାନା ବାନ୍ଧୁଛି। ଏହି ଓଡ଼ିଆ ଅସ୍ମିତାର ଦାହି ଦେଇ ବିଜେପି ଶାସନକୁ ଆସିବା ମାତ୍ରେ ଅଣଓଡ଼ିଆ ଲୋକକୁ ବିଭିନ୍ନ କାମ ଦେବା ଯୋଗୁଁ ସରକାରଙ୍କ ଜିଲ୍ଲାରେ ଏବେ ଆକ୍ରୋଶ ବଢ଼ିବାରେ ଲାଗିଛି। ଏପରିକି ଅଣଓଡ଼ିଆ ପ୍ରୀତି ଏବେ ଦାଣ୍ଡରେ ପଡ଼ି ବାଟରେ ଗଡୁଛି।

ଯୋଡ଼ା ବ୍ଲକରେ କାର୍ଯ୍ୟକ୍ଷମ ଥିବା ୮୦ ଭାଗ ଖଣିରେ ଏହି ଅଣଓଡ଼ିଆ ବାବୁଙ୍କ ପରିବହନ କାର୍ଯ୍ୟ ଚାଲୁଛି। ଖଣିଗୁଡ଼ିକରୁ ପରିବହନ କାର୍ଯ୍ୟ ବ୍ୟାପକ ହୋଇପାରୁନାହିଁ। ବିଜେପି ସରକାର ବଳରେ ବଳୀୟାନ ହୋଇଥିବା ଏହି ଅଣଓଡ଼ିଆ ବାବୁ ଜଣକ ଏବେ ଖଣି ଅଞ୍ଚଳରେ ସର୍ବେସର୍ବା ହୋଇ ରହିବା ସହ ପୂର୍ବପରି ଖଣି ଅଞ୍ଚଳରେ ଖଣିଜ ଚୋରା କାରବାରକୁ ପ୍ରଶ୍ରୟ ଦିଆଯାଇ ବର୍ଷକ ଭିତରେ ଖଣିଜ ଚୋରା କାରବାର ବୃଦ୍ଧି ପାଉଥିବା ନେଇ ଆଲୋଚନା ହେଉଛି। ଏକଚାଟିଆ ପରିବହନ କାର୍ଯ୍ୟ ଦ୍ୱାରା ଅଞ୍ଚଳରେ ଆର୍ଥିକ ମାନ୍ଦାବସ୍ଥା ଦେଖାଦେଇଛି। ଖଣିଜ ପରିବହନ କରୁଥିବା ଗାଡ଼ିଗୁଡ଼ିକୁ ଠିକ ସମୟରେ ପରିବହନ ମୂଲ୍ୟ ମିଳୁ ନଥିବା ବେଳେ ପରିବହନର ଉଚିତ ମୂଲ୍ୟ ମିଳି ପାରୁ ନ ଥିବା ଗାଡ଼ି ମାଲିକମାନେ ଅଭିଯୋଗ କରୁଛନ୍ତି।

## ସୂର୍ଯ୍ୟଘର ଭେଲିକି

# ଆବେଦନ ୨୨ ଶହ; କାର୍ଯ୍ୟକାରୀ ୬୮

## ହିତାଧିକାରୀ ପାଉନାହାନ୍ତି ବଳକା ବିଜୁଳି ଅର୍ଥ

ନୟାଗଡ,୧୯।୬(ସମିସ): କହିଥିଲେ ମାଗଣା ବିଜୁଳି ଦେବେ, ମାଗଣା ତ ଦେଲେ ନାହିଁ; ଏବେ ସୂର୍ଯ୍ୟଘର ଜରିଆରେ ୩୦୦ ୟୁନିଟ୍ ବିଜୁଳି ଯୋଗାଇବାକୁ ଘୋଷଣା କଲେ। ଏଥିପାଇଁ ହିତାଧିକାରୀଙ୍କୁ ପ୍ରତି ମେଗାୱାଟ ପିଛା ପାଖାପାଖି ୬୦ ହଜାର ଟଙ୍କା ଖର୍ଚ୍ଚ କରିବାକୁ ପଡୁଛି । ଏହା ସତ୍ତ୍ୱେ ଯେତିକି ଲୋକ ଆବେଦନ କରୁଛନ୍ତି, ସମସ୍ତଙ୍କୁ ସୌର ବିଜୁଳି ମିଳୁନାହିଁ। ନୟାଗଡ ଜିଲ୍ଲାରେ ସୂର୍ଯ୍ୟଘର ଯୋଜନା ପ୍ରହେଳିକା ପାଲଟିଛି। ୨୦୨୪ ମସିହା ଫେବୃୟାରୀ ମାସରୁ କାର୍ଯ୍ୟକାରୀ ହୋଇଥିବା ଏହି ଯୋଜନାରେ ଏବେ ସୁଦ୍ଧା ୬୮ ଜଣ ହିତାଧିକାରୀ ସାମିଲ ହୋଇଥିବା ବେଳେ ସେମାନେ ବିତରଣ କମ୍ପାନୀ ଦ୍ୱାରା ଠକେଇର ଶିକାର ହେଉଥିବା ଅଭିଯୋଗ ହୋଇଛି। ଜିଲ୍ଲା ଦିଶା ବୈଠକରେ ଆଜି କିଛି ଏଭଳି ଆଭାସ ମିଳିଛି ।

ନୟାଗଡ ଜିଲ୍ଲାର ୮ଟି ବ୍ଲକର ୨୨୧୬ ଜଣ ହିତାଧିକାରୀ ସୂର୍ଯ୍ୟଘର ଯୋଜନାରେ ସାମିଲ ହେବାକୁ ଅନଲାଇନ ଆବେଦନ କରିଥିବା ଟିପିସିଓଡିଏଲ୍ ନିର୍ବାହୀ ଯନ୍ତ୍ରୀ ସୂଚନା ଦେଇଛନ୍ତି । ସେମାନଙ୍କ ମଧ୍ୟରୁ ୧୧୦୯ ଜଣ ହିତାଧିକାରୀ ଭେଣ୍ଡର ଚୟନ କରିଛନ୍ତି । ମାତ୍ର ସାରା ଜିଲ୍ଲାରୁ ମାତ୍ର ୬୮ ଜଣଙ୍କୁ ଏହି ଯୋଜନାରେ ସାମିଲ କରାଯାଇଛି। ସେମାନଙ୍କ ମଧ୍ୟରୁ ଦଶପଲ୍ଲା ବ୍ଲକର ୧୫ ଜଣ, ଗଣିଆ ବ୍ଲକର ୩ ଜଣ, ଖଣ୍ଡପଡା ବ୍ଲକର ୩ ଜଣ, ନୟାଗଡ ବ୍ଲକରୁ ୨୭ ଜଣ, ଓଡଗାଁ ବ୍ଲକରୁ ୫ ଜଣ, ରଣପୁର ବ୍ଲକରୁ ୧୫ ଜଣ ସାମିଲ ହୋଇଛନ୍ତି । ହିତାଧିକାରୀମାନେ ସୋଲାର ପ୍ରକଳ୍ପ ଲଗାଇ ସୂର୍ଯ୍ୟଘର ଯୋଜନାରେ ସାମିଲ ହୋଇଥିବା ବେଳେ ବିତରଣ କମ୍ପାନୀ ଦ୍ୱାରା ଠକେଇ ଶୀକାର ହେଉଥିବା କଥା ସାମ୍ନାକୁ ଆସିଛି । ଯେଉଁ ହିତାଧିକାରୀ ଏହି ପ୍ରକଳ୍ପ କାର୍ଯ୍ୟକାରୀ କରିଛନ୍ତି ସେମାନେ ନିଜ ଘର ଛାତ ଉପରେ ସୋଲାର ପ୍ରକଳ୍ପ ମାଧ୍ୟରେ ଯେଉଁ ପରିମାଣର ବିଦ୍ୟୁତ୍ ଉତ୍ପାଦନ କରନ୍ତି, ତାହା ତୁଳନାରେ କମ ବିଦ୍ୟୁତ୍ ବ୍ୟବହାର କରିଥାନ୍ତି । ବଳକା ବିଦ୍ୟୁତ୍ ବିତରଣ କମ୍ପାନୀ ଅନ୍ୟକୁ ବିକ୍ରି କରୁଛି। ଏହି ବଳକା ବିଦ୍ୟୁତ୍ ବାବଦରେ ହିତାଧିକାରୀ ଟଙ୍କାଟିଏ ମଧ୍ୟ ଲାଭ ପାଉ ନାହାନ୍ତି।

## ଏନ୍‌କାଉଣ୍ଟର ଭୟ

# ଆତ୍ମସମର୍ପଣ କଲେ ୧୨ ମାଓବାଦୀ

■ ମାଲକାନଗିରି,୧୯ ।୬(ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ତେଲେଙ୍ଗାନାର ଭଦ୍ରାଦ୍ରି କୋଥାଗୁଡ଼େମ ପୁଲିସ ମୁଖ୍ୟାଳୟରେ ୧୨ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି । କୋଥାଗୁଡ଼େମରେ ଜିଲ୍ଲା ଏସ୍‌ପି ରୋହିତ ରାଜଙ୍କ ସମ୍ମୁଖରେ ୨ ଜଣ ଡିଭିସିଏମ୍, ୪ ଜଣ ଏସିଏମ୍, ୨ ଜଣ ପାର୍ଟି ମେମ୍ବର, ୨ ଜଣ ମିସିଲିଆ ସଦସ୍ୟ ଏବଂ ୨ ଜଣ ଆରପିସି ସଦସ୍ୟଙ୍କ ସମେତ ୧୨ ଜଣ ଆତ୍ମସମର୍ପଣ କରିଥିବା ଜଣାପଡ଼ିଛି ।ସମସ୍ତ ୧୨ ମାଓବାଦୀ ଅନେକ ହିଂସାକାଣ୍ଡରେ ଜଡିତ ଥିଲେ । ଆତ୍ମସମର୍ପଣ କରିଥିବା ନକ୍ସଲଙ୍କୁ ସରକାରଙ୍କ ତରଫରୁ ୨୫ ହଜାର ଟଙ୍କା ଲେଖାଏଁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି ।


ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 42 ♦ISSUE-352 ♦BHUBANESWAR ♦FRIDAY ♦20 JUNE 2025 ♦PAGE-12 ♦₹ 6.00

♦ବର୍ଷ-୪୨ ♦ସଂଖ୍ୟା-୩୫୨ ♦ଭୁବନେଶ୍ୱର ♦ଶୁକ୍ରବାର ♦୨୦ ଜୁନ୍ ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦


# ଆଜି ଆସିବେ ପ୍ରଧାନମନ୍ତ୍ରୀ



### ୧୦୦ ବିଦ୍ୟୁତ୍‌ଚାଳିତ ବସ୍‌ର କରିବେ ଶୁଭାରମ୍ଭ

### ବରିଷ୍ଠଙ୍କୁ ବାଣ୍ଟିବେ ବୟୋବନ୍ଦନା କାର୍ଡ


### ବର୍ଷକ ମଧ୍ୟରେ ଷଷ୍ଠ ଗସ୍ତ

■ **ଭୁବନେଶ୍ୱର, ୧୯।୬ (ସମିସ):** ରାଜ୍ୟରେ ବିଜେପି ଶାସନକୁ ଏକ ବର୍ଷ ପୂର୍ତ୍ତି ଅବସରରେ ଆସନ୍ତାକାଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓଡ଼ିଶା ଗସ୍ତରେ ଆସୁଛନ୍ତି । ରାଜଧାନୀର ଜନତା ମଇଦାନଠାରେ ଆୟୋଜିତ ରାଜ୍ୟସ୍ତରୀୟ ସମାବେଶରେ ପ୍ରଧାନମନ୍ତ୍ରୀ ୧୮ ୬୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରିବେ । ଏହାସହ କ୍ରୁଟ ଅଧୀନରେ ୧୦୦ଟି ଇଲେକ୍ଟ୍ରିକ ବସର ପତାକା ଦେଖାଇ ପ୍ରଧାନମନ୍ତ୍ରୀ ଶୁଭାରମ୍ଭ କରିବେ ବୋଲି ଜଣାପଡ଼ିଛି ।

ପ୍ରଧାନମନ୍ତ୍ରୀଙ୍କ ଗସ୍ତ ସମ୍ପର୍କରେ ସୂଚନା ଦେଇ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି ଗତ ବର୍ଷକ ମଧ୍ୟରେ ଏହା ପ୍ରଧାନମନ୍ତ୍ରୀଙ୍କର ଷଷ୍ଠ ଥର ଓଡ଼ିଶାକୁ ଗସ୍ତ । ଏହି ଅବସରରେ ପ୍ରଧାନମନ୍ତ୍ରୀ ୭୦ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କ ଲୋକଙ୍କୁ ମାଗଣାରେ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ପାଇଁ ବୟୋବନ୍ଦନା କାର୍ଡ ବଣ୍ଟନର ଶୁଭାରମ୍ଭ କରିବା ନେଇ କାର୍ଯ୍ୟକ୍ରମ ସ୍ଥିରୀକୃତ ହୋଇଛି । ସାଙ୍କେତିକ ଭାବେ କାର୍ଯ୍ୟକ୍ରମ ସ୍ଥଳରେ ୫ ଜଣ ଲୋକଙ୍କୁ ପ୍ରଧାନମନ୍ତ୍ରୀ ଏହି କାର୍ଡ ବାଣ୍ଟିବା ସହ ଅନ୍ତ୍ୟୋଦୟ ଘର ଯୋଜନାରେ ମଧ୍ୟ ଘର ବାଣ୍ଟିବେ । ସେହିପରି ପ୍ରଧାନମନ୍ତ୍ରୀ ଶ୍ରୀମନ୍ଦିର ପାଇଁ ଡିଜିଟାଲ ହୁଣ୍ଡି ସମେତ ଅନ୍ୟ କେତେକ ଯୋଜନାର ଶୁଭାରମ୍ଭ କରିପାରନ୍ତି ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି । ରାଜ୍ୟ ବିଜେପି ସଭାପତି ମନମୋହନ ସାମଲଙ୍କ ସୂଚନା ଅନୁଯାୟୀ ଭୁବନେଶ୍ୱର ଏୟାରପୋର୍ଟରେ ପ୍ରଧାନମନ୍ତ୍ରୀ ପହଞ୍ଚିବା ପରେ ସେଠାରେ ତାଙ୍କୁ ବିପୁଳ ସମ୍ବର୍ଦ୍ଧନା ଜ୍ଞାପନ କରାଯିବ । କଳିଙ୍ଗ ଷ୍ଟାଡିୟମ ଛକରୁ ଏକ ବିରାଟ ରୋଡ଼ ଶୋ ବାହାରିବାକୁ ଥିବାବେଳେ ଏହା ଜୟଦେବ ଭବନ ଛକ ଦେଇ ସଭାସ୍ଥଳ ଜନତା ମଇଦାନରେ ପହଞ୍ଚିବ । ୧୦ଟି ସ୍ଥାନରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଜରିଆରେ ପ୍ରଧାନମନ୍ତ୍ରୀଙ୍କୁ ସ୍ୱାଗତ କରାଯିବ । ଏହି ଅବସରରେ ପ୍ରଧାନମନ୍ତ୍ରୀ ମୋଦି ଓଡ଼ିଶା ଭିଜନ-୨୦୩୬ ଓ ୨୦୪୭ ପୁସ୍ତିକାକୁ ଉନ୍ମୋଚନ କରିବେ ବୋଲି ଜଣାପଡିଛି ।

### ଇରାନ ଆକ୍ରମଣ ପାଇଁ ଟ୍ରମ୍ପଙ୍କ ଆଦେଶକୁ ଅପେକ୍ଷା

# ବୋମାବର୍ଷୀ ଜେଟ୍, ବଙ୍କର-ବଷ୍ଟର ପ୍ରସ୍ତୁତ



### ନିଜ ନାଗରିକଙ୍କୁ ଫେରାଇଆଣିବା ପାଇଁ ଭାରତ ସମେତ ବଭିନ୍ନ ଦେଶର ଉଦ୍ୟମ

■ **ତେହରାନ, ୧୯।୬ (ଏଜେନ୍ସି):** ଇରାନ-ଇସ୍ରାଏଲ ଯୁଦ୍ଧରେ ସାମିଲ ହେବାକୁ ପ୍ରସ୍ତୁତ ହେଉଛି ଆମେରିକା । ଯେକୌଣସି ମୁହୂର୍ତ୍ତରେ ଆମେରିକା ଇରାନ ଉପରେ ଆକ୍ରମଣ କରିପାରେ । ଇସ୍ରାଏଲରେ ଯୁଦ୍ଧଜାହାଜ, ବି-୫୨ ବୋମାବର୍ଷୀ ବିମାନ ଏବଂ ବଙ୍କର ବିଧ୍ୱଂସକାରୀ ବି-୨ ବଙ୍କର-ବଷ୍ଟର ଆକ୍ରମଣ ପାଇଁ ମୁତୟନ ହୋଇଥିବାବେଳେ ରାଷ୍ଟ୍ରପତି ଟ୍ରମ୍ପଙ୍କ ଆଦେଶକୁ ଅପେକ୍ଷା କରିଛନ୍ତି ଆମେରିକୀୟ ସେନା । ବଙ୍କର-ବଷ୍ଟର୍‌ରେ ୩୦ ହଜାର ପାଉଣ୍ଡ ଓଜନର ବୋମା ଖଞ୍ଜାଯାଇଛି । ଇରାନର ଭୂତଳ ପରମାଣୁ କେନ୍ଦ୍ର ଉପରେ ଆକ୍ରମଣ ଲାଗି ବଙ୍କର-ବଷ୍ଟରର ପ୍ରୟୋଗ କରିବ ଆମେରିକା । ଇରାନର ଫରଡୋ ପରମାଣୁ କେନ୍ଦ୍ରକୁ ଧ୍ୱଂସ କରିବା ଲାଗି ଜିବିୟୁ-୫୭ ବୋମାର ବ୍ୟବହାର କରିବ । ସାଉଦୀ ଆରବରେ ଏଫ୍-୧୬ ବିମାନ ମୁତୟନ ହାଇଥିବା ବେଳେ ଡିଆଗୋ ଗାର୍ସିଆରେ ବି-୫୨ ବୋମାବର୍ଷୀ ବିମାନକୁ ପ୍ରସ୍ତୁତ ରଖାଯାଇଛି । ଜେଟ୍ ବିମାନଗୁଡ଼ିକ ଉପସାଗରୀୟ ଅଞ୍ଚଳରେ ପଇଁତରା ମାରୁଛନ୍ତି । ଯୁଦ୍ଧର ସପ୍ତମ ଦିନରେ ମଧ୍ୟ ଇସ୍ରାଏଲ ଏବଂ ଇରାନ ପରସ୍ପର ଉପରେ ବୋମା ଏବଂ କ୍ଷେପଣାସ୍ତ୍ର ମାଡ଼ ଜାରି ରଖିଛନ୍ତି । ଇରାନର ପରମାଣୁ କେନ୍ଦ୍ର ଓ ଗବେଷଣା ପ୍ରତିଷ୍ଠାନକୁ ଟାର୍ଗେଟ କରି ଇସ୍ରାଏଲ ଗତକାଲି ରାତିରେ ପ୍ରଚଣ୍ଡ ବୋମାମାଡ଼ କରିଛି । ସାମରିକ ପ୍ରତିଷ୍ଠାନ ସମେତ ଜନବସତି ଉପରେ ମଧ୍ୟ ଇସ୍ରାଏଲୀ ଜେଟ୍ ବିମାନ ଆକ୍ରମଣ କରିଛନ୍ତି । ଏହାର ଜବାବରେ ଇସ୍ରାଏଲ ଉପରେ ଇରାନ ଏହାର କ୍ଷେପଣାସ୍ତ୍ର ମାଡ଼କୁ ଆହୁରି ତୀବ୍ର କରିଛି । ଗତକାଲି ରାତିରେ ଇରାନର କ୍ଷେପଣାସ୍ତ୍ର ମାଡ଼ରେ ଗୋଟିଏ ହସପିଟାଲ ଏବଂ ଏହାର ଆଖପାଖ ଅଞ୍ଚଳ ବ୍ୟାପକ କ୍ଷତିଗ୍ରସ୍ତ ହୋଇଛି । ଯୁଦ୍ଧରେ କେବଳ ଇରାନରେ ୬୪୦ ଜଣ ପ୍ରାଣ ହରାଇଥିବା ବେଳେ ଇସ୍ରାଏଲରେ ୨୪ ଜଣଙ୍କର ମୃତ୍ୟୁ ଘଟିଛି । ଇସ୍ରାଏଲ ଉପରେ ଇରାନ ବର୍ତ୍ତମାନ ସୁଦ୍ଧା ୪୦୦ରୁ ଅଧିକ କ୍ଷେପଣାସ୍ତ୍ର ଏବଂ ଶତାଧିକ ଡ୍ରୋନ ମାଡ଼ କଲାଣି ।

ଦୁଇ ଦେଶ ମଧ୍ୟରେ ଯୁଦ୍ଧ ଚାଲିଥିବା ବେଳେ ଆମେରିକାର ରାଷ୍ଟ୍ରପତି ଟ୍ରମ୍ପ ତାଙ୍କର ରଣନୀତିକୁ ଗୋପନୀୟ ରଖିଛନ୍ତି । ଇରାନ ଉପରେ ସେ ଆକ୍ରମଣ କରିପାରନ୍ତି ବୋଲି ଅନୁମାନ କରାଯାଉଛି । ଆସନ୍ତା ତିନି ଚାରି ଦିନ ମଧ୍ୟରେ ଆମେରିକା ଏହି ଯୁଦ୍ଧରେ ସାମିଲ ହେବାନେଇ ସଙ୍କେତ ମିଳିଲାଣି । ଆମେରିକା ଏହାର ଅନେକ ଯୁଦ୍ଧ ଜାହାଜ ଏବଂ ଲଢ଼ୁଆ ବିମାନକୁ ମଧ୍ୟପ୍ରାଚ୍ୟରେ ମୁତୟନ କରିସାରିଲାଣି । ଗତକାଲି ଏ ସଂପର୍କରେ ପ୍ରଶ୍ନର ଉତ୍ତର ନେଇ ଟ୍ରମ୍ପ କହିଥିଲେ ଯେ 'ଆମେରିକା ଆକ୍ରମଣ କରିପାରେ, ନ ବି କରିପାରେ । ମୁଁ କ'ଣ କରିବାକୁ ଯାଉଛି ତାହା କେହି ଜାଣନ୍ତି ନାହିଁ ।'

ଇରାନ-ଇସ୍ରାଏଲ ଯୁଦ୍ଧ ମଧ୍ୟରେ ଏହି ଦୁଇ ଦେଶରୁ ନିଜନିଜର ନାଗରିକଙ୍କୁ ଫେରାଇ ଆଣିବା ଲାଗି ଭାରତ ସମେତ ଅନେକ ଦେଶ ଉଦ୍ୟମ ଆରମ୍ଭ କରିଛନ୍ତି ।

### ସୁପ୍ରିମ୍‌କୋର୍ଟ କମିଟିର ସୁପାରିସ

# ପଦରୁ ହଟିବେ ଜଷ୍ଟିସ୍ ବର୍ମା

■ **ନୂଆଦିଲ୍ଲୀ, ୧୯ ।୬ (ଏଜେନ୍ସି):** ଘରୁ ଟଙ୍କା ମିଳିବା ଘଟଣାରେ ଜଷ୍ଟିସ ଯଶବନ୍ତ ବର୍ମାଙ୍କ ବିରୋଧରେ ପର୍ଯ୍ୟାପ୍ତ ପ୍ରମାଣ ରହିଛି । ଘରେ ନିଆଁ ଲାଗିବା ପରେ ସେଠାରୁ ଦରପୋଡ଼ା କୋଟି କୋଟି ଟଙ୍କା ବିଡ଼ା ମିଳିଥିଲା । ଏହି ଘଟଣା ପରେ ଜଷ୍ଟିସ ବର୍ମାଙ୍କ କାର୍ଯ୍ୟକଳାପ ଓ ଆଚରଣରୁ ସ୍ପଷ୍ଟ ଜଣାପଡୁଛି ଯେ ବଡ଼ ଧରଣର ଦୁର୍ନୀତିରେ ସେ ଜଡ଼ିତ ଥିଲେ । ସୁପ୍ରିମକୋର୍ଟଙ୍କ ଦ୍ୱାରା ଗଠିତ ଯାଞ୍ଚ କମିଟି ରିପୋର୍ଟରେ ଏହା ଉଲ୍ଲେଖ କରାଯାଇଛି । ଭ୍ରଷ୍ଟ ଓ ଅନୈତିକ କାର୍ଯ୍ୟ ପାଇଁ ବିଚାରପତି ପଦରୁ ତାଙ୍କୁ ବହିଷ୍କାର ଲାଗି କମିଟି ସୁପାରିସ କରିଛି । ଜଷ୍ଟିସ ବର୍ମାଙ୍କ ସମେତ ୫୫ ଜଣଙ୍କ ସାକ୍ଷ୍ୟ ଗ୍ରହଣ କରିବା ପରେ କମିଟି ଏକ ୬୪ ପୃଷ୍ଠା ବିଶିଷ୍ଟ ରିପୋର୍ଟ ରାଷ୍ଟ୍ରପତିଙ୍କ ନିକଟରେ ଦାଖଲ କରିଛି । ସଂସଦର ଆଗାମୀ ଅଧିବେଶନରେ ଜଷ୍ଟିସ ବର୍ମାଙ୍କ ବିରୋଧରେ ମହାଭିଯୋଗ ପ୍ରସ୍ତାବ ଆଗତ କରାଯିବ ।



ସୂଚନାଯୋଗ୍ୟ ଯେ ଗତ ମାର୍ଚ୍ଚ ୧୪ ତାରିଖରେ ତତ୍କାଳୀନ ଦିଲ୍ଲୀ ହାଇକୋର୍ଟ ବିଚାରପତି ଜଷ୍ଟିସ ବର୍ମାଙ୍କ ସରକାରୀ ବାସଭବନରେ ନିଆଁ ଲାଗିଥିଲା । ଘଟଣାସ୍ଥଳରୁ ପୁଲିସ ଓ ଦମକଳ ବିଭାଗ ୫୦୦ ଟଙ୍କିଆ ନୋଟର ଶହ ଶହ ବିଡ଼ାକୁ ଦଗ୍ଧ ଅବସ୍ଥାରେ ଜବତ କରିଥିଲେ । ସେଠାରୁ ୧୫ କୋଟି ଟଙ୍କା ମିଳିଥିବା ପ୍ରାଥମିକ ରିପୋର୍ଟରୁ ଜଣାପଡ଼ିଥିଲା । ଜଣେ ବିଚାରପତିଙ୍କ ଘରୁ ଏତେ ଟଙ୍କା ନଗଦ କେଉଁଠୁ ଆସିଲା ବୋଲି ପ୍ରଶ୍ନ ଉଠିଥିଲା । ଏହି ମାମଲାରେ ତାଙ୍କୁ ଆହ୍ଲାବାଦ ହାଇକୋର୍ଟକୁ ବଦଳି କରାଯାଇଥିଲା ।

# ଲୋକସେବକ ମଣ୍ଡଳର ରାଷ୍ଟ୍ରୀୟ ସମ୍ପାଦକ ନିରଞ୍ଜନ ରଥଙ୍କ ପରଲୋକ

■ **କଟକ, ୧୯।୬ (ସମିସ):** ଲୋକସେବକ ମଣ୍ଡଳର ରାଷ୍ଟ୍ରୀୟ ସମ୍ପାଦକ ତଥା ବିଶିଷ୍ଟ ସମାଜସେବୀ ନିରଞ୍ଜନ ରଥଙ୍କର ଗୁରୁବାର ରାତି ୧୧ଟାରେ ସ୍ଥାନୀୟ ଏକ ଘରୋଇ ନର୍ସିଂହୋମ୍‌ରେ ପରଲୋକ ଘଟିଛି । ତାଙ୍କୁ ୭୮ ବର୍ଷ ବୟସ ହୋଇଥିଲା । ଚାରିଦିନ ତଳେ ପ୍ରବଳ ଜ୍ୱର, କଫ ଓ ବିଭିନ୍ନ ସଂକ୍ରମଣ ଯୋଗୁଁ ତାଙ୍କୁ ଥୋରିଆ ସାହି ସ୍ଥିତ ଶାନ୍ତି ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ଆଇସିୟୁରେ ରଖାଯାଇ ଭେଣ୍ଟିଲେଟର ଜରିଆରେ ଚିକିତ୍ସା କରାଯାଉଥିଲା । ଚିକିତ୍ସକଙ୍କ ସମସ୍ତ ଉଦ୍ୟମ ସତ୍ତ୍ୱେ ସ୍ଥିତିରେ ଉନ୍ନତି ଘଟି ନ ଥିଲା । ହୃଦ୍‌ଘାତ ଯୋଗୁଁ ତାଙ୍କର ମୃତ୍ୟୁ ଘଟିଥିବା ଚିକିତ୍ସକଙ୍କ ସୂତ୍ରରୁ ପ୍ରକାଶ ।



ଆଠଗଡ଼ର ଏକ ପ୍ରତିଷ୍ଠିତ ପରିବାରରେ ଜନ୍ମିତ ଶ୍ରୀ ରଥ ଆଇନ ଡିଗ୍ରୀ ସହିତ ଇଂରାଜୀ ସାହିତ୍ୟରେ ଏମ୍‌ଏ ପାସ୍ କରିବା ପରେ ସାମ୍ବାଦିକତା ଓ ଓକିଲାତି ବୃତ୍ତି ସହିତ ସମାଜସେବାରେ ନିଜକୁ ନିୟୋଜିତ କରିଥିଲେ । 'ନ୍ୟାୟବତୀ' ନାମକ ଏକ ପତ୍ରିକାର ସେ ସଂସ୍ଥାପକ ଓ ସମ୍ପାଦକ ଭାବେ ଦୀର୍ଘକାଳ କାର୍ଯ୍ୟ କରିବା ପରେ ଲୋକସେବକ ମଣ୍ଡଳରେ ଯୋଗ ଦେଇଥିଲେ । ସେ 'ସମାଜ'ର ସମ୍ପାଦକ, ପ୍ରକାଶକ ଓ ମୁଦ୍ରାକର, ଜିମ୍‌ସାରର ଅଧ୍ୟକ୍ଷ, 'ସମାଜ' ରିଲିଫ କମିଟିର ମୁଖ୍ୟ, ସତ୍ୟବାଦୀର ସମ୍ପାଦକ ହେବା ସହିତ ବିଭିନ୍ନ ସେବାମୂଳକ ଅନୁଷ୍ଠାନ ସହିତ ସମ୍ପୃକ୍ତ ଥିଲେ । ସେ ମଧ୍ୟ ଲୋକସେବକ ମଣ୍ଡଳର ଉପସଭାପତି, ▶ପୃଷ୍ଠା-୭






# ଆଇନ ସେବା ପ୍ରାଧିକରଣ ପକ୍ଷରୁ ସଚେତନତା

କଟକ,୧୯ ।୬(ସମିସ): ଆଜି ସନ୍ଧ୍ୟାରେ ତଳ ବାଲିଯାତ୍ରା ପଡ଼ିଆରେ ଆୟୋଜିତ ଜିଲ୍ଲା ବିକାଶ



ମେଳାରେ ରାଜ୍ୟ ଆଇନ ସେବା ପ୍ରାଧିକରଣ ଓ ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ସଚେତନତା ଅବଲମ୍ବନ ପୂର୍ବକ ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ପକ୍ଷରୁ ଅଣସଙ୍ଗଠିତ କ୍ଷେତ୍ରର ୪୦ଜଣ ହିତାଧିକାରୀଙ୍କୁ କାର୍ଡ ଦେବା ସହିତ ସମୁଦାୟ ୨୪ ଜଣ ହିତାଧିକାରୀଙ୍କୁ ମୃତ୍ୟୁଜନିତ ସହାୟତା, ବିବାହ ସହାୟତା ଏବଂ ଶିକ୍ଷା ସହାୟତା ସ୍ୱରୂପ ୩୨ ଲକ୍ଷ ୮୫ ହଜାର ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଥିଲା। ଏଥିସହ ଜିଲ୍ଲା ସାମାଜିକ ସୁରକ୍ଷା କାର୍ଯ୍ୟାଳୟ ପକ୍ଷରୁ ୭ ଜଣଙ୍କୁ ମଧୁବାବୁ ପେନସନ ଯୋଜନା ଅନ୍ତର୍ଗତ ତଥା ବିଧବା ଓ ଭିନ୍ନକ୍ଷମ ଆଦି ଭତ୍ତା ପ୍ରଦାନ କରାଯାଇଥିଲା। ରାଜ୍ୟ ଆଇନ ସେବା ପ୍ରାଧିକରଣ ସଦସ୍ୟ ସଚିବ ଅରବିନ୍ଦ ପଟ୍ଟନାୟକ, ଉପ ସଚିବ ଚିତ୍ତରଞ୍ଜନ ମିଶ୍ର, ସହକାରୀ ସଚିବ ବିବେକ ସାସମଲ, ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ ଜଗଦୀଶ ଚନ୍ଦ୍ର ଜେନା ଯୋଗଦେଇଥିଲେ। ଜିଲ୍ଲା ପ୍ରଶାସନ ପକ୍ଷରୁ ଅତିରିକ୍ତ ଜିଲ୍ଲାପାଳ ଶିବ ଟୋପୋ, ଜିଲ୍ଲା ଶ୍ରମ ଅଧିକାରୀ ପ୍ରୀତିବନ୍ଧନ ଘଡାଇ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ମନୋଜ ରଥ ଉପସ୍ଥିତ ଥିଲେ।

# ସଂସ୍କୃତି ଭବନ ଓ ଗାନ୍ଧୀ ଭବନ ପରିଦର୍ଶନ କଲେ ବିଧାୟିକା

କଟକ,୧୯।୬(ସମିସ): ବାରବାଟୀ-କଟକ ବିଧାୟିକା ସୋଫିଆ ଫିରଦୋସ ଦରଘା ବଜାର



ସ୍ଥିତ ଜିଲ୍ଲା ସଂସ୍କୃତି ଭବନ ଓ ବାଖରାବାଦ ସ୍ଥିତ ଗାନ୍ଧୀ ଭବନ ପରିଦର୍ଶନ କରିଛନ୍ତି। ଜିଲ୍ଲା ସଂସ୍କୃତି ଭବନ କାର୍ଯ୍ୟ ଦୀର୍ଘ ଦୁଇ ବର୍ଷ ହେବ ବନ୍ଦ ହୋଇଥିବା ଜାଣି ଅସନ୍ତୋଷ ପ୍ରକାଶ କରିଥିଲେ। କାହିଁକି ଏହି କାର୍ଯ୍ୟ ବନ୍ଦ ହୋଇପଡ଼ିଛି ସେଥିପାଇଁ ଏକ ସବିଶେଷ ତଥ୍ୟ ଦେବା ପାଇଁ ଜିଲ୍ଲା ସଂସ୍କୃତି ଅଧିକାରୀଙ୍କୁ କହିଛନ୍ତି। ତୁରନ୍ତ ଏହି କାର୍ଯ୍ୟ ଆରମ୍ଭ କରାଯାଇ ଶେଷ କରିବା ପାଇଁ ବିଧାୟିକା କହିଛନ୍ତି। ସେହିପରି ବାଖରାବାଦ ସ୍ଥିତ ଗାନ୍ଧୀ ଭବନ ପୁନରୁଦ୍ଧାର କାର୍ଯ୍ୟ ବୁଲି ଦେଖିବା ସହ ନିର୍ଦ୍ଧାରିତ ସମୟ ଭିତରେ ସାରିବା ପାଇଁ ଅଧିକାରୀଙ୍କୁ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଆର ଆଣ୍ଡ ବି, ଜିଲ୍ଲା ସଂସ୍କୃତି ଅଧିକାରୀ ନଳିନୀକାନ୍ତ ସାହୁ, ଆର ଆଣ୍ଡ ବି ଏସଡିଓ, ଜେଇ ଆଦି ଅଧିକାରୀ ଉପସ୍ଥିତ ଥିଲେ।

## ହାଇକୋର୍ଟରେ କଟକ ସହର ସମସ୍ୟା

# ଜୁନ୍ ସୁଦ୍ଧା ଏସ୍‌ସିବିରେ ଏମ୍‌ଆର୍‌ଆଇ ମେସିନ୍ ବସିବ

କଟକ,୧୯ ।୬(ସମିସ):

ଏସସିବି ମେଡିକାଲରେ ଗୁରୁତ୍ୱପୂର୍ଣ୍ଣ ଥ୍ରି ଟି ଏମଆରଆଇ ଓ ସିଟି ସ୍କାନ ମେସିନ ପାଇଁ ଦୁଇ ବର୍ଷ ଧରି ଟେଣ୍ଡର ପ୍ରକ୍ରିୟା ଶେଷ ନହେବା ଏବଂ ମେସିନ କ୍ରୟ ପ୍ରସଂଗରେ ଚୂଡାନ୍ତ ନିଷ୍ପତ୍ତି ନିଆଯାଇପାରୁନଥିବା ନେଇ ପୂର୍ବରୁ ହାଇକୋର୍ଟ ଉଦବେଗ ପ୍ରକାଶ କରିଥିଲେ। ହାଇକୋର୍ଟଙ୍କ ହସ୍ତକ୍ଷେପ ପରେ ମେଡିକାଲ ପାଇଁ ଏହି ଗୁରୁତ୍ୱପୂର୍ଣ୍ଣ ଯନ୍ତ୍ରାଂଶ ଖୁବଶୀଘ୍ର ସ୍ଥାପନ ହେବାକୁ ଯାଉଛି। ଚଳିତ ଜୁନ ଶେଷ ସୁଦ୍ଧା ଏମଆରଆଇ ମେସିନ



ବସିବ ବୋଲି ମେଡିକାଲ ଅଧୀକ୍ଷକ ଗୌତମ ଶତପଥୀ ଆଜି ହାଇକୋର୍ଟଙ୍କୁ ଅବଗତ କରାଇଛନ୍ତି। ଜଷ୍ଟିସ ସଂଗମ କୁମାର ସାହୁ ଓ ଜଷ୍ଟିସ ଭି.ନରସିଂହଙ୍କୁ ନେଇ ଗଠିତ ଖଣ୍ଡପୀଠ ଆଜି ଏହି ପ୍ରସଂଗରେ ଶୁଣାଣି କରିବା ସହ ଆସନ୍ତା ଜୁଲାଇ ୧୦କୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରିଛନ୍ତି। ସେହିଭଳି ଦୁଇଟି ସ୍ଲାଇଟ ସିଟି ସ୍କାନ ମେସିନ ଆସନ୍ତା ଜୁଲାଇ ଶେଷ ସୁଦ୍ଧା ବସିବ ବୋଲି ମେଡିକାଲ ପକ୍ଷରୁ ସତ୍ୟପାଠରେ କୁହାଯାଇଛି। ଦୁଇଟି ଇକୋ ମେସିନ ଇତିମଧ୍ୟରେ ବସିସାରିଥିବା ନେଇ ଓଏସଏମସିଏଲ କର୍ତ୍ତୃପକ୍ଷ ହାଇକୋର୍ଟଙ୍କୁ ଅବଗତ କରିଛନ୍ତି। ଅନ୍ୟପଟରେ ଚକ୍ଷୁ ବିଭାଗ ପାଇଁ ଭିଜୁଆଲ ପେରିମିଟର କାର୍ଯ୍ୟକ୍ଷମ ହୋଇସାରିଥିବା କୁହାଯାଇଛି। ଏ ସବୁକୁ ଅନୁଧ୍ୟାନ କରି ରିପୋର୍ଟ ଦେବାକୁ ଆଡଭୋକେଟ କମିଟିକୁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ।

### ଅସୁରକ୍ଷିତ କୋଠା ସମ୍ପର୍କରେ ରିପୋର୍ଟ ତଲବ

କଟକ ସହରରେ ଶତାଧିକ ଅସୁରକ୍ଷିତ କୋଠା ରହିଥିବା ବେଳେ ଏଗୁଡିକ ଚିହ୍ନଟ ଓ ଭଙ୍ଗାଯିବା ଦିଗରେ କିଛି କାର୍ଯ୍ୟାନୁଷ୍ଠାନ ହେଉନଥିବା ନେଇ ଗଣମାଧ୍ୟମରେ ପ୍ରକାଶିତ ଖବରକୁ ହାଇକୋର୍ଟ ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି। କଟକ ସହରରେ ଏଭଳି କେତେ କୋଠା ରହିଛି ଓ କଣ କାର୍ଯ୍ୟପନ୍ଥା ଗ୍ରହଣ କରାଯାଇଛି ସେନେଇ ଅତିରିକ୍ତ ଜିଲ୍ଲାପାଳ ତଥା ନୋଡାଲ ଅଧିକାରୀ ପରବର୍ତ୍ତୀ ଶୁଣାଣି ସମୟରେ ବିସ୍ତୃତ ସତ୍ୟପାଠ ଦେବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

### ସିଏମସି ୱେବସାଇଟରେ ରହୁନି ୱାର୍ଡର ସମସ୍ତ ତଥ୍ୟ

କଟକ ମହାନଗର ନିଗମ(ସିଏମସି) ୱେବସାଇଟରେ ସମସ୍ତ ୱାର୍ଡର ତଥ୍ୟ ଉପଲବ୍ଧ ହେଉନଥିବା ଅଭିଯୋଗରେ ସିଏମସି କର୍ତ୍ତୃପକ୍ଷଙ୍କୁ ହାଇକୋର୍ଟ ଜବାବତଲବ କରିଛନ୍ତି।୧ରୁ ୨୦ନମ୍ବର ପର୍ଯ୍ୟନ୍ତ ୱାର୍ଡର ତଥ୍ୟ ନିର୍ଦ୍ଧାରିତ ଫର୍ମାଟରେ ଥିବା ବେଳେ ବାକି ୱାର୍ଡ ଗୁଡିକର ତଥ୍ୟ ଆସନ୍ତା ଦୁଇ ମାସ ମଧ୍ୟରେ ଉପଲବ୍ଧ ହେବ ବୋଲି ହାଇକୋର୍ଟଙ୍କୁ ଅବଗତ କରାଯାଇଛି।

### 'ମାନୁଆଲ ବଦଳରେ ଅତ୍ୟାଧୁନିକ ଜ୍ଞାନକୌଶଳରେ ଡ୍ରେନ୍ ସଫେଇ କର'

କଟକ ମହାନଗର ନିଗମ ପକ୍ଷରୁ ମାନୁଆଲ ପଦ୍ଧତିରେ ଅର୍ଥାତ ଶ୍ରମିକ ମାନଙ୍କୁ ନିୟୋଜିତ କରାଯାଇ ବିଭିନ୍ନ ଡ୍ରେନ ସଫେଇ ଓ ପଙ୍କୋଦ୍ଧାର ଆଦି କାର୍ଯ୍ୟ କରାଯାଉଥିବା ନେଇ ହାଇକୋର୍ଟ ଉଦବେଗ ପ୍ରକାଶ କରିଛନ୍ତି। ଏଭଳି ସଫେଇ ବ୍ୟବସ୍ଥା ଦ୍ୱାରା ସେମାନଙ୍କ ଜୀବନ ପ୍ରତି ବିପଦ ରହିଛି। ଏଣୁ ଏହାକୁ ତୁରନ୍ତ ବନ୍ଦ କରାଯାଇ ଅତ୍ୟାଧୁନିକ ବୈଷୟିକ ଜ୍ଞାନକୌଶଳ ବା ମେସିନ ସାହାଯ୍ୟରେ ସଫେଇ କରିବା ଉପରେ ହାଇକୋର୍ଟ ଗୁରୁତ୍ୱାରୋପ କରିଛନ୍ତି।

### ପମ୍ପ ଅପରେଟର ଓ ଦାୟିତ୍ୱରେ ଥିବା ଅଧିକାରୀଙ୍କ ତାଲିକା ଦାଖଲ ନିର୍ଦ୍ଦେଶ

ବର୍ଷା ଦିନେ କଟକ ସହର ଜଳବନ୍ଦୀ ହୋଇପଡୁଥିବା ଦେଖିବାକୁ ମିଳୁଛି।ମହାନଗର ନିଗମ ଅନ୍ତର୍ଗତ ୫୯ଟି ୱାର୍ଡରେ ୨୨୮ ଟି ମୋଟର ପମ୍ପ ଲଗାଯାଇଛି। ବାକି ୮୨ଟି ପମ୍ପ ମହଜୁଦ ରଖାଯାଇଛି ବୋଲି ସିଏମସି କମିସନର ଅବଗତ କରିଥିଲେ। ତେବେ ଲାଗିଥିବା ସମସ୍ତ ପମ୍ପର ଅପରେଟର ଓ ଦାୟିତ୍ୱରେ ଥିବା ଅଧିକାରୀଙ୍କ ନାମ ଓ ମୋବାଇଲ ନମ୍ବର ସମ୍ବଳିତ ତାଲିକା ଦାଖଲ ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

# ସମ୍ବାଦପତ୍ର ବିକ୍ରେତା ସଂଘ ପକ୍ଷରୁ ସ୍ମୃତିସଭା



କଟକ,୧୯।୬(ସମିସ): ଦୀନବନ୍ଧୁ ମହାନ୍ତିଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକରେ ସଂଘ ତରଫରୁ ଏକ ସ୍ମୃତିସଭା ତାଙ୍କ ବାସଭବନ ସିଡିଏରେ ଅନୁଷ୍ଠିତ ହୋଇଯାଇଛି। ସଂଘର କର୍ମକର୍ତ୍ତାମାନେ ଫଟୋରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହି ସଭାରେ ସଂଘର ଉପସଭାପତି ପିତାମ୍ବର ବେହେରା, ସାଧାରଣ ସମ୍ପାଦକ ରତ୍ନାକର ପ୍ରଧାନ, ସହ ସମ୍ପାଦକ ପ୍ରଶାନ୍ତ ସାହୁ, କୋଷାଧ୍ୟକ୍ଷ ଅକ୍ଷୟ ମହାନ୍ତି, ମିଡ଼ିଆ ସେଲ ଅଧ୍ୟକ୍ଷ ପ୍ରଭାସ ପ୍ରଧାନ, କମିଟି କେ ବେଣୁ ରାଓ, କାର୍ତ୍ତିକ ବେହେରା, ବିଷ୍ଣୁଚରଣ ଦାସ, ଦୁର୍ଗାପ୍ରସାଦ ଛାଟୋଇ, ରବି ପାଲ, ନବଘନ ସାହୁ, ଦୀପ୍ତି ରଞ୍ଜନ ପଟ୍ଟନାୟକ, ଲୋକନାଥ ମହାପାତ୍ର, ଦୁଃଖିଶ୍ୟାମ ମହାପାତ୍ର, ଦିବାକର ଭୋଳ, ମନୋଜ ପଟ୍ଟନାୟକ ପ୍ରମୁଖ ଯୋଗଦାନ କରିଥିଲେ।

## ସ୍ୱାସ୍ଥ୍ୟ ଅଧିକାରୀଙ୍କ ଡେପୁଟେସନ ଡ୍ରାମା

# ବିବାଦ ଚପାଇବାକୁ ବଦଳି ଚିଠି!

**ବଦଳି କରିବାକୁ ଚିଠି ଲେଖିଥିଲେ କମିଶନର**

**ନିଗମ ଛାଡିବାକୁ ନାରାଜ; ଏଡିୟୁପିଏଚଓ ଭାବେ ଅବସ୍ଥାପିତ**

**ପୁଣି ଥରେ ଡେପୁଟେସନରେ ଆସିବାକୁ ମସୁଧା!**

କଟକ,୧୯।୬(ସମିସ):

ଅନେକ ବିବାଦ ଭିତରେ ଛନ୍ଦି ହୋଇଥିବା କଟକ ମହାନଗର ନିଗମ(ସିଏମସି)ର ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସତ୍ୟବ୍ରତ ମହାପାତ୍ରଙ୍କ ବଦଳି ନିର୍ଦ୍ଦେଶ ହୋଇଛି। ମାତ୍ର ତାଙ୍କ ସ୍ଥାନରେ କାହାକୁ ନିଯୁକ୍ତି ମିଳିନାହିଁ। ଆଜି ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ ପାଇଥିବା ବିଜ୍ଞପ୍ତିରୁ ଏହା ଜଣାପଡ଼ିଛି। ଡାକ୍ତର ମହାପାତ୍ର ନିଗମର ସ୍ୱାସ୍ଥ୍ୟ ଅଧିକାରୀ ପଦରୁ ହଟିଲେ ସୁଦ୍ଧା ଏଠାରେ ଅତିରିକ୍ତ ଜିଲ୍ଲା ସହରାଞ୍ଚଳ ଜନସ୍ୱାସ୍ଥ୍ୟ ଅଧିକାରୀ (ଏଡିୟୁପିଏଚ୍‌ଓ) ଭାବେ ଅବସ୍ଥାପିତ ହେବେ। ଖୁବଶୀଘ୍ର ତାଙ୍କୁ ରିଲିଫ ଅର୍ଡର ଦିଆଯିବ। ସେ ସିଟି ହସ୍ପିଟାଲରେ କିଛି ଦିନ କାର୍ଯ୍ୟ କରିବା ପରେ ଏଡିୟୁପିଏଚ୍‌ଓ ଭାବେ ନିଯୁକ୍ତ ହୋଇ ସହରାଞ୍ଚଳରେ ସ୍ୱାସ୍ଥ୍ୟ ବ୍ୟବସ୍ଥାର ତଦାରଖ କରିବେ। ୫ବର୍ଷ ହେବ ଡେପୁଟେସନରେ ରହି ନିଗମର ସ୍ୱାସ୍ଥ୍ୟ ଅଧିକାରୀ ଭାବେ କାର୍ଯ୍ୟ କରୁଥିବା ଡାକ୍ତର ମହାପାତ୍ରଙ୍କ ବିରୋଧରେ ଦୀର୍ଘଦିନ ହେବ ଅନେକ ଅଭିଯୋଗ ଆସୁଛି। ବିବାଦକୁ ଚପାଇବାକୁ ଯାଇ କେବଳ ବଦଳି ଚିଠି ହୋଇଛି ବୋଲି କିଛି କର୍ପୋରେଟର ଅଭିଯୋଗ ଉଠାଇଛନ୍ତି। ଏପରିକି ନିଗମରେ ଏଡିୟୁପିଏଚ୍‌ଓ ଭାବେ ନିଯୁକ୍ତ ହେବା ପରେ ପୁର୍ନବାର ତାଙ୍କୁ ସ୍ୱାସ୍ଥ୍ୟ ଅଧିକାରୀ ଭାବେ ଡେପୁଟେସନରେ ଅଣାଯିବାକୁ ମସୁଧା ଚାଲିଥିବା କୁହାଯାଇଛି।

ଗତ ୫ ବର୍ଷ ହେବ ଡାକ୍ତର ମହାପାତ୍ର ଡେପୁଟେସନରେ ରହି ନିଗମରେ କାର୍ଯ୍ୟ କରୁଥିଲେ। ତାଙ୍କ ବଦଳି ହେଉ ନ ଥିଲା କି ଡେପୁଟେସନର ଅବଧି ସରୁ ନ ଥିଲା। ଏହାକୁ ନେଇ ନିଗମର କର୍ପୋରେଟରମାନେ ବାରମ୍ବାର ପ୍ରତିବାଦର ସ୍ୱର ଉଠାଉଥିଲେ। ତାଙ୍କୁ ତୁରନ୍ତ ହଟାଇ ଦିଆଯାଉ ବୋଲି ଦାବି କରୁଥିଲେ। ନିଗମର କାଉନସିଲ ବୈଠକରେ ଡାକ୍ତର ମହାପାତ୍ରଙ୍କ ବିରୋଧରେ ମାଳମାଳ ଅଭିଯୋଗ ହେବା ସହ ବୈଠକ ଗୃହ କମ୍ପୁଥିଲା। ୪ ମାସ ପୂର୍ବେ ସିଏମସି କମିଶନର ଏ ନେଇ କଟକ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ(ସିଡିଏମଓ)ଙ୍କୁ ଚିଠି କରିଥିଲେ। ବିବାଦର ଅନ୍ତ ଘଟାଇବାକୁ ଯାଇ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଡାକ୍ତର ମହାପାତ୍ରଙ୍କ ବଦଳି କରିଛିନ୍ତି। ହେଲେ ତାଙ୍କୁ ଅନ୍ୟତ୍ର ବଦଳି କରାଯିବା ପରିବର୍ତ୍ତେ ଅତିରିକ୍ତ ଜିଲ୍ଲା ସହରାଞ୍ଚଳ ଜନସ୍ୱାସ୍ଥ୍ୟ ଅଧିକାରୀ ପଦରେ ନିଯୁକ୍ତ କରାଯାଇଛି। ଏହି ବଦଳି କେବଳ ଏକ ଭେଳିକି ବୋଲି ଅଭିଯୋଗରେ କହିଛନ୍ତି କର୍ପୋରେଟର ସନ୍ତୋଷ ଭୋଳ। ସରକାର ଓ ସ୍ୱାସ୍ଥ୍ୟ ବିଭାଗ ଦୁର୍ନୀତିକୁ ପ୍ରୋତ୍ସାହନ ଦେଉଛନ୍ତି। ଯେଉଁ ଅଧିକାରୀଙ୍କୁ ହଟାଇବା ପାଇଁ ଦାବି ହେଉଥିଲା ତାଙ୍କୁ ବଦଳି ଆଳରେ ନିଗମର ଅନ୍ୟ ଏକ ପଦରେ ଅବସ୍ଥାପିତ କରାଯିବା କେତେଦୂର ଯୁକ୍ତିଯୁକ୍ତ ତାହା ବିଚାର କରାଯିବା ଉଚିତ୍। ସିଡିଏମଓଙ୍କ ଛତ୍ରଛାୟା ତଳେ ରହୁଥିବା ଡାକ୍ତର ମହାପାତ୍ରଙ୍କୁ ଏଡିୟୁପିଏଚ୍‌ଓ ପଦରୁ ହଟାଯାଉ। ନଚେତ୍ ଆଗାମୀ ଦିନରେ ଆନ୍ଦୋଳନ ବ୍ୟାପକ ହେବ ବୋଲି କର୍ପୋରେଟର ଭୋଳ କହିଛନ୍ତି।

ପ୍ରକାଶଥାଉକି, ୨୦୨୦ ଜାନୁୟାରୀ ୧୧ ତାରିଖରେ ଡାକ୍ତର ସତ୍ୟବ୍ରତ ମହାପାତ୍ରଙ୍କୁ ସିଟି ହସ୍ପିଟାଲରୁ ଆଣି ସିଏମସିର ସ୍ୱାସ୍ଥ୍ୟ ଅଧିକାରୀ ପଦରେ ଅବସ୍ଥାପିତ କରାଯାଇଥିଲା। ନିଗମରେ କାର୍ଯ୍ୟ କରୁଥିଲେ ସୁଦ୍ଧା ତାଙ୍କ ଚାକିରି ସିଡିଏମଓଙ୍କ କାର୍ଯ୍ୟାଳୟ ଅଧୀନରେ ରହିଛି। ମାସିକ ଦରମା ମଧ୍ୟ ସିଡିଏମଓଙ୍କ କାର୍ଯ୍ୟାଳୟରୁ ଗ୍ରହଣ କରୁଛନ୍ତି। ଜଣେ ଅଧିକାରୀ ୫ବର୍ଷ ହେବ ଡେପୁଟେସନରେ ରହି କାର୍ଯ୍ୟ କରୁଥିଲେ ସୁଦ୍ଧା ତାଙ୍କୁ କାହିଁକି ବଦଳି କରାଯାଉନାହିଁ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା। ଏବେ ତାଙ୍କ ଡେପୁଟେସନ ଅବଧି ଶେଷ କରିବାକୁ ଯାଇ ନାଟକୀୟ ମୋଡରେ ବଦଳି କରାଯାଇଥିବା ଅଭିଯୋଗ ହୋଇଛି।

# ବିଶ୍ୱ ସମ୍ବାଦ କେନ୍ଦ୍ର ପକ୍ଷରୁ 'ନାରଦ ସମ୍ମାନ'



## ସମରେନ୍ଦୁ, ପ୍ରଦୀପ, ଦେବାଶିଷ, ଅକ୍ଷୟ ଓ ସୁଜାତା ସମ୍ବର୍ଦ୍ଧିତ

କଟକ,୧୯।୬(ସମିସ): ବିଶ୍ୱ ସମ୍ବାଦ କେନ୍ଦ୍ର, ଓଡ଼ିଶା ଆନୁକୂଲ୍ୟରେ କଟକ ଜିଲ୍ଲା ପକ୍ଷରୁ ଆଦ୍ୟ ସାମ୍ବାଦିକ ଦେବର୍ଷି ନାରଦଙ୍କ ଜୟନ୍ତୀ ଆଜି ବାଣୀପୀଠ ଶ୍ରୀରାମ ଚନ୍ଦ୍ର ଭବନରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସାମ୍ବାଦିକତା, ସମାଜସେବା ଓ ସାହିତ୍ୟ କ୍ଷେତ୍ରରେ କୃତି ପାଇଁ ୫ ଜଣ ନାରଦ ସମ୍ମାନରେ ସମ୍ମାନିତ ହୋଇଥିଲେ। ସେମାନଙ୍କ ମଧ୍ୟରେ ବରିଷ୍ଠ ସାମ୍ବାଦିକ ସମରେନ୍ଦୁ ଦାସ, ବରିଷ୍ଠ ସାମ୍ବାଦିକ ପ୍ରଦୀପ ସାହୁ, ଡା. ଦେବାଶିଷ ଜ୍ୟେଷ୍ଠୀ, ସାମ୍ବାଦିକ ଅକ୍ଷୟ କୁମାର ପ୍ରଧାନ ଓ ସୁଜାତା ଶତପଥୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଶ୍ୱ ସମ୍ବାଦ କେନ୍ଦ୍ର କଟକ ଜିଲ୍ଲା ଶାଖାର ଆବାହକ ବିପିନ ବିହାରୀ ରାଉତଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ସ୍ତମ୍ଭକାର ହରିହର ତ୍ରିପାଠୀ ଯୋଗଦେଇଥିଲେ। ମହର୍ଷି ନାରଦ ବିଶ୍ୱର ଆଦ୍ୟ ସାମ୍ବାଦିକ ରୂପେ ବିବେଚିତ ହୁଅନ୍ତି। ସେ ସର୍ବଦା ନିରପେକ୍ଷ ସମ୍ବାଦ ଉପସ୍ଥାପନ ଉପରେ ଗୁରୁତ୍ୱ ଦେଉଥିଲେ ବୋଲି ମୁଖ୍ୟଅତିଥି ଶ୍ରୀ ତ୍ରିପାଠୀ କହିଥିଲେ। ମୁଖ୍ୟବକ୍ତା ଭାବେ ଯୋଗଦେଇ ରାଷ୍ଟ୍ରଦୀପର ସମ୍ପାଦକ ଚିତ୍ତରଞ୍ଜନ ମହାପାତ୍ର କହିଲେ ଯେ, ଦେଶର ବିପଦ ବେଳେ ସମସ୍ତ ନାଗରିକ ଏକଜୁଟ ହୋଇ ତାହାର ମୁକାବିଲା କରିବା ଦରକାର। ଆରଏସଏସ କଟକ ଜିଲ୍ଲା ପ୍ରଚାର ପ୍ରମୁଖ ଅଂଶୁମାନ ମହାପାତ୍ର ଧନ୍ୟବାଦ ଦେଇଥିବା ବେଳେ ବରିଷ୍ଠ କାର୍ଯ୍ୟକର୍ତ୍ତା ଚନ୍ଦ୍ରମାଧବ ସିଂହ ମଞ୍ଚ ପରିଚାଳନା କରିଥିଲେ। ସମ୍ବର୍ଦ୍ଧିତ ପ୍ରତିଭାଙ୍କ ଉଦ୍ଦେଶ୍ୟରେ ପ୍ରଜ୍ଞା ପରିମିତା ଆଚାର୍ଯ୍ୟ ମାନପତ୍ର ପାଠ କରିଥିଲେ। ଯଶୋଦା ସଦନର ପିଲାମାନଙ୍କ ଦ୍ୱାରା ଦେଶାତ୍ମବୋଧ ସଙ୍ଗୀତ ପରିବେଷଣ କରାଯାଇଥିଲା।

# ଅବସରପ୍ରାପ୍ତ ସ୍ୱଳ୍ପ ସଞ୍ଚୟ ଅଧିକାରୀଙ୍କୁ ୩ ବର୍ଷ ସଶ୍ରମ ଜେଲ୍

## ଭିଜିଲାନ୍ସ ଅଦାଲତରେ ଦୋଷୀ ସାବ୍ୟସ୍ତ

କଟକ,୧୯ ।୬(ସମିସ): କଟକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ପ୍ରାକ୍ତନ ସ୍ୱଳ୍ପ ସଂଚୟ ଅଧିକାରୀ (ଅବସରପ୍ରାପ୍ତ) ସଂଜୟ କୁମାର ସାହୁଙ୍କୁ ଆଜି ଲାଞ୍ଚ ଗ୍ରହଣ ମାମଲାରେ କଟକ ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତ ଦୋଷୀ ସାବ୍ୟସ୍ତ କରିଛନ୍ତି। ଭିଜିଲାନ୍ସ ଅଦାଲତ ତାଙ୍କୁ ଦୁର୍ନୀତି ନିବାରଣ ଆଇନ ୧୯୮୮ର ଧାରା୧୩(୨)/୧୩(୧)(ଇ) ଅନୁସାରେ ୩ବର୍ଷ ଜେଲ ଓ ଜରିମାନା ଦଣ୍ଡରେ ଦଣ୍ଡିତ କରିବା ସହ ଜେଲ ପଠାଇଦେଇଛନ୍ତି। ପ୍ରକାଶଥାଉକି ଶ୍ରୀ ସାହୁ ସବଡିଭିଜିନାଲ ସ୍ୱଳ୍ପ ସଂଚୟ ଅଧିକାରୀ ଥିବା ବେଳେ ତାଙ୍କ ବିରୋଧରେ ଭିଜିଲାନ୍ସ ପକ୍ଷରୁ ଲାଞ୍ଚ ଗ୍ରହଣ ନେଇ ମାମଲା ରୁଜୁ ହୋଇଥିଲା। ପରେ ଶ୍ରୀ ସାହୁ ଚାକିରିରୁ ଅବସର ନେଇଥିଲେ ମଧ୍ୟ ଭିଜିଲାନ୍ସ ମାମଲା ବିଚାରାଧିନ ଥିଲା। କଟକ ଭିଜିଲାନ୍ସ ଡିଭିଜନର ପ୍ରାକ୍ତନ ଇନ୍ସପେକ୍ଟର ହିମାଂଶୁ ଶେଖର ମିଶ୍ର ଏହି ମାମଲାର ତଦନ୍ତ କରିଥିଲେ। ପ୍ରଜିକ୍ୟୁସନ ପକ୍ଷରୁ ଭିଜିଲାନ୍ସର ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ସର୍ବେଶ୍ୱର ବାରିକ ଓ ଏପିପି ଦୀପକ ସାହୁ ମାମଲା ପରିଚାଳନା କରୁଥିଲେ। ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଥିବାରୁ ସମ୍ପୃକ୍ତ ଅବସରପ୍ରାପ୍ତ ଅଧିକାରୀଙ୍କ ପେନସନ ବନ୍ଦ କରିବା ପାଇଁ ଭିଜିଲାନ୍ସ ପକ୍ଷରୁ ରାଜ୍ୟ ସରକାରଙ୍କୁ ଆବେଦନ କରାଯିବ ବୋଲି କୁହାଯାଇଛି।

## କଟକରୁ ବିଶ୍ୱ ବାତାୟନ

# ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ଲମ୍ବା ଉଡ଼ାଣ

କଟକ, ୧୯।୬(ସମିସ): ଯେତେବେଳେ ଗୋଟିଏ ଛୋଟ ଅନୁଷ୍ଠାନ ବଡ଼ ସ୍ୱପ୍ନ ଦେଖିଥାଏ ଓ ସେହି ସ୍ୱପ୍ନ ମାଟିରୁ ଆକାଶକୁ ଛୁଇଁଯାଏ ସେଠାରେ ଇତିହାସ ଲେଖାଯାଏ। ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ଲେଖିଛି ସେଭଳି ଏକ ଇତିହାସ। ମହାନଦୀ ପାର୍ଶ୍ୱରେ ଥିବା ଏହି ସଂସ୍ଥା ଆଜି ବିଶ୍ୱ ଶିକ୍ଷା ମାନଚିତ୍ରରେ ଏକ ଉଜ୍ଜ୍ୱଳ ତାରକାରେ ପରିଣତ ହୋଇଛି, ଏବଂ ଏହାର ଚମକ ପ୍ରକାଶିତ ହୋଇଛି ଟାଇମ୍ସ ହାୟର୍ ଏଡୁକେସନ୍ (ଟିଏଚଇ) ଇମ୍ପାକ୍ଟ ରାଙ୍କିଂ-୨୦୨୫ରେ ଏହାର ଶ୍ରେଷ୍ଠ ପ୍ରଦର୍ଶନ ମାଧ୍ୟମରେ। ପୃଥିବୀର ୫୦,୦୦୦ ରୁ ଅଧିକ ବିଶ୍ୱବିଦ୍ୟାଳୟ ମଧ୍ୟରୁ କେବଳ ୨,୫୦୦ ଟି ସଂସ୍ଥା ଏହି ବିଶ୍ୱସ୍ତରୀୟ ରାଙ୍କିଂ ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ। ସେମାନଙ୍କ ମଧ୍ୟରୁ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ନିଜର କାର୍ଯ୍ୟ, ଦୃଷ୍ଟିକୋଣ ଓ ପ୍ରତିବଦ୍ଧତା ଦ୍ୱାରା ସମସ୍ତଙ୍କୁ ଆଶ୍ଚର୍ଯ୍ୟଚକିତ କରିଦେଇଛି। ଏହା କୌଣସି ସାମାନ୍ୟ ସଂଯୋଗ ନୁହେଁ, ଏହା ଏକ ନୀତି, ଏକ ଦୃଢ଼ ସଂକଳ୍ପ ଓ ନିରନ୍ତର ବିକାଶ ଦିଗରେ କାର୍ଯ୍ୟ କରିବାର ପୁରସ୍କାର। ଏସଡିଜି-୨ (ଶୂନ୍ୟ ଭୋକ)



ବିଭାଗରେ ବିଶ୍ୱସ୍ତରରେ ୭୦ ତମ ସ୍ଥାନଲାଭ କରି ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ସବୁଠୁ ବଡ଼ ସଫଳତା ଅର୍ଜନ କରିଛି। ଏସଡିଜି-୪ (ଗୁଣବତ୍ତାପୂର୍ଣ୍ଣ ଶିକ୍ଷା) ଏସଡିଜି-୧୫ (ପୃଥିବୀ ଉପରେ ଜୀବନ) ବିଭାଗରେ ମଧ୍ୟ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ବିଶ୍ୱର ଶ୍ରେଷ୍ଠ ୨୦୦ ମଧ୍ୟରେ ସ୍ଥାନ ପାଇଛି। ଏସଡିଜି-୬ (ବିଶୁଦ୍ଧ ଜଳ ଓ ସ୍ୱଚ୍ଛତା) ଏସଡିଜି-୭ (ଶସ୍ତା ଓ ସ୍ୱଚ୍ଛ ଶକ୍ତି) ରେ ଏହି ସଂସ୍ଥା ବିଶ୍ୱର ଶ୍ରେଷ୍ଠ ୩୦୦ ମଧ୍ୟରେ ସ୍ଥାନିତ ହୋଇଛି। ଏହି ସଫଳତା କେବଳ ଏକ ସଂଖ୍ୟା ମାତ୍ର ନୁହେଁ, ବରଂ ଏହା ସେହି ଶିକ୍ଷା ମୂଲ୍ୟବୋଧର ଚିତ୍ରଣ ଯେଉଁଥିରେ ସମାଜ, ପରିବେଶ ଓ ମାନବିକତା ଏକ ସଙ୍ଗେ ଗଠିତ ହୁଏ। ଦେଶ ମଧ୍ୟରେ ବି ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ନିଜ ସଫଳତାର ଦୁନ୍ଦୁଭି ବଜାଇଛି। ଏସଡିଜି-୨ରେ ଭାରତରେ ପଞ୍ଚମ ସ୍ଥାନ, ଏସଡିଜି -୪ରେ ତ୍ରୟୋଦଶ, ଏସଡିଜି-୧୫ରେ ଦଶମ ଓ ଏସଡିଜି-୭ ଓ ଏସଡିଜି-୧୭ ରେ ୨୨ ତମ ସ୍ଥାନ ମିଳିଛି। ଫଳରେ ଏସଏସୟୁ ଭାରତର ବିକାଶ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଦେଉଥିବା ପ୍ରମୁଖ ସଂସ୍ଥା ବୋଲି ପ୍ରମାଣିତ ହୋଇଛି। ବିଶ୍ୱବିଦ୍ୟାଳୟ ପକ୍ଷରୁ ମଧ୍ୟ ଏହି ସଫଳତାକୁ ନେଇ କୁହାଯାଇଛି, ଏହା କେବଳ ଏକ ରାଙ୍କିଂ ନୁହେଁ, ଆମର ଦୃଢ଼ ସଂକଳ୍ପ, ଆମର ସାମୂହିକ ପ୍ରୟାସ ଓ ଆଗାମୀ ପିଢ଼ି ପ୍ରତି ଆମ ପ୍ରେମର ପ୍ରତିଫଳନ। ଏହା ବିଶ୍ୱବିଦ୍ୟାଳୟର ସମସ୍ତ ବିଦ୍ୟାର୍ଥୀ, ଅଧ୍ୟାପକ ଓ କର୍ମଚାରୀଙ୍କ ସମ୍ମିଳିତ ଉଦ୍ୟମରେ ଗଢ଼ା ଏକ ସ୍ୱପ୍ନ, ଯାହା ବିଶ୍ୱ ଦରବାରରେ ନିଜର ଛାପ ଛାଡ଼ିବାରେ ସକ୍ଷମ ହୋଇଛି।



ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 42 ♦ISSUE-352 ♦BHUBANESWAR ♦FRIDAY ♦20 JUNE 2025 ♦PAGE-12 ♦₹ 6.00

♦ବର୍ଷ-୪୨ ♦ସଂଖ୍ୟା-୩୫୨ ♦ଭୁବନେଶ୍ୱର ♦ଶୁକ୍ରବାର ♦୨୦ ଜୁନ୍ ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦


# ଝାଡ଼ଖଣ୍ଡମୁହାଁ ଲଘୁଚାପ

■ **ଭୁବନେଶ୍ୱର, ୧୯।୬ (ସମିସ):** ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ଝାଡଖଣ୍ଡ ମୁହାଁ ହେବା ପରେ ରାଜ୍ୟରେ ପାଗରେ ପରିବର୍ତ୍ତନ ଆସିଛି। ଏହି ସ୍ଥିତି ଆସନ୍ତା ୨-୩ ଦିନ ପର୍ଯ୍ୟନ୍ତ ଜାରି ରହିବ। ଏହାପରେ ୨୩-୨୪ ତାରିଖ ବେଳକୁ ଆଉ ଏକ ଲଘୁଚାପ ଯୋଗୁଁ ରାଜ୍ୟରେ ପୁଣି ବର୍ଷା ନେଇ ପାଗ ଅନୁକୂଳ ହେବ। ପରବର୍ତ୍ତୀ ସମୟରେ ୨୮ ବେଳକୁ ପୁଣି ଏକ ଘୂର୍ଣ୍ଣିବଳୟ କିମ୍ବା ଲଘୁଚାପ ଆଶଙ୍କା ରହିଥିବାରୁ ଆସନ୍ତା ୨ ସପ୍ତାହ ରାଜ୍ୟରେ ସ୍ୱାଭାବିକ କିମ୍ବା ସ୍ୱାଭାବିକଠାରୁ ଅଧିକ ବର୍ଷା ନେଇ ଆକଳନ କରାଯାଇଛି। ଚଳିତ ଜୁନ୍ ମାସରେ ମୌସୁମୀ ପ୍ରଭାବରେ ବର୍ଷାର ପରିମାଣ ସ୍ୱାଭାବିକ ରହିଛି। ଆଜି ପର୍ଯ୍ୟନ୍ତ ରାଜ୍ୟରେ ୧୭୩ ମିମି ବର୍ଷା ରେକର୍ଡ ହୋଇଛି। ସେହିପରି ବିଗତ ଜୁନ୍ ମାସ ଆରମ୍ଭରୁ ଏଯାବତ ବର୍ଷାର୍ ପରିମାଣ ଦୁଇଟି ଜିଲ୍ଲା ସୁନ୍ଦରଗଡ଼ ଓ ଦେବଗଡ଼ରେ ମାତ୍ରାଧିକଠୁ ଅଧିକ ବର୍ଷା ରେକର୍ଡ ହୋଇଥିବା ବେଳେ ୫ଟି ଜିଲ୍ଲା ଢେଙ୍କାନାଳ, ଜଗତସିଂହପୁର, ବୌଦ୍ଧ, ସମ୍ବଲପୁର ଓ ସୋନପୁର ଜିଲ୍ଲାରେ ମାତ୍ରାଧିକ ବର୍ଷା ରେକର୍ଡ ହୋଇଛି। ଏହାସହିତ ୧୫ଟି ଜିଲ୍ଲାରେ ବର୍ଷା ସ୍ୱାଭାବିକ ରହିଥିବା ବେଳେ ୭ଟି ଜିଲ୍ଲା ବରଗଡ଼, ବଲାଙ୍ଗିର, ନୁଆପଡା, ବାଲେଶ୍ୱର, ନବରଙ୍ଗପୁର, କୋରାପୁଟ ଓ କଳାହାଣ୍ଡିରେ ନିଅଣ୍ଟିଆ ଓ ଗୋଟିଏ ଜିଲ୍ଲା ମାଲକାନଗିରିରେ ଅତ୍ୟଧିକ ନିଅଣ୍ଟିଆ ବର୍ଷା ରେକର୍ଡ ହୋଇଛି।

# ଜୁଲାଇରୁ ଏଟିଏମ୍, ଡେବିଟ୍ କାର୍ଡ ଚାର୍ଜ ମହଙ୍ଗା

■ **ନୂଆଦିଲ୍ଲୀ, ୧୯।୬ (ଏଜେନ୍ସି):** ଜୁଲାଇ ପହିଲାଠାରୁ ଦେଶର ଘରୋଇ ବ୍ୟାଙ୍କଗୁଡ଼ିକରେ କିଛି ନିୟମ ବଦଳିବାକୁ ଯାଉଛି। ଆଇସିଆଇସିଆଇ ବ୍ୟାଙ୍କ କିଛି କାରବାର ଉପରେ ଲାଗୁ ହେଉଥିବା ଏହାର ସେବା ଚାର୍ଜରେ ପରିବର୍ତ୍ତନ କରିଛି। ସେହି ସମୟରେ ଏଚ୍‌ଡିଏଫ୍‌ସି ବ୍ୟାଙ୍କ ମଧ୍ୟ ଏହାର କ୍ରେଡିଟ୍ କାର୍ଡ ସମ୍ବନ୍ଧୀୟ ନିୟମ ବଦଳାଇବାକୁ ଯାଉଛି। ଆଇସିଆଇସିଆଇ ବ୍ୟାଙ୍କ ଏହାର ଏଟିଏମ୍ ଏବଂ ତୁରନ୍ତ ଦେୟ ସେବା (ଆଇଏମ୍‌ପିଏସ୍) କାରବାର ଉପରେ ଲାଗୁ ହେଉଥିବା ଚାର୍ଜରେ ପରିବର୍ତ୍ତନ କରିଛି। ଯଦି ଆପଣ ଗୋଟିଏ ବ୍ୟାଙ୍କର ଗ୍ରାହକ ଏବଂ ଅନ୍ୟ ଏକ ବ୍ୟାଙ୍କର ଏଟିଏମ୍ ବ୍ୟବହାର କରୁଥାନ୍ତି, ତେବେ କିଛି କାରବାର ପରେ ଆପଣଙ୍କୁ ଅତିରିକ୍ତ ଚାର୍ଜ ଦେବାକୁ ପଡିବ। ଏଟିଏମ୍ କାରବାର ଉପରେ ନୂତନ ଚାର୍ଜ ପୂର୍ବକ ମେଟ୍ରୋ ସହରଗୁଡ଼ିକରେ ପ୍ରତି ମାସରେ ୩ କାରବାର ମାଗଣା ହେବ। ଅଣ-ମେଟ୍ରୋ (ଛୋଟ) ସହରଗୁଡ଼ିକରେ ପ୍ରତି ମାସରେ ୫ କାରବାର ମାଗଣା ହେବ। ଏହାପରେ ଯଦି ଆପଣ ଟଙ୍କା ଉଠାନ୍ତି (ଆର୍ଥିକ କାରବାର), ତେବେ ଆପଣଙ୍କୁ ପ୍ରତି କାରବାର ପାଇଁ ୨୩ ଟଙ୍କା ଦେବାକୁ ପଡିବ, ପୂର୍ବରୁ ଏହା ୨୧ ଟଙ୍କା ଥିଲା। ଯଦି ଆପଣ କେବଳ ବାଲାନ୍ସ ଯାଞ୍ଚ କରନ୍ତି କିମ୍ବା ଅନ୍ୟ ଅଣ-ଆର୍ଥିକ କାର୍ଯ୍ୟ କରନ୍ତି, ତେବେ ପ୍ରତି କାରବାର ପାଇଁ ୮ ଟଙ୍କା ୫୦ ପଇସା ଦେବାକୁ ହେବ। ଆଇଏମ୍‌ପିଏସ୍ ମାଧ୍ୟମରେ ଟଙ୍କା ପଠାଇବା ପାଇଁ, ଆପଣଙ୍କୁ କାରବାର ପରିମାଣ ଅନୁସାରେ ଶୁଳ୍କ ଦେବାକୁ ପଡିବ। ୧୦୦୦ ଟଙ୍କା ପର୍ଯ୍ୟନ୍ତ ପ୍ରତି କାରବାର ▸ପୃଷ୍ଠା-୭

# ୨୦୨୩-୨୪ ଶିକ୍ଷାବର୍ଷରେ ଓଡ଼ିଶାକୁ ୫ମ ସ୍ଥାନ

■ **ଭୁବନେଶ୍ୱର, ୧୯।୬ (ସମିସ):** କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ୨୦୨୩-୨୪ ଶିକ୍ଷାବର୍ଷର ପରଫର୍ମାନ୍ସ ଗ୍ରେଡିଂ ଇଣ୍ଡେକ୍ସ (ପିଜିଆଇ) ରିପୋର୍ଟ ପ୍ରକାଶ ପାଇଛି। ତହିଁରେ ଓଡ଼ିଶା ପଞ୍ଚମ ସ୍ଥାନ ହାସଲ କରିଛି। ପ୍ରଥମ ସ୍ଥାନରେ ଚଣ୍ଡିଗଡ଼ ଥିବାବେଳେ ପଞ୍ଜାବ, ଦିଲ୍ଲୀ ଓ ଗୁଜୁରାଟ ଯଥାକ୍ରମେ ଦ୍ୱିତୀୟରୁ ଚତୁର୍ଥ ସ୍ଥାନରେ ରହିଛନ୍ତି। ୨୦୨୨-୨୩ ତୁଳନାରେ ୨୦୨୩-୨୪ ଶିକ୍ଷାବର୍ଷରେ ଓଡ଼ିଶା ଉତ୍ତମ ପ୍ରଦର୍ଶନ କରିଛି। ସମୁଦାୟ ହଜାରେ ପଏଣ୍ଟ ମଧ୍ୟରୁ ୨୦୨୨-୨୩ରେ ୫୮୪.୫ ସ୍କୋର ଥିବାବାଳେ ୫୯୫.୬କୁ ବୃଦ୍ଧି ପାଇବା ସହ ପ୍ରଚେଷ୍ଟା-୩ ଗ୍ରେଡ୍‌ରେ ନିଜର ସ୍ଥାନ ବଜାୟ ରଖିଛି।

ବିଦ୍ୟାଳୟ ଶିକ୍ଷାରେ ଉତ୍ତମ ପ୍ରଦର୍ଶନ କରିଥିବା ଜିଲ୍ଲାମାନଙ୍କ ମଧ୍ୟରେ ଓଡ଼ିଶାର ଝାରସୁଗୁଡ଼ା ଜିଲ୍ଲା ପୂର୍ବପରି ସର୍ବାଗ୍ରେ ରହିଛି। ୨୦୨୨-୨୩ରେ ପ୍ରଚେଷ୍ଟା-୧ ଗ୍ରେଡ୍‌ରେ ଥିବା ଏହି ଜିଲ୍ଲା ଏକମାତ୍ର ଜିଲ୍ଲାଭାବେ ୨୦୨୩-୨୪ରେ ଉତ୍ତମ-୩ ଗ୍ରେଡ୍‌କୁ ଉତ୍ତୀର୍ଣ୍ଣ ହୋଇଛି। ସେହିପରି ୨୦୨୨-୨୩ରେ ମାତ୍ର ୧୨ଟି ଜିଲ୍ଲା ପ୍ରଚେଷ୍ଟା-୧ ଗ୍ରେଡ୍‌ରେ ସ୍ଥାନ ପାଇଥିବାବେଳେ ୨୦୨୩-୨୪ରେ ୨୪ ଜିଲ୍ଲା ଏହି ବର୍ଗରେ ସ୍ଥାନ ପାଇଛନ୍ତି। ଅର୍ଥାତ୍ ଜିଲ୍ଲାଗୁଡ଼ିକ ମଧ୍ୟ ଦୁଇଗୁଣା ଭଲ ପ୍ରଦର୍ଶନ କରିଛନ୍ତି। ପୁରୀ, ଗଜପତି, ମୟୂରଭଞ୍ଜ, ନବରଙ୍ଗପୁର ଓ ରାୟଗଡ଼ା ପ୍ରଚେଷ୍ଟା-୨ରେ ରହିଥିବାବେଳେ ଅବଶିଷ୍ଟ ଜିଲ୍ଲା ପ୍ରଚେଷ୍ଟା-୧ ଗ୍ରେଡ୍‌ରେ ରହିଛନ୍ତି। ପୂର୍ବବର୍ଷ ପରି ସର୍ବନିମ୍ନ ପ୍ରଦର୍ଶନ ସହ ରାୟଗଡ଼ା ଜିଲ୍ଲା ଶେଷ ସ୍ଥାନରେ ରହିଛି।

# ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଜିଲ୍ଲାକୁ ବ୍ୟାପିଲା ଡାଇରିଆ

## ୧୩ ଦିନ ଧରି କଲବଲ ଅଧା ଓଡ଼ିଶା

■ **ଭୁବନେଶ୍ୱର, ୧୯।୬ (ସମିସ):** ଜୁନ୍ ପ୍ରଥମ ସପ୍ତାହରୁ ଯାଜପୁର ଜିଲ୍ଲାରେ ଆରମ୍ଭ ହୋଇଥିବା ଡ଼ାଇରିଆ ଉପକୂଳ ଡେ଼ଇଁ ଏବେ ପଶ୍ଚିମ ଓଡ଼ିଶା ମୁହାଁ ହୋଇଛି। ପୂର୍ବରୁ ବରଗଡ଼ରେ କିଛି ଆକ୍ରାନ୍ତ ଚିହ୍ନଟ ହୋଇଥିଲେ ହେଁ ପରବର୍ତ୍ତୀ ସମୟରେ ସେମାନଙ୍କ ସ୍ୱାସ୍ଥ୍ୟବସ୍ଥା ସ୍ଥିର ରହିଛି; ମାତ୍ର ବଲାଙ୍ଗୀରରେ ଆଜି ୨୭ରୁ ଊର୍ଦ୍ଧ୍ୱ ରୋଗୀ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ଅଧିକାଂଶ ଆକ୍ରାନ୍ତଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ଥିବା କୁହାଯାଉଛି। ଏମିତିକି ଅଧିକାଂଶ ସଂକ୍ରମିତଙ୍କ ଶରୀରରେ ଜଳୀୟ ଅଂଶର ପରିମାଣ ସଂପୂର୍ଣ୍ଣ କମି ଯାଇଥିବା କୁହାଯାଉଛି। ଦୀର୍ଘ ୧୩ ଦିନ ଧରି ଅଧା ଓଡ଼ିଶା ଝାଡ଼ାବାନ୍ତିରେ କଲବଲ ହେଉଥିବାବେଳେ ସରକାରଙ୍କ ପକ୍ଷରୁ କୌଣସି ଦୃଷ୍ଟାନ୍ତମୂଳକ ପଦକ୍ଷେପ ନିଆଯାଇପାରୁନି। ଗୋଟିଏ ପରେ ଗୋଟେ ଜିଲ୍ଲାରେ ଆକ୍ରାନ୍ତ ବଢ଼ିବାରେ ଲାଗିଛନ୍ତି। ମୃତ୍ୟୁ ସଂଖ୍ୟା ବି ବୃଦ୍ଧି ପାଉଛି।


ନିଜ ଜିଲ୍ଲା ବଲାଙ୍ଗୀରରେ ସ୍ଥିତି ଅଣାୟତ୍ତ ହୋଇଥିଲେ ହେଁ ସ୍ୱାସ୍ଥ୍ୟମନ୍ତ୍ରୀଙ୍କର ଏହାପ୍ରତି ନିଘା ନାହିଁ। କେନ୍ଦ୍ରୀୟ ଟିମ୍ ଓ ସ୍ୱାସ୍ଥ୍ୟ ବିଶେଷଜ୍ଞ ଦଳ କେବଳ ଯାଜପୁର, ଭଦ୍ରକ ଆଦି ଜିଲ୍ଲାରେ ଡାଇରିଆ ରୋକିବାକୁ ଚେଷ୍ଟା କରୁଥିବାବେଳେ ଅନ୍ୟ ଜିଲ୍ଲା ପ୍ରତି ସେମିତି କେହି ବିଶେଷ ଦୃଷ୍ଟି ଦେଉନାହାନ୍ତି। ଏମିତିକି କେନ୍ଦ୍ରୀୟ ଟିମ୍ ଦୂଷିତ ଜଳ ଓ ବିଷାକ୍ତ ଖାଦ୍ୟରୁ ଡାଇରିଆ ବ୍ୟାପିଥିବା ରିପୋର୍ଟ ଦେବା ପରେ ମଧ୍ୟ ▸ପୃଷ୍ଠା-୭

## କେନ୍ଦ୍ରାପଡ଼ାରେ ଦ୍ୱିତୀୟ ମୃତ୍ୟୁ



■ **କେନ୍ଦ୍ରାପଡ଼ା, ୧୯।୬ (ସମିସ):** କେନ୍ଦ୍ରାପଡ଼ା ଜିଲ୍ଲାରେ ଡାଇରିଆ ଯୋଗୁଁ ଦୁଇଜଣଙ୍କ ମୃତ୍ୟୁ ହେଲାଣି। ତଥାପି ପ୍ରଶାସନର ନିଦ ଭାଙ୍ଗୁନି। ଏବେ ଝାଡାବାନ୍ତି ଆକ୍ରାନ୍ତଙ୍କ ସଂଖ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି। ଗୁରୁବାର ଡାଇରିଆରେ ମୃତ୍ୟୁବରଣ କରିଥିବା ମହିଳା ଜଣକ ହେଉଛନ୍ତି କେନ୍ଦ୍ରାପଡ଼ା ବ୍ଲକ୍ ଅନ୍ତର୍ଗତ ଚକ୍ରୋଡ଼ା ପଞ୍ଚାୟତର ମଞ୍ଜୁଲତା ଜେନା (୪୬)। ମଞ୍ଜୁଲତାଙ୍କ ଲଗାତର ଝାଡ଼ାବାନ୍ତି ହେବାରୁ ସେ ଡାଇରିଆର ଶିକାର ହୋଇଥିବା ଡାକ୍ତର ରିପୋର୍ଟ ଦେଇଥିଲେ। ତାଙ୍କୁ ଡାଇରିଆ ହେବା ପରେ ତାଙ୍କ ବଡ଼ପୁଅ ମଧ୍ୟ ଆକ୍ରାନ୍ତ ହୋଇଥିଲେ। ଉଭୟ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ମଞ୍ଜୁଲତାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନା ନିଆଯାଇଥିଲା। ସେଠାରେ ତାଙ୍କର ଗୁରୁବାର ମୃତ୍ୟୁ ଘଟିଛି। ଏହି ଘଟଣା ପ୍ରଚାରିତ ହେବା ପରେ କେନ୍ଦ୍ରାପଡ଼ା ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ଏକ ଟିମ୍ ଚକ୍ରୋଡା ଗ୍ରାମରେ ପହଞ୍ଚି ଗାଁକୁ ସାନିଟାଇଜ କରିଛନ୍ତି। ଏହାକୁ ନେଇ ଏ ଅଞ୍ଚଳରେ ଲୋକଙ୍କ ମଧ୍ୟରେ ଭୟ ସୃଷ୍ଟି ହୋଇଛି। ତେବେ ଭୟ ନ କରିବା ପାଇଁ ସ୍ୱାସ୍ଥ୍ୟ ବିଭାଗ ଟିମ ଗ୍ରାମବାସୀଙ୍କୁ ସଚେତନ କରିଛି। ଏ ସଂକ୍ରାନ୍ତରେ ଅତିରିକ୍ତ ଜିଲ୍ଲା ଚିକିତ୍ସାଧିକାରୀ ସଚିଦାନନ୍ଦ ମିଶ୍ର ଗଣମାଧ୍ୟମକୁ କହିଛନ୍ତି, ଏ ଘଟଣା ଘଟିବା ପରେ ଗାଁରେ ସ୍ୱାସ୍ଥ୍ୟ ସେବା ଦଳ ପହଞ୍ଚି ଗାଁକୁ ସାନିଟାଇଜ କରିଛି। ଲୋକଙ୍କୁ ପାଣି ଫୁଟାଇ ପିଇବାକୁ ସଚେତନ କରାଯାଇଛି। ଶନିବାର ରାତିରେ କେନ୍ଦ୍ରାପଡ଼ା ଜିଲ୍ଲା ଡେରାବିଶ ବ୍ଲକ୍ ଶ୍ୟାମସୁନ୍ଦରପୁର ପଞ୍ଚାୟତରେ ସଜନୀ ମଲ୍ଲିକ ନାମ୍ନୀ ମହିଳାଙ୍କ ଡାଇରିଆରେ ମୃତ୍ୟୁ ଘଟିଥିଲା।

## ହାଇକୋର୍ଟଙ୍କ ଉଦ୍‌ବେଗ



**ପଦକ୍ଷେପ ସମ୍ପର୍କରେ ସତ୍ୟପାଠ ପାଇଁ ନିର୍ଦ୍ଦେଶ**

■ **କଟକ, ୧୯।୬ (ସମିସ):** କିଛି ଦିନ ହେବ ଝାଡ଼ାବାନ୍ତି ଓ ହଇଜା ରୋଗ ବ୍ୟାପୁଥିବା ବେଳେ କଟକ ସହରର ପରିମଳ ବ୍ୟବସ୍ଥାକୁ ନେଇ ହାଇକୋର୍ଟ ଉଦବେଗ ପ୍ରକାଶ କରିଛନ୍ତି। ବିଶେଷକରି ସହରର ବିପର୍ଯ୍ୟସ୍ତ ପରିମଳ ସହ ଦୂଷିତ ଖାଦ୍ୟ ବିକ୍ରି ଓ ପାନୀୟଜଳ ଯୋଗାଣ ଅବ୍ୟବସ୍ଥା ସମ୍ପର୍କରେ ଆଡଭୋକେଟ କମିଟି ହାଇକୋର୍ଟଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହାକୁ ଗୁରୁତ୍ୱର ସହ ଗ୍ରହଣ କରି ହାଇକୋର୍ଟ କଟକ ମହାନଗର ନିଗମ(ସିଏମସି) ଓ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗକୁ ରିପୋର୍ଟ ତଲବ କରିଛନ୍ତି। ଝାଡ଼ାବାନ୍ତି ଓ ହଇଜା ନିରାକରଣ ପାଇଁ କଣ ପ୍ରତିକାରମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି ସେନେଇ ସତ୍ୟପାଠ ଦାଖଲ କରିବାକୁ ମହାନଗର ନିଗମକୁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ। କଟକ ସହର ସମସ୍ୟା ପ୍ରସଂଗରେ ରୁଜୁ ମାମଲାର ଶୁଣାଣି କରି ଜଷ୍ଟିସ ସଂଗମ କୁମାର ସାହୁ ଓ ଜଷ୍ଟିସ ଭି. ନରସିଂହଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ରାଜ୍ୟର ବିଭିନ୍ନ ଜିଲ୍ଲାରେ ଝାଡାବାନ୍ତି ବ୍ୟାପୁଥିବା ବେଳେ କଟକ ଜିଲ୍ଲାର ମଧ୍ୟ କେତେକ ଅଞ୍ଚଳରେ ଏହି ରୋଗ ବ୍ୟାପୁଥିବା ଜଣାପଡିଛି। ଏଭଳି ସ୍ଥିତିରେ କଟକ ସହରରେ ମଧ୍ୟ ଦୂଷିତ ଜଳ ଓ ବିପର୍ଯ୍ୟସ୍ତ ପରିମଳ ବ୍ୟବସ୍ଥା ପାଇଁ ରୋଗ ▸ପୃଷ୍ଠା-୭

# ଆଗକୁ ରଥଯାତ୍ରା

## ବଢ଼ିଲା ଝାଡ଼ାବାନ୍ତି ଭୟ

■ **ପୁରୀ, ୧୯।୬ (ସମିସ):** ରାଜ୍ୟରେ ଡାଇରିଆ ଚିନ୍ତାଜନକ ପରିସ୍ଥିତି ସୃଷ୍ଟି କରିଛି। ଗୋଟିଏ ପରେ ଗୋଟିଏ ଜିଲ୍ଲାକୁ ଡେଇଁବାରେ ଲାଗିଛି ଝାଡ଼ାବାନ୍ତି। ଏଥିରେ କିପରି ବ୍ରେକ୍ ଲାଗିବ ସେ ନେଇ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀମାନେ ଆକ୍ତାମାକ୍ତା ହୋଇପଡ଼ିଲେଣି। ଏଭଳି ସ୍ଥିତିରେ ଆଗକୁ ଆସୁଛି ରଥଯାତ୍ରା। ଲକ୍ଷ ଲକ୍ଷ ଭକ୍ତଙ୍କର ସମାଗମ ହେବ ପୁରୀରେ। ଏହା ପୂର୍ବରୁ ରାଜ୍ୟରେ ଯଦି ଝାଡ଼ାବାନ୍ତି ନିୟନ୍ତ୍ରଣକୁ ଆସି ନ ଥାଏ ପୁରୀ ପାଇଁ ବଡ଼ ବିପଦ ସାଜିବା ନେଇ ଆଶଙ୍କା କଲେଣି ଶ୍ରୀକ୍ଷେତ୍ରବାସୀ। ରଥଯାତ୍ରା ପାଇଁ ଏବେ ଡାଇରିଆ ଟେନ୍‌ସନ ବଢ଼ାଇ ଦେଲାଣି। ଏମିତି ବି ପୁରୀରେ ଭକ୍ତ, ପର୍ଯ୍ୟଟକଙ୍କୁ ଅସ୍ୱାସ୍ଥ୍ୟକର ପରିବେଶରେ ପ୍ରସ୍ତୁତ ଖାଦ୍ୟ ପରସା ଯାଉଥିବାର ଅଭିଯୋଗ ହୋଇଆସୁଛି। ତା' ସାଙ୍ଗକୁ ବର୍ଷା ମଧ୍ୟ ଆସିଲାଣି। ତେଣୁ ରଥଯାତ୍ରାକୁ ନେଇ ସହରବାସୀଙ୍କ ଚିନ୍ତା ବଢ଼ିଗଲାଣି।

ରଥଯାତ୍ରାକୁ ଆଉ ମାତ୍ର ୭ ଦିନ ରହିଲା। ମହାପ୍ରଭୁଙ୍କ ପବିତ୍ର ଘୋଷଯାତ୍ରା ଦେଖିବା ଲାଗି ଦେଶ ବିଦେଶରୁ ଭକ୍ତଙ୍କ ସମାଗମ ହେବ ପୁରୀରେ। ପ୍ରାୟ ୧୨ରୁ ୧୫ ଦିନ ଧରି ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ଭିଡ଼ ରହିବ ଶ୍ରୀକ୍ଷେତ୍ରରେ। ହଇଜା ବ୍ୟାପିଥିବା ଅଞ୍ଚଳରୁ ବି ଭକ୍ତ ଆସିପାରନ୍ତି। ଏ ସବୁକୁ ଦେଖିଲେ ଆଗକୁ ପୁରୀ



**ଅସ୍ୱାସ୍ଥ୍ୟକର ପରିବେଶରେ ପ୍ରସ୍ତୁତ ହେଉଛି ଖାଦ୍ୟ**

ପାଇଁ ସମ୍ଭାବ୍ୟ ବିପଦ ଘନଉଥିବା ଚର୍ଚ୍ଚା ହେଉଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ରଥଯାତ୍ରା ସମୟରେ ପୁରୀର ପରିମଳ ବ୍ୟବସ୍ଥା ବିଗିଡ଼ିଯାଏ। ରଥଯାତ୍ରା ଅବସରରେ ବଡ଼ଦାଣ୍ଡ ସମେତ ବିଭିନ୍ନ ସ୍ଥାନରେ ସ୍ୱେଚ୍ଛାସେବୀମାନେ ଖାଦ୍ୟ, ପାନୀୟ ଆଦି ବଣ୍ଟନ କରିଥା'ନ୍ତି। ଲୋକେ ସେଠାରୁ ଖାଦ୍ୟ ଗ୍ରହଣ ▸ପୃଷ୍ଠା-୭

# ମନ୍ତ୍ରୀଙ୍କୁ ଡାଇରିଆ ଡର

## ଜିଲ୍ଲାପାଳଙ୍କ ହାତକୁ ଟେକିଦେଲେ ସ୍କୁଲ୍ ଖୋଲିବା ନିଷ୍ପତ୍ତି

■ **ଭୁବନେଶ୍ୱର, ୧୯।୬ (ସମିସ):** ଖରାଛୁଟି ପରେ ଆସନ୍ତାକାଲି ଅର୍ଥାତ୍ ଶୁକ୍ରବାର ରାଜ୍ୟରେ ଆଂଶିକ ଭାବେ ବିଦ୍ୟାଳୟ ଖୋଲିବ। ପ୍ରଧାନମନ୍ତ୍ରୀଙ୍କ ଓଡ଼ିଶା ଗସ୍ତ ପାଇଁ ଟ୍ରାଫିକ୍ ସମସ୍ୟା ଉପୁଜିର ଆଶଙ୍କା ଥିବାରୁ ଭୁବନେଶ୍ୱର ଓ କଟକ ମହାନଗର ନିଗମର ସମସ୍ତ ବିଦ୍ୟାଳୟକୁ ଶୁକ୍ରବାର ପାଇଁ ଛୁଟି ଘୋଷଣା କରାଯାଇଛି। ଶନିବାର ଏହି ଦୁଇ ସ୍ଥାନରେ ପାଠପଢ଼ା ଆରମ୍ଭ ହେବ। ସେହିପରି ଡାଇରିଆ ପ୍ରବଣ ଯାଜପୁର ଓ ଭଦ୍ରକ୍ ଜିଲ୍ଲାରେ ମଧ୍ୟ ବିଦ୍ୟାଳୟ ଖୋଲିବ

**ଡାଇରିଆ ପାଇଁ ଯାଜପୁରରେ ୨୪ ଓ ଭଦ୍ରକରେ ୨୧ ଯାଏଁ ଛୁଟି**

**ପ୍ରଧାନମନ୍ତ୍ରୀଙ୍କ ଗସ୍ତ ପାଇଁ ଭୁବନେଶ୍ୱର ଓ କଟକରେ ସ୍କୁଲ୍ ବନ୍ଦ**

ନାହିଁ। ଯାଜପୁରରେ ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ ସମସ୍ତ ବିଦ୍ୟାଳୟକୁ ଛୁଟି ଘୋଷଣା କରିବା ସହ ଅଙ୍ଗନବାଡି କେନ୍ଦ୍ରଗୁଡ଼ିକୁ ମଧ୍ୟ ବନ୍ଦ ରଖିବାକୁ ଜିଲ୍ଲାପାଳ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଅନୁରୂପ ଭାବେ ଭଦ୍ରକ ଜିଲ୍ଲାରେ ▸ପୃଷ୍ଠା-୭






# ଘରେ ପଶି ଯୋଗ ଶିକ୍ଷୟିତ୍ରୀଙ୍କୁ ଦୁଷ୍କର୍ମ

## ଗୁରୁତର ଅବସ୍ଥାରେ ମେଡିକାଲରେ ଭର୍ତ୍ତି



■ **କେନ୍ଦ୍ରାପଡ଼ା/ଡେରାବିଶ, ୧୯।୬ (ସମିସ):** ଗତ ୪ ଦିନ ମଧ୍ୟରେ ଚାରିଟି ଦୁଷ୍କର୍ମ ରାଜ୍ୟରେ ଆଲୋଡ଼ନ ସୃଷ୍ଟି କରିଛି। ଗୋପାଳପୁର ଗଣଦୁଷ୍କର୍ମ ଜାତୀୟ ପ୍ରସଙ୍ଗରେ ପରିଣତ ହୋଇଛି। ଏହି ସମୟରେ କେନ୍ଦ୍ରାପଡ଼ରେ ଜଣେ ଯୋଗ ଶିକ୍ଷୟିତ୍ରୀଙ୍କୁ ଦୁଷ୍କର୍ମ ଘଟଣା ସାରା ଜିଲ୍ଲାରେ ହଇଚଇ ସୃଷ୍ଟି କରିଛି। ସମ୍ପୃକ୍ତ ଯୋଗ ଶିକ୍ଷୟିତ୍ରୀ ଏକାକୀ ଥିବାବେଳେ ଅଭିଯୁକ୍ତ କବାଟ ଭାଙ୍ଗି ଘରେ ପଶି ତାଙ୍କୁ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି। ଗୁରୁତର ଅବସ୍ଥାରେ ଶିକ୍ଷୟିତ୍ରୀଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସୂଚନା ଅନୁସାରେ ସମ୍ପୃକ୍ତ ଯୋଗ ଶିକ୍ଷୟିତ୍ରୀ ସ୍ଥାନୀୟ ଏକ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟ କରନ୍ତି। ସେ ମୁଣ୍ଡାଳ ଗାଁରେ ଏକ ଘର ଭଡ଼ା ନେଇ ରହୁଥିଲେ। ବୁଧବାର ମଧ୍ୟରାତ୍ରିରେ ଜଣେ ଯୁବକ ଘର ଭିତରକୁ ▸ପୃଷ୍ଠା-୭

# ମାମୁ ଘର ଗାଁ ପୋଖରୀରେ ବୁଡ଼ିଗଲେ ୨ ଭଉଣୀ

■ **ଭଦ୍ରକ/ବାସୁଦେବପୁର, ୧୯।୬ (ସମିସ):** ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ କିସ୍ମତ କୃଷ୍ଣପୁର ଗାଁରେ ନିଜ ମାମୁ ଘରକୁ ବୁଲି ଆସିଥିବା ୨ଶିଶୁ କନ୍ୟା ପୋଖରୀର ପଡି ମୃତ୍ୟୁବରଣ କରିଛନ୍ତି। ମୃତା ଦୁଇ ଭଉଣୀ ବାପା ଓ ମାଆଙ୍କ ସହିତ ମାମୁ ଘରକୁ ଆସିଥିବା ବେଳେ ଏହି ଅଘଟଣ ଘଟିଥିବା ଜଣାଯାଇଛି।

ସୂଚନାନୁଯାୟୀ, ଚାନ୍ଦବାଲି ବ୍ଲକ କରଣପଲ୍ଲୀ ପଞ୍ଚାୟତ ନାଳିଛକର ରତନ ମଣ୍ଡଳ ନିଜ ପତ୍ନୀ ସହିତ ୪ ବର୍ଷର କନ୍ୟା ନନ୍ଦିନୀ ଓ ୩ ବର୍ଷର କନ୍ୟା ଚାନ୍ଦିନୀକୁ ନେଇ ଶଶୁର ଘର କିସ୍ମତ କୃଷ୍ଣପୁରକୁ ବୁଲି ଆସିଥିଲେ। ରତନ ନିଜ ଶାଳକକୁ ଧରି କଟକ ମେଡିକାଲ ଯାଇଥିଲେ। ଦୁଇ ଭଉଣୀ ଅପରାହ୍ନରେ ଖେଳୁଥିବା ବେଳେ ପୋଖରୀରେ ପଡ଼ି ବୁଡ଼ି ଯାଇଥିଲେ। ମାଆ ସେମାନଙ୍କୁ ▸ପୃଷ୍ଠା-୭




ସକାଳ
THE SAKALA

# ସମ୍ପାଦକୀୟ



ପ୍ରତ୍ୟେକ ଯଥାର୍ଥ କଳାକୃତିରେ ଦିବ୍ୟ ଈଶ୍ୱରୀୟ ସତ୍ତାର ସ୍ପର୍ଶ ଦେଖିବାକୁ ମିଳିଥାଏ।
-ମାଇକେଲ୍ ଆଞ୍ଜେଲୋ

## ବ୍ୟୋମସଙ୍କଟ

ଭାରତର ପ୍ରମୁଖ ବ୍ୟୋମଯାନ ବା ଉଡ଼ାଜାହାଜ ସେବା ପ୍ରଦାନକାରୀ ସଂସ୍ଥା ଏୟାର ଇଣ୍ଡିଆ ଦୁର୍ଦ୍ଦିନ ଦେଇ ଗତି କରୁଛି। ଅହମ୍ମଦାବାଦ୍‌ରେ ଡ୍ରିମଲାଇନ୍‌ର ଏଆଇ୧୭୧ ବୋଇଂ ବିମାନର ମର୍ମନ୍ତୁଦ ଦୁର୍ଘଟଣା ପଛର ଅସଲ କାରଣ ଏ ପର୍ଯ୍ୟନ୍ତ ଜଣାପଡ଼ିନାହିଁ। ଅପରପକ୍ଷରେ ଏହି ଦୁର୍ଘଟଣା ପରଠାରୁ ଏୟାର ଇଣ୍ଡିଆର ଆନ୍ତର୍ଜାତିକ ବିମାନ ସେବା ବୈଷୟିକ ତ୍ରୁଟି କାରଣରୁ ବାତିଲ୍ ହୋଇଚାଲିଛି। ଗତ ସାତ ଦିନ ମଧ୍ୟରେ ୮୬ଟି ବିମାନ ଉଡ଼ାଣ ଶେଷମୁହୂର୍ତ୍ତରେ ବାତିଲ୍ ହେବା ଦ୍ୱାରା ଆନ୍ତର୍ଜାତିକ ସ୍ତରରେ ଭାରତୀୟ ବିମାନ ସେବାର ଭାବମୂର୍ତ୍ତି ଓ ଯାତ୍ରୀମାନଙ୍କର ଭରସା କ୍ଷୁଣ୍ଣ ହେଉଛି। ବିମାନଯାତ୍ରୀ ମଧ୍ୟ ଏୟାର ଇଣ୍ଡିଆର ଯାତ୍ରୀ ସୁବିଧା ସେବା(କଷ୍ଟମର କେୟାର)ର ମାନ ଦିନକୁ ଦିନ ନିମ୍ନମୁଖୀ ହେଉଥିବା ଅଭିଯୋଗ କରୁଛନ୍ତି। ଏହି ପୃଷ୍ଠଭୂମିରେ ଭାରତର ଏହି ସର୍ବବୃହତ୍ ବିମାନସେବା ସଂସ୍ଥା ତା'ର ଆନ୍ତର୍ଜାତିକ ଉଡ଼ାଣରେ ୧୫% ହ୍ରାସ କରିବାକୁ ଘୋଷଣା କରିଛି। ଏହାପଛର ଆଭ୍ୟନ୍ତରୀଣ କାରଣ ଜଣାପଡ଼ିନାହିଁ; କିନ୍ତୁ ଡ୍ରିମ୍‌ଲାଇନର ଦୁର୍ଘଟଣା ପରେ ଯାତ୍ରୀ ସୁରକ୍ଷା ସୁନିଶ୍ଚିତ କରିବା ଏବଂ ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଘନଘଟା ଯୋଗୁଁ ଏଭଳି ନିଷ୍ପତ୍ତି ନିଆଯାଇଥିବା ସଂସ୍ଥା ପକ୍ଷରୁ ସ୍ପଷ୍ଟୀକରଣ ଦିଆଯାଇଛି। ଇତିମଧ୍ୟରେ ଏୟାର ଇଣ୍ଡିଆ ମାଲିକାନାରେ ଥିବା ୩୩ଟି ବୋଇଂ ୭୮୭ ବିମାନ ମଧ୍ୟରୁ ୨୬ଟିର ସୁରକ୍ଷା ଯାଞ୍ଚ ସରିଥିବା ବେଳେ ବୋଇଂ ୭୭୭ର ଯାଞ୍ଚ କାର୍ଯ୍ୟ ଆରମ୍ଭ ହେବାକୁ ଯାଉଥିବା କମ୍ପାନୀ ସୂଚନା ଦେଇଛି।

ପରିଚାଳନାରେ ଅପାରଗତା କାରଣରୁ ବଢ଼ିଚାଲିଥିବା କ୍ଷତି ପରିମାଣ ୭୦ ହଜାର କୋଟି ଟଙ୍କା ଟପିବା ପରେ ଏହି ରାଷ୍ଟ୍ରାୟତ୍ତ ଉଦ୍ୟୋଗକୁ ଘରୋଇକରଣ କରିବା ପାଇଁ ସରକାର ନିଷ୍ପତ୍ତି ନେଲେ ଏବଂ ୨୦୨୨, ଜାନୁଆରୀ ୨୭ରେ ଏହାର ମାଲିକାନା ପୁନର୍ବାର ଟାଟା ହାତକୁ ଗଲା। ସେବା ଓ ଉତ୍ପାଦ ଗୁଣବତ୍ତାରେ ସାଲିସ୍ କରୁନଥିବା ଏବଂ ଗ୍ରାହକ ଭରସାଯୋଗ୍ୟ ସଂସ୍ଥା ଭାବରେ ଆନ୍ତର୍ଜାତିକ ସ୍ତରରେ ଖ୍ୟାତି ଅର୍ଜନ କରିଥିବା ଟାଟା ଗ୍ରୁପ୍ ଅଧୀନକୁ ଯିବା ପରେ ଏୟାର ଇଣ୍ଡିଆର ଦୁରବସ୍ଥାରେ ସୁଧାର ଆସିବ ବୋଲି ଆଶା କରାଯାଉଥିଲା। ଆଶାନୁରୂପ ପାଖାପାଖି ଗତ ତିନିବର୍ଷ ଭିତରେ ଏୟାର ଇଣ୍ଡିଆର ରାଜସ୍ୱରେ ୨୫% ବୃଦ୍ଧି ଘଟିଥିବା ବେଳେ କ୍ଷତି ପରିମାଣ ୫୦% ଯାଏଁ ହ୍ରାସ ପାଇଛି। ବଜାର ଅଂଶରେ ମଧ୍ୟ ୯.୭%କୁ ବୃଦ୍ଧି ଘଟିଛି। କିନ୍ତୁ ବ୍ୟବସାୟିକ ଲାଭ-କ୍ଷତିରୁ ଊର୍ଦ୍ଧ୍ୱରେ ତର୍ଜମା କଲେ ସମ୍ପ୍ରତି ଏୟାର ଇଣ୍ଡିଆର ଯାତ୍ରୀ ସେବା ମାନରେ ଯେଉଁଭଳି ଅବକ୍ଷୟ ପରିଲକ୍ଷିତ ହେଉଛି ଏବଂ ଅଭିଯୋଗମାନ ଆସୁଛି ତାହା ସାମଗ୍ରିକ ଭାବେ ଟାଟାର ନୈତିକତା ପ୍ରତି ଏକ ଆହ୍ୱାନ ସୃଷ୍ଟି କରିଛି। ଏପରିକି ଟାଟା ହାତକୁ ଯିବା ପରେ ଯାତ୍ରୀ ଅଭିଯୋଗମାନ ବଢ଼ିବାରେ ଲାଗିଛି। କେନ୍ଦ୍ର କୃଷି ମନ୍ତ୍ରୀ ଶିବରାଜ ସିଂହ ଚୌହ୍ୱାନ ଏକ ଭଙ୍ଗା ଚୌକିରେ ବସି ଯାତ୍ରା କରିବା ଭଳି ଘଟଣାରୁ ଆରମ୍ଭ କରି, ବାତାନୁକୂଳିତ ବ୍ୟବସ୍ଥା କାମ ନ କରିବା, ଟିଭି ନ ଚାଲିବା ଏବଂ ଯାତ୍ରୀମାନଙ୍କ ପ୍ରତି ପରିଚାରିକାମାନେ ସେତେଟା ଦୃଷ୍ଟି ନ ଦେବା ଆଦି ଅତିନିମ୍ନସ୍ତରର ଅଭିଯୋଗମାନ ଏକ ଆନ୍ତର୍ଜାତିକ ସଂସ୍ଥାର ଭାବମୂର୍ତ୍ତି ସହିତ ଯୋଡ଼ି ହୋଇଯିବା ଶୁଭଙ୍କର ନୁହେଁ। ଏହାଛଡ଼ା ୨୦୨୪ରେ ବୈଷୟିକ ତ୍ରୁଟି(ହାଇଡ୍ରାଲିକ୍ ଫେଲ୍ୟୁର) ପାଇଁ ଦିଲ୍ଲୀ-ସାନ୍‌ଫ୍ରାନ୍‌ସିସ୍‌କୋ ବିମାନ ଅଧାଆକାଶରୁ ଫେରିବା, ଟଏଲେଟ୍ ଜାମ କାରଣରୁ ଚିକାଗୋରୁ ଦିଲ୍ଲୀ ଅଭିମୁଖେ ଆସୁଥିବା ବିମାନ ପୁଣି ଲେଉଟିବା, ଗତ ଜାନୁଆରୀ ୫ ତାରିଖରେ ବେଙ୍ଗାଲୁରୁରୁ ଦିଲ୍ଲୀ ଅଭିମୁଖେ ଯାଉଥିବା ବିମାନର ଇଞ୍ଜିନ କାମ ନ କରିବାରୁ ମଧ୍ୟାକାଶରୁ ବାହୁଡ଼ାଇ ଆଣିବା, ସମୟାନୁବର୍ତ୍ତିତାରେ କ୍ରମାଗତ ଅବହେଳା ଭଳି ଘଟଣାରେ ଟାଟାର ପରିଚାଳନା ଦକ୍ଷତାର ସୁନାମ ଉପରେ ସ୍ୱାଭାବିକ ଭାବେ ପ୍ରଶ୍ନ ଉଠିଛି। ପରିସ୍ଥିତି ଏପରି ହୋଇଛି ଯେ ଟାଟା କମ୍ପାନୀ ଯାହା କିଛି ସୁନାମ ଅର୍ଜନ କରିଥିଲା, କେବଳ ଏୟାର ଇଣ୍ଡିଆ ତାହାକୁ ବୁଡ଼ାଇ ଦେବା ପାଇଁ ଯଥେଷ୍ଟ ବୋଲି ମତ ପ୍ରକାଶ ପାଇଛି। ଏପରିକି ଏବେ ଏହାର ଘରୋଇକରଣ ପ୍ରତି ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ନିକଟରେ ସେଥିରେ ଡ୍ରିମ୍‌ଲାଇନର ଦୁର୍ଘଟଣା ଭଳି ଅପବାଦ ଯୋଡ଼ି ହୋଇଯାଇଛି। ବିମାନ ଉଡ଼ାଣ ବାତିଲ୍ ହେଲେ କେବଳ ଟାଟା କିମ୍ବା ଏୟାର ଇଣ୍ଡିଆର ଅର୍ଥନୈତିକ କ୍ଷତି ହେଉନାହିଁ, ଏହାର ପ୍ରତିକୂଳ ପ୍ରଭାବ ଯାତ୍ରୀଙ୍କ ବ୍ୟବସାୟ, ଲାଭ-କ୍ଷତି, ସମୟ ଉପରେ ମଧ୍ୟ ପଡ଼ୁଛି। ସର୍ବୋପରି ଦେଶର ଅର୍ଥନୀତି ଓ ବାଣିଜ୍ୟିକ ପ୍ରତିଷ୍ଠା ମଧ୍ୟ ପ୍ରଭାବିତ ହେଉଛି।

ଏୟାର ଇଣ୍ଡିଆର ପରିଚାଳନା ଆଗରେ ଏବେ ବହିଃସମସ୍ୟା ତୁଳନାରେ ଆଭ୍ୟନ୍ତରୀଣ ଆହ୍ୱାନ ଅଧିକ। ସଂସ୍ଥା ଅଧୀନରେ ଥିବା ଅଧିକାଂଶ ବିମାନ ପୁରୁଣା ହୋଇଯାଇଥିବା ବେଳେ ପାଇଲଟ୍, କ୍ୟାବିନ୍ କ୍ରୁ, ବୈଷୟିକ ଅଧିକାରୀ ଓ କର୍ମଚାରୀମାନଙ୍କୁ ଆଧୁନିକ ଓ ସମୟୋପଯୋଗୀ ବୈଷୟିକ ଜ୍ଞାନକୌଶଳ ତାଲିମ୍ ଦିଆଯାଉନାହିଁ। ଏହାଛଡ଼ା ରାଷ୍ଟ୍ରାୟତ୍ତ ଉଦ୍ୟୋଗରୁ ଘରୋଇ ଉଦ୍ୟୋଗ ହାତକୁ ପରିଚାଳନା ଆସିଥିବାରୁ ଅଦରକାରୀ ଓ ଅନୁପଯୋଗୀ କର୍ମଚାରୀଙ୍କୁ ହଠାତ୍ ଛଟେଇ କରିବା ସମ୍ଭବ ନୁହେଁ। ତେଣୁ ଉଭୟ ଆଭ୍ୟନ୍ତରୀଣ ଓ ବାହ୍ୟ ସମସ୍ୟା ସହିତ ସଂଘର୍ଷ କରୁଥିବା ଏୟାର ଇଣ୍ଡିଆ ଆଗକୁ ଆହୁରି ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିପାରେ। କିନ୍ତୁ ସବୁଠାରୁ ବଡ଼ କଥା ହେଉଛି ଥରେ ଗ୍ରାହକ ଭରସା ତୁଟିଲେ ତାହା ଫେରିପାଇବା ଏତେ ସହଜ ନୁହେଁ। ବିଶେଷକରି ଆନ୍ତର୍ଜାତିକ ସେବା ପ୍ରଦାନକାରୀ ସଂସ୍ଥା ଭାବରେ ଗ୍ରାହକ ସନ୍ତୁଷ୍ଟିକୁ ଅଗ୍ରାଧିକାର ଦିଆଯିବାର ଯେଉଁ ଉତ୍ତରଦାୟିତ୍ୱ ରହିଛି, ସେଥିପ୍ରତି ଟାଟା ଏୟାର ଇଣ୍ଡିଆ କାହିଁକି ଅଗ୍ରାଧିକାର ଦେଉ ନାହିଁ, ତାହା ବୁଝାପଡୁନାହିଁ।

ଏୟାର ଇଣ୍ଡିଆ କେବଳ ଏକ ଗମନାଗମନ କିମ୍ବା ପରିବହନକାରୀ ସଂସ୍ଥା ନୁହେଁ। ଏହି ବ୍ୟବସାୟିକ ଲକ୍ଷ୍ୟରୁ ଊର୍ଦ୍ଧ୍ୱରେ ଏଥିସହିତ ଯୋଡ଼ି ହୋଇଯାଇଛି ଭାରତୀୟତାର ଗର୍ବ ଓ ପ୍ରତୀକ। ତେଣୁ ଦୀର୍ଘକାଳୀନ ଭିତ୍ତିରେ ଯାତ୍ରୀଙ୍କ ସୁରକ୍ଷା ନିଶ୍ଚିତ କରିବା ଓ ଭରସା ଫେରିପାଇବା ସହିତ ଟାଟାର ସୁନାମକୁ ଏଥିସହିତ ସବୁଦିନ ପାଇଁ ଯୋଡ଼ି ଦେବା ଲକ୍ଷ୍ୟରେ ଏୟାର ଇଣ୍ଡିଆ ବିମାନ ସେବାରେ ସାମୟିକ ବାତିଲ୍ ନିଷ୍ପତ୍ତି ଯଦି ହୋଇଥାଏ, ତେବେ ତାହା ସ୍ୱାଗତଯୋଗ୍ୟ। କାରଣ ଯାତ୍ରା ବିଳମ୍ବ କିମ୍ବା ବାତିଲ୍ ହେଉ ପଛକେ ସୁରକ୍ଷିତ ଯାତ୍ରା ସମସ୍ତଙ୍କ କାମ୍ୟ। ଏବେ ମଧ୍ୟ ଭାରତୀୟ ଅର୍ନ୍ତଜାତୀୟ ଉଡ଼ାଣ ପଥର ଏକଚାଟିଆ ମାଲିକାନା ଏୟାର ଇଣ୍ଡିଆ ହାତରେ ରହିଛି। କେବଳ ପରିଚାଳନାରେ ସୁଧାର, ଶୃଙ୍ଖଳା ଓ ସେବା ପ୍ରତି ଅଙ୍ଗୀକାରବଦ୍ଧତା ବଜାୟ ରହିଲେ ଏହି ସଂସ୍ଥା ସଙ୍କଟରୁ ମୁକୁଳି ବିଶ୍ୱ-ବ୍ୟୋମସେବାରେ ସିଂହଭାଗ ଦଖଲ କରିବାରେ ବିଶେଷ କଷ୍ଟ ହେବ ନାହିଁ। ●

# ମାନବର ସେବା ଓ ଅଙ୍ଗୀକାରବଦ୍ଧତା

**ମନୋରଞ୍ଜନ ମହାନ୍ତି**

ଜାତୀୟ ସ୍ତରର ସିଭିଲ୍ ସର୍ଭିସ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା କେହି କେହି କହୁଛନ୍ତି, 'ଆମେ ଗୋଟେ ମର୍ଯ୍ୟାଦାଜନକ ଇଂଜିନିୟରିଂ ଶିକ୍ଷା ଅନୁଷ୍ଠାନରୁ ପାସ୍ କଲାପରେ ବଡ଼ ସରକାରୀ ଇଂଜିନିୟରିଂ ସଂସ୍ଥାରେ ଚାକିରି କରୁଥିଲୁ। ତା'କୁ ଛାଡ଼ିଦେଲୁ। ପ୍ରାଦେଶିକ ସିଭିଲ୍ ସର୍ଭିସ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲୁ, କିନ୍ତୁ ସେଥିରେ ଯୋଗଦେଲୁ ନାହିଁ। ଏବେ ଜାତୀୟ ସିଭିଲ୍ ସର୍ଭିସ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛୁ, ଏଥିରେ ଯୋଗଦେବୁ, ଲୋକଙ୍କ ସେବା କରିବୁ।' ତେବେ ସେମାନେ ଯେ ଲୋକଙ୍କ ସେବା କରିବେ, ଏହାର ସତ୍ୟତା ଆମେ ଏବେ ତାଙ୍କ କଥାରୁ ଜାଣିପାରିବା ନାହିଁ, ଭବିଷ୍ୟତରେ ତାଙ୍କ କାମରୁ ଜାଣିବା। କିନ୍ତୁ ଗୋଟିଏ କଥା ସ୍ପଷ୍ଟ ଯେ, ସେମାନେ ଉଚ୍ଚତର ପଦରେ ବସିବାକୁ, ଅଧିକତର କ୍ଷମତା ଭୋଗ କରିବାକୁ ଭାରି ଇଚ୍ଛୁକ।

ପୃଥିବୀରେ ଯେଉଁମାନେ ଭିନ୍ନଭିନ୍ନ କ୍ଷେତ୍ରରେ ରହି ମାନବଜାତିର ସେବା କରିଛନ୍ତି ବା କରୁଛନ୍ତି, ସେମାନଙ୍କ କର୍ମରେ ତାହା ପ୍ରତିଫଳିତ ହୋଇଥାଏ, କଥାରେ ନୁହେଁ। ଆମେରିକାର ନର୍ଥ୍ କ୍ୟାରୋଲିନାରେ ଏକ କୃଷକ ପରିବାରରେ ଜନ୍ମ ହୋଇଥିବା ବିଲି ଗ୍ରାହାମ୍‌ଙ୍କର ଦେହାନ୍ତ ହେଲା ୨୦୧୮ ମସିହାରେ ୯୯ବର୍ଷ ବୟସରେ। ତାଙ୍କର ସମଗ୍ର ଜୀବନ ଲୋକମାନଙ୍କୁ ଧର୍ମତତ୍ତ୍ୱ ବୁଝାଇବାରେ ଏବଂ ଦେହାନ୍ତ ହେବାର କିଛିବର୍ଷ ପୂର୍ବରୁ ପ୍ରୋଷ୍ଟେଟ୍ କ୍ୟାନ୍‌ସର୍, ହାଇଡ୍ରୋସେଫାଲସ୍ (ମସ୍ତିଷ୍କରେ ତରଳ ପଦାର୍ଥ ଜମାଟ ବାନ୍ଧିବା), ପାର୍କିନ୍‌ସନ୍ ରୋଗ ଇତ୍ୟାଦି ବିରୋଧରେ ସଂଗ୍ରାମ କରିବାରେ ଅତିବାହିତ ହୋଇଥିଲା। ଆତ୍ମଚରିତରେ ସେ ଲେଖିଛନ୍ତି, 'ଈଶ୍ୱର ମହତ ଉଦ୍ଦେଶ୍ୟରେ ମଣିଷକୁ ସୃଷ୍ଟି କରନ୍ତି, ମଣିଷ ମହତ କର୍ମ କଲେ ଈଶ୍ୱର ପ୍ରୀତ ହୁଅନ୍ତି। ମୁଁ ଜାଣେ ନାହିଁ ଈଶ୍ୱର ମୋ ଭଳି ଜଣେ କୃଷକ-ସନ୍ତାନ ଉପରେ ଧର୍ମତତ୍ତ୍ୱ ବୁଝାଇବାର ଦାୟିତ୍ୱ କାହିଁକି ନ୍ୟସ୍ତ କଲେ? ଯା'ର ଉତ୍ତର କେବଳ ତାଙ୍କୁ ହିଁ ଜଣା।' ଇଂଲଣ୍ଡର ବୈଜ୍ଞାନିକ ଷ୍ଟିଫେନ୍ ହକିଙ୍ଗ୍ ୨୧ବର୍ଷ ବୟସରେ 'ଆମିଓଟ୍ରଫିକ୍ ଲ୍ୟାଟେରାଲ୍ ସ୍କେଲରୋସିସ୍' ରୋଗାକ୍ରାନ୍ତ ହୋଇ ପକ୍ଷାଘାତ-ପୀଡ଼ିତ ହେଲେ। କିନ୍ତୁ ଆହୁରି ୫୫ବର୍ଷ ବଞ୍ଚିରହି ବିଜ୍ଞାନରେ ଗବେଷଣା ଜାରି ରଖିଲେ ଏବଂ ମହାଶୂନ୍ୟ, ସମୟ, ବ୍ଲାକ୍ ହୋଲ୍ ବା କୃଷ୍ଣଗର୍ତ୍ତର ରହସ୍ୟକୁ ଆଧାର କରି 'ଏ ବ୍ରିଫ୍ ହିଷ୍ଟ୍ରି ଅଫ୍ ଟାଇମ୍' ଶୀର୍ଷକ ବହିଟିଏ ଲେଖିଲେ, ଯାହା ତାଙ୍କୁ ଆଇନ୍‌ଷ୍ଟାଇନ୍‌ଙ୍କ ପରବର୍ତ୍ତୀ ସମୟରେ ଶ୍ରେଷ୍ଠ ବୈଜ୍ଞାନିକର ମାନ୍ୟତା ଦେଲା। ଆମେରିକାର ଯୋଗ-ଶିକ୍ଷକ, ଅଧ୍ୟାପକ, ଲେଖକ ଏଡ୍ଡି ଷ୍ଟର୍ଣ୍ଣ ୩୦ବର୍ଷ ହେଲା ଅଷ୍ଟାଙ୍ଗ ଯୋଗ ସାଧନା କରୁଛନ୍ତି। ୧୯୮୭ ମସିହାରେ ଯୋଗ ଶିକ୍ଷା ତାଲିମ୍ ନେବା ପାଇଁ କେରଳକୁ ଆସିଥିଲେ। ତା'ପରେ ମହୀଶୂର ଆଶ୍ରମରେ ଅଷ୍ଟାଙ୍ଗ ଯୋଗ ଶିକ୍ଷା କଲେ। ବହିଟିଏ ଲେଖିଲେ 'ୱାନ୍ ସିମ୍ପଲ୍ ଥିଙ୍ଗ୍ : ଏ ନିଉ ଲୁକ୍ ଆଟ୍ ଦି ସାଇନ୍ସ ଅଫ୍ ଯୋଗ ଆଣ୍ଡ ହାଓ ଇଟ୍ କ୍ୟାନ୍ ଟ୍ରାନ୍ସଫର୍ମ ଇଓର୍ ଲାଇଫ୍'। ଏଥିରେ ବିଜ୍ଞାନ ଓ ଅଧ୍ୟାତ୍ମର ସମନ୍ୱୟ ସ୍ଥାପନ କଲେ। ନିଉୟର୍କ୍‌ରେ ସେ ଶ୍ରୀଗଣେଶଙ୍କ ମନ୍ଦିର ପ୍ରତିଷ୍ଠା କରିଛନ୍ତି, ବେଦ ଉପନିଷଦର ଶ୍ଳୋକଗୁଡ଼ିକୁ ପ୍ରାଞ୍ଜଳ ଭାବରେ ଆବୃତ୍ତି କରିପାରୁଛନ୍ତି। ମାଡୋନ୍ନା, ଗ୍ୱିନେଥ୍ ପାଲ୍‌ଟ୍ରୋ, କ୍ରିସ୍ ମାର୍ଟିନ୍, ୱିଲେମ୍ ଡାଫୋଙ୍କ ଭଳି ସେଲିବ୍ରିଟିମାନଙ୍କୁ ଯୋଗ ଶିକ୍ଷା ଦେଇଛନ୍ତି। ତାଙ୍କ ମତରେ ଅଷ୍ଟାଙ୍ଗ ଯୋଗ ସାଧନ ଦ୍ୱାରା ଶାନ୍ତ, ଶୃଙ୍ଖଳିତ ଜୀବନଟିଏ ବଞ୍ଚିହେବ।

ମାଇକେଲ୍ ଆଞ୍ଜେଲୋ ୧୪୯୮ ମସିହାରେ ମେରୀ, ଯୀଶୁଙ୍କୁ ଆଧାର କରି 'ପିଏଟା' କଳାକୃତି ନିର୍ମାଣ ଆରମ୍ଭ କଲେ ଓ ୧୫୦୦ ମସିହାରେ ଶେଷ କଲେ, ଯାହା ରୋମ୍‌ର ସେଣ୍ଟ ପିଟର୍ସ ବାସିଲିକାରେ ସ୍ଥାପିତ ହେଲା। ଏବେ ବି ପ୍ରତିବର୍ଷ ୭୦ଲକ୍ଷ ପର୍ଯ୍ୟଟକ 'ପିଏଟା'କୁ ଦେଖିବା ପାଇଁ ରୋମ୍‌କୁ ଆସୁଛନ୍ତି ଓ ଶହଶହ ବର୍ଷ ପରେ ମଧ୍ୟ ରେନେସାଁ କଳାକୃତିର ଉତ୍କୃଷ୍ଟ ନିଦର୍ଶନ ହୋଇ ତାହା ରହିଛି। ୧୯୭୩ ମସିହାରେ ପାବ୍‌ଲୋ ପିକାଶୋଙ୍କ ଦେହାନ୍ତ ବେଳକୁ ୪୫, ୦୦୦ କଳାକୃତି ସେ ସର୍ଜନା କରିସାରିଥିଲେ, ଯାହା ତାଙ୍କ ଜନ୍ମସ୍ଥାନ ମାଲାଗାରେ ପ୍ରତିଷ୍ଠିତ 'ମ୍ୟୁଜିଓ ପିକାଶୋ' ନାମକ ସଂଗ୍ରହାଳୟରେ ସୁରକ୍ଷିତ ହୋଇ ରହିଛି। ତାଙ୍କର ସର୍ବଶ୍ରେଷ୍ଠ କଳାକୃତି ହେଉଛି 'ଗୁଏର୍‌ନିକା', ଯାହା ସମ୍ପର୍କରେ ତାଙ୍କ ନାତି ବର୍ଣ୍ଣାଡ୍‌ର୍ ରୁଇଜ୍ କହନ୍ତି, 'ଯେତେବେଳେ ମୁଁ ମାଦ୍ରିଦ୍‌କୁ ଯାଏ, ସେହି ଚିତ୍ର ସମ୍ମୁଖରେ ଠିଆ ହୁଏ, ମୁଁ ଭାବପ୍ରବଣ ହୋଇଯାଏ, କାନ୍ଦେ, କାରଣ ବିଂଶ ଶତାବ୍ଦୀ ଓ ମଣିଷ-ପ୍ରକୃତିର ଭୟାନକ ବାସ୍ତବତାର ପ୍ରତିନିଧିତ୍ୱ କରୁଛି ସେହି ଚିତ୍ରଟି। ମଣିଷର ଅବସ୍ଥା ଓ ମଣିଷମାନେ ପରସ୍ପର ବିରୋଧରେ କ'ଣ କରିପାରନ୍ତି, ସେଥିରେ ରୂପାୟିତ ହୋଇଛି।'

ଓଡ଼ିଶାର ଗୋଟେ ଆଦିବାସୀ ପରିବାରର ସନ୍ତାନ ପ୍ରଦ୍ୟୁମ୍ନ କୁମାର ମହାନନ୍ଦିଆ ସାଇକେଲ୍ ଯାତ୍ରାରେ ସ୍ୱିଡେନ୍ ଯାଇ ଚିତ୍ରଶିଳ୍ପୀ ଭାବରେ ଖ୍ୟାତି ଅର୍ଜନ କରି ସ୍ୱିଡେନ୍ ସରକାରଙ୍କ କଳା, ସଂସ୍କୃତି ବିଭାଗର ପରାମର୍ଶଦାତା ଭାବରେ କାର୍ଯ୍ୟ ନିର୍ବାହ କରିଛନ୍ତି। ଭାରତୀୟ ଶାସ୍ତ୍ରୀୟ ସଙ୍ଗୀତର ପିତାମହ ପଣ୍ଡିତ ଯଶରାଜ୍‌ଙ୍କ ନାମରେ ଆମେରିକା ଗୋଟେ ଗ୍ରହର ନାମକରଣ କରିଛି, ଯେଉଁ ଗ୍ରହର ଅବସ୍ଥିତି ମଙ୍ଗଳ ଓ ବୃହସ୍ପତି ମଝିରେ। ୯୦ବର୍ଷ ବୟସରେ ଦେହତ୍ୟାଗ କରିଥିବା ଯଶରାଜ୍ ଏକ ସାକ୍ଷାତକାରରେ କହିଥିଲେ, 'ସଙ୍ଗୀତ ସହିତ ମୋର ସମ୍ବନ୍ଧ ଅନେକ ଜନ୍ମର। ମୁଁ ସବୁବେଳେ ନିଜକୁ ଛାତ୍ର ଭଳି ଅନୁଭବ କରେ, ଅଧିକରୁ ଅଧିକ ଶିକ୍ଷା କରିବାର ଭୋକ ମତେ ହୁଏ।' ଯେଉଁଥିପାଇଁ ଆଜୀବନ ଦୈନିକ ୧୪ଘଣ୍ଟା ସେ ସଙ୍ଗୀତ-ଅଭ୍ୟାସ (ରିଆଜ୍) କରୁଥିଲେ। ୧୯୮୭ ଏପ୍ରିଲ୍ ମାସରେ ଲକ୍ଷ୍ନୌର ସଂକଟମୋଚନ ହନୁମାନ ମନ୍ଦିରରେ ହନୁମାନ ଜୟନ୍ତୀ ଉପଲକ୍ଷେ ତୁଳସୀ ଦାସଙ୍କ 'ବିନୟ ପତ୍ରିକା'ର କେତୋଟି ଧାଡ଼ିକୁ ତୋଡ଼ି ରାଗରେ ଗାନ କରୁଥିଲେ ଯଶରାଜ୍। ଶ୍ରୋତାମାନେ ଶୁଣୁଥିଲେ ଭାବବିହ୍ୱଳ ହୋଇ। ଏହି ସମୟରେ ହରିଣଟିଏ କେଉଁଠାରୁ ଆସି ଷ୍ଟେଜ୍ ନିକଟରେ ମନ୍ତ୍ରମୁଗ୍ଧ ହୋଇ ଠିଆ ହେଲା। ଯଶରାଜ ତାକୁ ଚାହିଁଲେ, ହସିଲେ, ହାତ ଯୋଡ଼ିଲେ, 'ଜୟ ହୋ' କହିଲେ। ହିନ୍ଦୁସ୍ଥାନୀ ସଙ୍ଗୀତର ଶକ୍ତି, ଯଶରାଜ୍‌ଙ୍କ ଗାୟନ ଶୈଳୀ ଗୋଟିଏ ହରିଣକୁ ଟାଣିଆଣିପାରିଲା। ମୋଗଲ ଯୁଗରେ ତାନ୍‌ସେନ୍ ଗୀତ ଗାଉଥିଲା ବେଳେ ଆକବରଙ୍କ ଦରବାରକୁ ପଶୁପକ୍ଷୀମାନେ ଚାଲିଆସୁଥିଲେ।

ଇନ୍‌ଫୋସିସ୍ କମ୍ପାନୀର ପ୍ରତିଷ୍ଠା ଦିବସ ୧୯୮୧ ମସିହା ଜୁଲାଇ ୭ ତାରିଖ। ଠିକ୍ ସେହି ଦିନ କ୍ରିକେଟର୍ ମହେନ୍ଦ୍ର ସିଂହ ଧୋନିଙ୍କ ଜନ୍ମଦିନ। ଇନ୍‌ଫୋସିସ୍ ଲିମିଟେଡ୍ ଏମିରେଟସ୍‌ର ପ୍ରତିଷ୍ଠାତା ଅଧ୍ୟକ୍ଷ ଏନ୍. ଆର୍.ନାରାୟଣ ମୂର୍ତ୍ତି ତାଙ୍କର ଏକ ଲେଖା 'ଲାଇଫ୍ ଲେସନ୍ସ ଫ୍ରମ୍ ଧୋନି'ରେ ଲେଖିଛନ୍ତି, ଧୋନି ହେଉଛନ୍ତି ଭାରତର ସର୍ବାଧିକ ସଫଳ କ୍ରିକେଟ୍ କ୍ୟାପ୍‌ଟେନ୍, ଶ୍ରେଷ୍ଠ ୱିକେଟ୍‌କିପର୍, ଦକ୍ଷ ବ୍ୟାଟ୍ସମ୍ୟାନ୍ ଯାହାଙ୍କର କ୍ରିକେଟ୍ ମ୍ୟାଚ୍‌ଗୁଡ଼ିକୁ ଦେଖି ତାଙ୍କର ବିପୁଳ ଦୃଷ୍ଟି, ପରିପୂର୍ଣ୍ଣ ଓ ଗୁଣାତ୍ମକ ନେତୃତ୍ୱ, ଉତ୍କର୍ଷ ପ୍ରତି ପ୍ରତିଶ୍ରୁତିବଦ୍ଧତା, ସହକର୍ମୀମାନଙ୍କ ଭିତରେ ଆଶା, ଆକାଂକ୍ଷା, ଉତ୍ସାହ, ବିଶ୍ୱାସ, ସ୍ୱାଭିମାନ ଜାଗ୍ରତ କରିବାର ସାମର୍ଥ୍ୟରୁ କର୍ପୋରେଟ୍-ଜଗତ ସହିତ ସଂପୃକ୍ତ ଆମେ ସମସ୍ତେ ଅନେକ ମହତ ଶିକ୍ଷା ଲାଭ କରିପାରିବା।' ଏପରିକି କିମ୍ବଦନ୍ତୀ ବ୍ୟାଟ୍ସମ୍ୟାନ୍ ସୁନିଲ୍ ଗାଭାସ୍କର୍ କହନ୍ତି, '୨୦୧୧ ବିଶ୍ୱକପ୍ ଫାଇନାଲ୍‌ରେ ଧୋନିଙ୍କର ବ୍ୟାଟିଂ ଦୃଶ୍ୟକୁ ମୋ ଜୀବନର ଶେଷ କେତୋଟି ମୁହୂର୍ତ୍ତରେ ପୁନର୍ବାର ଦେଖି ମୁଁ ଆନନ୍ଦରେ ସଂସାରରୁ ବିଦାୟ ନେବାକୁ ଚାହେଁ।'

ଉପରୋକ୍ତ କିଛି ବ୍ୟକ୍ତିଙ୍କ ଉଦାହରଣ ଦେବାର ଉଦ୍ଦେଶ୍ୟ ହେଉଛି, ସେମାନେ ଅଧ୍ୟାତ୍ମ, ବିଜ୍ଞାନ, ଯୋଗସାଧନ, ଚିତ୍ରକଳା, ସଙ୍ଗୀତ, କ୍ରୀଡ଼ା ଇତ୍ୟାଦି କ୍ଷେତ୍ରରେ ଦକ୍ଷତା ପ୍ରକଟ କରି ମାନବ-ଜାତିର ସେବା କରିବାକୁ ସମର୍ଥ ହୋଇଛନ୍ତି। ଯେଉଁମାନେ ଜାତୀୟ ସ୍ତରର ସିଭିଲ୍ ସର୍ଭିସ୍ ପଦରେ ରହି ଲୋକଙ୍କ ସେବା କରିବେ ବୋଲି କହୁଛନ୍ତି ସେମାନଙ୍କୁ ଦକ୍ଷ ହେବାକୁ ପଡ଼ିବ, ଦକ୍ଷତା ଅର୍ଜନ ପାଇଁ ପଦ, କ୍ଷମତାର ଅମଲାତାନ୍ତ୍ରିକ ଅହଂକାରରୁ ମୁକ୍ତ ଏବଂ ଲୋକସାଧାରଣଙ୍କ ସହିତ ଯୁକ୍ତ ହେବାକୁ ପଡ଼ିବ। ବୁଦ୍ଧଦେବ ଦେହ ତ୍ୟାଗ କରିବା ପୂର୍ବରୁ ଶିଷ୍ୟମାନେ ତାଙ୍କୁ ଅନ୍ତିମ ଉପଦେଶ ଦେବାକୁ ନିବେଦନ କରିବାରୁ ବୁଦ୍ଧ ଗୋଟିଏ ଜଳପାତ୍ରକୁ ଓଲଟାଇ ରଖିଦେଲେ, ଯାହାର ପ୍ରତୀକାତ୍ମକ ଅର୍ଥ ହେଉଛି, ପାତ୍ରଟି ଜଳଶୂନ୍ୟ ହେଲା ଭଳି ତୁମେ ଅହଂଶୂନ୍ୟ ହୁଅ। ପରବର୍ତ୍ତୀ ସମୟରେ ଓଲଟିପଡ଼ିଥିବା ପାତ୍ର ଆକାରରେ ବୌଦ୍ଧସ୍ତୁପଗୁଡ଼ିକ ନିର୍ମିତ ହୋଇଛି, ଯାହା ଆମକୁ ଅହଂଶୂନ୍ୟତାର ଆହ୍ୱାନ ଦେଉଛି। ଅହଂକାରରୁ ମୁକ୍ତ ମଣିଷ ଯେକୌଣସି ମହତ କ୍ଷେତ୍ରରେ କାର୍ଯ୍ୟ କରି ମାନବଜାତିର ସେବକ ହୋଇପାରିବ; ଏହା ସତ୍ୟ। ●

(ଅବସରପ୍ରାପ୍ତ ଇଂରାଜୀ ଅଧ୍ୟାପକ)
ଧର୍ମଶାଳା(ଯାଜପୁର),
ମୋ: ୯୮୫୩୨୮୨୯୭୨

# ଶୁଭକାମନା

**ଡ. ଶକୁନ୍ତଳା ବଳିଆରସିଂହ**



ଭାରତର ରାଷ୍ଟ୍ରପତିଙ୍କ ଜନ୍ମଦିବସ ଉପଲକ୍ଷେ

ଅନ୍ତର୍ଜଗତକୁ ଦେଖିବା ନିମନ୍ତେ ମହର୍ଷିମାନେ ଯେଉଁଶାସ୍ତ୍ରମାନ ରଚନା କରିଛନ୍ତି ସେସବୁକୁ କୁହାଯାଏ ଦର୍ଶନଶାସ୍ତ୍ର। ବୈଦିକ ଶାସ୍ତ୍ରମାନଙ୍କରେ ଅନ୍ତର୍ଭୁକ୍ତ ହୋଇଛି ସାଂଖ୍ୟ ଦର୍ଶନ, ଯୋଗଦର୍ଶନ, ନ୍ୟାୟଦର୍ଶନ, ବୈଶେଷିକ ଦର୍ଶନ (ଏ ଦୁଇଟି ପଦାର୍ଥ ବିଜ୍ଞାନ ସଂକ୍ରାନ୍ତୀୟ), କର୍ମ ମୀମାଂସା ଦର୍ଶନ, ଦୈବୀ ମୀମାଂସା ଦର୍ଶନ (ଉପାସନାକାଣ୍ଡ), ବ୍ରହ୍ମ ମୀମାଂସା ଦର୍ଶନ (ଜ୍ଞାନକାଣ୍ଡ)। ସାଂଖ୍ୟଦର୍ଶନ ଶାସ୍ତ୍ର ଓ ମୀମାଂସାମାନଙ୍କରେ ପ୍ରକୃତିର ବିସ୍ତୃତ ମହାତ୍ମ୍ୟ ବର୍ଣ୍ଣିତ। ଦର୍ଶନଶାସ୍ତ୍ର ଅନୁସାରେ ସୃଷ୍ଟିକାର୍ଯ୍ୟରେ ପ୍ରକୃତିର ପ୍ରାଧାନ୍ୟ ସ୍ୱୀକୃତ ହେବା ସହ ଗୁରୁତ୍ୱ ପ୍ରାପ୍ତ ହୋଇଛି। ଏପରିକି କୁହାଯାଇଛି ଯେ, ଧର୍ମ ପଥରେ ଚାଲି ପ୍ରକୃତିର ସେବା ଦ୍ୱାରା ମନୁଷ୍ୟର ଉତ୍‌ଥାନ ହୁଏ। ପ୍ରକୃତିର ଅନ୍ୟରୂପ ଜଗଜ୍ଜନନୀ ମହାମାୟାଙ୍କ ଆରାଧନା କରି ମାନବ ଶ୍ରେଷ୍ଠ ଆସନ ପ୍ରାପ୍ତହୁଏ ଓ ତା'ର ଅଭ୍ୟୁଦୟ ଘଟେ। ଏହା ବିଜ୍ଞାନ ଆଧାରରେ ପ୍ରମାଣିତ।

ବୈଦିକ ଦର୍ଶନରେ କୁହାଯାଇଛି, ଜୀବସୃଷ୍ଟିର ଦୁଇଟି ସ୍ୱତନ୍ତ୍ର ଧାରା; ସ୍ତ୍ରୀଧାରା ଓ ପୁରୁଷଧାରା ମଧ୍ୟରୁ ସ୍ତ୍ରୀ ଧାରାଟି ବିଶେଷ ଭାବରେ ମୂଳପ୍ରକୃତି ସହିତ ସଂଶ୍ଳିଷ୍ଟ। ସମସ୍ତ ବିଦ୍ୟା ଆଉ ସମସ୍ତ ସ୍ତ୍ରୀ ପ୍ରକୃତିଦେବୀଙ୍କ ରୂପ ହୋଇଥାନ୍ତି। 'ବିଦ୍ୟାଃ ସମସ୍ତାସ୍ତବ ଦେବୀ ଭେଦାଃ, ସ୍ତ୍ରୀୟଃ ସମସ୍ତାଃ ସଫଳା ଜଗତ୍ସୁ।' ପ୍ରକୃତିର ପୂଜା ତେଣୁ ଚିରକାଳ ଶାସ୍ତ୍ରସମ୍ମତ।

ଏହି ସୃଷ୍ଟି ଓ ଏହାର ପରିଚାଳନା ସମୟ ସହ ତାଳଦେଇ ଚକ୍ରବତ୍ ଘୂରୁଅଛି। ବର୍ଷାଜଳ ମେଘକୁ ଛାଡ଼ି ଭୂମିରେ ପତିତ ହୁଏ, କେତେକେତେ ଛୋଟବଡ଼ ସ୍ରୋତ ହୋଇ ଝରଣା ଓ ନଦୀ ରୂପ ନିଏ ଆଉ ଯାଇ ସାଗରରେ ନିମଜ୍ଜିତ ହୋଇଯାଏ। ବାଟରେ ଗଲାବେଳେ ସ୍ରୋତକୁ ବହୁ ବାଧାବିଘ୍ନର ସମ୍ମୁଖୀନ ହେବାକୁ ହୁଏ। ଉଚ୍ଚନୀଚ, ଖାଲଖାଇ, ବୃକ୍ଷଲତାଦି ତାହାର ପଥକୁ ଦୁର୍ଗମ, ଦୁଃସାଧ୍ୟ କରିଦିଅନ୍ତି। ଏସବୁକୁ ଅତିକ୍ରମି ସାଗରରେ ମିଶିବା ପରେ ମଧ୍ୟ ଜଳଧାରା ପୂର୍ଣ୍ଣ ସନ୍ତୋଷ ଲଭିଥାଏ। ପୁଣିଥରେ ମେଘ ପାଖକୁ ଫେରିଯିବା ଲକ୍ଷ୍ୟ ତାକୁ ଅସ୍ଥିର କରୁଥାଏ। ଏଥିପାଇଁ ଭୟଙ୍କର ରୌଦ୍ରତାପ ସହ୍ୟ କରି, ପ୍ରବଳ ଉତ୍ତାପରେ ଉତ୍ତପ୍ତ ହୋଇ, ସିଦ୍ଧ ହୋଇ ବାଷ୍ପାକାରରେ ଜଳଧାର ଉଠିଯାଏ ମେଘ ବକ୍ଷରେ ମିଶିଯିବା ପାଇଁ।

ଠିକ୍ ସେହିପରି ପରମାତ୍ମାଙ୍କ ସୃଷ୍ଟି ରୂପେ ମାନବ ପୃଥିବୀପୃଷ୍ଠରେ ଜନ୍ମ ଲଭେ। ଲୀଳାଖେଳା କରେ, ଜୀବନସ୍ରୋତ ବୋହିଚାଲେ ଶୈଶବ, କୈଶୋର, ପୌଗଣ୍ଡ, ଯୌବନ, ବାର୍ଦ୍ଧକ୍ୟ, ଜରା ମଧ୍ୟଦେଇ। ବହୁ ବାଧାବିଘ୍ନ, ସୁଖଦୁଃଖ, ଉତ୍‌ଥାନ ପତନ, ମାନ ଅପମାନ ମଧ୍ୟରେ ଆୟୁ ପ୍ରବାହିତ ହୋଇଚାଲିଥାଏ ନିଃଶବ୍ଦରେ। ମନୁଷ୍ୟ କିନ୍ତୁ ଏତିକିରେ ସନ୍ତୁଷ୍ଟି ଲାଭକରେନାହିଁ, ସେ ଚାହେଁ ଯେଉଁଠାରୁ ଆସିଛି ସେଇଠାରେ ଯାଇ ମିଶିଯିବା ପାଇଁ ପୂର୍ଣ୍ଣରୂପରେ। ଏହି ମିଳନ ଇଚ୍ଛା ହିଁ ତାକୁ ସାହସ ଦିଏ ସମସ୍ତ ବାଧାବିଘ୍ନ ଅତିକ୍ରମ କରିଯିବାକୁ।

ନାରୀକୁ ଜଗତର ସର୍ବୋତ୍ତମ ଆଦର୍ଶରୂପେ ଗ୍ରହଣ କରାଯାଇଛି। ଶତରୂପାଙ୍କ ଠାରୁ ଆରମ୍ଭ କରି ଦେବମାତା ଅଦିତି, ବ୍ରହ୍ମବାଦିନୀ, ମୈତ୍ରେୟୀ, ସୁଲଭା, ସାବିତ୍ରୀ, ଲୋପାମୁଦ୍ରା, ଅନସୂୟା, ଶୈବ୍ୟା ଇତ୍ୟାଦିଙ୍କ ପର୍ଯ୍ୟନ୍ତ ମାନବଜାତିକୁ ସିଦ୍ଧିଲାଭର ପଥ ଦର୍ଶାଇଛନ୍ତି। ଲୋକଜୀବନରେ ଏମାନେ ନିଜକୁ ଲୋକମାତା ରୂପେ ପ୍ରତିଷ୍ଠା କରିପାରିଛନ୍ତି।

ମହାଭାରତ ଯୁଗର ସ୍ମରଣୀୟ ପାଞ୍ଚାଳକନ୍ୟା ଦ୍ରୌପଦୀଙ୍କଠାରୁ ଆଜି ଭାରତର ମାନନୀୟା ରାଷ୍ଟ୍ରପତି ଉତ୍କଳକନ୍ୟା ଦ୍ରୌପଦୀ ମୁର୍ମୁଜୀଙ୍କ ପର୍ଯ୍ୟନ୍ତ ଏହି ଈଶ୍ୱରୀୟ ବରଦାନ ବଳବତ୍ତର ରହିଛି। ଭାରତ ବିଶ୍ୱର ସର୍ବବୃହତ୍ ଗଣତାନ୍ତ୍ରିକ ରାଷ୍ଟ୍ର। ଏହି ରାଷ୍ଟ୍ରର ରାଷ୍ଟ୍ରପତି ହେବା ସୂଚାଇଦିଏ ବ୍ୟକ୍ତିର ଆଦର୍ଶ ବ୍ୟକ୍ତିତ୍ୱ, ଦୃଢ଼ ସଂକଳ୍ପ, ଧୈର୍ଯ୍ୟ, ସଂଯମ, ଶୃଙ୍ଖଳା ଓ ସରଳତାର ପରାକାଷ୍ଠା। ଅତି ଉଚ୍ଚ ଆଦର୍ଶର ଶାଣିତଧାରରେ ଚାଲିପାରିବାର କ୍ଷମତା ଥିଲେ ହିଁ ଜଣେ ବ୍ୟକ୍ତିବିଶେଷ ଗଣରାଷ୍ଟ୍ରର ସର୍ବୋଚ୍ଚ ଶିଖର ଆରୋହଣ କରିପାରନ୍ତି।

ଆମ ପାଇଁ ଏହା ଅତ୍ୟନ୍ତ ଗୌରବର ବିଷୟ ଯେ ଆଜକୁ ଅର୍ଦ୍ଧଶତାବ୍ଦୀ ପୂର୍ବେ ରମାଦେବୀ ମହାବିଦ୍ୟାଳୟ, ଭୁବନେଶ୍ୱରରେ ଦ୍ରୌପଦୀଜୀ ଅଧ୍ୟୟନ କରୁଥିବାବେଳେ ଆମେ ଅଧ୍ୟାପନା କରୁଥିଲୁ। ଏହା ସ୍ମରଣରେ ରଖି ରମାଦେବୀ ବିଶ୍ୱବିଦ୍ୟାଳୟ ସମାବର୍ତ୍ତନ ସମାରୋହରେ ମାନନୀୟା ଏହି ବିଷୟ ସ୍ୱୀକାର କରିବା ତାହାଙ୍କ ସରଳତା, ମହାନୁଭବ ଚେତନାର ପରିପ୍ରକାଶ। ଜଣେ ଶିକ୍ଷକର ଗୌରବ ଏହାଦ୍ୱାରା କେତେଗୁଣ ବୃଦ୍ଧିପାଏ ତାହା ଆରିଷ୍ଟୋଟଲ, ପ୍ଲାଟୋଙ୍କ ଜୀବନରେ ଲିପିବଦ୍ଧ ହୋଇଛି। ଭାରତଭୂମିରେ ସେହିପରି ଜଣେ ଦୃଢ଼ସଂକଳ୍ପଧାରିଣୀ ଛାତ୍ରୀ ଦେଶର ପ୍ରଥମ ନାଗରିକ ହୋଇ ସ୍ୱଗୁରୁଙ୍କୁ ସ୍ମରଣ କରି ସମ୍ମାନ ଜଣାଇବା ମାନନୀୟାଙ୍କ ମହାନତା ସହିତ ଆମ ପରମ୍ପରାର ମହତ୍ତ୍ୱ ମଧ୍ୟ ଦର୍ଶାଏ। ଭାରତବର୍ଷ ଯେ ପରଂପରାରୁ ବିଚ୍ୟୁତି ହୋଇନାହିଁ ଏହା ତାହାର ପ୍ରମାଣ।

ଦେଶର ପ୍ରଥମ ନାଗରିକଙ୍କ ଜନ୍ମଦିନ ଜୁନ୍ ମାସ ୨୦ ତାରିଖ। ଏହି ଅବସରରେ ସର୍ବମଙ୍ଗଳ ମାଙ୍ଗଲ୍ୟ ଶୁଭକାମନା ଜଣାଇ ଭାରତର ରାଷ୍ଟ୍ରପତିଙ୍କ ଦୀର୍ଘ ନିରାମୟ ଜୀବନ ନିମନ୍ତେ ଜଗଦୀଶ୍ୱରଙ୍କ ନିକଟରେ ପ୍ରାର୍ଥନା କରୁଅଛୁ।

ଅସତୋ ମା ସଦ୍‌ଗମୟ
ତମସୋ ମା ଜ୍ୟୋତିର୍ଗମୟ
ମୃତ୍ୟୋର୍ମା ଅମୃତଂ ଗମୟ।
ଓଁ ଶାନ୍ତିଃ ଶାନ୍ତିଃ ଶାନ୍ତିଃ। ●

ଶହୀଦ ନଗର, ଭୁବନେଶ୍ୱର

# ନେତ୍ରଜ୍ୟୋତି ବରଦାୟିନୀ

## ବିଶ୍ୱାସ ଓ ବିଜ୍ଞାନ

**ଓଜସ୍ୱିନୀ**

ପ୍ରାରବ୍ଧ ବା ପୂର୍ବଜନ୍ମ କୃତକର୍ମ ଯୋଗୁଁ କେତେକ ହତଭାଗା ଜନ୍ମରୁ ଦୃଷ୍ଟିବାଧିତ ହୋଇଥିବା ବେଳେ ଆଉ କେତେଜଣଙ୍କ କ୍ଷେତ୍ରରେ ବୟସ ବଢ଼ିବା ସହିତ ନେତ୍ରଜ୍ୟୋତି କ୍ଷୀଣ ହୋଇଯାଏ ବା ଦୃଷ୍ଟିଶକ୍ତି ହରାଇ ଥା'ନ୍ତି। ଆଉ କେତେଜଣଙ୍କ କ୍ଷେତ୍ରରେ ଚକ୍ଷୁରେ କେତେକ ସମସ୍ୟା ଯୋଗୁଁ ମଧ୍ୟ ସେମାନେ ଦୃଷ୍ଟିହୀନ ହୋଇଯାଆନ୍ତି। ଅଧୁନା ଆଧୁନିକ ଚିକିତ୍ସା ପଦ୍ଧତି ଯୋଗୁଁ ଦୃଷ୍ଟିଶକ୍ତି ସମ୍ପର୍କିତ ଅନେକ ସମସ୍ୟାର ନିଦାନ ହୋଇପାରୁଛି। କିନ୍ତୁ ଶତ ପ୍ରତିଶତ ଦୃଷ୍ଟିଶକ୍ତି ଫେରାଇବାରେ ଏ ପର୍ଯ୍ୟନ୍ତ ବିଶେଷଜ୍ଞମାନେ ସମ୍ପୂର୍ଣ୍ଣ ସଫଳତା ହାସଲ କରିପାରିନାହାନ୍ତି। ସମ୍ପୂର୍ଣ୍ଣ ଦୃଷ୍ଟିଶକ୍ତି ଫେରାଇବାରେ ଅସମର୍ଥ ବିଜ୍ଞାନଠାରୁ ବିଜୟ ହାସଲ କରିଛି ଭଗବତ୍ ବିଶ୍ୱାସ। ଭାରତରେ ଏମିତି ଗୋଟିଏ ମନ୍ଦିର ଅଛି, ଯେଉଁଠି ଦୃଷ୍ଟିହୀନ ବ୍ୟକ୍ତିମାନେ ବିଶ୍ୱାସ ବଳରେ ସେମାନଙ୍କର ଦୃଷ୍ଟିଶକ୍ତି ଫେରି ପାଇବାର କୃପା ଲାଭ କରିଛନ୍ତି।

ଉତ୍ତର ପ୍ରଦେଶର ଗୋଣ୍ଡ ଜିଲ୍ଲା ମୁଖ୍ୟ କାର୍ଯ୍ୟାଳୟଠାରୁ ପ୍ରାୟ ୩୫ କିଲୋମିଟର୍ ଦୂର ମୁକୁନ୍ଦପୁରରେ ମା' ବାରାହୀଙ୍କ ମନ୍ଦିର ଅଛି। ୫୧ ଶକ୍ତିପୀଠ ମଧ୍ୟରେ ୩୪ ତମ ଶକ୍ତପୀଠ ହେଉଛନ୍ତି ମା' ବାରାହୀ। ପୌରାଣିକ ଆଖ୍ୟାନ ଅନୁଯାୟୀ ଏଠାରେ ମାତା ସତୀଙ୍କର ମାଢ଼ି ପତିତ ହୋଇଥିଲା। ଏଠାରେ ମା' ଜ୍ୟୋତିର୍ପିଣ୍ଡ ଭାବେ ପୂଜା ପାଉଛନ୍ତି। ମାନ୍ୟତା ରହିଛି ଯେ ମା' ବାରାହୀଙ୍କ ଏହି ଶକ୍ତିପୀଠରେ ଭକ୍ତମାନେ ସେମାନଙ୍କର ଦୃଷ୍ଟିଶକ୍ତି ଫେରି ପାଇଥା'ନ୍ତି। ଭକ୍ତମାନଙ୍କର ପ୍ରଗାଢ଼ ବିଶ୍ୱାସ ରହିଛି ଯେ, ମନ୍ଦିର ପରିସରକୁ ଆଚ୍ଛାଦିତ କରି ରଖିଥିବା ୧୮୦୦ ବର୍ଷ ପୁରୁଣା ଏକ ବିରାଟ ବରଗଛର କ୍ଷୀର ଏବଂ ମା'ଙ୍କ ପାଦୁକା ନୀରକୁ ମା' ବାରାହୀଙ୍କୁ ସ୍ମରଣ କରି ଆଖିରେ ପକାଇବା ଦ୍ୱାରା ଦୃଷ୍ଟିହୀନ ବ୍ୟକ୍ତିମାନେ ଦୃଷ୍ଟିଶକ୍ତି ଫେରି ପାଇଥା'ନ୍ତି। ଅନ୍ୟ ଏକ ମାନ୍ୟତା ଅନୁସାରେ ମା' ବାରାହୀଙ୍କ ଆଳତି ଏବଂ ମନ୍ଦିରରେ ପ୍ରଜ୍ୱଳନ ହେଉଥିବା ଦୀପର କଳାକୁ ଆଣି ଅଞ୍ଜନ ଭଳି ଆଖିରେ ଲଗାଇବା ଦ୍ୱାରା ଦୃଷ୍ଟିଶକ୍ତି ଫେରି ଆସିଥାଏ। ତେଣୁ ବିଶେଷ ଭାବେ ନବରାତ୍ରି ସମୟରେ ମା' ବାରାହୀଙ୍କ ପୀଠରେ ଭକ୍ତମାନଙ୍କ ସମାଗମ ଅଧିକ ପରିଲକ୍ଷିତ ହୁଏ। ମା' ବାରାହୀଙ୍କ ଏହି ମନ୍ଦିର ଉତ୍ତରୀ ଭବାନୀ ମନ୍ଦିର ଭାବେ ମଧ୍ୟ ପ୍ରସିଦ୍ଧି ଲାଭ କରିଛି।

ବରାହ ପୁରାଣ କଥା ଅନୁଯାୟୀ, ହିରଣ୍ୟକଶିପୁର ଭାଇ ହିରଣାକ୍ଷଠାରୁ ବସୁଧାଙ୍କୁ ଉଦ୍ଧାର କରିବାକୁ ଶ୍ରୀବିଷ୍ଣୁ ବରାହ ଅବତାର ଧାରଣ କରିଥିଲେ। ଶ୍ରୀବିଷ୍ଣୁ ପାତାଳ ଲୋକକୁ ଯାଇ ହିରଣାକ୍ଷକୁ ସଂହାର କରିବା ପାଇଁ ମା' ବାରାହୀଙ୍କୁ ଆରାଧନା କଲେ। ଶ୍ରୀବିଷ୍ଣୁଙ୍କ ଆରାଧନାରେ ସନ୍ତୁଷ୍ଟ ହୋଇ ମା' ବାରାହୀ ମୁକୁନ୍ଦପୁରର ସୁଖନୋଇ ନଦୀ ତଟରେ ଆବିର୍ଭୂତା ହେଲେ। ମନ୍ଦିର ଭିତରେ ଥିବା ସୁଡ଼ଙ୍ଗ ମଧ୍ୟ ଦେଇ ଶ୍ରୀବିଷ୍ଣୁ ପାତାଳପୁରକୁ ଗମନ କରି ହିରଣାକ୍ଷକୁ ସଂହାର କରିଥିଲେ। ଆଜି ମଧ୍ୟ ଉକ୍ତ ସୁଡ଼ଙ୍ଗ ମନ୍ଦିର ଭିତରେ ଅଛି। ତେଣୁ ଭଗବତ୍ ବିଶ୍ୱାସ ରହିଛି ଯେ, ଏଠାରେ ମା' ବାରାହୀ ଭକ୍ତମାନଙ୍କ ସମସ୍ତ ମନସ୍କାମନା ଅବିଳମ୍ବେ ପୂରଣ କରିଥା'ନ୍ତି।

କିମ୍ବଦନ୍ତୀରୁ ଆହୁରି ମଧ୍ୟ ଶୁଣିବାକୁ ମିଳେ ଯେ ମନ୍ଦିର ଭିତରେ ଯେଉଁ ସୁଡ଼ଙ୍ଗ ଅଛି, ମାତା ସତୀଙ୍କ ଦୁଇଟି ଦାନ୍ତ ଦ୍ୱାରା ନିର୍ମିତ। ଏଠାରେ ମାତା ସତୀଙ୍କ ଦୁଇଟି ଦାନ୍ତ ପତିତ ହୋଇଥିଲା, ଯାହାକି ପାତାଳଲୋକ ପର୍ଯ୍ୟନ୍ତ ଗର୍ତ୍ତ ହୋଇଯାଇଥିଲା। ଲୋକକଥା ଅନୁସାରେ କୌତୁହଳବଶତଃ ଜଣେ ବ୍ୟକ୍ତି ଏହି ଗର୍ତ୍ତର ଗଭୀରତା ମାପିବା ପାଇଁ ଆସିଥିଲେ। କିନ୍ତୁ ଦେବୀଙ୍କ ପ୍ରକୋପରୁ ସେ ତାଙ୍କର ଦୃଷ୍ଟିଶକ୍ତି ହରାଇ ବସିଲେ। ପ୍ରାୟ ୪୦୦୦ ମିଟର ପର୍ଯ୍ୟନ୍ତ ଲମ୍ବ ଦଉଡ଼ିରେ ପଥର ବାନ୍ଧି ଏହି ଗର୍ତ୍ତ ଭିତରକୁ ଛଡ଼ାଯାଇଥିଲା। କିନ୍ତୁ ଗର୍ତ୍ତର ସଠିକ୍ ଗଭୀରତା ଜଣା ପଡ଼ି ନଥିଲା। ତେଣୁ ଆଜିପର୍ଯ୍ୟନ୍ତ ଏହି ଗର୍ତ୍ତର ସଠିକ୍ ଗଭୀରତା କେହି ଆକଳନ କରିପାରି ନାହାନ୍ତି।

ଈଶ୍ୱରୀୟ କୃପା ଉପରେ ସମ୍ପୂର୍ଣ୍ଣ ବିଶ୍ୱାସ ରଖିଥିବା ମନୁଷ୍ୟ ପାଇଁ ଏ ସଂସାରରେ ସବୁକିଛି ସମ୍ଭବ। ଏହାର ପ୍ରତ୍ୟକ୍ଷ ଉଦାହରଣ ହେଉଛି ମା' ବାରାହୀଙ୍କ କୃପାରୁ ନେତ୍ରଜ୍ୟୋତି ଫେରି ପାଇଥିବା ଭକ୍ତମାନଙ୍କ ନିଜସ୍ୱ ଦିବ୍ୟ ଅନୁଭୂତି ଓ ଆନନ୍ଦାଶ୍ରୁ। ଏଭଳି ଦୈବୀକୃପା ପାଖରେ ସବୁବେଳେ ଚିକିତ୍ସା ବିଜ୍ଞାନ ହାର୍ ମାନିଛି ଏବଂ ମାନୁଥିବ ମଧ୍ୟ। ●

ଭୁବନେଶ୍ୱର, ମୋ: ୯୦୯୦୧୯୪୯୪୩

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur IE, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ଆଜିର ରାଶିଫଳ

**ମେଷ:** ବ୍ୟବସାୟଜନିତ ସମସ୍ୟା ଦେଖା ଦେବ। କ୍ୟାରିୟରକୁ ନେଇ ଆଗକୁ ବଢ଼ିବେ। ବୈବାହିକ ଜୀବନ ସୁଖମୟ ହେବ। ଆର୍ଥିକ ଦୃଷ୍ଟିରୁ ଦିନଟି ଭଲରେ କଟିବ।

**ବୃଷ:** ସମାଜରେ ମାନସମ୍ମାନ ବୃଦ୍ଧି ପାଇବ। ପରିବାରର ଦାୟିତ୍ୱ ସୁଚାରୁରୂପେ ତୁଲାଇବେ। ଦୀର୍ଘଦିନରୁ ଅଟକି ରହିଥିବା କାର୍ଯ୍ୟ ପୂରା ହେବ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ମନୋମାଳିନ୍ୟ ଦେଖା ଦେବ।

**ମିଥୁନ:** କାର୍ଯ୍ୟକ୍ଷେତ୍ରରେ ଅଧିକ କାମ କରିବାକୁ ପଡ଼ିବ। ବ୍ୟବସାୟରେ ଲାଭ ମିଳିବ। ଚିନ୍ତାଗ୍ରସ୍ତ ରହିବେ। ଛାତ୍ରଛାତ୍ରୀ ବିଦେଶୀ ଭାଷା ଶିଖିବା ପ୍ରତି ଆଗ୍ରହ ବଢ଼ିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**କର୍କଟ:** ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ପ୍ରତିଯୋଗିତାମୂଳକ ପରୀକ୍ଷା ପ୍ରସ୍ତୁତି ଲାଗି ବିଦ୍ୟାର୍ଥୀଙ୍କୁ ଅଧିକ ପରିଶ୍ରମ କରିବାକୁ ପଡ଼ିବ।

**ସିଂହ:** କାର୍ଯ୍ୟରେ ସଫଳତା ମିଳିବ। ଦିନଟି ବ୍ୟସ୍ତତା ଭିତରେ କଟିବ। ଜୀବନସାଥୀଙ୍କ ସହ ସମ୍ପର୍କ ମଧୁର ହେବ। ସାମାଜିକ କାର୍ଯ୍ୟରେ ସହଯୋଗ କରିବେ। ମନୋରଞ୍ଜନରେ ସମୟ ଅତିବାହିତ କରିବେ।

**କନ୍ୟା:** ସହକର୍ମୀଙ୍କ ସହ ଉତ୍ତମ ବୁଝାମଣା ରହିବ। ଖର୍ଚ୍ଚ ବୃଦ୍ଧି ପାଇବ। ପରିବାର ସଦସ୍ୟଙ୍କ ସହ ଧାର୍ମିକ ସ୍ଥାନକୁ ଯାତ୍ରା କରିବେ। ଗବେଷଣା କରୁଥିବା ବିଦ୍ୟାର୍ଥୀ ବିଦେଶ ଯାତ୍ରା କରିବେ।

**ତୁଳା:** ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କଠାରୁ ପ୍ରଶଂସା ପାଇବେ। ଏମ୍‌ବିଏ ଛାତ୍ରଛାତ୍ରୀଙ୍କୁ ଚାକିରିର ସୁଯୋଗ ମିଳିବ। ବ୍ୟବସାୟକୁ ନେଇ ଦୂରସ୍ଥାନକୁ ଯାତ୍ରା କରିବେ। ଧନ ଲାଭର ଯୋଗ ଅଛି।

**ବିଛା:** ଅଧିକ ଖର୍ଚ୍ଚାନ୍ତ ହେବାକୁ ପଡ଼ିବ। ଧାର୍ମିକ ସ୍ଥାନକୁ ଯାତ୍ରା କରିବେ। ଆଇନ ମାମଲାରେ ସଫଳତା ମିଳିବ। ସନ୍ତାନଙ୍କ ବ୍ୟବହାରକୁ ନେଇ ଚିନ୍ତାରେ ରହିବେ।

**ଧନୁ:** ଖେଳକୁଦ ପ୍ରତି ବିଦ୍ୟାର୍ଥୀଙ୍କ ଆଗ୍ରହ ପରିଲକ୍ଷିତ ହେବ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ଜୀବନସାଥୀଙ୍କଠାରୁ ଉପହାର ମିଳିବ। ଘରକୁ ଅତିଥିଙ୍କ ଆଗମନ ହେବ।

**ମକର:** ଦିନଟି କର୍ମତତ୍ପର ରହିବେ। ବ୍ୟବସାୟକୁ ଆଗକୁ ନେବା ଲାଗି ନୂଆ ଯୋଜନା କରିବେ। ଉତ୍ତମ ସ୍ୱାସ୍ଥ୍ୟ ପାଇଁ ଖାଦ୍ୟପାନୀୟ ଉପରେ ଧ୍ୟାନ ଦେବେ। ଜୀବନସାଥୀଙ୍କ ସହ ବୁଲିବାକୁ ଯିବେ।

**କୁମ୍ଭ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଅଯଥା କାମକୁ ନେଇ ଚିନ୍ତାରେ ରହିବେ। ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିବେ। ବିବାହ ପ୍ରସ୍ତାବ ଆସିବ।

**ମୀନ:** ଚାକିରିରେ ନୂଆ ସୁଯୋଗ ଜୁଟିବ ଏବଂ ସହକର୍ମୀଙ୍କ ସହଯୋଗ ମିଳିବ। ପରିବାରରେ ହସଖୁସିର ପରିବେଶ ରହିବ। ପ୍ରେମ ସମ୍ବନ୍ଧ ମଜଭୁତ୍ ହେବ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ।

■ ଶ୍ରୀମନ୍ଦିରରେ ପାଟବୋଲା ସେବା ମାମଲା

# ହାଇକୋର୍ଟଙ୍କ ଜବାବ ତଲବ

କଟକ,୧୯ ।୬(ସମିସ): ଅଣସର ସମୟରେ ଶ୍ରୀମନ୍ଦିରରେ ପାଟବୋଲା କାର୍ଯ୍ୟରେ ଦୁଇ ଜଣ ପାଟରାବିଶୋୟୀ ସେବକଙ୍କୁ ନିୟୋଜିତ ପ୍ରସଂଗ ନେଇ ଶ୍ରୀଜଗନ୍ନାଥ ମନ୍ଦିର କାର୍ଯ୍ୟାଳୟ ପକ୍ଷରୁ ଜାରି ୨୦୨୫, ଜୁନ ୧୨ର ନିର୍ଦ୍ଦେଶନାମାକୁ ଚାଲେଞ୍ଜ କରି ଦାୟର ମାମଲାକୁ ହାଇକୋର୍ଟ ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି। ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟି ଓ ମୁଖ୍ୟ ପ୍ରଶାସନିକ ଅଧିକାରୀଙ୍କୁ ହାଇକୋର୍ଟ ନୋଟିସ୍ ଜାରି କରିବା ସହ ଜବାବ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ପାଟରାବିଶୋୟୀ ସେବକ ସନ୍ତୋଷ କୁମାର ପାତ୍ର ଓ ଅନ୍ୟ ୭ ଜଣଙ୍କ ତରଫରୁ ଦାୟର ଆବେଦନର ଶୁଣାଣି କରି ଜଷ୍ଟିସ ରାଧାକ୍ରିଷ୍ଣ ପଟ୍ଟନାୟକ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି।

ସେହିଭଳି ଏବେ ଚାଲିଥିବା ଉକ୍ତ ସେବାପୂଜାରୁ ପ୍ରତିପକ୍ଷ ନମ୍ବର ୩ ଓ ୪ (ଭିକାରୀ ପୃଷ୍ଟି ଓ ଗୋପୀନାଥ ଲେଙ୍କା)ଙ୍କୁ ବାଦ ଦେବା ପ୍ରସଂଗରେ ବିଚାର କରିବାକୁ ହାଇକୋର୍ଟ ଏକ ଅନ୍ତରୀଣ ନିର୍ଦ୍ଦେଶ ଦେଇଛନ୍ତି। ବାଦ ଦେଲେ ସେବା ଯେପରି ବାଧାପ୍ରାପ୍ତ ନ ହୁଏ ତାହା ସୁନିଶ୍ଚିତ କରିବାକୁ ହାଇକୋର୍ଟ କହିଛନ୍ତି। ଜୁନ ୨୫କୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରାଯାଇଛି। ମାମଲାରୁ ପ୍ରକାଶ ଯେ ଶ୍ରୀଜଗନ୍ନାଥ ମନ୍ଦିର ରେକର୍ଡ ଅଫ୍ ରାଇଟ୍ସର ଉଲ୍ଲଂଘନ କରି ୨୦୨୫, ଜୁନ ୧୨ରେ ପାଟରାବିଶୋୟୀ ସେବକ ଭିକାରୀ ପୃଷ୍ଟି ଓ ଗୋପୀନାଥ ଲେଙ୍କାଙ୍କୁ ପାଟବୋଲା କାର୍ଯ୍ୟରେ ନିୟୋଜିତ କରାଯାଇଛି ବୋଲି ଶ୍ରୀଜଗନ୍ନାଥ ମନ୍ଦିର କାର୍ଯ୍ୟାଳୟ ପକ୍ଷରୁ ନିର୍ଦ୍ଦେଶ ପ୍ରଦାନ କରାଯାଇଥିବା ଅଭିଯୋଗ ହୋଇଥିଲା। ଆବେଦନକାରୀ ମାନେ ପାଟରାବିଶୋୟୀ ସେବକ ଓ ଶ୍ରୀଜଗନ୍ନାଥ ମନ୍ଦିର ରେକର୍ଡ ଅଫ୍ ରାଇଟ୍ସରେ ସେମାନଙ୍କ ବଂଶଜଙ୍କ ନାଁ ରହିଛି। ବଂଶାନୁକ୍ରମିକ ଭାବେ ପାଟବୋଲା ସେବା ଆବେଦନକାରୀମାନେ କରି ଆସୁଛନ୍ତି। ରେକର୍ଡ ଅଫ୍ ରାଇଟ୍ସ ଅନୁସାରେ ନୀତି ସଂପାଦନ ପାଇଁ ଶ୍ରୀମନ୍ଦିର ପ୍ରଶାସକ ପଦକ୍ଷେପ ନେବା କଥା। ରେକର୍ଡ ଅଫ୍ ରାଇଟ୍ସ ଅନୁସାରେ ପ୍ରତିପକ୍ଷ ନମ୍ବର ୩ ଓ ୪ ପାଟବୋଲା ସେବା ପାଇଁ ଯୋଗ୍ୟ ନୁହେଁ ବୋଲି ଆବେଦନକାରୀ ଦର୍ଶାଇଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଅଭିଜିତ ପଟ୍ଟନାୟକ ମାମଲା ପରିଚାଳନା କରୁଛନ୍ତି।

# ନବ ଦାସଙ୍କ ଘର ସମେତ ବ୍ୟବସାୟ ପ୍ରତିଷ୍ଠାନରେ ଆୟକର ବିଭାଗର ଚଢ଼ଉ

ଝାରସୁଗୁଡ଼ା/ସମ୍ବଲପୁର,୧୯ ।୬(ସମିସ): ଓଡ଼ିଶାର ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ତଥା ଝାରସୁଗୁଡ଼ା ବିଧାୟକ ସ୍ୱର୍ଗତ ନବକିଶୋର ଦାସଙ୍କ ବାସଭବନ ସମେତ ବିଭିନ୍ନ ବ୍ୟବସାୟ ପ୍ରତିଷ୍ଠାନରେ ଆୟକର ଚଢ଼ଉ ହୋଇଛି। ଝାରସୁଗୁଡ଼ା ଜିଲ୍ଲା ସରବାହାଲସ୍ଥିତ ସ୍ୱର୍ଗତ ନବ ଦାସଙ୍କ ବାସଭବନରେ ଗୁରୁବାର ଭୋରୁ ଆୟକର ବିଭାଗ ଚଢ଼ଉ କରିଛି। ସେହିପରି ସମ୍ବଲପୁରରେ ଥିବା ତାଙ୍କ ପୁରୁଣା ବାସଭବନ, ଭିଏସଏସ ମାର୍ଗସ୍ଥିତ ହୋଟେଲ ଏବଂ ଭାଲୁପାଲିସ୍ଥିତ ହୋଟେଲରେ ମଧ୍ୟ ଚଢ଼ଉ ହୋଇଛି।

ଏହି ଚଢ଼ଉରେ ଆୟକର ବିଭାଗ ସହିତ କିଛି ସିଆର୍‌ପିଏଫ୍ ଯବାନ ମଧ୍ୟ ସାମିଲ ରହିଥିଲେ। ଆୟକର ବିଭାଗ ଚଢ଼ଉ ବେଳେ ଆଉ କୌଣସି ଲୋକଙ୍କୁ ଭିତରକୁ ଛଡା ଯାଇ ନଥିଲା। କେବଳ ଆୟକର ବିଭାଗର ଅଧିକାରୀ କର୍ମଚାରୀମାନେ ହିଁ ଯିବାଆସିବା କରିଥିଲେ। ମଝିରେ ଆୟକର ବିଭାଗର ୨ ଅଧିକାରୀ ବାହାରକୁ କିଛି ସମୟ ପାଇଁ ଯାଇ ପୁଣି ଫେରି ଆସିଥିଲେ। ସ୍ୱର୍ଗତ ନବ ଦାସଙ୍କ ଝିଅ ଦୀପାଳି ଦାସ ଓ ପୁଅ ବିଶାଳ ଦାସ ଘରେ ନଥିବା ବେଳେ ଚଢ଼ଉ ହୋଇଛି। ବର୍ତ୍ତମାନ ଦୀପାଳି ଦାସ ଭୁବନେଶ୍ୱରରେ ଥିବା ବେଳେ ବିଶାଳ ଦାସ ଦିଲ୍ଲୀରେ ଥିବା ସୂଚନା ମିଳିଛି।

# ଜୁଲାଇ ଦ୍ୱିତୀୟ ସପ୍ତାହରେ ଓଡ଼ିଶା ଆସିବେ ରାହୁଲ ଗାନ୍ଧୀ

## ଭୁବନେଶ୍ୱରରେ ବିରାଟ ଜନସମାବେଶ ପାଇଁ କଂଗ୍ରେସର ଯୋଜନା

ଭୁବନେଶ୍ୱର,୧୯।୬(ସମିସ): ଆସନ୍ତା ଜୁଲାଇ ଦିତ୍ୱୀୟ ସପ୍ତାହରେ ଓଡ଼ିଶା ଆସିବେ ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ। ଜୁଲାଇ ୭ରୁ ୧୦ ତାରିଖ ରାହୁଲ ଗାନ୍ଧି ଓଡ଼ିଶା ଗସ୍ତରେ ଆସି ଏକ ବିରାଟ ଜନସଭାକୁ ସମ୍ବୋଧିତ କରିବେ। ରାହୁଲ ଗାନ୍ଧୀଙ୍କ ସହ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼୍‌ଗେ ଓ ଏଆଇସିସି ସାଧାରଣ ସମ୍ପାଦକ କେସି ଭେଣୁଗୋପାଳ ମଧ୍ୟ ଓଡ଼ିଶା ଆସିବାର କାର୍ଯ୍ୟକ୍ରମ ରହିଛି। ଗୁରୁବାର ରାହୁଲ ଗାନ୍ଧୀଙ୍କ ଜନ୍ମଦିନ ଅବସରରେ ପିସିସି ସଭାପତି ଭକ୍ତଚରଣ ଦାସ ଏହି ସୂଚନା ଦେଇଛନ୍ତି।

## ଅବଶିଷ୍ଟାଂଶ...

### ଜୁଲାଇରୁ ଏଟିଏମ୍...

ପାଇଁ ୨.୫୦ ଟଙ୍କା,୧୦୦୦ ଟଙ୍କାରୁ ୧ ଲକ୍ଷ ପର୍ଯ୍ୟନ୍ତ ପ୍ରତି କାରବାର ପାଇଁ ୫ଟଙ୍କା,୧ ଲକ୍ଷ ରୁ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ପ୍ରତି କାରବାର ପାଇଁ ୧୫ ଟଙ୍କା ଚାର୍ଜ ଦେବାକୁ ହେବ। ତେବେ ଏହି ସମସ୍ତ ଶୁଳ୍କ ଟିକସ ବିନା, ଅର୍ଥାତ୍, ଏଥିରେ ଟିକସ ପୃଥକ ଭାବରେ ଯୋଡାଯିବ। ପ୍ରତି ମାସରେ ତିନିଥର ମାଗଣା ନଗଦ ଉଠାଣ ପରେ, ପ୍ରତ୍ୟେକ ନଗଦ ଉଠାଣ ପାଇଁ ୧୫୦ ଟଙ୍କା ଶୁଳ୍କ ଦେବାକୁ ପଡିବ। ଯଦି ଗୋଟିଏ ମାସରେ ୧ ଲକ୍ଷରୁ ଅଧିକ ଟଙ୍କା ଉଠାଇଥାନ୍ତି, ତେବେ ଆପଣଙ୍କୁ ପ୍ରତି ୧୦୦୦ ଟଙ୍କା ପାଇଁ ୩.୫ ଟଙ୍କା କିମ୍ବା ୧୫୦ ଟଙ୍କା (ଯେଉଁଟି ଅଧିକ ହେବ) ଶୁଳ୍କ ଦେବାକୁ ପଡିବ। ଡେବିଟ୍ କାର୍ଡରେ ଶୁଳ୍କ ବାବଦ ଏକ ସାଧାରଣ ଡେବିଟ୍ କାର୍ଡ ପାଇଁ ବାର୍ଷିକ ଶୁଳ୍କ ୩୦୦ ଟଙ୍କା ରଖାଯାଇଛି। ଗ୍ରାମାଞ୍ଚଳର ଗ୍ରାହକମାନଙ୍କ ପାଇଁ, ଏହି ବାର୍ଷିକ ଶୁଳ୍କ ୧୫୦ ଟଙ୍କା। ଯଦି କାର୍ଡ ହଜିଯାଏ କିମ୍ବା ନଷ୍ଟ ହୁଏ, ତେବେ ନୂତନ କାର୍ଡ ପାଇବା ପାଇଁ ୩୦୦ ଟଙ୍କା ଶୁଳ୍କ ଦେବାକୁ ପଡିବ।

ଆଇସିଆଇସିଆଇ ବ୍ୟାଙ୍କରେ ନଗଦ ଜମା, ଚେକ୍ ଜମା, ଡିମାଣ୍ଡ ଡ୍ରାଫ୍ଟ କିମ୍ବା ପେ ଅର୍ଡର କଲେ ପ୍ରତି ୧୦୦୦ ଟଙ୍କା ପାଇଁ ୨ ଟଙ୍କା ଶୁଳ୍କ ଦେବାକୁ ପଡ଼ିବ। ଏଥିରେ, ଗୋଟିଏ କାରବାରରେ ସର୍ବନିମ୍ନ ୫୦ ଟଙ୍କା ଏବଂ ସର୍ବାଧିକ ୧୫ ହଜାର ଟଙ୍କା ଶୁଳ୍କ ଲାଗିବ। ଏଚ୍‌ଡିଏଫ୍‌ସି ବ୍ୟାଙ୍କ କ୍ରେଡିଟ୍ କାର୍ଡ ବ୍ୟବହାର କରି ଡ୍ରିମ୍ ୧୧, ଏମ୍‌ପିଏଲ୍ ଭଳି ଗେମିଂ ଆପ୍ ପାଇଁ ପ୍ରତି ମାସରେ ୧୦,୦୦୦ରୁ ଅଧିକ ଖର୍ଚ୍ଚ କଲେ ୧% ଅତିରିକ୍ତ ଶୁଳ୍କ ଦେବାକୁ ପଡିବ। ଏହି ଶୁଳ୍କ ପ୍ରତି ମାସରେ ୪, ୯ ୯ ୯ ଟଙ୍କା ପର୍ଯ୍ୟନ୍ତ ସୀମିତ ରହିବ ଏବଂ ଏହି କାରବାର ପାଇଁ ପୁରସ୍କାର ପଏଣ୍ଟ ଦିଆଯିବ ନାହିଁ। ସେହିପରି, ଯଦି ଗ୍ରାହକ ପେଟିଏମ୍,ମୋବିକ୍ୱିକ୍, ଫ୍ରିଚାର୍ଜ,ଓଲା ମନି ଭଳି ତୃତୀୟ ପକ୍ଷ ୱାଲେଟରେ ମାସକୁ ୧୦ ହଗାର ଟଙ୍କାରୁ ଅଧିକ ରଖନ୍ତି, ତେବେ ସେଥିରେ ମଧ୍ୟ ୧% ଶୁଳ୍କ ଲାଗୁ ହେବ, ଯାହାର ସର୍ବାଧିକ ସୀମା ମଧ୍ୟ ପ୍ରତି ମାସରେ ୪, ୯ ୯ ୯ ଟଙ୍କା ହେବ।

### ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଜିଲ୍ଲାକୁ...

ରାଜ୍ୟ ସରକାରଙ୍କର ନିଦ ଭାଙ୍ଗୁନାହିଁ। କେବଳ ଯାଜପୁର ଜିଲ୍ଲାରେ ବିଭିନ୍ନ ଅପମିଶ୍ରିତ ଜଳ ଉତ୍ତୋଳନ ସ୍ଥାନ ଚିହ୍ନଟ କରାଯାଇଛି। ପାନୀୟ ଜଳ ବ୍ୟବହାର ଉପରେ ଅଙ୍କୁଶ ଲଗାଯାଇଛି। ମାତ୍ର ଅନ୍ୟ ଜିଲ୍ଲାଗୁଡ଼ିକରେ ବିହିତ ପଦକ୍ଷେପ ନ ନେବାରୁ ଅବସ୍ଥା ଧୀରେ ଧୀରେ ସଂଗୀନ ହେବାରେ ଲାଗିଛି। ସେହିଭଳି ସ୍ୱାସ୍ଥ୍ୟକର୍ମୀ, ଅଙ୍ଗନାବାଡ଼ି କର୍ମୀ ଓ ଆଶା ଦିଦିମାନେ ତୃଣମୂଳସ୍ତରରେ ସଚେତନ କରୁଥିବା କଥା ସରକାର କହୁଥିଲେ ହେଁ ଏହାର ପ୍ରଭାବ ଲୋକେ ଅନୁଭବ କରୁନାହାନ୍ତି।

### ହାଇକୋର୍ଟଙ୍କ ଉଦ୍‌ବେଗ...

ବ୍ୟାପିବାର ଆଶଙ୍କାକୁ ଏଡାଇ ଦିଆଯାଇ ନ ପାରେ। ଏଣୁ ଏହାର ପ୍ରତିକାର ପାଇଁ ଆବଶ୍ୟକ କାର୍ଯ୍ୟପନ୍ଥା ଗ୍ରହଣ ଉପରେ ଅଦାଲତ ଗୁରୁତ୍ୱାରୋପ କରିଥିଲେ। କଟକ ଅତିରିକ୍ତ ଜିଲ୍ଲାପାଳ, ସିଏମସି କମିସନର, ସିଟି ଇଞ୍ଜିନିୟର ଓ ୱାଟକୋର ଅଧିକାରୀ ଭର୍ଚୁଆଲରେ ଉପସ୍ଥିତ ରହି ସହରରେ ମୋଟ ୩ହଜାର ନଳକୂପରୁ ୨ ହଜାରଟି ବିଶୋଧନ କରାଯାଇଛି ଓ ବିଭିନ୍ନ ରାସ୍ତାକଡ ଖାଦ୍ୟ ସାମଗ୍ରୀ ପ୍ରତିଷ୍ଠାନରେ ଚଢ଼ଉ କରାଯାଉଛି ବୋଲି କୁହାଯାଇଥିଲା। ଅନ୍ୟପଟରେ ରାସ୍ତାକଡ ଖାଦ୍ୟ ପସରାକୁ ୭ଦିନ ବନ୍ଦ ରଖାଯିବା ଉଚିତ ବୋଲି ଆଡଭୋକେଟ କମିଟି ପକ୍ଷରୁ ପ୍ରସ୍ତାବ ଦିଆଯାଇଥିଲା ବେଳେ ଏ ସମ୍ପର୍କରେ ସମ୍ପୃକ୍ତ ବିଭାଗ ବିଚାର କରିପାରିବେ ବୋଲି ହାଇକୋର୍ଟ କହିଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଜୁଲାଇ ୩କୁ ଧାର୍ଯ୍ୟ କରାଯାଇଛି।

### ଆଗକୁ ରଥଯାତ୍ରା...

କରି ଖାଇବା ପରେ ପ୍ଲେଟ୍ ଏଣେତେଣେ ପକାଇଥା’ନ୍ତି। ସେହିପରି ବହୁ ଲୋକ ବଡ଼ଦାଣ୍ଡ, ବେଳାଭୂମି ସମେତ ସହରର ବିଭିନ୍ନ ସ୍ଥାନରେ ଖୋଲା ଆକାଶ ତଳେ ଶୁଅନ୍ତି। ଏଠିସେଠି ଝାଡ଼ା, ପରିସ୍ରା ମଧ୍ୟ କରିଥା’ନ୍ତି। ଏଥିପାଇଁ ରଥଯାତ୍ରାରୁ ନୀଳାଦ୍ରିବିଜେ ପର୍ଯ୍ୟନ୍ତ ରେଳ ଷ୍ଟେସନ, ବସ୍‌ଷ୍ଟାଣ୍ଡ, ବିଶ୍ରାମାଗାର ପ୍ରଭୃତି ଅଞ୍ଚଳରେ ଦୁର୍ଗନ୍ଧରେ ନାକ ଫାଟିପଡ଼େ। ସେହିପରି ବିଭିନ୍ନ ସାହିଗଳିର ପରିମଳ ବ୍ୟବସ୍ଥା ଅତ୍ୟନ୍ତ ଦୟନୀୟ ହୋଇପଡ଼େ। ପ୍ରଶାସନ ଏ ସବୁ ପ୍ରତି ସଜାଗ ଏବଂ ସତର୍କ ରହିଥିଲେ ମଧ୍ୟ ସମ୍ପୂର୍ଣ୍ଣ ଭାବେ ପରିମଳ ବ୍ୟବସ୍ଥାକୁ ସୁଧାରିପାରି ନଥାଏ। ଏହି ସମୟରେ ଝାଡ଼ାବାନ୍ତି ବ୍ୟାପିବା ସମ୍ଭାବନା ଅଧିକ ରହିଥାଏ।

ସେହିପରି ଆଉ ଏକ ସବୁଠୁ ବଡ଼ ଚିନ୍ତାଜନକ ବିଷୟ ହେଉଛି ରଥଯାତ୍ରା ସମୟରେ ଅସ୍ୱାସ୍ଥ୍ୟକର ପରିବେଶରେ ଖାଦ୍ୟ ପ୍ରସ୍ତୁତ ହୋଇଥାଏ। ଏହି ସମୟରେ ବିଭିନ୍ନ ସ୍ଥାନରେ ଉଠାଦୋକାନୀମାନେ ଖାଦ୍ୟ ପସରା ମେଲାଇଥା’ନ୍ତି। କିଏ ଡ୍ରେନ୍ ଉପରେ ତ ଆଉ କେହି ନାଳ କଡ଼ରେ ଠେଲା ଲଗାଇ ଯାତ୍ରୀଙ୍କୁ ଖାଦ୍ୟ ଦିଅନ୍ତି। ଅଧିକାଂଶ ଉଠାଦୋକାନୀ ବ୍ୟବହାର କରୁଥିବା ପାଣିର ଶୁଦ୍ଧତାକୁ ନେଇ ବି ଅନେକ ସମୟରେ ପ୍ରଶ୍ନ ଉଠିଛି। ରାସ୍ତାକାଡ଼ ଟ୍ୟାପ୍ ପାଣି ବ୍ୟବହାର କରି ସେମାନେ ଖାଦ୍ୟ ପ୍ରସ୍ତୁତ କରିଥା’ନ୍ତି। ତେବେ ଅନେକ ସମୟରେ ଟ୍ୟାପ୍ ପାଣି ପ୍ରଦୂଷିତ ହେବାର ନଜିର ରହିଛି। ବିଗତ ବର୍ଷରେ ମାଟିତଳେ ପାଇପ୍ ଫାଟି ଯାଇଥିବାବେଳେ ସେହି ପାଇପ୍‌ରୁ ଜଳ ବ୍ୟବହାର କରି ପୁରୀ ସହରରେ ଝାଡ଼ାବାନ୍ତି ବ୍ୟାପିଥିଲା। ଏପରିକି ଏଥିରେ କିଛି ବ୍ୟକ୍ତିଙ୍କ ମୃତ୍ୟୁ ମଧ୍ୟ ହୋଇଥିଲା। ସେହିପରି ଝାଡ଼ାବାନ୍ତି ବ୍ୟାପିବା ଆଶଙ୍କାର ଆଉ ଏକ କାରଣ ହେଉଛି କିଛି ହୋଟେଲ ଏବଂ ରେସ୍ତୋରାଁରେ ବାସିଖାଦ୍ୟ ଦିଆଯାଏ। ପରୋକ୍ଷରେ ଏହା ଝାଡ଼ାବାନ୍ତିର ମଧ୍ୟ କାରଣ ସାଜିଥାଏ। ତେଣୁ ସାମଗ୍ରିକ ଭାବେ ଦେଖିଲେ ରଥଯାତ୍ରା ସମୟ ପୁରୀ ପାଇଁ ଗୁରୁତ୍ୱପୂର୍ଣ୍ଣ। ଯଦି ପରିମଳ ବ୍ୟବସ୍ଥା ବିଗିଡ଼ିଯାଏ ତେବେ ପୁରୀରେ ଯେ ଝାଡ଼ାବାନ୍ତି ନ ବ୍ୟାପିବ ତାହାକୁ ଏଡ଼ାଇ ଦେଇହେବ ନାହିଁ।

### ମନ୍ତ୍ରୀଙ୍କୁ ଡାଇରିଆ...

୨୧ ତାରିଖ ଯାଏଁ ସମସ୍ତ ଶିକ୍ଷାନୁଷ୍ଠାନ ବନ୍ଦ ରହିବ। ରାଜ୍ୟର ୧୧ ଜିଲ୍ଲାକୁ ଡାଇରିଆ ବ୍ୟାପିଥିବାରୁ ବିଦ୍ୟାଳୟ ଖୋଲିବା ବଡ଼ ଚ୍ୟାଲେଞ୍ଜ ଭାବେ ଉଭା ହୋଇଛି। ଡାଇରିଆ ଡରରେ ବିଭାଗୀୟ ମନ୍ତ୍ରୀ ସ୍କୁଲ ଖୋଲିବା ନିଷ୍ପତ୍ତିରୁ ଏକପ୍ରକାର ଓହରିଯାଇ ଜିଲ୍ଲାପାଳଙ୍କ ହାତକୁ ଏହି ଦାୟିତ୍ୱ ଟେକି ଦେଇଛନ୍ତି। ଗୁରୁବାର ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି ଯେ, ଡାଇରିଆରେ ଅଧିକ ପ୍ରଭାବିତ ଯାଜପୁର ସମେତ ଭଦ୍ରକ ଓ କଟକ ଜିଲ୍ଲାରେ ସ୍ଥିତି ଦେଖି ଜିଲ୍ଲାପାଳମାନେ ବିଦ୍ୟାଳୟ ଖୋଲିବା ନିଷ୍ପତ୍ତି ନେବେ। ସ୍ଥିତି ଅଣାୟତ୍ତ ଥିଲେ ସ୍କୁଲ୍ ବନ୍ଦ କରିବାକୁ ନିଷ୍ପତ୍ତି ନେଇପାରିବେ। ମନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ ଯାଜପୁର ଓ ଭଦ୍ରକ ଜିଲ୍ଲାରେ ବିଦ୍ୟାଳୟ ବନ୍ଦ କରିବାକୁ ନିଷ୍ପତ୍ତି ହୋଇଥିଲେ ମଧ୍ୟ କଟକ ଜିଲ୍ଲାପାଇଁ କୌଣସି ନିଷ୍ପତ୍ତି ହୋଇନାହିଁ। ଅର୍ଥାତ୍ କଟକ ମହାନଗର ନିଗମ ବ୍ୟତୀତ ଜିଲ୍ଲାରେ ପାଠପଢ଼ା ଆରମ୍ଭ ହେବ।

ବିଦ୍ୟାଳୟ ଖୋଲିବା ପୂର୍ବରୁ ପୂର୍ଣ୍ଣ ପ୍ରସ୍ତୁତି କରିବା ପାଇଁ ସମସ୍ତ ଜିଲ୍ଲାପାଳମାନଙ୍କୁ ଗଣଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଛାତ୍ରଛାତ୍ରୀଙ୍କ ସୁରକ୍ଷା ସହ ବିଦ୍ୟାଳୟ ଓ ଶ୍ରେଣୀଗୃହ ସଫାସୁତୁରା, ପାଣି ଟାଙ୍କି, ରାସ୍ତାଘାଟ ଓ ଡ୍ରେନେଜ୍ ପରିସ୍କାର ପରିଚ୍ଛନ୍ନ କରାଯିବ। ମଧ୍ୟାହ୍ନ ଭୋଜନ ପୂର୍ବରୁ ଚାଉଳ ଓ ଆନୁସଙ୍ଗିକ ରୋଷେଇ ସାମଗ୍ରୀ ଯାଞ୍ଚ କରିବା, ସୁରକ୍ଷିତ ପିଇବା ପାଣି ମହଜୁଦ ରଖିବାକୁ ପରାମର୍ଶ ଦିଆଯାଇଛି। ଆଜି ଶିକ୍ଷକମାନେ ବିଦ୍ୟାଳୟକୁ ଯାଇ ସଫାସୁତୁରା କରିବା ସହ ପାଠପଢ଼ା ପାଇଁ ବିଦ୍ୟାଳୟକୁ ପ୍ରସ୍ତୁତ କରିଛନ୍ତି।

### ଘରେ ପଶି ଯୋଗ...

ପଶି ଥିଲେ। କବାଟ ଭାଙ୍ଗିବା ଶବ୍ଦରେ ଶିକ୍ଷୟିତ୍ରୀଙ୍କ ନିଦ ଭାଙ୍ଗିଯାଇଥିଲା। ଜଣେ ଯୁବକ ଜଣଙ୍କ ମୁହଁରେ କଳା କପଡା ବାନ୍ଧି, ହାତରେ ଧାରୁଆ ଅସ୍ତ୍ର ଧରି ଘରେ ପଶିଥିବା ଦେଖି ସେ ପାଟି କରିଥିଲେ। ମାତ୍ର ସମ୍ପୃକ୍ତ ଯୁବକ ଜଣଙ୍କ ଶିକ୍ଷୟିତ୍ରୀଙ୍କୁ କାବୁ କରି ନେଇଥିଲା ଓ ତାଙ୍କ ପାଟି ବନ୍ଦ କରି ଦୁଷ୍କର୍ମ କରିଥିଲା। ଏପରିକି ପାଟି ଖୋଲିଲେ ଜୀବନରେ ମାରିଦେବା ପାଇଁ ଯୁବକ ଧମକ ଦେବା ସହ ଶରୀରର ବିଭିନ୍ନ ସ୍ଥାନରେ ଆଘାତ କରିଥିଲା। ପୀଡ଼ିତା ବଳପ୍ରୟୋଗ କରି ସମ୍ପୃକ୍ତ ଯୁବକଙ୍କ କବ୍‌ଜାରୁ ମୁକୁଳିବାକୁ ଉଦ୍ୟମ କରିଥିଲେ ହେଁ ସକ୍ଷମ ହୋଇ ନ ଥିଲେ। ଦୁଷ୍କର୍ମ ପରେ ଘଟଣା ସମ୍ପର୍କରେ କାହାକୁ କହିଲେ ଜୀବନରୁ ମାରିଦେବାକୁ ସମ୍ପୃକ୍ତ ଯୁବକ ଧମକ ଦେଇ ଚାଲି ଯାଇଥିଲା। ଏ ସମ୍ପର୍କରେ ପୀଡ଼ିତାଙ୍କ ପକ୍ଷରୁ ସଦର ଥାନାରେ ଏତଲା ଦିଆଯାଇଛି। ଚାନ୍ଦୋଳ ଫାଣ୍ଡି ଅଧିକାରୀ ପ୍ରତାପ ଚନ୍ଦ୍ର ରଥ ଘଟଣାର ତଦନ୍ତ କରିବା ସହ ମୁଣ୍ଡାଳ ଗାଁର ବାପି ମଲିକ(୨୨) ନାମକ ଜଣେ ଯୁବକକୁ ଅଟକ ରଖିଛନ୍ତି। ଡ଼ାକ୍ତରଖାନାରେ ଚିକିତ୍ସାଧୀନ ପୀଡ଼ିତାଙ୍କ ବୟାନ ରେକର୍ଡ କରାଯାଇଛି।

### ମାମୁ ଘର ଗାଁ...

ଖୋଜାଖୋଜି କରିଥିଲେ। ତେବେ ବହୁ ସମୟ ପରେ ପୋଖରି ମଧ୍ୟରୁ ସଂଜ୍ଞାହୀନ ଅବସ୍ଥାରେ ଦୁଇ ଶିଶୁଙ୍କୁ ଉଦ୍ଧାର କରାଯାଇ ବାସୁଦେବପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଡାକ୍ତର ପ୍ରାଥମିକ ଭାବେ ପରୀକ୍ଷା କରି ଉଭୟଙ୍କୁ ମୃତ ଘୋଷଣା କରିଥିଲେ।

### ଲୋକସେବକ ମଣ୍ଡଳର...

କୋଷାଧ୍ୟକ୍ଷ, ସମ୍ପାଦକ ଭାବେ କାମ କରି ବେଶ୍ ସୁନାମ ଅର୍ଜନ କରିଥିଲେ। ଏବେ ନିକଟରେ ସେ ପୁନର୍ବାର ମଣ୍ଡଳର ରାଷ୍ଟ୍ରୀୟ ସମ୍ପାଦକ ଭାବେ ମନୋନୀତ ହୋଇଥିଲେ। ଜିମ୍‌ସାର ପ୍ରତିଷ୍ଠାରେ ତାଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ଅବଦାନ ଥିଲା। ତାଙ୍କ ପରଲୋକରେ ଲୋକସେବକ ମଣ୍ଡଳର ରାଷ୍ଟ୍ରୀୟ ସଭାପତି ରାଜ କୁମାର, ଉପସଭାପତି ଦୀପକ ମାଲବ୍ୟ, କୋଷାଧ୍ୟକ୍ଷ ରାଜେନ୍ଦ୍ର ଜେନା, ବରିଷ୍ଠ ସଦସ୍ୟ ଭୀମସେନ୍ ଯାଦବ, ‘ସମାଜ’ର ମୁଦ୍ରାକର ଓ ପ୍ରକାଶକ ଡ. ପ୍ରଭାସ ଚନ୍ଦ୍ର ଆଚାର୍ଯ୍ୟ, ମଣ୍ଡଳ ସଦସ୍ୟା ନିମିଶା ଅମିନ୍, ଅନୀତା ଗୋଏଲ, ନୈନା ବେନ୍ ଭେକାରିଆ, ମଣ୍ଡଳ ସଭାପତିଙ୍କ ପରାମର୍ଶଦାତା ରାମନାଥ ଝା, ‘ସମାଜ’ ସମ୍ପାଦକ ତଥା କାର୍ଯ୍ୟନିର୍ବାହୀ ମୁଖ୍ୟ ପରିଚାଳକ ତପନ କୁମାର ମିଶ୍ରଙ୍କ ସମେତ ବହୁ ବ୍ୟକ୍ତିବିଶେଷ ଗଭୀର ଶୋକପ୍ରକାଶ କରିଛନ୍ତି।


**AFFIDAVIT**

By virtue of an affidavit executed by before the court of Executive Magistrate Athgarh on Dt. 18.06.2025. I Rita Naik D/o Nodha Naik of Vill-Dhurukudia Po-Megha Ps-Athgarh Dist-Cuttack declared that my actual name is Rita Naik but it was wrongly recorded as Soma Naik in my Aadhar Card. In School certificate and birth certificate my name recorded as Rita Naik. Hence I will be known as Rita Naik in all purposes.

**SALE**

Booking Open 2/3 BHK Flats Price Starts from 60 Lakhs BHPL KRISHNA BHARATPUR, BHPL RUDRA in front of CET College, Ghatikia, BHPL SB HOMES, Ghatikia, BHPL PNM, Satya Vihar, BHPL GRAND-4, Jagamara & Ready to move 3 BHK Flats BHPL ARYA, Ghatikia & K.I Palace, Samantarapur, Bhubaneswar.

Contact
GADHWAL GROUP
Mob.: 9437015112

**AFFIDAVIT**

By the virtue of an affidavit sworn before Executive Magistrate, Bhubaneswar, on dated 16.04.2025, I, Khirода Prasad Rout, S/o Basanta Rout, and son-in-law of Mrs. Draupadi Swain, resident of Bhubaneswar, Khordha, do hereby declare that the name of my Mother-in-law Mrs. Draupadi Swain has been incorrectly recorded as Doupadi Swain in her Aadhaar Card due to a typographical error. The correct name is Draupadi Swain. It is hereby clarified that Doupadi Swain and Draupadi Swain refer to one and the same person. This public notice is issued for the information of all concerned and for necessary correction in official records.

**TO-LET**

Commercial Space available on rent for Shopping Mall, Bank, Office, Restaurant, Banquet Hall, Saloon & Spa, Gym, Godown, Rooftop restaurant and other purposes. Beside Vipul Gardens, Kalinga Nagar, Ghatikia, Bhubaneswar. Basement - 2755 sqft, Ground - 2191 sqft, 1st, 2nd & 3rd floor - 2757 sqft and Terrace / Rooftop - 2755 sqft. with Anandban scenery view.

CONTACT : 6371093914

**AFFIDAVIT**

By virtue of an affidavit No. 52, dtd. 18.06.2025 in the court of the Executive Magistrate, Nandapur, Dist-Koraput, I, Jogeswari Burudi have changed my name from Jogeswai Burudi to Jogeswari Burudi. Henceforth I shall be known as Jogeswari Burudi for all purposes.

Sd/- Jogeswari Burudi

**AFFIDAVIT**

I, Savita Agrawal, aged about 51 years, W/o- Kamal Kishor Agrawal, resident of Malpada, Balangir, Po- Balangir, Ps- Balangir Town, Dist- Bolangir, Pin- 767001, Odisha declare by this affidavit No. 1202, dtd. 19/06/2025 that now onwards I shall be known as **SABITA AGRAWAL** for all future purposes.

**AFFIDAVIT**

I, Swetarani Rath, aged about 39 years, W/o- Satyajit Joshi, resident of Malpada, Balangir, Po- Balangir, Ps- Balangir Town, Dist- Bolangir, Pin- 767001, Odisha declare by this affidavit No. 1201, dtd. 19/06/2025 that now onwards I shall be known as **SWETA JOSHI** for all future purposes.

**BANAPHOOL ENGLISH MEDIUM SCHOOL**

At- Dandusmunda, Telkoi, Keonjhar
(Candidate are DeLed or CT can apply)

**WANTED TEACHERS**

P- 1 (TGT) -Odia, Computer (M /F)
P - 1 (+2 or +3) - Math ( F) for kg class

Contact - 9658043303, 9337954800
Email- jkodisha@gmail.com

**AFFIDAVIT**

I, Bikram Kumar Tayal, aged about 28 years, S/O- Shreeram Tayal, resident of Dhobapada, Khariar, Po- Khariar, Ps- Khariar, Dist- Nuapada, Pin- 766107, Odisha declare by this affidavit No. 1203, dtd. 19/06/2025, that now onwards I shall be known as **BIKRAM TAYAL** for all future purposes.

**AFFIDAVIT**

By virtue of an affidavit before the Notary Public, Titlagarh, on dated-19/06/2025, I, **Bajarang Lal Goel**, formerly known as Bajarang Lal Agrawal, S/o- Late Ramchandra Goel, permanent resident of At- Bargiguda, Ward No.2, Po/Ps- Titlagarh, Dist- Balangir (Odisha), PIN- 767033 now residing at the same place affirm that I have changed my name from **Bajarang Lal Agrawal To Bajarang Lal Goel**. Henceforth in all records, deeds and writing in all proceeding, dealing and transaction private as well as public and upon all occasion I will be known as **Bajarang Lal Goel** (new name).

**Bajarang Lal Goel**

**OFFICE OF THE PRINCIPAL**
**SIDDHARTHA DEGREE COLLEGE, BINKA,**
**DIST- SUBARNAPUR**

No. 300/ Dt. 18.6.25

**WALK-IN-INTERVIEW**

Walk-in-interview for engagement of Guest Faculties in Botany, Chemistry and Political Science and for one PET will be held on dt. 30.06.2025 at 11.00 A.M. Interested candidates having 55% marks at PG level for Lecturer and B.P.Ed for PET may attend the same with all relevant document with Rs. 200/- by cash.

Sd/-Principal-Cum-Secretary
PRINCIPAL
Siddhartha Degree CollegeBinka

**AFFIDAVIT**

I, Rashmita Rout, W/o- Sambit Mohapatra, resident of Kheras, Brahmansailo, Kheras, Dist- Cuttack, PIN- 754018, Odisha declared by this affidavit CF No. 65, dtd- 18/06/2025 that now onwards I shall be known as **RASMITA ROUT** for all future purposes.

**AFFIDAVIT**

By virtue of an affidavit sworn before the Executive Magistrate, Niali on dtd. 10/02/2025, I **Gagan Chandra Singh**, F/O- Sai Prasad Singh, resident of Village-Pubakhanda, Po/Ps- Niali, Dist- Cuttack, Odisha have changed my minor son Name and date of birth from **SAID PRASAD SINGH to SAI PRASAD SINGH**, and DOB- **18/11/2015 to 18/11/2012**. Henceforth, my minor son name shall be known as **SAI PRASAD SINGH** and his actual DOB is **18/11/2012** for all future purposes.

**Gagan Chandra Singh**

**SAMAGRA SHIKSHA, BARGARH**

NOTICE INVITING TENDER (NIT) for Supply of
"TEACHING LEARNING MATERIAL 2025-26
FOR SISHU VATIKA, GRADE I, II & III"

No. 2279 | Dated 19.06.25

Sealed tenders are invited from the reputed & credible Printers / firms / agencies for Supply of "TEACHING LEARNING MATERIAL 2025-26 FOR SISHU VATIKA, GRADE I, II & III" in two bid systems (Technical & Financial Bid) as detailed below.

The detailed BID document is available in the website http://bargarh.odisha.gov.in & http://ssepa.odisha.gov.in. Interested and eligible printer / agency / firm may download BID DOCUMENTS from the above website and apply accordingly. Corrigendum / addendum, if required, will be uploaded in the above web site.

Last date & time for submission of bid is up to 1.30 PM Dt. 30.06.2025.
Opening time & Date is 4.00 PM Dt.30.06.2025.The Tender Inviting Authority (TIA) reserves the right to accept / reject any full or part / all BID/ cancel the entire selection process at any stage without assigning any reason thereof.

By the order of Collector-Cum-Chairman
District Project Coordinator
SS, BARGARH

**AFFIDAVIT**

By virtue of an affidavit sworn before the Executive Magistrate, Bissamcuttack, Dist-Rayagada, Odisha, Vide Affidavit Sl.No. 1605/2025, Dated 13/06/2025, that Sri SARANGADHARA PALAKA of Village-LAKHABHATA, Po-DUKUM, P.S.- BISSAMCUTTACK, Dist.- RAYAGADA Changed the name of his minor son as SHUBHAM PALAKA, date of birth is 18.04.2020 instead of SUVAMO PALAKA, date of birth 14.05.2020 which is wrongly recorded in Aadhaar Card. Hence forth the minor son shall be known as SHUBHAM PALAKA, date of birth is 18.04.2020 as per birth record for all purposes.

Sd/- Deponent

**AFFIDAVIT**

By virtue of an affidavit before the Notary Public, Titlagarh, on dated-19/06/2025, I, **Kanta Devi Goel**, formerly known as Kanta Devi Agrawal, W/o- Bajarang Lal Goel, permanent resident of At- Bargiguda, Ward No.2, Po/Ps- Titlagarh, Dist- Balangir (Odisha), PIN- 767033 now residing at the same place affirm that I have changed my name from **Kanta Devi Agrawal To Kanta Devi Goel**. Henceforth in all records, deeds and writing in all proceeding, dealing and transaction private as well as public and upon all occasion I will be known as **Kanta Devi Goel** (new name).

**Kanta Devi Goel**

ପୌରପରିଷଦ କାର୍ଯ୍ୟାଳୟ : ଜୟପୁର

C-558

**OFFICE OF THE MUNICIPAL COUNCIL: JEYPORE**

Phone No.: 06854-231098, email: ulbjeypore@gmail.com
Letter No. 2591 / Date 18.06.2025

**Quotation call notice**

Sealed Quotations are invited for Supply of one Bus Books, Jeypore Municipality. The quotation will be received on or before 25.06.2025 1.00 PM and it will be opened on same day at 4.00 PM in presence of the agency or his authorized representatives if any. If the date of opening falls on holidays. Then the next working date will be treated as date of opening at the same time. The authority reserves the rights to reject any or all tender without assigning any reason thereof. The quotationer should submit the PAN card & GST Registration certificate along with the quotation.

| Sl. No. | Description | Unit | Quantity | Rate in Rs. |
| --- | --- | --- | --- | --- |
| 1 | Supply of one Bus Books | | | |

Executive Officer
Jeypore Municipality

OIPR-13079/11/0046/2526

**OFFICE OF THE NOTIFIED AREA COUNCIL, KOTPAD**

Address:- At/Po:- KOTPAD, Dist.:- KORAPUT, ODISHA, Pin:- 764058
Phone No.: 06860-295543, E.mail.I.D.:-

Letter No. 1177/NAC | Date 18.06.2025

**QUOTATION CALL NOTICE FOR SELECTION OF ADVERTISING AGENCY FOR THE ADVERTISEMENT SPACE RIGHTS ON LED BASED DISPLAY BOARD AT TRAFFIC SQUARE LOCATION IN GANDHICHHAKA, KOTPAD**

Kotpad NAC invites tender for selection of Advertising Agency for Advertisement Space Rights on LED based Display Board at Traffic Square in Gandhi Chhak, Kotpad.

1. The detailed tender document can be down loaded from www.kotpadnac.in or can be availed from office and the Bid Document Cost of Rs. 2,000/- (Rupees Two thousand) only can be paid in shape of Bank Draft drawn in favour of Executive Officer, NAC Kotpad.
2. Bids should be submitted through Registered / Speed post addressed to the Executive Officer, NAC Kotpad.
3. Published Date and time 20.06.2025
4. Bid Document submission Start Date 21.06.2025
5. Bid Submission End Date and time 03.07.2025 at 3.00 PM
6. Bid Opening Date and time 04.07.2025 at 11.00 AM in the office of the undersigned.

Executive Officer
NAC Kotpad

OIPR-13182/11/0010/2526 C-552

**AFFIDAVIT**

By virtue of an affidavit sworn before Executive Magistrate Bhubaneswar, dated 18.06.2025 I, Debendra Mahapatra of Village – Sarangadharpur, P.O. – Raj-Ranpur, P.S.- Ranpur, Dist – Nayagarh, Pin code-752026, Odisha currently residing at HIG-10, 7 Acre Area, OSHB, Phase-1, Chandrasekharpur, P.O./P.S.- Chandrasekharpur, Bhubaneswar-751016, Odisha declare that I have changed the name of my minor daughter from Snegha Mahapatra to Snegdha Mahapatra. Henceforth, she shall be known as Snegdha Mahapatra for all purposes.

(Debendra Mahapatra)

**LOST**

I, Sri Prakash Chandra Mahapatra, aged about 60 years, Son of Late Rajkishore Mahapatra, resident of Village: Subudhipada, P.O.: Mangalpur, P.S.: Pipili, Dist.: Puri, Odisha, at present residing at Plot No.: 831/2918, Kharavel Vihar, Bishnupalgarh, P.S.: Dhauli, Bhubaneswar-751002, Dist.: Khordha, Odisha, do hereby solemnly affirm that, I have purchased a piece of Land from Ex-Service Mens' Multi-Purpose Co-operative Society Ltd. Bhubaneswar, Dist.: Khordha a Registered Society bearing Regd. No.: 141, dtd. 04.01.1992 under Orissa Co-operative Societies Act, 1962 (Act 2, 1963) rep. by its Secretary Sri Debadas Mansingh vide Doc. No.: 2197, dtd. 29th April, 1997. That, while I was coming from my village to present residential address by my bike on 16.06.2025 on the way the said original Regd. Sale Deed and other relevant documents has been lost/misplaced and inspite of my best efforts I could not trace it out. If anyone found the above Sale Deed and other documents please contact on my Mob No.: 9393488195

# ଝାଡ଼ାବାନ୍ତିକୁ ନେଇ ଜିଲ୍ଲା ପ୍ରଶାସନର ତତ୍ପରତା

## ଚୌଦ୍ୱାରରେ ହଇଜା ଆଶଙ୍କା | ଖାଦ୍ୟସୁରକ୍ଷା ବିଭାଗର ଚଢ଼ଉ

ଚୌଦ୍ୱାର : ରାଜ୍ୟର ବିଭିନ୍ନ ସ୍ଥାନରେ ଏବେ ହଇଜା ଭଳି ପ୍ରାଣଘାତୀ ମାରାତ୍ମକ ସଂକ୍ରାମକ ରୋଗ କାୟା ବିସ୍ତାର କରିଥିବାବେଳେ କଟକ ଜିଲ୍ଲାରେ ମଧ୍ୟ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି । ଏହି ପରିପ୍ରେକ୍ଷୀରେ କଟକ ଜିଲ୍ଲାର

### ଯାଞ୍ଚ ବେଳେ ଧରାପଡ଼ିଲା ନାମୀଦାମୀ ଖାଦ୍ୟ ବିକ୍ରୟ ସଂସ୍ଥା

### ୩୦ କେଜି ଖାଦ୍ୟ ନଷ୍ଟ, ଜରିମାନା ସହ ତାଗିଦ

ଟାଙ୍ଗୀ-ଚୌଦ୍ୱାର ବ୍ଲକ ତଥା ଚୌଦ୍ୱାର ପୌରାଞ୍ଚଳରେ ହଇଜା ବ୍ୟାପିବା ନେଇ ଜନସାଧାରଣ ଆତଙ୍କିତ ହୋଇ ଉଠିଛନ୍ତି । ତେବେ ଏ ନେଇ ସକାଳ ଖବର କାଗଜରେ ଖବର ପ୍ରକାଶନ ପରେ ଜିଲ୍ଲା ପ୍ରଶାସନର ତତ୍ପରତା ଦେଖାଦେଇଛି । ବିଶେଷ କରି



ହଇଜା ପ୍ରତିହତ କରିବା ନିମନ୍ତେ ପ୍ରଶାସନ ପକ୍ଷରୁ ଚୌଦ୍ୱାର ପୌରାଞ୍ଚଳରେ ଥିବା ବିଭିନ୍ନ ଖାଦ୍ୟ ବିକ୍ରୟ ପ୍ରତିଷ୍ଠାନ ଉପରେ ଚଢ଼ଉ କରାଯାଇଥିଲା । ହାଇଜିନିକ ବୋଲାଉଥିବା ହୋଟେଲ ଓ ବାରରେ ଅସ୍ୱାସ୍ଥ୍ୟକର ଖାଦ୍ୟ ବିକ୍ରୟ ହେଉଥିବା ଜଣାପଡ଼ିବା ପରେ ଅଞ୍ଚଳବାସୀଙ୍କୁ ଏହା ଚକିତ କରିଥିଲା । ଜିଲ୍ଲା ଖାଦ୍ୟ ସୁରକ୍ଷା ଅଧିକାରୀ ଅଭିନନ୍ଦିତା ପରିଜାଙ୍କ ନେତୃତ୍ୱରେ ଖାଦ୍ୟସୁରକ୍ଷା କର୍ମଚାରୀ ଓ ଚୌଦ୍ୱାର ପୌରପାଳିକାର କିଛି ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ । ଏହି ଚଢ଼ଉବେଳେ ସ୍ଥାନୀୟ ଚୌଦ୍ୱାର ଠାରେ ଥିବା ଏଲିନା ବାରରେ ବାସି ତଥା ରାସାୟନିକ ଦ୍ରବ୍ୟ ମିଶ୍ରିତ ଖାଦ୍ୟ ଜବତ କରିଥିବାବେଳେ ଅନୁରୂପ ବେଳେ ମୋନାରଚ ହୋଟେଲରୁ ମଧ୍ୟ ସ୍ୱାସ୍ଥ୍ୟ ଅନୁପୋଯୋଗୀ ଖାଦ୍ୟ ନଷ୍ଟ କରାଯାଇଥିଲା । ଏହି ଟିମ ଉଭୟ ସଂସ୍ଥାରୁ ପ୍ରାୟ ୩୦ କିଲୋଗ୍ରାମ ଖାଦ୍ୟ ନଷ୍ଟ କରିଥିଲେ ଏବଂ ସମ୍ପୃକ୍ତ ବ୍ୟବସାୟୀଙ୍କୁ ଜରିମାନା କରାଯାଇଛି । 'ସକାଳ'ରେ ଖବର ପ୍ରକାଶ ପରେ ପ୍ରଶାସନ ପକ୍ଷରୁ ଏହି ଚଢ଼ଉ କରାଯାଇଥିବା ଶ୍ରୀମତୀ ପରିଜା କହିଛନ୍ତି । ହେଲେ ଏ ଚଢ଼ଉ ସମୟରେ ପୌର ଅଧିକାରୀ ଓ କର୍ମଚାରୀ, ସ୍ଥାନୀୟ ଚୌଦ୍ୱାର ଥାନା ପୁଲିସ ଉପସ୍ଥିତ ଥିଲେ ମଧ୍ୟ କାହା ସହ କାହାର ସମନ୍ୱୟ ରହୁ ନ ଥିବାରୁ କାହା ସଂସ୍ଥାରୁ କେତେ ଖାଦ୍ୟ ଜବତ ହେଲା ଏବଂ କେତେ ଟଙ୍କା ଜରିମାନା ଆଦାୟ ହେଲା ସେ ବିଷୟରେ କୌଣସି ସୂଚନା ମିଳିପାରି ନାହିଁ । ପୌରନିର୍ବାହୀ ଅଧିକାରୀ ଏବଂ ପୌରାଧ୍ୟକ୍ଷା ଏ ବିଷୟରେ କହିପାରିବେ ନାହିଁ ବୋଲି କହି ପ୍ରସଙ୍ଗକୁ ଏଡ଼ାଇଦେଇଥିଲେ ।

## ■ ଡାକ୍ତରଖାନାରେ ଆକ୍ରାନ୍ତଙ୍କ ପାଇଁ ନାହିଁ ସ୍ୱତନ୍ତ୍ର ବ୍ୟବସ୍ଥା

ନରସିଂହପୁର: ନରସିଂହପୁର ବ୍ଲକ ଅନ୍ତର୍ଗତ ବିଭିନ୍ନ ଅଞ୍ଚଳରେ ବଢୁଛି ଝଡାବାନ୍ତି ଆକ୍ରାନ୍ତଙ୍କ ସଂଖ୍ୟା । ବେସରକାରୀ ରିପୋର୍ଟ୍ ଅନୁଯାୟୀ ଦୁଇ ସପ୍ତାହରେ ପ୍ରାୟ ୪୦ରୁ ଅଧିକ ବ୍ୟକ୍ତି ଝାଡାବାନ୍ତରେ ଆକ୍ରାନ୍ତ ହୋଇଥିବା ଜଣାପଡିଛି । ଦିନକୁ ଦିନ ଝାଡାବାନ୍ତି ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଉଥିବା ବେଳେ କାନପୁର, ସାଗର, ଏକଡାଳ, ଦେବଭୂଇଁ, ଜିଲିଣ୍ଡା ଡାକ୍ତରଖାନାରେ ଝାଡାବାନ୍ତି ଆକ୍ରାନ୍ତଙ୍କ ପାଇଁ ସ୍ୱତନ୍ତ୍ର ଚିକିତ୍ସା ବ୍ୟବସ୍ଥା ନାହିଁ । ନା ଅଛି ସ୍ୱତନ୍ତ୍ର ୱାର୍ଡ ନା ଅଛି ସ୍ୱତନ୍ତ୍ର ଚିକିତ୍ସା ବ୍ୟବସ୍ଥା । ସାଧାରଣ ରୋଗୀଙ୍କ ସହିତ ଚିକିତ୍ସିତ ହେଉଛନ୍ତି ଝାଡାବାନ୍ତି ଆକ୍ରାନ୍ତ ରୋଗୀ । ଯାହା ଫଳରେ ରୋଗୀଙ୍କ ମଧ୍ୟରେ ବଢୁଛି ଅସନ୍ତୋଷ । ସୂଚନା ଅନୁଯାୟୀ ନରସିଂହପୁର ବ୍ଲକ ଅନ୍ତର୍ଗତ ଡ଼ିମିରିଆ ଗ୍ରାମର ଗୋଟିଏ ପରିବାରକୁ ଝାଡାବାନ୍ତି ଆକ୍ରାନ୍ତ ହୋଇ ଜଣେ ମହିଳା ଏଥିରେ ମୃତ୍ୟୁବରଣ କରିଥିଲେ । ମାତ୍ର ସରକାରୀସ୍ତରରେ ଏହାକୁ ଲୁଚାଇବାକୁ ଯାଇ ଅନ୍ୟ କାରଣରୁ ମୃତ୍ୟୁ ହୋଇଥିବା କୁହାଯାଇଛି । ଡାକ୍ତରଖାନାରେ ତିନି ଜଣ ଝାଡାବାନ୍ତି ଆକ୍ରାନ୍ତ ଚିକିତ୍ସିତ ହେଉଛନ୍ତି । ସେମାନଙ୍କ ପାଇଁ ନା ଅଛି ସ୍ୱତନ୍ତ୍ର ୱାର୍ଡ ନା ଅଛି ସ୍ୱତନ୍ତ୍ର ଚିକିତ୍ସା ସେବା ନା ଅଛି ମଶାରୀ ବ୍ୟବସ୍ଥା ଯାହା ଫଳରେ ରୋଗୀ ଓ ସମ୍ପର୍କୀୟଙ୍କ ମଧ୍ୟରେ ବଢୁଛି ଅସନ୍ତୋଷ । ମଶାରୀ କିମ୍ବା ସ୍ୱତନ୍ତ୍ର ଚିକିତ୍ସା ବ୍ୟବସ୍ଥା ନ ଥିବାରୁ ଝାଡାବାନ୍ତି ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଇବାର ସମ୍ଭାବନା ରହିଥିବାରୁ ସାଧାରଣରେ ଅସନ୍ତୋଷ ବଢୁଛି । ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଗତ ଦୁଇ ସପ୍ତାହ ମଧ୍ୟରେ ଏହି ବ୍ଲକରେ ୪୦ରୁ ଅଧିକ ଝାଡାବାନ୍ତି ଜ୍ୱରରେ ଆକ୍ରାନ୍ତ ହୋଇଥିବା ସୂଚନା ମିଳିଛି । ମିଳିଥିବା ସୂଚନା ଅନୁଯାୟୀ ବ୍ଲକର କାନପୁର ଗ୍ରାମରେ ୮ ଜଣ, କାକୁଡ଼ିଆରେ ୪ଜଣ, କାଞ୍ଜିଆପଦା ବାସେଲୀତା, ଘୋରାଡିଆ, ଦେବଭୂଇଁ, ଭୁଷ୍ଣା, ମଥୁରାପୁର, ଡ଼ିମିରିଆ, ଆଦି ଗ୍ରାମରେ ଦୁଇ ଜଣ ଲେଖାଏଁ, ଜୟମଙ୍ଗଳ, ବାହାଳି, ବୋକଡା ନୂଆଗଡ, ଜିଲିଣ୍ଡା, ନୂଆଗାଁ ବାଲିସାହି, ପାଞ୍ଚଗୋଛିଆ, ବିଞ୍ଚଣାବାଟି, ନୂଆପାଟଣା, ନୁଖାପଡ଼ା, ଜଳକେଳି, ଅଢେଇଗୁଣ୍ଠି ଆଦି ବିଭିନ୍ନ ଗ୍ରାମରେ ଜଣେ ଜଣେ ଲେଖାଏଁ ଝାଡାବାନ୍ତିରେ ଆକ୍ରାନ୍ତ ହୋଇଥିବା ସୂଚନା ମିଳିଛି । ଦୁଇ ସପ୍ତାହରେ ପ୍ରାୟ ୪୦ରୁ ଅଧିକ ବ୍ୟକ୍ତି ଏହି ରୋଗରେ ଆକ୍ରାନ୍ତ ଥିବା ବେଳେ କିଛି ବ୍ୟକ୍ତିଙ୍କୁ ଛାଡି ପ୍ରାୟ ଅଧିକାଂଶ ସୁସ୍ଥ ହୋଇଯାଇଥିବା ଜଣାପଡିଛି । କିନ୍ତୁ ଝାଡାବାନ୍ତି ଆକ୍ରାନ୍ତଙ୍କ ଚିକିତ୍ସା ପାଇଁ ଏହି ବ୍ଲକରେ ବିଶେଷ ବ୍ୟବସ୍ଥା ନ ଥିବାରୁ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ନା ସ୍ୱାସ୍ଥ୍ୟ ବିଭାଗ ନା ପ୍ରଶାସନ ପକ୍ଷରୁ କେହି ହେଲେ ଏଥିପ୍ରତି ଗୁରୁତ୍ୱ ଦେବା ଆବଶ୍ୟକ ରହିଛି ।

## ■ ସୁଆଁରି ଗସ୍ତକଲା କେନ୍ଦ୍ରୀୟ ଟିମ୍



ଟାଙ୍ଗୀ,୧୯ ।୬(ସମିସ): ଟାଙ୍ଗୀ-ଚୌଦ୍ୱାର ବ୍ଲକ ସଫା ପଞ୍ଚାୟତ ସୁଆଁରିରେ ଝାଡ଼ାବାନ୍ତି ବ୍ୟାପିବା ଓ ଜଣେ ମହିଳାଙ୍କ ମୃତ୍ୟୁକୁ ନେଇ ପ୍ରଶାସନିକ ତତ୍ପରତା ପ୍ରକାଶ ପାଇଛି । ଜିଲ୍ଲାପାଳଙ୍କ ଗସ୍ତ ପରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏକ ୩ ଜଣିଆ କେନ୍ଦ୍ରୀୟ ଟିମ୍ ଗୁରୁବାର ସୁଆଁରି ଗସ୍ତ କରି ପରିସ୍ଥିତିର ସମୀକ୍ଷା କରିଛନ୍ତି । ଡା.ଭାଗିରଥି ଦ୍ୱିବେଦୀଙ୍କ ନେତୃତ୍ୱରେ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଡା. ପ୍ରଶାନ୍ତ କୁମାର ହୋତା ଓ ଅତିରିକ୍ତ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଡା.ଲୋକନାଥ ପାତ୍ରଙ୍କୁ ନେଇ ଗଠିତ ଟିମ ଗ୍ରାମର ଜଳଉତ୍ସ ଗୁଡିକ ଯାଞ୍ଚ କରିଥିବାବେଳେ ବିଶୁଦ୍ଧ ପାନୀୟ ଜଳ ବ୍ୟବହାରକୁ ଗୁରୁତ୍ୱ ଦେଇଛନ୍ତି । ଏଥିସହ ଉପସ୍ଥିତ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସୁପରିଣ୍ଟେଣ୍ଡେଣ୍ଟ ଡା. ମଧୁସ୍ମିତା ନାୟକ ଓ ସରପଞ୍ଚ ନିବାସ ଚନ୍ଦ୍ର ପାଣ୍ଡବଙ୍କ ସହ ସ୍ଥିତି ସଂକ୍ରାନ୍ତରେ ଦୀର୍ଘ ଆଲୋଚନା କରିଥିବା ଜାଣିବାକୁ ମିଳିଛି । ତେବେ ଆକ୍ରାନ୍ତଙ୍କ ସଂଖ୍ୟା ସ୍ଥିର ଥିବାବେଳେ ଟ୍ୟାଙ୍କର ଯୋଗେ ପାନୀୟଜଳ ଯୋଗାଣ ଜାରି ରହିଥିବା ସହ ଗ୍ରାମରେ ଥିବା ବିଦ୍ୟାଳୟରେ ସ୍ୱାସ୍ଥ୍ୟ ଶିବିର ଦିବାରାତ୍ର ଖୋଲାଯାଇଥିବା ସୂଚନା ମିଳିଛି ।

## ■ ଡାଇରିଆ ନିରାକରଣ ପାଇଁ ବିଧାୟକଙ୍କ ସମୀକ୍ଷା


### ଜଳ ବିଶୋଧନ ଓ ଔଷଧ ମହଜୁଦ ପାଇଁ ନିର୍ଦ୍ଦେଶ

ନିଶ୍ଚିନ୍ତକୋଇଲି: ସଂପ୍ରତି ଡାଇରିଆର ପରିସ୍ଥିତି ଦିନକୁ ଦିନ ବଢିବାରେ ଲାଗିଛି । ନିଶ୍ଚିନ୍ତକୋଇଲି ବ୍ଲକର ଚର୍ତୁପାଶ୍ୱର୍ ତଥା ପଡୋଶୀ ଡେରାବିଶ୍, ମାହାଙ୍ଗା, ସାଲେପୁର ଆଦି ବ୍ଲକ ଗୁଡିକରେ ଡାଇରିଆ ବ୍ୟାପିବାରେ ଲାଗିଲାଣି । ଏହି ବ୍ଲକରେ ସମ୍ଭାବ୍ୟ ଡାଇରିଆ ରୋଗ ବ୍ୟାପିବାକୁ ଲକ୍ଷ୍ୟ କରି ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଏକ ସମୀକ୍ଷା କରିଛନ୍ତି । ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଅମିତ୍ କୁମାର ଜେନାଙ୍କ ପୌରହିତ୍ୟରେ ବିଧାୟକ ଶ୍ରୀ ପ୍ରଧାନ ଯୋଗଦେଇ ସମ୍ଭାବ୍ୟ ଡାଇରିଆ ମୁକାବିଲା ପାଇଁ ବିଭିନ୍ନ ପଦକ୍ଷେପ ନେବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏହା ପୂର୍ବରୁ ସ୍ୱାସ୍ଥ୍ୟକେନ୍ଦ୍ରରେ ପର୍ଯ୍ୟାପ୍ତ ପରିମାଣରେ ଓଆରଏସ୍ ବ୍ଲିଚିଂ ଓ ଆବଶ୍ୟକୀୟ ଔଷଧ ମହଜୁଦ୍ ରଖିବା ପାଇଁ ମଧ୍ୟ କହିଛନ୍ତି । ଏହାଛଡା ଯେହେତୁ ଏହା ଜଳବାହିତ ରୋଗ ସେଥିପାଇଁ ପାନୀୟ ଜଳ ବିଭାଗ ପକ୍ଷରୁ ଏଥିପ୍ରତି ଅଧିକ ଗୁରୁତ୍ୱ ଦେବାକୁ ନିର୍ଦ୍ଦେଶ ଦେବା ସହିତ ଓଭରହେଡ୍ ପାଣି ଟାଙ୍କି, ନଳକୂପ, ପାନୀୟଜଳ ପ୍ରକଳ୍ପ ବୋରିଂରେ ଆବଶ୍ୟକ ସ୍ଥଳେ ବ୍ଲିଚିଂ ଏବଂ ହାଲୋଜିନ ବଟିକା ପକାଇ ଜଳ ବିଶୋଧନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଏହି ସମୀକ୍ଷା ବୈଠକରେ ସିଡିପିଓ ସତ୍ୟଭାମା ବିଶୋଇ, ଗ୍ରାମ୍ୟ ପାନୀୟଜଳ ଯୋଗାଣ ବିଭାଗ କନିଷ୍ଠ ଯନ୍ତ୍ରୀ ଚିନ୍ମୟ ବେହେରା, ସତ୍ୟରଞ୍ଜନ ଭୋଇ, ଡା. ଅଜନ୍ତା ମହାନ୍ତି, ଡା. ରାଜଶ୍ରୀ ପ୍ରଧାନ, ଡା. ବଜେନ୍ଦ୍ର ଦାସ, ଫାର୍ମାସିଷ୍ଟ ଉମାକାନ୍ତ ସାହୁ, ବିପିଓ ସୌମ୍ୟରଞ୍ଜନ ପାତ୍ର, ପ୍ରକାଶ ମହାନ୍ତିଙ୍କ ସମେତ ବହୁ କର୍ମଚାରୀ ଉପସ୍ଥିତ ଥିଲେ ।



## ନିଟ୍‌ରେ ଡ୍ରିମ୍‌ସ ଛାତ୍ରୀଙ୍କ ଉଲ୍ଲେଖନୀୟ ସଫଳତା

କଟକ,୧୯।୬(ସମିସ): ସର୍ବଭାରତୀୟ ଡାକ୍ତରୀ ପାଠ୍ୟକ୍ରମରେ ନାମ ଲେଖା ପାଇଁ ଜାତୀୟ ପରୀକ୍ଷଣ ସଂସ୍ଥାନ (ଏନ୍‌ଟିଏ) ଦ୍ୱାରା ପରିଚାଳିତ ଜାତୀୟ ଯୋଗ୍ୟତା ପ୍ରବେଶିକା ପରୀକ୍ଷା (ନିଟ୍ ୟୁଜି-୨୦୨୫)ରେ ଡ୍ରିମ୍‌ସ ବିଜ୍ଞାନ ଉଚ୍ଚ




ମାଧ୍ୟମିକ ବିଦ୍ୟାଳୟର ଦୁଇ ଛାତ୍ରୀ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି । ଛାତ୍ରୀ ଶ୍ରଦ୍ଧାଞ୍ଜଳି ରାୟ ୫୭୨ ନମ୍ବର ରଖି ୪୯୬୧ ସ୍ଥାନ ହାସଲ କରିଥିବାବେଳେ ସିମରାନ୍ ପ୍ରଧାନ ୫୭୧ ନମ୍ବର ରଖି ୫୦୮୩ ସ୍ଥାନରେ ରହିଛନ୍ତି । ଉଭୟ ଛାତ୍ରୀଙ୍କ ଏହି ସଫଳତା ପାଇଁ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ, ସହ ଅଧ୍ୟକ୍ଷ ଇଂ ଦୁର୍ଗା ପ୍ରସାଦ ରଥ, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ବରିଷ୍ଠ ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ନିର୍ଦ୍ଦେଶିକା ଚିନ୍ମୟୀ ରଥ, ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ ଦିଲ୍ଲୀପ ମଲ୍ଲିକ, ଉପାଧ୍ୟକ୍ଷ ଡ. ଅଜିତ୍ କୁମାର ମହାପାତ୍ର ଏବଂ ଅଧ୍ୟାପକ, ଅଧ୍ୟାପିକା ଉଭୟଙ୍କୁ ସମ୍ବର୍ଦ୍ଧିତ କରିବା ସହ ସେମାନଙ୍କର ଉଜ୍ୱଳ ଭବିଷ୍ୟତ କାମନା କରିଛନ୍ତି ।

## ବିପଦସଂକୁଳ ଅବସ୍ଥାରେ ପାହାଡ଼ ଚଢୁଛନ୍ତି ପର୍ଯ୍ୟଟକ



କଟକ,୧୯।୬(ସମିସ): ବାଙ୍କୀ ପାଥପୁର ନିକଟରେ ଥିବା ପାଣ୍ଡବ ବଖରା ପାହାଡ଼ ଓ ଏହାର ଆଖ ପାଖରେ ଥିବା ପାହାଡ଼କୁ ପ୍ରତ୍ୟେକ ଦିନ ଶହ ଶହ ପର୍ଯ୍ୟଟକ ପରିଦର୍ଶନରେ ଆସୁଛନ୍ତି । ବାଙ୍କୀ, କଟକ, ଭୁବନେଶ୍ୱର, ଆଠଗଡ଼ ଆଦି ବିଭିନ୍ନ ଅଞ୍ଚଳରୁ ଯୁବକ ଯୁବତୀମାନେ ବୁଲିବାକୁ ଆସି ବିପଦ ସଂକୁଳ ଅବସ୍ଥାରେ ପାହାଡ଼ ଯାତ୍ରା କରୁଛନ୍ତି । ପାହାଡ଼ ଉପରେ ବିପଦଜନକ ଭାବେ ରିଲସ ତିଆରି କରୁଥିବା ବେଳେ ଅସାବଧାନତା ହେଲେ ଜୀବନ ଚାଲିଯିବାର ଯଥେଷ୍ଟ ଆଶଙ୍କା ରହିଛି । ଭିଡ଼ ନିୟନ୍ତ୍ରଣ ବା ଅଘଟଣ ରୋକିବାକୁ ପୁଲିସ କିମ୍ବା ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନ ଥିବା ବେଳେ ମନଇଚ୍ଛା ପାହାଡ଼ ଚଢୁଛନ୍ତି ଯୁବକ ଯୁବତୀଙ୍କ ସମେତ ଛୋଟ ଛୋଟ ପିଲାମାନେ । ପୂର୍ବରୁ ପାଣ୍ଡବ ବଖରା ପାହାଡ଼କୁ ବୁଲିବାକୁ ଯାଇଥିବା ବେଳେ ମହୁମାଛି ଆକ୍ରମଣରେ ଜଣଙ୍କର ମୃତ୍ୟୁ ଘଟିବା ସହିତ ୫ ଜଣ ଆହତ ହୋଇଥିବା ନଜିର ରହିଛି । ତେବେ ପାହାଡ଼ ଉପରେ ବିପଦପୂର୍ଣ୍ଣ ଯାତ୍ରାରେ ଯଦି କିଏ ଅଘଟଣ ଘଟେ ସେଥିପାଇଁ କିଏ ଦାୟୀ ରହିବ ବୋଲି ପ୍ରଶ୍ନ ଉଠୁଛି ।

## ଟାଙ୍ଗୀ ସାଲେପୁର ବିକାଶ ମଞ୍ଚ ପକ୍ଷରୁ ସ୍ୱାସ୍ଥ୍ୟ ବିଭାଗ ନିର୍ଦ୍ଦେଶକଙ୍କୁ ଦାବିପତ୍ର



ସାଲେପୁର,୧୯ ।୬(ସମିସ): ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅଭାବ ଥିବା ଡାକ୍ତର ପଦ ପୂରଣ ଓ ଶବ ବ୍ୟବଚ୍ଛେଦ କେନ୍ଦ୍ର ସ୍ଥାପନ ପାଇଁ ଆଜି ଟାଙ୍ଗୀ-ସାଲେପୁର ବିକାଶ ମଞ୍ଚ ପକ୍ଷରୁ ଏକ ଦାବିପତ୍ର ସ୍ୱାସ୍ଥ୍ୟ ବିଭାଗ ନିର୍ଦ୍ଦେଶକଙ୍କୁ ପ୍ରଦାନ କରାଯାଇଛି । ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏକ ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟକେନ୍ଦ୍ର ହୋଇଥିବାବେଳେ ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ୩ଟି ନିର୍ବାଚନ ମଣ୍ଡଳୀର ଜନସାଧାରଣ ଚିକିତ୍ସା ପାଇଁ ନିର୍ଭର କରିଥାନ୍ତି । କିନ୍ତୁ ଦୀର୍ଘଦିନ ହେବ ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ବହୁ ଡାକ୍ତର ପଦ ଖାଲି ପଡିଥିବାବେଳେ ଲୋକମାନେ ଡାକ୍ତର ଅଭାବରୁ ଉପଯୁକ୍ତ ଚିକିତ୍ସା ସୁବିଧା ପାଇ ନ ପାରି ବାଧ୍ୟ ହୋଇ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହେବା ସହ ବିପୁଳ ଅର୍ଥ ଖର୍ଚ୍ଚାନ୍ତର ଶିକାର ହେଉଛନ୍ତି । ସେହିପରି ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକ ଗୁରୁଥିଲେ ମଧ୍ୟ ଏହି ସ୍ୱାସ୍ଥ୍ୟକେନ୍ଦ୍ର ଆଖପାଖ ଅଞ୍ଚଳର ମୁଖ୍ୟ ସ୍ୱାସ୍ଥ୍ୟକେନ୍ଦ୍ର ହୋଇଥିବାବେଳେ ଏଠାରେ ଶବ ବ୍ୟବଚ୍ଛେଦ କେନ୍ଦ୍ର ନ ଥିବାରୁ ଏହି ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ମୃତ୍ୟୁବରଣ କରୁଥିବା ଲୋକମାନଙ୍କର ଶବ ବ୍ୟବଚ୍ଛେଦ ପାଇଁ ପ୍ରାୟ ୨୫ କିମି ଦୂର କଟକ ବଡ଼ ମେଡ଼ିକାଲକୁ ପଠାଯାଉଛି । ଫଳରେ ମୃତକଙ୍କ ସଂପର୍କୀୟମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏହି ସବୁ ଅସୁବିଧାକୁ ଦୃଷ୍ଟିରେ ରଖି ଆଜି ଟାଙ୍ଗୀ-ସାଲେପୁର ବିକାଶ ମଞ୍ଚର ଅଧ୍ୟକ୍ଷ ବିଶେଶ୍ୱର ସ୍ୱାଇଁଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳ ସ୍ୱାସ୍ଥ୍ୟବିଭାଗ ନିର୍ଦ୍ଦେଶକ ଡା. ଅମରେନ୍ଦ୍ର ମହାନ୍ତିଙ୍କୁ ଏକ ଦାବିପତ୍ର ପ୍ରଦାନ କରିବା ସହ ଦୀର୍ଘଦିନ ଧରି ରହିଥିବା ଏହି ସମସ୍ୟାକୁ ତୁରନ୍ତ ସମାଧାନ କରିବାକୁ ସେ ଦାବି କରିଛନ୍ତି ।

## ଅଲେଖ ଟୁଙ୍ଗିର ବାର୍ଷିକ ଉତ୍ସବ ଉଦ୍‌ଯାପିତ

ଟାଙ୍ଗୀ,୧୯ ।୬(ସମିସ): ଟାଙ୍ଗୀ ଚୌଦ୍ୱାର ବ୍ଲକ ଶାଳଗାଁ ପଞ୍ଚାୟତ କଉଡିଆପଡା ଗ୍ରାମର ମହିମା ଅଲେଖ ଟୁଙ୍ଗିର ବାର୍ଷିକ ଉତ୍ସବ ରଜ ସଂକ୍ରାନ୍ତିରେ ଉଦଯାପିତ ହୋଇଯାଇଛି । ମହିମା ଧର୍ମର ଅବଧୂତ ଶୁକଦେବ ବାବାଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉତ୍ସବରେ ବରିଷ୍ଠ ଅବଧୂତ ସାଧୁ ବାଞ୍ଛାନିଧି ବାବା ତଥା ଅନ୍ୟ ସାଧୁସନ୍ଥମାନେ ଯୋଗଦେଇ ଘୃତବତୀ ପ୍ରଜ୍ୱଳନ, ବ୍ରହ୍ମଧ୍ୱନୀ ସ୍ଥାପନ ଓ ନାମ ଭଜନ ଅନୁଷ୍ଠିତ ହୋଇଥିଲା । ବିଭିନ୍ନ ଗ୍ରାମର ମହିମା ଧର୍ମାବଲମ୍ବୀ ଭକ୍ତ ଶ୍ରଦ୍ଧାଳୁମାନେ ଯୋଗଦେଇ ଉକ୍ତ କାର୍ଯ୍ୟକ୍ରମରେ ଆଶୀର୍ବାଦ ନେଇଥିଲେ । କଉଡ଼ିଆପଡା ଓ କମଙ୍ଗ ଗ୍ରାମବାସୀ ପ୍ରମୁଖ ସହଯୋଗ କରିଥିଲେ ।



## କନ୍ତୋଲ ଯୁବକ ସଂଘର ବାର୍ଷିକ ଉତ୍ସବ ଉଦ୍‌ଯାପିତ

ଆଠଗଡ଼,୧୯।୬(ସମିସ): କନ୍ତୋଲ ଯୁବକ ସଂଘର ବାର୍ଷିକ ଉତ୍ସବ ଉଦଯାପିତ ହୋଇଯାଇଛି । ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ରଜ ପର୍ବରେ ଯୁବକ ସଂଘ ପକ୍ଷରୁ ଗ୍ରାମର କଳାକାରଙ୍କ ଦ୍ୱାରା ୨ ଦିନିଆ ମଞ୍ଚ ନାଟକ ଅନୁଷ୍ଠିତ ହୋଇଥିଲା । ଚଳିତ ବର୍ଷ ପ୍ରତିକୂଳ ପାଗ ସତ୍ତ୍ୱେ ସୋମବାର ରାତିରେ ସଂଘର କଳାକାରଙ୍କ ଦ୍ୱାରା ନାଟକ "ନକ୍ଷୀ ନାନୀ ପୁଅ ଭଗିଆ' ମଞ୍ଚସ୍ଥ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଓଲିଉଡ ଓ ଜଲିଉଡର ଲୋକପ୍ରିୟ କଳାକାର ଯୋଗଦେଇଥିଲେ । ସେହିପରି ଉଦଯାପନୀ ଉତ୍ସବ ସନ୍ଧ୍ୟାରେ ସଭାପତି ଦୀନନାଥ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଯୋଗଦେଇ କନ୍ତୋଲ ମାଟି କଳା ସଂସ୍କୃତିର ମାଟି । ଆବାହମାନ କାଳରୁ ଏହି ଗ୍ରାମରେ ମଞ୍ଚ ନାଟକ ପରିବେଷଣ ଦ୍ୱାରା ନୂତନ କଳାକାର ସୃଷ୍ଟି ହେଉଛନ୍ତି । ଗ୍ରାମର ପୁରୁଣାଯୋଡି ନାମରେ ପରିଚିତ ଶରତ - ଶତୁରା ବା ଶରତ ଚନ୍ଦ୍ର ବାରିକ ଓ ଶତ୍ରୁଘ୍ନ ବେହେରାଙ୍କ ନାଟ୍ୟ ନିର୍ଦ୍ଦେଶନାର ଭୂୟସୀ ପ୍ରଶଂସା କରିଥିଲେ । ସଂଘ ସଂପାଦକ ତଥା ଆଠଗଡ଼ ଏନଏସି ଉପାଧ୍ୟକ୍ଷ ବି ଶୁଭ୍ରଶଙ୍କର ଜ୍ୟୋତିଙ୍କ ସମେତ ୪ ୱାର୍ଡର କାଉନସିଲର ଓ ନିର୍ଦ୍ଦେଶକ ଦ୍ୱୟ ମଞ୍ଚାସୀନ ଥିଲେ । ଉଦଯାପନୀ ରଜନୀରେ ନାଟକ 'ମିଛୁଆ ରାଧୁଆ ଗପ ସରିଲା' ପରିବେଷିତ ହୋଇଥିଲା । ୨ ରଜନୀରେ ଆଖପାଖ ଅଞ୍ଚଳର ବହୁ ଦର୍ଶକ ନାଟକ ଉପଭୋଗ କରି କଳାକାରଙ୍କ ଅଭିନୟର ଭୂୟସୀ ପ୍ରଶଂସା କରିଥିଲେ ।



## ମରଣଯନ୍ତା ପାଲଟିଛି ମିର୍ଜାପୁର ପାଟନାଳି ପୋଲ

### ପୋଲରେ ବାଡ଼ ନିର୍ମାଣ ପାଇଁ ଦାବି

ସାଲେପୁର,୧୯ ।୬(ସମିସ): ପାଟନାଳି ଉପରେ ନିର୍ମାଣ ହୋଇଥିବା ପୋଲରେ ବାଡ଼ା ନ ଥିବାରୁ ବିଭିନ୍ନ ସମୟରେ ଏହି ପୋଲରୁ ତଳକୁ ଖସିପଡି ବହୁ ଲୋକ ଦୁର୍ଘଟଣାଗସ୍ତ ହେଉଥିବାବେଳେ ୨ ଜଣ ମଧ୍ୟ ମୃତ୍ୟୁବରଣ କରିଛନ୍ତି । ଏହି ପୋଲରୁ ଖସି ମୃତ୍ୟୁବରଣ କରିବା ଘଟଣାର ଇତି ମଧ୍ୟରେ ୧ ବର୍ଷରୁ ଉର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ୍ୟ ପ୍ରଶାସନ ଏହି ପୋଲରେ ଅଦ୍ୟାବଧି ବାଡ଼ା ନିର୍ମାଣ କରି ନ ଥିବାରୁ ପୋଲଟି ବିପଦସଂକୁଳ ଅବସ୍ଥାରେ ରହିଛି । ପ୍ରକାଶ ଯେ, ସାଲେପୁର ବ୍ଲକ୍ ଅନ୍ତର୍ଗତ ମିର୍ଜାପୁର ପଞ୍ଚାୟତର ମା'ତାରିଣୀ ଛକ ନିକଟରେ ପାଟନାଳୀ ଉପରେ ହୋଇଥିବା ପୋଲଟି ଏବେ ବିପଦସଂକୁଳ ଅବସ୍ଥାରେ ରହିଛି । ପୋଲଟି ଅଣଓସାରିଆ ହୋଇଥିବାବେଳେ ପୋଲର ଉଭୟ ପାଶ୍ୱର୍ରେ ବାଡ଼ା ନ ଥିବାରୁ ବହୁ ସମୟରେ ଅନ୍ଧାର ରାତିରେ ପଥଚାରୀମାନେ ଜାଣି ନ ପାରି ଏହି ପୋଲରୁ ଖସି ଦୁର୍ଘଟଣାଗ୍ରସ୍ତ ହେଉଛନ୍ତି । ଗତବର୍ଷ ଏହି ପୋଲରୁ ଖସିପଡି ଅବସରପ୍ରାପ୍ତ ହିନ୍ଦୀ ଶିକ୍ଷକ ନୃର୍ତ୍ତାଙ୍ଗ ଅଞ୍ଚଳର ଦାମୋଦର ଦାସ ଓ ପ୍ରଦୀପ୍ତ ସାମଲ ମୃତ୍ୟୁବରଣ କରିଥିଲେ । ଉକ୍ତ ସମୟରେ ସ୍ଥାନୀୟ ଅଞ୍ଚଳବାସୀ ଏହି ପୋଲରେ ବାଡ଼ା ନିର୍ମାଣ କରିବା ପାଇଁ ଦାବି କରିଥିଲାବେଳେ ଏହି ପୋଲରେ ତୁରନ୍ତ ବାଡ଼ା ନିର୍ମାଣ କରାଯିବ ବୋଲି ପ୍ରଶାସନ ପକ୍ଷରୁ ସ୍ଥାନୀୟ ଜନସାଧାରଣଙ୍କୁ ପ୍ରତିଶ୍ରୁତି ଦିଆଯାଇଥିଲେ ହେଁ ଇତିମଧ୍ୟରେ ୧ ବର୍ଷ ବିତିଯାଇଥିଲେ ମଧ୍ୟ ଏହି ପୋଲର ଉଭୟ ପାର୍ଶ୍ୱରେ ବାଡ଼ା ନିର୍ମାଣ କରାଯାଇ ନ ଥିବାରୁ ପୋଲଟି ବିପଦ ସଂକୁଳ ଅବସ୍ଥାରେ ରହିବା ସହ ପଥଚାରୀଙ୍କ ପାଇଁ ମରଣଯନ୍ତା ପାଲଟିଛି । ଯଦି ପ୍ରଶାସନ ତୁରନ୍ତ ଏହି ପୋଲର ଉଭୟ ପାର୍ଶ୍ୱରେ ବାଡ଼ା ନିର୍ମାଣ ନ କରନ୍ତି, ତେବେ ଆଗାମୀ ଦିନରେ ଏହି ପୋଲରୁ ଖସି ବହୁ ଧନଜୀବନ ହାନି ହେବାର ଆଶଙ୍କା ରହିଛି । ତେଣୁ ଏହି ପୋଲରେ ତୁରନ୍ତ ବାଡ଼ା ନିର୍ମାଣ କରିବା ପାଇଁ ମୁଖ୍ୟମନ୍ତ୍ରୀ, କଟକ ଜିଲ୍ଲାପାଳଙ୍କ ଠାରେ ସମାଜସେବୀ ଶିବଚରଣ ଜେନା ଦାବି କରିଛନ୍ତି ।



## ଆଞ୍ଚଳିକ ରଜ ମହୋତ୍ସବ ଉଦ୍‌ଯାପିତ



ସାଲେପୁର,୧୯ ।୬(ସମିସ): ସାଲେପୁର ବ୍ଲକ୍ ଅନ୍ତର୍ଗତ ଗୋପୀନାଥପୁର ପଞ୍ଚାୟତର ହରିଡ଼ା ପଡ଼ିଆ ଠାରେ ରୋଟ୍ରାକ୍ଟ କ୍ଲବ୍ ଅଫ୍ ବିରୂପା ଓ ବିଜୟାନନ୍ଦ ଯୁବ ପରିଷଦର ମିଳିତ ଆନୁକୂଲ୍ୟରେ ଆୟୋଜିତ ସପ୍ତମ ଆଞ୍ଚଳିକ ରଜ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି । ଆଞ୍ଚଳିକ ରଜ ମହୋତ୍ସବ କମିଟିର ସଭାପତି ଜ୍ୟୋତିର୍ମୟୀ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ସାହିତ୍ୟିକ ତଥା କବି ମଙ୍ଗଳା ପ୍ରସାଦ ପ୍ରଧାନ, ସମ୍ମାନିତ ଅତିଥି ଭାବରେ ରୋଟାରିଆନ୍ ସୁଜିତ୍ କୁମାର ରାଉତ, କବି ପରମାନନ୍ଦ ସ୍ୱାଇଁ, ଗୁଇନ୍ଦା ବିଭାଗର ପ୍ରାକ୍ତନ ଅଧିକାରୀ ଶଶିଭୂଷଣ ପଣ୍ଡା ଓ ଗୋପୀନାଥପୁର ଗ୍ରାମର ସରପଞ୍ଚ ଦମୟନ୍ତୀ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ । ଏହି ଅବସରରେ ଦୁଇଦିନ ଧରି ଚାଲିଥିବା ପ୍ରତିଯୋଗିତାରେ କୃତି ପ୍ରତିଯୋଗୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପ୍ରମାଣପତ୍ର ଓ ଉପଢ଼ୌକନ ପ୍ରଦାନ କରାଯାଇଥିଲା । ଏହି ଅବସରରେ ସମାଜ ସେବୀକା ମନୋରମା ଖଟୁଆ, ସମାଜସେବୀକା ଝୁନି ପାତ୍ର, କଣ୍ଠଶିଳ୍ପୀ ଇପ୍‌ସିତା ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

## ମଙ୍ଗଳପୁର ରଜ ମହୋତ୍ସବ ଉଦ୍‌ଯାପିତ

**ନେମାଳ,୧୯।୬(ସମିସ):** ଝାଡେଶ୍ୱରପୁର ପଞ୍ଚାୟତ ମଙ୍ଗଳପୁରରେ ଆୟୋଜିତ ରଜ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ସମାଜସେବୀ ଜିତେନ୍ଦ୍ର କୁମାର ସାମଲଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ଲୋକନାଥ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଶରତ କୁମାର ମହାନ୍ତି, ମୁଖ୍ୟବକ୍ତା ଭାବେ ସାମ୍ବାଦିକ ଡଃ ବିନୟ କୁମାର ଦାସ, ବିଶିଷ୍ଟ ଅତିଥି ଭାବେ ଅନୁଷ୍ଠାନର ଉପଦେଷ୍ଟା ଆଇନଜୀବୀ ଅମରେନ୍ଦ୍ର ନାରାୟଣ, ସାମ୍ବାଦିକ ମୀନକେତନ ଦାସ, ସମାଜସେବୀ ପ୍ରକାଶଚନ୍ଦ୍ର ସେଠୀ ଯୋଗଦେଇଥିଲେ। ବରିଷ୍ଠ ଶିକ୍ଷାବିତ ପ୍ରହଲ୍ଲାଦ କାଣ୍ଡିଙ୍କୁ ବୃହସ୍ପତି ଗୁରୁ ଗୌରବ ପ୍ରତିଭା ପୂଜା ସମ୍ମାନ ପ୍ରଦାନ କରାଯାଇଥିବା ବେଳେ ବହୁମୁଖୀ ପ୍ରତିଭା ଏବଂ ସାମଗ୍ରିକ ଅବଦାନ, ଉତ୍ସର୍ଗୀକୃତ, ନିଷ୍ଠାପର ଶିକ୍ଷାଦାନ ଏବଂ କଳା, ସଂସ୍କୃତି ପରମ୍ପରା ଆଦି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ପ୍ରତ୍ୟୁଷ ବେହେରା, ପ୍ରଜ୍ଞାପ୍ରଲିପ୍ତା ସେଠୀ, ଭାଗ୍ୟଧର ଶତପଥୀ ପ୍ରମୁଖଙ୍କୁ ମାନପତ୍ର, ଉପଢ଼ୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଯୁବ ସଂଗଠକ ପ୍ରକାଶ ସେଠୀ ଅତିଥି ପରିଚୟ ପ୍ରଦାନ ଓ ମହେନ୍ଦ୍ର କୁମାର ବେହେରା ସ୍ୱାଗତ ଭାଷଣ, ପୂର୍ଣ୍ଣଚନ୍ଦ୍ର ଓଝା ମାନପତ୍ର ପଠନ କରିଥିବା ବେଳେ ବିଭୁଦତ୍ତ ବାରିକ, କାଳନ୍ଦୀ ବେହେରା, ମାନସ ସେଠୀ, ବିଭୂତି ଭୂଷଣ ଦାସ ପ୍ରମୁଖ ପରିଚାଳନା କରିଥିଲେ। ମନୋଜ ବାରିକ ଧନ୍ୟବାଦ ଦେଇଥିଲେ।

## ଗୁପ୍ତ ଶ୍ରୀକ୍ଷେତ୍ରରେ ଘୋଷଯାତ୍ରା ପ୍ରସ୍ତୁତି ବୈଠକ

**ତିଗିରିଆ,୧୯।୬(ସମିସ):** କଟକ ଜିଲ୍ଲାର ସର୍ବ ବୃହତ୍ତମ ଶ୍ରୀ ଜଗନ୍ନାଥ ଧାମ ତଥା ଓଡିଶାର ଗୁପ୍ତ ଶ୍ରୀକ୍ଷେତ୍ର ଦାବି ଉପସ୍ଥାପନ କରୁଥିବା ତିଗିରିଆ ବ୍ଲକର ଆରାଧ୍ୟ ପ୍ରଭୁ ଶ୍ରୀ ପ୍ରସନ୍ନମଣୀଙ୍କ ପବିତ୍ର ଘୋଷଯାତ୍ରାକୁ ଶାନ୍ତିଶୃଙ୍ଖଳାର ସହ ପାଳନ ନେଇ ଏକ ପ୍ରସ୍ତୁତି ବୈଠକ ବୁଧବାର ତିଗିରିଆ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଦେବୋତ୍ତର ଅଧିକାରୀ ତଥା ତିଗିରିଆ ତହସିଲଦାର ଅକ୍ଷୟ କୁମାର ପରିଡାଙ୍କ ପୌରହିତ୍ୟରେ ଆୟୋଜିତ ଏହି ପ୍ରସ୍ତୁତି ବୈଠକରେ ଚଳିତ ମାସ ୨୭ ତାରିଖ ନିଜିଗଡସ୍ଥିତ ପ୍ରସନ୍ନମଣୀଙ୍କ ପବିତ୍ର ରଥଯାତ୍ରାକୁ ଶୃଙ୍ଖଳିତ ତଥା ୩ ବିଗ୍ରହଙ୍କ ନୀତିକାନ୍ତିର ସୁପରିଚାଳନା ନେଇ ଆଲୋଚନା କରାଯାଇଥିଲା। ବୈଠକରେ ରଥ ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା, ସଠିକ ସମୟ ପୂର୍ବରୁ ୩ ରଥର ପ୍ରସ୍ତୁତି କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବା, ବ୍ୟାପକ ଜନସମାବେଶକୁ ନଜରରେ ରଖି ଯାତ୍ରା ସମୟରେ ନିଜିଗଡ ଗ୍ରାମରେ ପରିମଳ ବ୍ୟବସ୍ଥା, ପାନୀୟ ଜଳ ଯୋଗାଣ, ସ୍ୱାସ୍ଥ୍ୟ, ନିରବଚ୍ଛିନ୍ନ ବିଦ୍ୟୁତ ସରବରାହ, ସ୍ୱାସ୍ଥ୍ୟସେବା, ପରିବହନ ଓ ଯାନବାହାନ ଯାତାୟାତରେ ନିୟନ୍ତ୍ରଣ, ଆଇନଶୃଙ୍ଖଳା ପରିସ୍ଥିତି ତଥା ସୂଚନା କେନ୍ଦ୍ର ଆଦି ପ୍ରତିଷ୍ଠା ଆଦି ଉପରେ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ପ୍ରଦାନ କରାଯାଇଥିଲା। ବୈଠକରେ ମନ୍ଦିରର ପରିଚାଳନା କମିଟି ତଥା ବ୍ଲକର ବିଭିନ୍ନ ବିଭାଗୀୟ ଅଧିକାରୀ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଶ୍ରୀ ଭାଗବତ ଅଭିଯାନ କାର୍ଯ୍ୟକ୍ରମ



**ଭଦ୍ରେଶ୍ୱର,୧୯।୬(ସମିସ):** ମାହାଙ୍ଗା ବ୍ଲକ ଶୁକ୍ଳେଶ୍ୱରସ୍ଥିତ ମାଣିକେଶ୍ୱରୀ ଭଗବତୀ ମନ୍ଦିର ପରିସରରେ ଏକ ଭାଗବତ ବଣ୍ଟନ ପଠନ ଓ ଶ୍ରୀ ଚିଟାଉ ଲିଖନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମନୋଜ ମଞ୍ଜରୀ ଦେଓ ସଭାପତିତ୍ୱ କରିଥିଲେ। ଏଥିରେ ଶିଶୁ ଭବନର ସହକାରୀ ପ୍ରଫେସର ଡା. ବନୋଜ କୁମାର ରାୟ, ଆଇନଜୀବୀ ସତ୍ୟନାରାୟଣ ଦାସ, ପ୍ରଫେସର ମହେନ୍ଦ୍ର ମହାନ୍ତି, ମନୋଜ ମହାନ୍ତି, ଭାରତ ଭୂଷଣ ପଟ୍ଟନାୟକ, ପିତାମ୍ବର ପଣ୍ଡା, କୈଳାସ ସ୍ୱାଇଁ, ସାମ୍ବାଦିକ ଧନେଶ୍ୱର ସେଠୀ, ପ୍ରତାପ ରାଉତ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ଯୋଗଦାନ କରିଥିଲେ। ଏହି ଅବସରରେ ଶତାଧିକ ଭଗବତ ପ୍ରେମୀ ଓଡିଆ ଭାଷା ସଂସ୍କୃତିର ସୁରକ୍ଷା ପାଇଁ ପ୍ରତିଜ୍ଞା କରିଥିଲେ।

## ଗ୍ରାମୀଣ ସେବକ ସମାଜ ଟ୍ରଷ୍ଟ ପକ୍ଷରୁ ବୃକ୍ଷରୋପଣ



**ଅଡ଼ଶପୁର,୧୯।୬(ସମିସ):** ଓଡିଶାର ଅଗ୍ରଣୀ ସ୍ୱେଚ୍ଛାସେବୀ ତଥା ଗାନ୍ଧିବାଦୀ ଅନୁଷ୍ଠାନ ଗ୍ରାମୀଣ ସେବକ ସମାଜ ଟ୍ରଷ୍ଟ ପକ୍ଷରୁ ଗଛଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ କସର୍ଦା ପ୍ରଭୁ ଶଙ୍କରେଶ୍ୱର ମହାଦେବଙ୍କ ସ୍ଥିତ ଓହଳ ପଡିଆରେ ଏକ ଚାରାରୋପଣ କରାଯାଇଥିଲା। ଅନୁଷ୍ଠାନର ପ୍ରତିଷ୍ଠାତା ତଥା ପୂର୍ବତନ ଅଧ୍ୟକ୍ଷ ଯୁବ ସମାଜସେବୀ ସନ୍ତୋଷ କୁମାର ମାଝୀ ଏବଂ ସହଧର୍ମିଣୀ ସାମ୍ବାଦିକା ତଥା ଟ୍ରଷ୍ଟି ସରୋଜିନୀ ବେହେରାଙ୍କ ଆଜି ନବମ ତମ ବିବାହ ବାର୍ଷିକ ହୋଇଥିବାବେଳେ ପ୍ରତିବର୍ଷ ଭଳି ଚଳିତବର୍ଷ ଚାରାରୋପଣ କରି ବିବାହ ବାର୍ଷିକ ପାଳନ କରିଥିଲେ। ଏଥିରେ ଅନୁଷ୍ଠାନର ସମ୍ପାଦିକା ସୁଶ୍ରୀ ପ୍ରିୟଙ୍କା ସେନାପତି, ସହ ସମ୍ପାଦିକା ତଥା ସାମ୍ବାଦିକା ପ୍ରୀତିପ୍ରଜ୍ଞା ପଟ୍ଟନାୟକ, ଯୁବ ସଭାପତି ତଥା ସାମ୍ବାଦିକ ସନ୍ଦୀପ ମଲ୍ଲିକ, ସାଇ ଗୁରୁ ନାରାୟଣ, ସରନ୍ୟା ପ୍ରତିମା ବୈଷ୍ଣବୀ, ଅନୁଷ୍ଠାନର ସ୍ଥାୟୀ ସଭାପତି ପ୍ରସନ୍ନ ପାତ୍ର, ନିର୍ଦ୍ଦେଶକ କୃଷିବିତ ପ୍ରମୋଦ ମଲ୍ଲିକ, ଆବାହକ ରାଜେନ୍ଦ୍ର ପ୍ରସାଦ ପଣ୍ଡା, ଅଧ୍ୟକ୍ଷ ସୂର୍ଯ୍ୟକାନ୍ତ ମଲ୍ଲିକ ଉପାଧ୍ୟକ୍ଷ ଅବିନାଶ ମହାପାତ୍ର, କାର୍ଯ୍ୟକାରୀ ସଭାପତି ସମାଜସେବୀ ଦୀପ୍ତି ରଞ୍ଜନ ନାୟକ ଉପସଭାପତି ତଥା ସାମ୍ବାଦିକ ଦ୍ୱିଜବର ମହାପାତ୍ର ପ୍ରମୁଖ ତାଙ୍କର ଏହି ମହତ କାର୍ଯ୍ୟ ପାଇଁ ଦୁହିଁଙ୍କୁ ଶୁଭେଚ୍ଛା ଜଣାଇଥିଲେ।

### ସିଡିଏ ମାର୍କେଟ ହତ୍ୟାକାଣ୍ଡର ପର୍ଦ୍ଦାଫାସ

# ପୈତୃକ ସମ୍ପତ୍ତି ଲୋଭରେ ନିର୍ମମ ହତ୍ୟା

**କଟକ,୧୯।୬(ସମିସ)**

ବକ୍ସିବଜାର ସିଡିଏ ମାର୍କେଟ ପରିସରରେ ଘଟିଥିବା ହତ୍ୟାକାଣ୍ଡର ପର୍ଦ୍ଦାଫାଶ ହୋଇଛି। ଶଙ୍କରପୁର ବାରିକସାହି ଅଞ୍ଚଳର ୫୫ବର୍ଷୀୟ ଅଶୋକ ବାରିକଙ୍କୁ ଦୋକାନ ବାରଣ୍ଡାରେ ଶୋଇଥିବା ଅବସ୍ଥାରେ ଅତି ନିର୍ମମ ଭାବେ ହତ୍ୟା କରାଯାଇଥିଲା। ତେବେ ପୈତୃକ ସମ୍ପତ୍ତି ଲୋଭରେ ଅଶୋକଙ୍କୁ ତାଙ୍କ ପରିବାର ଲୋକେ ହିଁ ହତ୍ୟା କରିଛନ୍ତି। ସାନଭାଇ ଉମେଶ ବାରିକ(୫୫)ଙ୍କ ସମେତ ଭାଇ ବୋହୂ ସରସ୍ୱତୀ ସ୍ୱାଇଁ(୩୯), ପୁତୁରା ସ୍ୱର୍ଣ୍ଣପ୍ରଭୁ ଶ୍ରୀଚରଣ(୧୯) ଗିରଫ ହୋଇଥିବା ବେଳେ ଅନ୍ୟ ଜଣେ ଭାଇ ଫେରାର ଥିବା କ୍ୟାଣ୍ଟନମେଣ୍ଟ ଥାନା ପକ୍ଷରୁ କୁହାଯାଇଛି। ହତ୍ୟାକାଣ୍ଡରେ ବ୍ୟବହୃତ ଗୋଟିଏ ବାଇକ, ଦୁଇଟି ମୋବାଇଲ ଓ ମାରଣାସ୍ତ୍ର ପୁଲିସ ଜବତ କରିଛି।

ବୁଧବାର ପୂର୍ବାହ୍ନରେ ସିଡିଏ ମାର୍କେଟ ସ୍ଥିତ ପାୟଲ ରେଷ୍ଟୁରାଣ୍ଟ ବାରଣ୍ଡାରୁ ଅଶୋକଙ୍କ କ୍ଷତାକ୍ତ ମୃତଦେହ ମିଳିଥିଲା। କେହି ଦୁର୍ବୃତ୍ତ ବିଳମ୍ବିତ ରାତିରେ ଧାରୁଆ ମାରଣାସ୍ତ୍ରରେ ତାଙ୍କର ତଣ୍ଟି କାଟି ହତ୍ୟା କରିଥିଲା। ଅଶୋକଙ୍କ ଶରୀରର ବିଭିନ୍ନ ସ୍ଥାନରେ ଗଭୀର କ୍ଷତ ଚିହ୍ନ ଦେଖିବାକୁ ମିଳିଥିଲା। ଯାଞ୍ଚ ସମୟର ଘଟଣାସ୍ଥଳରୁ ପୁଲିସକୁ କିଛି ଭଙ୍ଗା ଚୁଡି ମିଳିଥିଲା। ଏଣୁ ହତ୍ୟାକାଣ୍ଡରେ କୌଣସି ମହିଳାଙ୍କ ସମ୍ପୃକ୍ତି ଥିବା ପୁଲିସ ପ୍ରାଥମିକ ତଦନ୍ତ ସମୟରେ ସନ୍ଦେହ କରିଥିଲା। ଅନ୍ୟପଟେ ଘଟଣା ନେଇ ମୃତକଙ୍କ ପରିବାର ଲୋକେ କେହି ମୁହଁ ଖୋଲି ନଥିଲେ। ଏମିତିକି ମୃତଦେହ ନେବାକୁ ବି ମନା କରିଦେଇଥିଲେ। ପିଠାପୁର କୋଠସାହିରେ ରହୁଥିବା ଅଶୋକଙ୍କ ସମ୍ପର୍କୀୟ ଭାଇ ବାବୁନା ଖଟୁଆ ଥାନାରେ ଏତଲା ଦେଇଥିଲେ।



- ଅଭିଯୁକ୍ତ ସାନ ଭାଇ, ଭାଇ ବୋହୂ, ପୁତୁରା ଗିରଫ
- ହତ୍ୟାକାଣ୍ଡରେ ସମ୍ପୃକ୍ତ ଅନ୍ୟ ଜଣେ ଭାଇ ଫେରାର

ଅଭିଯୋଗ ଆଧାରରେ ପୁଲିସ ମାମଲା ରୁଜୁ କରିବା ସହ ଆଖପାଖ ସ୍ଥାନର ସିସିଟିଭି ଫୁଟେଜ ଯାଞ୍ଚ କରିଥିଲା। ବୁଧବାର ଭୋର ସମୟରେ ପୁତୁରା ସ୍ୱର୍ଣ୍ଣ ପ୍ରଭୁ ବକ୍ସିବଜାର ଅଞ୍ଚଳରେ ବୁଲୁଥିବା ଦେଖିବାକୁ ମିଳିଥିଲା। ପଚରାଉଚରା କରିବାକୁ ଯାଇ ପୁଲିସ ପୁତୁରା ସ୍ୱର୍ଣ୍ଣ ପ୍ରଭୁ ଓ ସାନ ଭାଇ ଉମେଶକୁ ଥାନାକୁ ଆଣିଥିଲା। ଉଭୟ ପୁଲିସ ନିକଟରେ ଦୋଷ ସ୍ୱୀକାର କରିଥିଲେ।

ପୁଲିସ ପକ୍ଷରୁ କୁହାଯାଇଛି ଯେ ମୃତକ ଅଶୋକଙ୍କର କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ପୈତୃକ ସମ୍ପତ୍ତି ରହିଛି। ଶଙ୍କରପୁର ସମେତ ସହର ଉପକଣ୍ଠ ଉରାଳି ଓ ସାଲେପୁର ଅଞ୍ଚଳରେ ବହୁ ମୂଲ୍ୟବାନ ଜମି ରହିଛି। ବାପା ଉପେନ୍ଦ୍ର ବାରିକଙ୍କ ମୃତ୍ୟୁ ପରେ ସମ୍ପତ୍ତି ଭାଗବଣ୍ଟାକୁ ନେଇ ଅଶୋକଙ୍କ ସହିତ ଦୁଇ ଭାଇ ପ୍ରକାଶ ଓ ଉମେଶଙ୍କ ମଧ୍ୟରେ ବିବାଦ ଆରମ୍ଭ ହୋଇଥିଲା। ଏହା ମଧ୍ୟରେ ଅଶୋକ ଶଙ୍କରପୁର ଅଞ୍ଚଳରେ ଥିବା ନିଜ ଭାଗର ଜମି ବିକ୍ରି କରିଦେଇଥିଲେ। ତେବେ ଅବଶିଷ୍ଟ ଜମିକୁ ହାତେଇବା ପାଇଁ ଦୁଇ ଭାଇ ପ୍ରକାଶ ଓ ଉମେଶ ଚାହୁଁଥିଲେ। ଅଶୋକ ଏହାକୁ ବିରୋଧ କରୁଥିଲେ। ଏଭଳି ସ୍ଥିତିରେ ଅଶୋକଙ୍କୁ ସବୁଦିନ ପାଇଁ ରାସ୍ତାରୁ ହଟାଇଦେବା ପାଇଁ ଉମେଶ ଯୋଜନା କରିଥିଲା। ଅବିବାହିତ ଥିବା ଅଶୋକ ଯାଯାବର ଭଳି ଜୀବନଯାପନ କରୁଥିବାରୁ କେହି ଅଭିଯୋଗ କରିବେ ନାହିଁ ବୋଲି ହତ୍ୟା ଯୋଜନା ଭିଆଇଥିବା ପରିବାର ଲୋକେ ଭାବିଥିଲେ। ହତ୍ୟାକାଣ୍ଡରେ ପରିବାରର ଅନ୍ୟ ସଦସ୍ୟଙ୍କ ସମ୍ପୃକ୍ତି ଥିବା ସନ୍ଦେହ କରାଯାଉଛି।

## ଶିଶୁ ଶ୍ରମିକ ନିରାକରଣ ସଚେତନତା ରଥର ଶୁଭାରମ୍ଭ

**କଟକ,୧୯।୬(ସମିସ):** କଟକ ଜିଲ୍ଲାକୁ ଶିଶୁ ଶ୍ରମିକ ମୁକ୍ତ କରିବା ତଥା ଶିଶୁ ଶ୍ରମିକ ନିୟୋଜନ ବିରୋଧରେ ସଚେତନତା ଲକ୍ଷ୍ୟ ନେଇ ଆଜି କଟକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ଶିଶୁ ଶ୍ରମିକ ନିରାକରଣ ସଚେତନତା ରଥର ଶୁଭାରମ୍ଭ କରାଯାଇଛି। ଅତିରିକ୍ତ ଜିଲ୍ଲାପାଳ ଉନ୍ନୟନ ଡକ୍ଟର ଦିବ୍ୟଲୋଚନ ମହାନ୍ତ ପତାକା ଦେଖାଇ ଏହି ରଥର ଶୁଭାରମ୍ଭ କରିଛନ୍ତି। ୧୪ ବର୍ଷରୁ କମ୍ ବୟସର ଶିଶୁଙ୍କୁ କୌଣସି ପ୍ରକାରର ବୃତ୍ତିରେ ନିୟୋଜିତ ନ କରିବା ଏବଂ ୧୫ରୁ ୧୮ ବର୍ଷ ବୟସର କିଶୋରମାନଙ୍କୁ ବିପଦସଂକୁଳ କାର୍ଯ୍ୟରେ ନିୟୋଜିତ କରିବାରୁ ନିବୃତ ରଖିବା ବାର୍ତ୍ତା ନେଇ ଏହି ରଥ ଜିଲ୍ଲାର ୧୪ଟି ଯାକ ବ୍ଲକ ପରିଭ୍ରମଣ କରିବ। ଶିଶୁ ଶ୍ରମିକ ନିୟୋଜିତ କରୁଥିବା ବ୍ୟକ୍ତିମାନଙ୍କ ନିମନ୍ତେ ଜରିମାନା ଓ ଦଣ୍ଡବିଧାନର ପ୍ରାବଧାନ ରହିଛି। ଏ ସମ୍ପର୍କରେ ଯେକୌଣସି ସଚେତନ ନାଗରିକ ନିଃଶୁଳ୍କ ଶ୍ରମିକ ସହାୟତା ହେଲପଲାଇନ୍ ନମ୍ବର ୧୫୫୩୭୨ ଏବଂ ଚାଇଲ୍ଡ ଲାଇନ୍ ନମ୍ବର ୧୦୯୮ରେ ଅଭିଯୋଗ କରିପାରିବେ। ଏହି ଅବସରରେ ଆଜି ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ଆନୁକୂଲ୍ୟରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ଜିଲ୍ଲାସ୍ତରୀୟ ଶିଶୁ ଓ କିଶୋର ଶ୍ରମିକ ଆଇନ୍ ସମ୍ପର୍କିତ ଏକ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ଡ. ଦିବ୍ୟଲୋଚନ ମହାନ୍ତ ବୈଠକରେ ଅଧ୍ୟକ୍ଷତା କରି ଶିଶୁ ଶ୍ରମିକ ଭଳି ଏକ ସାମଜିକ ବ୍ୟାଧିକୁ ସମାଜରୁ ଦୂରୀଭୂତ କରିବା ନିମନ୍ତେ ଆହ୍ୱାନ ଦେଇଥିଲେ। ବିଭିନ୍ନ ସ୍ଥାନରୁ ଶିଶୁ ଶ୍ରମିକମାନଙ୍କୁ ଚିହ୍ନଟ କରିବା ନିମନ୍ତେ ଜିଲ୍ଲାସ୍ତରୀୟ ଟାସ୍କଫୋର୍ସ ଗଠନ କରାଯାଇ ଅଚାନକ ଚଢାଉ କରାଯିବାକୁ ନିଷ୍ପତି ଗ୍ରହଣ କରାଯାଇଛି। ବୈଠକରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ଜଗଦୀଶ ଚନ୍ଦ୍ର ଜେନା, ପ୍ରଭାଗୀୟ ଶ୍ରମ ଆୟୁକ୍ତ ହରପ୍ରିୟା ନାୟକ, ଜିଲ୍ଲା ଶ୍ରମ ଅଧିକାରୀ ପ୍ରସନ୍ନ ପ୍ରଧାନ ଓ ପ୍ରୀତିବନ୍ଧନ ଘଡାଇ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ପ୍ରଗତି ମହାନ୍ତି, ଶିଶୁ ମଙ୍ଗଳ ସମିତିର ଅଧ୍ୟକ୍ଷ ପ୍ରମୋଦ ଆଚାର୍ଯ୍ୟ, ବିଭିନ୍ନ ସାମାଜିକ ଅନୁଷ୍ଠାନର କର୍ମକର୍ତ୍ତା, ବିଭିନ୍ନ ଶ୍ରମିକ ସଂଗଠନର ନେତା ଓ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।



## ପ୍ରତାପନଗରୀରେ ରାମଲୀଳା ମହୋତ୍ସବ

**ଫୁଲନଖରା,୧୯।୬(ସମିସ):** କଟକ ସଦର ଥାନା ୫୮ନଂ ୱାର୍ଡ ଅନ୍ତର୍ଗତ ନୂଆଗଡ ଗ୍ରାମରେ ଅନୁଷ୍ଠିତ ହେଉଥିବା ରାମଲୀଳା ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରତାପନଗରୀ ଗ୍ରାମର ଭାଗବତ ଗୃହ ନିକଟରେ ଅନୁଷ୍ଠିତ ରାମଜନ୍ମ ଠାରୁ ରାବଣ ବଧ ପର୍ଯ୍ୟନ୍ତ ଲୀଳାଭିନୟ ମା' ଧାକୁଲେଇ ରାମଲୀଳା ସମିତିର କଳାକାରମାନଙ୍କ ଦ୍ୱାରା ପରିବେଷିତ ହୋଇଯାଇଛି। ଏହି ସମ୍ବର୍ଦ୍ଧନା ସଭାରେ ଗ୍ରାମ୍ୟ ଉନ୍ନୟନ କମିଟିର ସଭାପତି ପ୍ରମୋଦ ସ୍ୱାଇଁ, କୋଷାଧ୍ୟକ୍ଷ ବାଦଲ ସ୍ୱାଇଁ, ସହସଂପାଦକ ତଥା ରାମଲୀଳା ସମିତିର ଉପଦେଷ୍ଟା ବାଦଲ ଜେନା, ଆଞ୍ଚଳିକ ଶାନ୍ତି କମିଟିର ସଂପାଦକ ସୁରେନ୍ଦ୍ର ମହାପାତ୍ର, ଉପସଭାପତି ଦିଲ୍ଲୀପ ସ୍ୱାଇଁ, ନଳିନୀ ସେନାପତି, ସୁଶାନ୍ତ କୁମାର ମହାନ୍ତି, ଆଇନଜୀବୀ ଦିଲ୍ଲୀପ ମହାରଣା, ନାରାୟଣ ରାଉତ, ସୁଶାନ୍ତ ପାତ୍ର, ସନ୍ତୋଷ ଲେଙ୍କା, ପ୍ରଶାନ୍ତ ପରିଡା, ସୁଶିଲ ମହାରଣା ପ୍ରମୁଖ ଯୋଗଦେଇଥିଲେ। ଅରୁଣ ରାଉତ, ମାଧବ ରାଉତ, ସୁକାନ୍ତ ସାହୁ, ପ୍ରସନ୍ନ ସ୍ୱାଇଁ, ରୋହିତ ସ୍ୱାଇଁଙ୍କ ସମେତ ସମିତିର ସମସ୍ତ ସଦସ୍ୟ ପରିଚାଳନା କରିଥିଲେ।

## ପୁରାତନ ବିଦ୍ୟାର୍ଥୀଙ୍କ ବିୟୋଗରେ ସ୍ମୃତିସଭା



**ନିଶ୍ଚିନ୍ତକୋଇଲି,୧୯।୬(ସମିସ):** ନିଶ୍ଚିନ୍ତକୋଇଲି ବ୍ଲକ ଅଧିନସ୍ଥ ଜିଗ୍ନିପୁର ଠାରେ ଥିବା ବାଳକୃଷ୍ଣ ସରକାରୀ ଉଚ୍ଚ ବିଦ୍ୟାଳୟର ୨୦୦୭ ମାଟ୍ରିକ ବ୍ୟାଚର ପୁରାତନ ବିଦ୍ୟାର୍ଥୀ ପ୍ରଦ୍ୟୁମ୍ନ କୁମାର ପଣ୍ଡା (ଶିବୁ)ଙ୍କ ଅକାଳ ବିୟୋଗ ଘଟିଛି। ଏହି ଅବସରରେ ପୁରାତନ ବିଦ୍ୟାର୍ଥୀ ପରିଷଦ ପକ୍ଷରୁ ସ୍କୁଲ ପରିସରରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଛି। ବିଦ୍ୟାର୍ଥୀ ପରିଷଦର ସଭାପତି ଗୌତମ ଦାସଙ୍କ ପୌରହିତ୍ୟରେ ଏଥିରେ ମୁଖ୍ୟ ଉପଦେଷ୍ଟା ପଦ୍ମଚରଣ ଆଚାର୍ଯ୍ୟ, ରବୀନ୍ଦ୍ରନାଥ ବେଦାନ୍ତ, ଶିକ୍ଷାବିତ୍ ନାରାୟଣ ଭାରତୀ, ଉତ୍ସବ ଚନ୍ଦ୍ର ଦାସ, ଆଇନଜୀବୀ ରାମଚନ୍ଦ୍ର ଲେଙ୍କା, ଶିକ୍ଷକ ଜଗବନ୍ଧୁ ବିଶ୍ୱାଳ, ତାପସ ଦାସ, ନୀଳମାଧବ ଆଚାର୍ଯ୍ୟ, ଜଗତଜୀବନ ପଣ୍ଡା, ପ୍ରଶାନ୍ତ ଦାସ, ପ୍ରକାଶ ପଣ୍ଡା, ଜ୍ଞାନରଂଜନ ବାରିକ,ହିମାଂଶୁ ସ୍ୱାଇଁ ପ୍ରମୁଖ ଉପସ୍ଥିତ ହୋଇ ସ୍ୱର୍ଗତ୍ ଆତ୍ମାର ସଦ୍‌ଗତି ପାଇଁ ୨ମିନିଟ୍ ନୀରବ ପ୍ରାର୍ଥନା କରିବା ସହିତ ତାଙ୍କର ଗୁଣାବଳୀ ସଂକ୍ରାନ୍ତରେ ଆଲୋଚନା କରି ସ୍ମୃତିଚାରଣ କରିଥିଲେ।

## ରଜତ ଜୟନ୍ତୀ ଉପଲକ୍ଷେ ବିଶ୍ୱଶାନ୍ତି ମହାଯଜ୍ଞର ପ୍ରସ୍ତୁତି ବୈଠକ

**ଫୁଲନଖରା,୧୯।୬(ସମିସ):** ଫୁଲନଖରାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୨୫ତମ ସ୍ୱନକ୍ଷତ୍ର ତଥା ରୌପ୍ୟଜୟନ୍ତୀ ଅବସରରେ ଚତୁର୍ଥ ପ୍ରହର ନାମଯଜ୍ଞ ଓ ବିଶ୍ୱଶାନ୍ତି ମହାଯଜ୍ଞ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ରଥଯାତ୍ରା ଅବସରରେ ଅନୁଷ୍ଠିତ ହେବାକୁ ଥିବା ମହାଯଜ୍ଞ ନିମନ୍ତେ ରଜତ ଜୟନ୍ତୀ କମିଟି ଅଧ୍ୟକ୍ଷ ସ୍ୱାଧୀନଚେତା ମହାନ୍ତିଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉକ୍ତ ବୈଠକରେ ଉପାଧ୍ୟକ୍ଷ କାନନବିହାରୀ ନାୟକ ଓ ମାନସ ରଞ୍ଜନ ପଣ୍ଡା, ବିଦ୍ୟାଳୟର ସଂପାଦକ ନରେନ୍ଦ୍ର କୁମାର ଦାସ, କୋଷାଧ୍ୟକ୍ଷା ସଂଗୀତା ଦାଶଙ୍କ ସମେତ ନୀଳମଣି ମହାନ୍ତି, ସୁଶାନ୍ତ କୁମାର ରଥ, କବିତା ସ୍ୱାଇଁ, ରବିନ୍ଦ୍ରନାଥ ବିଶ୍ୱାଳ, ସୁଧିର ପାତ୍ର ପ୍ରମୁଖ ଉପସ୍ଥିତ ରହି ସମସ୍ତ କାର୍ଯ୍ୟକ୍ରମକୁ କିଭଳି ସୂଚାରୁ ରୂପେ ସଂପାଦନ କରାଯିବ ସେ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଏହି ଆଲୋଚନାରେ ବିଦ୍ୟାଳୟର ଗୁରୁମା ଗୁରୁଜୀଙ୍କ ସମେତ ୫୦ରୁ ଅଧିକ ଅଭିଭାବକ ଓ ଅଭିଭାବିକାମାନେ ଉପସ୍ଥିତ ଥିଲେ। ଅଭିଭାବକ ଓ ଗୁରୁମା/ଗୁରୁଜୀ ମାନଙ୍କୁ ନେଇ କସଳଯାତ୍ରା କମିଟି, ଚତୁର୍ଥ ପ୍ରହର କମିଟି, ଗୀତା ପାରାୟଣ କମିଟି, ଅତିଥି ଅଭ୍ୟର୍ଥନା କମିଟି ଓ ସୁରକ୍ଷା କମିଟିମାନ ଗଠନ କରାଯାଇଥିଲା। ସମସ୍ତ କାର୍ଯ୍ୟକ୍ରମକୁ ସୂଚାରୁ ରୂପେ ପରିଚାଳନା ପାଇଁ ଅଭିଭାବକମାନେ ସେମାନଙ୍କର ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ। ଶେଷରେ ସଂଯୋଜିକା ସାଗରିକା ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।

## ମିନି ଷ୍ଟାଡିୟମ ଉନ୍ନୟନ ପରିଷଦ ପକ୍ଷରୁ ରଜ ମହୋତ୍ସବ

**ଟାଙ୍ଗୀ,୧୯।୬(ସମିସ):** ଟାଙ୍ଗୀ-ଚୌଦ୍ୱାର ବ୍ଲକ ହରିଅନ୍ତା ପଞ୍ଚାୟତ ସର୍ଦ୍ଦୋଳାସ୍ଥିତ ମିନି ଷ୍ଟାଡ଼ିୟମ ପରିସରରେ ରଜ ମହୋତ୍ସବ ପାଳିତ ହୋଇଯାଇଛି। ମିନି ଷ୍ଟାଡ଼ିୟମ ଉନ୍ନୟନ ପରିଷଦ ପକ୍ଷରୁ ଅନୁଷ୍ଠିତ ଉଦ୍‌ଯାପନ ଉତ୍ସବରେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରିଥିଲେ। ପରିଷଦ ସଭାପତି ଗୋଲକ ମହାନ୍ତିଙ୍କ ପୌରହିତ୍ୟରେ ଏବଂ ସଂପାଦକ ବିଜୟ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥିଙ୍କ ସହ ସ୍ଥାନୀୟ ସରପଞ୍ଚ ସୋଫିଆ ବିବି, ସମିତିସଭ୍ୟ ଶ୍ରୀମନ୍ତ ଜେନା, ଜିଲ୍ଲା ପରିଷଦ ସଭ୍ୟା ଜୟଶ୍ରୀ ପ୍ରଧାନ ଓ ପଞ୍ଚାୟତ ବିଜେଡି ସଭାପତି ନରେନ୍ଦ୍ର କୁମାର ରାଉତରାୟ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ଶିକ୍ଷାବିତ୍ ବିଭୂତି ସାହୁ ମଞ୍ଚ ପରିଚାଳନା କରିଥିବାବେଳେ ବ୍ଲକ ବିଜେଡ଼ି ସଭାପତି ଧିରେନ୍ଦ୍ର ଜେଠୀ ମଞ୍ଚ ଧନ୍ୟବାଦ ଅର୍ପଣ କରିଥିଲେ।

## ମୃତକଙ୍କ ପରିବାରକୁ ବିଧାୟକଙ୍କ ସହାୟତା

**ନିଶ୍ଚିନ୍ତକୋଇଲି,୧୯।୬(ସମିସ):** ନିଶ୍ଚିନ୍ତକୋଇଲି ବ୍ଲକ ଅଧିନସ୍ଥ ଜିଗ୍ନିପୁର ଗ୍ରାମର ଧ୍ରୁବଚରଣ ପଣ୍ଡାଙ୍କ ଜ୍ୟେଷ୍ଠପୁତ୍ର ପ୍ରଦ୍ୟୁମ୍ନ ପଣ୍ଡା (ଶିବୁ)ଙ୍କ ଚିକିତ୍ସାସେବା ଅବହେଳାରୁ ଅକାଳ ବିୟୋଗ ଘଟିଛି। ମୃତ ଯୁବକ ଜଣକ ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ହୋଇଥିବାରୁ ତାଙ୍କ ମୃତ୍ୟୁରେ ପରିବାର ଲୋକେ ଦୁଃଖରେ ଭାଙ୍ଗିପଡିଛନ୍ତି। ଏଭଳି ଦୁଃଖଦ ଖବର ପାଇ ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନ ତାଙ୍କ ବାସ ଭବନରେ ପହଞ୍ଚି ଶୋକସନ୍ତପ୍ତ ପରିବାରକୁ ସାନ୍ତ୍ୱନା ଦେଇଥିଲା ବେଳେ ଶୁଦ୍ଧିକ୍ରିୟା ନିମନ୍ତେ ଆର୍ଥିକ ସହାୟତା କରିଛନ୍ତି। ଏହି ଅବସରରେ ବିଧାୟକ ଶ୍ରୀ ପ୍ରଧାନ ବ୍ରହ୍ମକ୍ଷେତ୍ର ପୀଠ ଶ୍ରୀ ଶ୍ରୀ ବଳଦେବଜୀଉ ମନ୍ଦିର ଓ ଏହାର ବେଢା ପରିଦର୍ଶନ କରିଥିଲେ। ବିଧାୟକଙ୍କ ସହିତ ବ୍ଲକ ଉପାଧ୍ୟକ୍ଷ ନୃସିଂହ ମିଶ୍ର, ରଞ୍ଜନ ରାଉତ, ରମେଶ ଚନ୍ଦ୍ର ସ୍ୱାଇଁ, ଯତୀନ୍ଦ୍ରନାଥ ଜେନା, ଦେବେନ୍ଦ୍ର ସାହୁ, ପ୍ରକାଶ ସାମଲଙ୍କ ସମେତ ବହୁ ନେତୃବୃନ୍ଦ ଉପସ୍ଥିତ ଥିଲେ।

## ବ୍ୟାସକବି ଫକୀରମୋହନଙ୍କ ଶ୍ରାଦ୍ଧବାର୍ଷିକୀ

**ନିଶ୍ଚିନ୍ତକୋଇଲି,୧୯।୬(ସମିସ):** ନିଶ୍ଚିନ୍ତକୋଇଲି ବ୍ଲକ ଅଧିନସ୍ଥ କଟରପଡ଼ା ପଞ୍ଚାୟତ ମୁରୁଦାବାଦ ଠାରେ ଥିବା ସିଦ୍ଧ ସ୍ୱପ୍ନେଶ୍ୱର ମହାଦେବ ମନ୍ଦିର ପରିସରରେ ସ୍ୱପ୍ନେଶ୍ୱର ସାହିତ୍ୟ ସଂସଦ ଆନୁକୂଲ୍ୟରେ ବ୍ୟାସକବି ଫକୀରମୋହନ ସେନାପତିଙ୍କ ୧୦୮ ତମ ଶ୍ରାଦ୍ଧବାର୍ଷିକ ପାଳିତ ହୋଇଛି। ସଂସଦର ସଭାପତି କବି ଫକୀରଚରଣ ନାୟକଙ୍କ ପୌରହିତ୍ୟରେ ଏହି କାର୍ଯ୍ୟକ୍ରମକୁ ମୁଖ୍ୟଅତିଥି ସର୍ବଭାରତୀୟ ଶିକ୍ଷା ସମାଜର ସଭାପତି ପ୍ରଫେସର ଡ. ଯୁଧିଷ୍ଠିର ଖଟୁଆ ଉଦ୍‌ଘାଟନ କରିଥିଲେ। ଏଥିରେ ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ଡ.ପ୍ରସନ୍ନ କୁମାର ଦାସ, ସମ୍ମାନିତ ଅତିଥି ଭାବେ ଆଇନଜୀବୀ ଅମରେନ୍ଦ୍ର ନାରାୟଣ ଦାସ, ମହନ୍ତ ଅନନ୍ତରାମ ଦାସ, କବି କୁଳମଣି ସାହୁ ପ୍ରମୁଖ ଯୋଗଦେଇ ଓଡ଼ିଆ ସାହିତ୍ୟ ପ୍ରତି ଫକୀରମୋହନଙ୍କ ଅବଦାନ ଏବଂ କୃତିତ୍ୱ ସଂକ୍ରାନ୍ତରେ ଆଲୋଚନା କରିଥିଲେ। ପ୍ରଥମେ ବିମାନ ଦୁର୍ଘଟଣାରେ ପ୍ରାଣ ହରାଇଥିବା ବ୍ୟକ୍ତିମାନଙ୍କର ଦିବଂଗତ ଆତ୍ମାର ସଦ୍‌ଗତି ନିମନ୍ତେ ୧ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ପରିବେଶବିତ୍ ପ୍ରମୋଦ କୁମାର ଦାଶ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଦିପ୍ତିରଂଜନ ନାୟକ ଧନ୍ୟବାଦ ଦେଇଥିଲେ। ନାରୀ ଜାଗରଣ ସଂଘର ସମ୍ପାଦିକା ସବିତା ଶତପଥୀ ଓ ସୁଶ୍ରୀ ସ୍ୱର୍ଣ୍ଣପ୍ରଭା ଦେଶାତ୍ମବୋଧକ କବିତା ଆବୃତ୍ତି କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ କୃଷ୍ଣଚନ୍ଦ୍ର ନାୟକଙ୍କୁ ବ୍ୟାସକବି ସମ୍ମାନରେ ସମ୍ମାନିତ କରାଯାଇ ମାନପତ୍ର ଓ ଉପଢୌକନ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଶୁକଦେବ ପାତ୍ର, ବନମାଳୀ ମହାନ୍ତି, ରାମଚନ୍ଦ୍ର ଦାସ, ଆଇନଜୀବୀ ଜିତେନ୍ଦ୍ର ସ୍ୱାଇଁ ଓ ରାଜକିଶୋର ସ୍ୱାଇଁ, ସନ୍ତୋଷ ପାତ୍ର, କୈଳାଶ ସ୍ୱାଇଁ, ତ୍ରିଲୋଚନ ନାୟକ, ଉତ୍ସାହ ପରିବାର ସଭାପତି ଦେବାଶିଷ ବେହୁରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# 'ଦଣ୍ଡ ଶୁଣାଣି ଔପଚାରିକତା ନୁହେଁ'

**କଟକ,୧୯।୬(ସମିସ)**

ଦଣ୍ଡ ଶୁଣାଣି କେବଳ ଏକ ଔପଚାରିକତା ନୁହେଁ ବୋଲି ହାଇକୋର୍ଟ କହିବା ସହ ନିମ୍ନ ଅଦାଲତ ଦ୍ୱାରା ଗୋଟିଏ ଦିନରେ ଦୋଷୀ ସାବ୍ୟସ୍ତ ଏବଂ ମୃତ୍ୟୁଦଣ୍ଡାଦେଶ ପ୍ରଦାନ ନେଇ ଉଦବେଗ ପ୍ରକାଶ କରିଛନ୍ତି। ଅଭିଯୁକ୍ତଙ୍କୁ ସେମାନଙ୍କ ସପକ୍ଷରେ ପ୍ରାସଙ୍ଗିକ ପ୍ରଶମନକାରୀ ପରିସ୍ଥିତି ଉପସ୍ଥାପନ କରିବା ପାଇଁ ଉପଯୁକ୍ତ ସୁଯୋଗ ନ ଦେଇ, ନିମ୍ନ ଅଦାଲତ ଦୋଷୀ ସାବ୍ୟସ୍ତ କରିବା ସହ ସମାନ ଦିନରେ ମୃତ୍ୟୁଦଣ୍ଡାଦେଶ ପ୍ରଦାନ କରିବା ଘଟଣାକୁ ଅଦାଲତ ନାପସନ୍ଦ କରିଛନ୍ତି। ଜଷ୍ଟିସ ସଙ୍ଗମ କୁମାର ସାହୁ ଓ ଜଷ୍ଟିସ ଶିବଶଙ୍କର ମିଶ୍ରଙ୍କୁ ନେଇ ଗଠିତ ଦୁଇ ଜଣିଆ ଖଣ୍ଡପୀଠ ମୃତ୍ୟୁ ଦଣ୍ଡାଦେଶ ପାଇଥିବା ଦୋଷୀଙ୍କୁ ସତ୍ୟପାଠ ମାଧ୍ୟମରେ ସେମାନଙ୍କ ସପକ୍ଷରେ 'ପ୍ରଶମିତକାରୀ କାରଣ'କୁ ଉପସ୍ଥାପନ କରିବାକୁ ଅନୁମତି ଦେଇ ଏପରି ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଆଇନ ଅନୁଯାୟୀ ଦଣ୍ଡାଦେଶର ଶୁଣାଣି ବାସ୍ତବ ଏବଂ ପ୍ରଭାବଶାଳୀ ହେବା ଉଚିତ ଏବଂ କେବଳ ଔପଚାରିକତା ନୁହେଁ। ଦୋଷୀ ଉପରେ ଦଣ୍ଡାଦେଶ ଲାଗୁ ବିଚାର କରିବା ସମୟରେ ଯଦି ଅଦାଲତ ଦ୍ୱାରା ଏକ ଅର୍ଥପୂର୍ଣ୍ଣ ଶୁଣାଣି ଗ୍ରହଣ କରାଯାଏ ନାହିଁ, ତେବେ ଏହା ଦୋଷୀଙ୍କ ପ୍ରତି ଗୁରୁତର ପକ୍ଷପାତ ସୃଷ୍ଟି କରିବାର ସମ୍ଭାବନା ରହିଛି ବୋଲି କହିଛନ୍ତି ଖଣ୍ଡପୀଠ। ଦୋଷୀ ସାବ୍ୟସ୍ତ ତଥା ମୃତ୍ୟୁଦଣ୍ଡ ପାଇଥିବା ବ୍ୟକ୍ତିମାନେ ଏକ ପରିବାରର ତିନି ଜଣ ସଦସ୍ୟଙ୍କୁ ଗଳା କାଟି ହତ୍ୟା କରିଥିବା ଅଭିଯୋଗରେ ଅଭିଯୁକ୍ତ ରହିଥିଲେ। ଆଠମଲ୍ଲିକ ଅତିରିକ୍ତ ଦୌରା ଜଜ୍, ଗତ ୨୦୨୪ସେପ୍ଟେମ୍ବର୨୭ରେ ସେମାନଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ। ସେହିଦିନ ଫାଶୀ ଦଣ୍ଡାଦେଶ ପ୍ରଦାନ କରିଥିଲେ। ନିମ୍ନ ଅଦାଲତ ଦୋଷୀମାନଙ୍କୁ ସେମାନଙ୍କ ସପକ୍ଷରେ ଅଧିକ ତଥ୍ୟ ଦାଖଲ ପାଇଁ ସୁଯୋଗ ପ୍ରଦାନ ନକରି କଠୋରତମ ଦଣ୍ଡାଦେଶ ପ୍ରଦାନ କରିବା ନେଇ ହାଇକୋର୍ଟ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏଣୁ ଆବେଦନକାରୀଙ୍କୁ ଜୁନ୍ ୩୦ ସୁଦ୍ଧା ସେମାନଙ୍କ ସପକ୍ଷରେ ଦସ୍ତାବିଜ ସମ୍ବଳିତ ସତ୍ୟପାଠ ଦାଖଲ କରିବାକୁ କହିଛନ୍ତି ହାଇକୋର୍ଟ। ସେହିଭଳି ଅନୁଗୁଳ ସର୍କଲ୍ ଜେଲର ଅଧୀକ୍ଷକଙ୍କୁ

### ହାଇକୋର୍ଟରେ ଶୁଣାଣି



### ବ୍ୟାଙ୍କ ମେସେଞ୍ଜରଙ୍କୁ ଚାକିରିରୁ ବହିଷ୍କାର ଘଟଣା

# ୫ ଲକ୍ଷ ଟଙ୍କା କ୍ଷତିପୂରଣ ନିର୍ଦ୍ଦେଶ

**କଟକ,୧୯।୬(ସମିସ):** ଜଣେ ମୃତ ବ୍ୟକ୍ତିଙ୍କ ନାମରେ ଥିବା ବ୍ୟାଙ୍କ ଆକାଉଣ୍ଟରୁ ପେନସନ ବାବଦ ଟଙ୍କା ଉଠାଣ ଘଟଣାରେ ଚାକିରିରୁ ବହିଷ୍କୃତ ବ୍ୟାଙ୍କର ମେସେଞ୍ଜରଙ୍କୁ ଏକକାଳୀନ ୫ଲକ୍ଷ ଟଙ୍କା କ୍ଷତିପୂରଣ ରାଶି ପ୍ରଦାନ ପାଇଁ ସମ୍ପୃକ୍ତ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ। କେନ୍ଦ୍ର ସରକାରଙ୍କ ଶିଳ୍ପ ଟ୍ରିବୁନାଲ ତଥା ଭୁବନେଶ୍ୱର ଶ୍ରମ ଅଦାଲତଙ୍କ ନିର୍ଦ୍ଦେଶକୁ ଚାଲେଞ୍ଜ କରି ବ୍ୟାଙ୍କ ମହାପ୍ରବନ୍ଧକଙ୍କ ତରଫରୁ ଦାୟର ଆବେଦନର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଓ ଜଷ୍ଟିସ କେ.ଆର.ମହାପାତ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଉପରୋକ୍ତ କ୍ଷତିପୂରଣ ରାଶି ସହ ବକେୟା ରାଶିର ୫୦ପ୍ରତିଶତ ଆସନ୍ତା ଏକ ମାସ ମଧ୍ୟରେ ସମ୍ପୃକ୍ତ ବ୍ୟାଙ୍କ କର୍ତ୍ତୃପକ୍ଷ ପ୍ରଦାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି ଖଣ୍ଡପୀଠ। ମାମଲାରୁ ପ୍ରକାଶ ଯେ ପ୍ରତିପକ୍ଷ ଆର.କେ.ବେହେରା ବ୍ୟାଙ୍କ ମେସେଞ୍ଜର ଭାବେ ଏକ ଜାତୀୟକରଣ ବ୍ୟାଙ୍କର ଉମରକୋଟ ଶାଖାରେ କାର୍ଯ୍ୟ କରୁଥିବା ବେଳେ ଜନୈକା ମହିଳାଙ୍କ ସଂଗ୍ରାମୀ ପେନସନ ଆକାଉଣ୍ଟରୁ ଟଙ୍କା ଉଠାଣ ସ୍ଲିପରେ ୨୦ହଜାର ଟଙ୍କା ଉଠାଣ ହୋଇଥିଲା। ତେବେ ସେତେବେଳକୁ ସେହି ମହିଳା ଜୀବିତ ନଥିଲେ। ମେସେଞ୍ଜର କଥାରେ ବ୍ୟାଙ୍କ ଆକାଉଣ୍ଟାଣ୍ଟ ଏହି ଟଙ୍କା ସମ୍ପୃକ୍ତ ମହିଳାଙ୍କ ନାତିଙ୍କୁ ଦେଇଥିଲେ। ଏହି ବେଆଇନ ଟଙ୍କା କାରବାରରେ ମେସେଞ୍ଜରଙ୍କ ସମ୍ପୃକ୍ତି ଅଭିଯୋଗରେ ତାଙ୍କୁ ଚାକିରିରୁ ବହିଷ୍କାର କରିଦିଆଯାଇଥିଲା। ତେବେ ଏହା ବିରୋଧରେ ସେ ଶିଳ୍ପ ଟ୍ରିବୁନାଲ ତଥା ଶ୍ରମ ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲେ। ଗତ ୨୦୧୭ରେ ଶ୍ରମ ଅଦାଲତ ତାଙ୍କୁ ଚାକିରିରେ ପୁନଃଅବସ୍ଥାପିତ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହି ନିର୍ଦ୍ଦେଶ ବିରୋଧରେ ବ୍ୟାଙ୍କ କର୍ତ୍ତୃପକ୍ଷ ହାଇକୋର୍ଟରେ ମାମଲା ଦାୟର କରିଥିଲେ।

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

- ଡଲାର ୮୬.୯୦ ● ପାଉଣ୍ଡ ୧୧୬.୯୬
- ୟୁରୋ ୯୯.୨୬ ● ୟେନ୍ ୦.୫୯

**ସୁନା, ରୁପା ଦର (ଟଙ୍କାରେ)**



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)

- ସୁନା: ୯୨,୫୧୦ (ଭୁବନେଶ୍ୱର)
- ରୁପା : ୧,୧୧,୧୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)

- ସେନ୍‌ସେକ୍ସ ୮୧,୩୬୧.୦୦
- ନିଫ୍ଟି ୨୪,୭୯୩.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)

- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



# କ୍ୟୁଏସ୍ ବିଶ୍ୱ ବିଶ୍ୱବିଦ୍ୟାଳୟ ର୍‍ୟାଙ୍କିଙ୍ଗ୍ ୨୦୨୬

ଭୁବନେଶ୍ୱର,୧୯।୬(ସମିସ): କ୍ୟୁଏସ୍ ବିଶ୍ୱ ବିଶ୍ୱବିଦ୍ୟାଳୟ ର୍‍ୟାଙ୍କିଙ୍ଗ୍ ୨୦୨୬ ଆଜି ପ୍ରକାଶ ପାଇଥିବାବେଳେ ଏଥିରେ କିଟ୍ ବିଶ୍ୱବିଦ୍ୟାଳୟ ଓଡ଼ିଶାରେ ଘରୋଇ ବିଶ୍ୱବିଦ୍ୟାଳୟ ମଧ୍ୟରେ ଶ୍ରେଷ୍ଠ ସ୍ଥାନରେ ରହିଛି। ଏହା ସହିତ ସମଗ୍ର ଭାରତରେ କିଟ୍ ବିଶ୍ୱବିଦ୍ୟାଳୟ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିବାବେଳେ ଦକ୍ଷିଣ ଏସିଆରେ ୫୫ତମ ସ୍ଥାନ ଏବଂ ସମଗ୍ର ଭାରତରେ

## ଓଡ଼ିଶାରେ ଶୀର୍ଷରେ କିଟ୍




ଘରୋଇ ବିଶ୍ୱବିଦ୍ୟାଳୟ ମଧ୍ୟରେ କିଟ୍ ୯ମ ସ୍ଥାନରେ ରହିଛି। କ୍ୟୁଏସ ବିଶ୍ୱ ବିଶ୍ୱବିଦ୍ୟାଳୟ ର୍‍ୟାଙ୍କିଙ୍ଗ ୨୦୨୬ରେ ବିଶ୍ୱର ୧୫ ଶହରୁ ଅଧିକ ବିଶ୍ୱବିଦ୍ୟାଳୟ ଅଂଶଗ୍ରହଣ କରିଥିବା ବେଳେ କିଟ୍ ବିଶ୍ୱବିଦ୍ୟାଳୟ ପ୍ରଥମ ଥର ପାଇଁ କ୍ୟୁଏସ ବିଶ୍ୱ ବିଶ୍ୱବିଦ୍ୟାଳୟ ର୍‍ୟାଙ୍କିଙ୍ଗ୍‌ରେ ଅଂଶଗ୍ରହଣ କରିଥିଲା। ଏହି ର୍‍ୟାଙ୍କିଙ୍ଗ ଶୈକ୍ଷିକ ପ୍ରତିଷ୍ଠା, ନିଯୁକ୍ତିଦାତାଙ୍କ ପ୍ରତିଷ୍ଠା, ଅଧ୍ୟାପକ-ଛାତ୍ର ଅନୁପାତ, ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ଅଧ୍ୟାପକଙ୍କ ପ୍ରଶଂସା, ଅନ୍ତର୍ଜାତୀୟ ଫାକଲଟି, ଅନ୍ତର୍ଜାତୀୟ ଛାତ୍ର, ଅନ୍ତର୍ଜାତୀୟ ଛାତ୍ର ବିବିଧତା, ଅନ୍ତର୍ଜାତୀୟ ଗବେଷଣା ନେଟୱାର୍କ, ନିଯୁକ୍ତି ଫଳାଫଳ ଏବଂ ସ୍ଥାୟିତ୍ୱ ଆଦି ମାନଦଣ୍ଡକୁ ଭିତ୍ତିକରି ଏହି ରାଙ୍କିଙ୍ଗ ପ୍ରଦାନ କରାଯାଇଛି। ଏହି ସଫଳତାରେ ସନ୍ତୋଷ ବ୍ୟକ୍ତ କରି କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କହିଛନ୍ତି ଯେ, କ୍ୟୁଏସ୍ ବିଶ୍ୱ ବିଶ୍ୱବିଦ୍ୟାଳୟ ର୍‍ୟାଙ୍କିଙ୍ଗ୍ କିଟ୍‌ର ଶୈକ୍ଷିକ ଉତ୍କର୍ଷତା କ୍ଷେତ୍ରରେ ନିରନ୍ତର ପ୍ରୟାସର ପ୍ରତିଫଳନ। ଏହି ସଫଳତା ପାଇଁ କିଟ୍‌ର ସମସ୍ତ ଅଧ୍ୟାପକ ଅଧ୍ୟାପିକା, କର୍ମଚାରୀ ଏବଂ ଛାତ୍ରଛାତ୍ରୀଙ୍କୁ ଶ୍ରୀ ସାମନ୍ତ ଅଭିନନ୍ଦନ ଜଣାଇଛନ୍ତି।

# ନିଜ ଜାଲରେ ଫସିଲେ ଟ୍ରମ୍ପ୍

ନୂଆଦିଲ୍ଲୀ,୧୯।୬(ଏଜେନ୍ସି)

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ 'ମେକିଂ ଆମେରିକା ଗ୍ରେଟ୍ ଏଗେନ୍' ଯୋଜନା ଓଲଟା ପ୍ରଭାବ ପକାଇପାରେ। ବ୍ଲୁମବର୍ଗର ଏକ ରିପୋର୍ଟ ଅନୁଯାୟୀ, ଜୁଲାଇ ମାସ ଆରମ୍ଭ ହେବା ମାତ୍ରେ ଟ୍ରମ୍ପ୍‌ଙ୍କ ନୂଆ ଶୁଳ୍କ ଲାଗୁ ହେବ। ପ୍ରତି ଗାଡ଼ିର ମୂଲ୍ୟ ପ୍ରାୟ ୨୦୦୦ ଡଲାର (୧.୭୪ ଲକ୍ଷ ଟଙ୍କା) ବୃଦ୍ଧି ହେବ। ଏହା ଆମେରିକାରେ କାରର

## ଟିକସ ଲଗାଇଲେ କ୍ଷତି ବୋଝ ଉଠାଇବ ଆମେରିକା

## ଅଟୋ ଉପରେ ୩୦ ବିଲିୟନ ଡଲାରର ଶୁଳ୍କ

## ପ୍ରଭାବିତ ହେବେ ଆମେରିକୀୟ କାର୍ କ୍ରେତା




ମୂଲ୍ୟ ଆହୁରି ବୃଦ୍ଧି ଘଟାଇବ। ବିଶେଷଜ୍ଞଙ୍କ ଅନୁଯାୟୀ, ଏହି ବର୍ଦ୍ଧିତ ମୂଲ୍ୟର ଏକ ବଡ଼ ଅଂଶ କାର୍ କ୍ରେତାଙ୍କୁ ଦେବାକୁ ପଡ଼ିବ। ପରାମର୍ଶଦାତା ଫାର୍ମ ଆଲିକ୍ସପାର୍ଟନର୍ସ ଆକଳନ କରିଛି ଯେ, ଅଟୋ କମ୍ପାନୀଗୁଡ଼ିକ ସିଧାସଳଖ ଗ୍ରାହକଙ୍କ ଉପରେ ଶୁଳ୍କର ପ୍ରାୟ ୮୦ପ୍ରତିଶତ ମୂଲ୍ୟ ପ୍ରଦାନ କରିବେ। ଏହା ଆମେରିକାର ଲୋକ ଏବଂ ଶିଳ୍ପକୁ କ୍ଷତି ପହଞ୍ଚାଇପାରେ। ଅଟୋ ଉପରେ ୩୦ ବିଲିୟନ ଡଲାରର ଶୁଳ୍କ ସିଧାସଳଖ କାର୍ କ୍ରେତାଙ୍କ ଉପରେ ପଡ଼ିବ। ସରଳ ଶବ୍ଦରେ କହିବାକୁ ଗଲେ, ଆମେରିକୀୟ ଲୋକଙ୍କୁ ଏହାର ଆର୍ଥିକ ବୋଝ ବହନ କରିବାକୁ ପଡ଼ିବ।

ଏଥିଯୋଗୁଁ, ଗ୍ରାହକମାନଙ୍କୁ ପ୍ରତି ଗାଡ଼ି ପାଇଁ ହାରାହାରି ପ୍ରାୟ ୧୭୬୦ ଡଲାର ଅଧିକ ଦେବାକୁ ପଡ଼ିବ। ବର୍ଦ୍ଧିତ ମୂଲ୍ୟ ଯୋଗୁଁ, ଆଗାମୀ ତିନି ବର୍ଷ ମଧ୍ୟରେ ଆମେରିକାରେ ଗାଡ଼ି ବିକ୍ରି ୧ ନିୟୁତ ୟୁନିଟ୍ ହ୍ରାସ ପାଇପାରେ। ତଥାପି, ୨୦୩୦ ସୁଦ୍ଧା ବାର୍ଷିକ ୧୭ ନିୟୁତ ଗାଡ଼ି ବିକ୍ରି ହେବ ବୋଲି କମ୍ପାନୀ ଆଶା କରୁଛି। ଏହା ଗତବର୍ଷ ତୁଳନାରେ ୧ ନିୟୁତ ଅଧିକ। ଏହା ଘଟିବ କାରଣ ଶୁଳ୍କର ପ୍ରଭାବ ହ୍ରାସ ପାଇବା ଆରମ୍ଭ ହେବ।

ଆମେରିକାର ବଡ଼ କାର୍ କମ୍ପାନୀଗୁଡ଼ିକ ଏହାର ପ୍ରଭାବ ବିଷୟରେ ପୂର୍ବରୁ କହିସାରିଛନ୍ତି। ଚଳିତ ବର୍ଷ ଶୁଳ୍କ ଯୋଗୁଁ ଜେନେରାଲ ମୋଟର୍ସ ୫ ବିଲିୟନ ଡଲାର କ୍ଷତି ସହିବ ବୋଲି କୁହାଯାଉଛି। ସେହି ସମୟରେ, ଫୋର୍ଡ ୨.୫ ବିଲିୟନ ଡଲାର କ୍ଷତି ସହିବ ବୋଲି ଆଶଙ୍କା କରାଯାଉଛି। ଉଭୟ କମ୍ପାନୀ କହିଛନ୍ତି ଯେ ସେମାନେ ମୂଲ୍ୟ ପରିବର୍ତ୍ତନ କରି ଏହି କ୍ଷତିକୁ ହ୍ରାସ କରିବାକୁ ଯୋଜନା କରୁଛନ୍ତି। ଆଲିକ୍ସ ପାର୍ଟନର୍ସର ଆକଳନ ଅନ୍ୟମାନଙ୍କ ତୁଳନାରେ କମ୍ ଗମ୍ଭୀର। କାରଣ ସେମାନେ ବିଶ୍ୱାସ କରନ୍ତି ଯେ ବାଣିଜ୍ୟ ଆଲୋଚନା ଆଗକୁ ବଢ଼ିବା ସହିତ ସମୟ ଅନୁଯାୟୀ ଶୁଳ୍କ ହ୍ରାସ ପାଇବ। ଆମଦାନୀ ହୋଇଥିବା କାର ଉପରେ ବର୍ତ୍ତମାନର ୨୫ ପ୍ରତିଶତ ଶୁଳ୍କ ପୂର୍ଣ୍ଣ ଆସେମ୍ବଲ୍ ହୋଇଥିବା ଯାନ ଉପରେ ୭.୫ ପ୍ରତିଶତ ଏବଂ ଅଂଶ ଉପରେ ୫ ପ୍ରତିଶତକୁ ହ୍ରାସ ପାଇପାରେ। ଆମେରିକା-ମେକ୍ସିକୋ-କାନାଡା ଚୁକ୍ତିନାମା ଅଧୀନରେ ଥିବା ଯାନଗୁଡ଼ିକ ପାଇଁ ଶୁଳ୍କ ହାର ଆହୁରି କମ୍ ହୋଇପାରେ।

**ଇରାନ-ଇସ୍ରାଏଲ ଯୁଦ୍ଧ**

# ବିପଦରେ ଭାରତର ୪୭୭୧ କୋଟିର ନିବେଶ



- ହର୍ମୁଜ୍ ପ୍ରଣାଳୀର ସ୍ଥିତି ଗମ୍ଭୀର
- ଭାରତକୁ ଲାଗିବ ଅନେକ ଦିଗରୁ ଝଟ୍‌କା
- ବନ୍ଦ ହୋଇପାରେ ଘରୋଇ କ୍ଷେତ୍ରର ନିବେଶ

ନୂଆଦିଲ୍ଲୀ,୧୯।୬(ଏଜେନ୍ସି): ଇରାନ ଏବଂ ଇସ୍ରାଏଲ ମଧ୍ୟରେ ବଢ଼ୁଥିବା ଉତ୍ତେଜନା ଯୋଗୁଁ ଏବେ ଇରାନ୍‌ରେ ବାଜିରେ ଲାଗିଛି ଭାରତର ୪୭୭୧ କୋଟିର ନିବେଶ। କାରଣ ଇରାନ୍‌ର ଛାବାହାର ବନ୍ଦରରେ ଭାରତ ୫୫୦ ନିୟୁତ ଡଲାର (ପାଖାପାଖି ୪୭୭୧ କୋଟି ଟଙ୍କା) ନିବେଶ କରିଛି। ତେଣୁ ଏହି ବନ୍ଦର ଉପରେ ଭାରତର ବ୍ୟବସାୟିକ କାରବାର ବହୁ ପରିମାଣରେ ନିର୍ଭରଶୀଳ। ଇଣ୍ଡିଆ ପୋର୍ଟ ଗ୍ଲୋବାଲ ଲିମିଟେଡ୍ (ଆଇପିଜିଏଲ୍) ମାଧ୍ୟମରେ ଏହି ବନ୍ଦରକୁ ଭାରତ ସଞ୍ଚାଳନ କରୁଛି। ଛାବାହାର ବନ୍ଦରରୁ ଭାରତକୁ ଆଫଗାନିସ୍ତାନ ଏବଂ ମଧ୍ୟ ଏସିଆ ପାଇଁ ବ୍ୟବସାୟିକ ମାର୍ଗ ମିଳିଯାଇଛି। ଏହାଫଳରେ ଭାରତ ପାକିସ୍ତାନ ମାର୍ଗକୁ ଏଡାଇ ଏହି ପଥର ବାଣିଜ୍ୟ କାରବାର କରୁଛି। ଅପରପକ୍ଷେ ଇରାନ ଏବଂ ଇସ୍ରାଏଲ ଯୁଦ୍ଧ ସ୍ଥିତିରେ ଛାବାହାର ବନ୍ଦରରେ ବୃହତ୍ ନିବେଶ ଏବେ ଭାରତ ପାଇଁ ମୁଣ୍ଡ ବିନ୍ଧାର କାରଣ ସାଜିଛି। ଏଥିସହ ହର୍ମୁଜ୍ ପ୍ରଣାଳୀର ପରିସ୍ଥିତି ଗମ୍ଭୀର ହୋଇପଡ଼ିଛି। ଯାହା ଭାରତ ପାଇଁ ଆଉ ଏକ ବଡ଼ ଝଟ୍‌କା ହୋଇପାରେ। କ୍ରେଡିଟ୍ ରେଟିଂ ଏଜେନ୍ସି ଇକ୍ରା ଚେତାବନୀ ଦେଇଛି ଯେ ଯଦି ଏହି ମାର୍ଗ ଦେଇ ତେଲ ଏବଂ ଗ୍ୟାସ ଯୋଗାଣରେ ବାଧା ସୃଷ୍ଟି ହୁଏ, ତେବେ ଭାରତର ଅର୍ଥନୀତି ଉପରେ ଏହାର ପ୍ରତିକୂଳ ପ୍ରଭାବ ପଡ଼ିବ। ଏହା ତେଲ ଆମଦାନୀ ବିଲ୍ ଏବଂ ଚଳନ୍ତି ଖାତା ନିଅଣ୍ଟ ବୃଦ୍ଧି ପାଇବାର ସମ୍ଭାବନା ଅଛି। ଏହାସହିତ, ଘରୋଇ କ୍ଷେତ୍ରର ନିବେଶ ମଧ୍ୟ ବନ୍ଦ ହୋଇପାରେ।

ଜୁନ୍ ୧୩ରେ ଇସ୍ରାଏଲ ଇରାନର ସାମରିକ ଏବଂ ଶକ୍ତି ଘାଟି ଉପରେ ଆକ୍ରମଣ କରିଥିଲା। ଏହାପରେ, ତେଲ ମୂଲ୍ୟ ବୃଦ୍ଧି ପାଇଥିଲା। ଇକ୍ରା ଆକଳନ କରିଛି ଯେ ଯଦି ଅଶୋଧିତ ତେଲର ମୂଲ୍ୟ ପ୍ରତି ବ୍ୟାରେଲ ପିଛା ୧୦ ଡଲାର ବୃଦ୍ଧି ପାଏ, ତେବେ ଭାରତର ତୈଳ ଆମଦାନୀ ବିଲ୍ ୧୩-୧୪ ବିଲିୟନ ଡଲାରକୁ ବୃଦ୍ଧି ପାଇପାରେ। ସିଏଡି ମଧ୍ୟ ଜିଡିପିର ୦.୩% ବୃଦ୍ଧି ପାଇବାର ଆଶା କରାଯାଉଛି। ଉଚ୍ଚ ତୈଳ ମୂଲ୍ୟ ଦେଶରେ ପେଟ୍ରୋଲ, ଡିଜେଲ ଏବଂ ଅନ୍ୟାନ୍ୟ ସାମଗ୍ରୀର ମୂଲ୍ୟ ବୃଦ୍ଧି କରିବ। ଏହା ସାଧାରଣ ଲୋକଙ୍କ ଉପରେ ସିଧାସଳଖ ଆର୍ଥିକ ବୋଝ ପକାଇବ ଏବଂ ମୁଦ୍ରାସ୍ଫୀତି ହାର ବୃଦ୍ଧି ପାଇବ। ହରମୁଜ୍ ପ୍ରଣାଳୀ ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବାଣିଜ୍ୟ ପଥ। ବିଶ୍ୱର ପ୍ରାୟ ୨୦% ତେଲ ଏବଂ ଏଲ୍‌ଏନ୍‌ଜି ଏହି ପଥ ଦେଇ ଗତି କରେ। ଇକ୍ରା ଅନୁଯାୟୀ, ଭାରତର ୪୫-୫୦% ଅଶୋଧିତ ତୈଳ ଆମଦାନୀ ଏବଂ ୬୦% ପ୍ରାକୃତିକ ଗ୍ୟାସ ଆମଦାନୀ ଏହି ପଥ ଦେଇ ହୁଏ। ରିପୋର୍ଟରେ କୁହାଯାଇଛି, ‹ଇରାକ, ସାଉଦି ଆରବ, କୁଏତ ଏବଂ ୟୁଏଇରୁ ଆସୁଥିବା ଅଶୋଧିତ ତୈଳ, ଯାହା ହରମୁଜ୍ ଦେଇ ଗତି କରେ, ଭାରତର ମୋଟ ଅଶୋଧିତ ତୈଳ ଆମଦାନୀର ପ୍ରାୟ ୪୫-୫୦%। ଭାରତ ଆମଦାନୀ କରୁଥିବା ପ୍ରାକୃତିକ ଗ୍ୟାସର ପ୍ରାୟ ୬୦% ଏସ୍‌ଓଏଚ୍ ଦେଇ ଗତି କରେ।

ଇତିମଧ୍ୟରେ ଇରାନ ଏବଂ ଇସ୍ରାଏଲ ମଧ୍ୟରେ ବଢ଼ୁଥିବା ଉତ୍ତେଜନା ଯୋଗୁ ତେଲ ଦର ପ୍ରତି ବ୍ୟାରେଲ ୬୪-୬୫ ରୁ ୭୪-୭୫ ଡଲାରକୁ ବୃଦ୍ଧି ପାଇଛି। ଏହା ଘଟିଛି କାରଣ ଲୋକମାନେ ଆଶଙ୍କା କରିଥିଲେ ଯେ ତେଲ ଯୋଗାଣରେ ବାଧା ସୃଷ୍ଟି ହୋଇପାରେ। ଇକ୍ରା କହିଛି ଯେ ଯଦି ଏହି ସଂଘର୍ଷ ଆହୁରି ବଢ଼େ, ତେବେ ଅଶୋଧିତ ତୈଳ ମୂଲ୍ୟ ଆହୁରି ବୃଦ୍ଧି ପାଇପାରେ। ଇକ୍ରା ଆକଳନ କରିଛି ଯେ ୨୦୨୫-୨୬ ଆର୍ଥିକବର୍ଷରେ ଅଶୋଧିତ ତୈଳର ହାରାହାରି ମୂଲ୍ୟ ବ୍ୟାରେଲ ପିଛା ୭୦-୮୦ଡଲାର ରହିବ।

**● ଆମେରିକୀୟ ଫେଡେରାଲ ରିଜର୍ଭ ମୁଖ୍ୟଙ୍କ ଚେତାବନୀ**

# ଟାରିଫ୍ ତାତିରେ ବଢ଼ିବ ଆମେରିକାର ମୁଦ୍ରାସ୍ଫୀତି

ୱାଶିଂଟନ୍,୧୯।୬(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଶୁଳ୍କ ନୀତିକୁ ନେଇ ଖୋଦ୍ ଆମେରିକାରେ ବିରୋଧ ବଢ଼ିବାରେ ଲାଗିଛି। ଆମେରିକୀୟ ଫେଡେରାଲ ରିଜର୍ଭ ଅଧ୍ୟକ୍ଷ ଜେରୋମି ପାୱେଲ୍ ଏ ନେଇ ଚେତାବନୀ ଦେଇଛନ୍ତି। ଟ୍ରମ୍ପଙ୍କ ଟାରିଫ୍ ବା ଶୁଳ୍କ ନୀତି ଦେଶରେ ମୁଦ୍ରାସ୍ଫୀତି ବୃଦ୍ଧି କରିପାରେ। ଆମେରିକାର ଫେଡେରାଲ୍ ରିଜର୍ଭର ମୁଦ୍ରାନୀତି କମିଟି (ଏଫ୍‌ଓଏମ୍‌ସି) ଚଳିତବର୍ଷ ଚତୁର୍ଥ ଥର ପାଇଁ ସୁଧ ହାର ପରିବର୍ତ୍ତନ କରିନାହିଁ। ଫେଡ୍ ଅଧ୍ୟକ୍ଷ କହିଛନ୍ତି ଯେ ବର୍ତ୍ତମାନର ପରିସ୍ଥିତି ଅତ୍ୟନ୍ତ ଅନିଶ୍ଚିତ, ବିଶେଷକରି ଟ୍ରମ୍ପଙ୍କ ବଦଳୁଥିବା ଟାରିଫ୍ ନୀତି ଯୋଗୁଁ। ପାୱେଲ୍ କହିଛନ୍ତି ଯେ ବିଶ୍ୱସ୍ତରୀୟ ଦ୍ୱନ୍ଦ୍ୱ ଏବଂ ଘରୋଇ ନୀତି ପରିବର୍ତ୍ତନ ମଧ୍ୟରେ ଫେଡ୍ ସମୟ ମଧ୍ୟରେ ସଠିକ୍ ପଦକ୍ଷେପ ନେବା ପାଇଁ ସୁଧ ହାର ସ୍ଥିର ରଖିବା ଗୁରୁତ୍ୱପୂର୍ଣ୍ଣ।




ସେ ଚେତାବନୀ ଦେଇଛନ୍ତି ଯେ ଆଗାମୀ ମାସଗୁଡ଼ିକରେ ସାମଗ୍ରୀର ମୂଲ୍ୟ ବୃଦ୍ଧି ପାଇପାରେ କାରଣ ଟାରିଫ୍‌ର ପ୍ରଭାବ ଧୀରେ ଧୀରେ ଯୋଗାଣ ଶୃଙ୍ଖଳ ମାଧ୍ୟମରେ ବଜାରରେ ପହଞ୍ଚିବ। ପାୱେଲ୍ କହିଛନ୍ତି, ଶେଷରେ କାହାକୁ ଏହି ଟାରିଫ୍‌ର ମୂଲ୍ୟ ଦେବାକୁ ପଡିବ, ଏବଂ ଏହାର କିଛି ଅଂଶ ସାଧାରଣ ଗ୍ରାହକଙ୍କ ଉପରେ ମଧ୍ୟ ପଡ଼ିବ। ସେ କହିଛନ୍ତି ଯେ ଅନେକ ଖୁଚୁରା ବ୍ୟବସାୟୀ ବର୍ତ୍ତମାନ ପୁରୁଣା ଷ୍ଟକ୍ ବିକ୍ରି କରୁଛନ୍ତି, କିନ୍ତୁ ଖୁବ୍ ଶୀଘ୍ର ବଜାରରେ ନୂତନ, ଟାରିଫ୍ ପ୍ରଭାବିତ ଷ୍ଟକ୍ ଆସିବ। ପାୱେଲ୍ କହିଛନ୍ତି ଯେ ବ୍ୟକ୍ତିଗତ କମ୍ପ୍ୟୁଟର ଏବଂ ଅଡିଓ-ଭିଡିଓ ଉପକରଣର ମୂଲ୍ୟ ବୃଦ୍ଧି ପାଇବା ଆରମ୍ଭ କରିସାରିଛି। ରାଜସ୍ୱରେ ରେକର୍ଡ ବୃଦ୍ଧି ଉଲ୍ଲେଖ କରିଛି ଟ୍ରମ୍ପ ପ୍ରଶାସନର ଅଧିକାରୀମାନେ କହିଛନ୍ତି ଯେ ସାଧାରଣ ଲୋକଙ୍କ ଉପରେ ମୁଦ୍ରାସ୍ଫୀତିର ପ୍ରଭାବ ବହୁତ କମ୍ ହେବ। ଆମେରିକାର ଟ୍ରେଜେରୀ ସଚିବ ସ୍କଟ୍ ବେସାଣ୍ଟ 'ପଡ୍ ଫୋର୍ସ ୱାନ୍' ପଡକାଷ୍ଟରେ କହିଛନ୍ତି ଯେ ସାମ୍ପ୍ରତିକ ତଥ୍ୟ ଦର୍ଶାଉଛି ଯେ ମୂଲ୍ୟରେ କେବଳ ୦.୧ ପ୍ରତିଶତ ବୃଦ୍ଧି ଘଟିଛି ଏବଂ ଦିଆଯାଉଥିବା ଗମ୍ଭୀର ଚେତାବନୀ ଭିତ୍ତିହୀନ। ସେ ଏହା ମଧ୍ୟ କହିଛନ୍ତି ଯେ ଘଣ୍ଟା ପ୍ରତି କାମ କରୁଥିବା ଶ୍ରମିକଙ୍କ ଆୟ ବୃଦ୍ଧି ପାଇଛି। ତଥାପି, ସୀମା ଶୁଳ୍କରୁ ଆୟ ଏକ ଭିନ୍ନ ଚିତ୍ର ଦେଖାଉଛି। ରଏଟର୍ସର ଏକ ରିପୋର୍ଟ ଅନୁଯାୟୀ, ମେ' ମାସରେ ଟ୍ରେଜେରୀକୁ ୨୩ ବିଲିୟନ ଡଲାର ରେକର୍ଡ ରାଜସ୍ୱ ମିଳିଛି, ଯାହା ଗତ ବର୍ଷ ତୁଳନାରେ ଚାରି ଗୁଣ ଅଧିକ। ଏହି ବୃଦ୍ଧି ଆମେରିକା ଦ୍ୱାରା ଷ୍ଟିଲ୍ ଏବଂ ଆଲୁମିନିୟମ ଉପରେ ୨୫%ତ ଶୁଳ୍କ ଲାଗୁ କରାଯାଇଥିବା ଏବଂ ଚୀନ୍‌ରୁ ଆସୁଥିବା ସାମଗ୍ରୀ ଉପରେ ଉଚ୍ଚ ଶୁଳ୍କ ଯୋଗୁଁ ହୋଇଛି। ଏହି ସମୟରେ, ଫେଡେରାଲ୍ ରିଜର୍ଭ ସୁଧ ହାରରେ କୌଣସି ପରିବର୍ତ୍ତନ କରିନାହିଁ, ବରଂ ଏହି ବର୍ଷ ଏହାକୁ ଦୁଇଥର ହ୍ରାସ କରିବାର ଆଶା ପ୍ରକାଶ କରିଛି। ତଥାପି, ଶୁଳ୍କରୁ ବୃଦ୍ଧି ପାଉଥିବା ମୂଲ୍ୟ ମୁଦ୍ରାସ୍ଫୀତି ବିପଦକୁ ବୃଦ୍ଧି କରିପାରେ, ଯାହା ଭବିଷ୍ୟତରେ ସୁଧ ହାର ହ୍ରାସର ଗତିକୁ ମନ୍ଥର କରିପାରେ। ମେ' ମାସରେ ଖୁଚୁରା ମୁଦ୍ରାସ୍ଫୀତି ୨.୪ ପ୍ରତିଶତ ଥିଲା, ଯାହା ଫେଡ୍‌ର ୨ ପ୍ରତିଶତ ଲକ୍ଷ୍ୟ ଅପେକ୍ଷା ଅଧିକ, କିନ୍ତୁ ପୂର୍ବ ଆକଳନ ଅପେକ୍ଷା କମ୍।

# ଭାରତରେ ନିର୍ମାଣ ହେବ ଫାଲକନ ୨୦୦୦ ବିଜ୍‌ନେସ୍ ଜେଟ୍

ନୂଆଦିଲ୍ଲୀ,୧୯।୬(ଏଜେନ୍ସି): ଭାରତରେ ନିର୍ମାଣ ହେବ ଫାଲକନ ୨୦୦୦ ବିଜେନେଶ ଜେଟ୍ ବିମାନ। ଏ ନେଇ ଅନୀଲ ଅମ୍ବାନୀଙ୍କ କମ୍ପାନୀ ରିଲାଏନ୍ସ ଏରୋଷ୍ଟ୍ରକ୍ଚର ଲିମିଟେଡ୍ ଫ୍ରାନ୍ସ କମ୍ପାନୀ ଡାସଲ୍ଟ ଆଭିଏସନ୍ ସହ ଚୁକ୍ତି ସ୍ୱାକ୍ଷର କରିଛି। ଦୁଇ କମ୍ପାନୀ ମିଶି ଭାରତରେ ଫାଲକନ ୨୦୦୦ ବିଜେନେସ୍ ଜେଟ୍ ତିଆରି କରିବେ। ଏହି ଚୁକ୍ତି ପ୍ୟାରିସ୍ ଏୟାର ଶୋ'ରେ ଘୋଷଣା କରାଯାଇଛି। ପ୍ରଥମ ଥର ପାଇଁ ଡାସଲ୍ଟ ଫ୍ରାନ୍ସ ବାହାରେ ଏହାର ଫାଲକନ୍ ଜେଟ୍ ନିର୍ମାଣ କରିବ। ଏହି ସଫଳତା ମିଳିବା ପରେ ଭାରତ ବିଶ୍ୱ ବଜାର ପଇଁ ବିଜନେସ୍ ଜେଟ୍ ତିଆରି କରୁଥିବା କିଛି ଖାସ୍ ଦେଶ ତାଲିକାରେ ସାମିଲ୍ ହୋଇଛି। ବର୍ତ୍ତମାନ ଆମେରିକା, ଫ୍ରାନ୍ସ, କାନାଡା ଏବଂ ବ୍ରାଜିଲରେ ବିଶ୍ୱ ବଜାର ପାଇଁ ବିଜ୍‌ନେସ୍ ଜେଟ୍ ତିଆରି ହେଉଛି। ଏବେ ଭାରତରେ ଏହାର ନିର୍ମାଣ କରାଯିବ।

ପ୍ରଥମ ଭାରତ ନିର୍ମିତ' ଫାଲକନ୍ ୨୦୦୦ ଜେଟ୍ ୨୦୨୮ ସୁଦ୍ଧା ଉଡ଼ାଣ ଆରମ୍ଭ କରିବାର ଯୋଜନା ରଖାଯାଇଛି। ଏହି ବିମାନ ଉଭୟ କର୍ପୋରେଟ୍ ଏବଂ ସାମରିକ ବ୍ୟବହାରରେ ଲାଗିପାରିବ। ଏହି ଘୋଷଣା ପରେ ବୁଧବାର ବିଏସଇରେ ରିଲାଏନ୍ସ ଇନଫ୍ରାର ଶେୟାର ମୂଲ୍ୟ ୫% ବୃଦ୍ଧି ପାଇ ୩୮୬.୯୫ ଟଙ୍କାରେ ଟ୍ରେଡିଂ ହେଉଥିଲା। ମହାରାଷ୍ଟ୍ରର ନାଗପୁରରେ ଥିବା ଡାସଲ୍ଟ ରିଲାଏନ୍ସ ଏରୋସ୍ପେସ୍ ଲିମିଟେଡ୍‌ରେ ବିମାନର ଆସେମ୍ବଲି ଲାଇନ୍ ସ୍ଥାପନ କରାଯିବ। ଏହି ସୁବିଧା ଫାଲକନ୍ ସିରିଜ୍ ପାଇଁ ଏକ ବିଶ୍ୱସ୍ତରୀୟ ଉତ୍କର୍ଷ କେନ୍ଦ୍ର ହେବ, ଯେଉଁଥିରେ ଫାଲକନ୍ ୬ଏକ୍ସ ଏବଂ ଫାଲକନ୍ ୮ଏକ୍ସ ଜେଟ୍ ପାଇଁ ଭବିଷ୍ୟତର ଆସେମ୍ବଲି କାର୍ଯ୍ୟ କରିବ। ରିଲାଏନ୍ସ ଏରୋଷ୍ଟ୍ରକ୍ଚର ହେଉଛି ରିଲାଏନ୍ସ ଇନଫ୍ରାଷ୍ଟ୍ରକ୍ଚରର ଏକ ସହାୟକ କମ୍ପାନୀ। ଡାସଲ୍ଟ ରିଲାଏନ୍ସ ଏରୋସ୍ପେସ୍ ଲିମିଟେଡ୍ ୨୦୧୭ ରେ ରିଲାଏନ୍ସ ଏବଂ ଡାସଲ୍ଟ ମଧ୍ୟରେ ଏକ ଜଏଣ୍ଟ ଭେଞ୍ଚର ଭାବରେ ଆରମ୍ଭ ହୋଇଥିଲା। ଏହି ନୂଆ ସହଭାଗୀତାରେ, ଫାଲକନ୍ ୨୦୦୦ ର ପ୍ରମୁଖ ଉତ୍ପାଦନ ପ୍ରକ୍ରିୟା ଡିଆର୍‌ଏଏଲ୍‌କୁ ସ୍ଥାନାନ୍ତରିତ ହେବ। ୨୦୧୯ରୁ ଡିଆର୍‌ଏଏଲ୍ ପ୍ଲାଣ୍ଟରେ ଫାଲକନ୍ ୨୦୦୦ର କିଛି ପାର୍ଟ ତିଆରି କରୁଛି। ଏବେ ସମ୍ପୂର୍ଣ୍ଣ ଜେଟ୍ ଏଠାରେ ତିଆରି ହେବ। ଏହା ଭାରତର ମେକ୍ ଇନ୍ ଇଣ୍ଡିଆ ମିଶନ ପାଇଁ ଏକ ବଡ଼ ପଦକ୍ଷେପ। ଫାଲକନ ଜେଟ୍‌୨୦୦୦ ହେଉଛି ଡାସଲ୍ଟ ଆଭିଏସନ୍ ଦ୍ୱାରା ନିର୍ମିତ ଏକ ଉଚ୍ଚମାନର ବ୍ୟବସାୟିକ ଜେଟ୍। ଏହି ଜେଟ୍ ଏହାର ଲଗଜୁରୀ,, ସ୍ପିଡ୍ ଏବଂ ଦୂର ଯାତ୍ରା ପାଇଁ ପ୍ରସିଦ୍ଧ। ଏହା ପ୍ରାୟ ୬,୦୦୦ କିଲୋମିଟର ପର୍ଯ୍ୟନ୍ତ ନିରନ୍ତର ଉଡ଼ିପାରିବ। ଏହାକୁ ବଡ଼ ବ୍ୟବସାୟୀ, ସେଲିବ୍ରିଟି ଏବଂ କିଛି ଦେଶର ସେନା ବ୍ୟବହାର କରନ୍ତି। ଏହାର ମୂଲ୍ୟ ପ୍ରାୟ ୩୫ କୋଟି ଟଙ୍କା।

# ନୂଆ ଜିଏସ୍‌ଟି ରିଟର୍ଣ୍ଣ ଫାଇଲିଂ ନିୟମ ଜୁଲାଇ ପହିଲାରୁ

ନୂଆଦିଲ୍ଲୀ,୧୯।୬(ଏଜେନ୍ସି)




ଚଳିତବର୍ଷ ଜୁଲାଇ ପହିଲାଠାରୁ ଦେଶରେ ଲାଗୁ ହେବାକୁ ଯାଉଛି ନୂଆ ଜିଏସ୍‌ଟି ରିଟର୍ଣ୍ଣ ଫାଇଲିଂ ନିୟମ। ଏହି ଦିନଠାରୁ ଆଉ ତିନି ବର୍ଷ ପୁରୁଣା ପଡ଼ି ରହିଥିବା ଜିଏସ୍‌ଟି ରିଟର୍ଣ୍ଣ ଫାଇଲ୍ କରାଯାଇପାରିବନାହିଁ। ଏ ନେଇ ଦ୍ରବ୍ୟ ଏବଂ ସେବା ଟିକସ ନେଟୱାର୍କ (ଜିଏସ୍‌ଟିଏନ୍) କରଦାତାମାନଙ୍କୁ ଚେତାଇ ଦେଇଛି। ଏହି ନିୟମ ୨୦୨୩ ଆର୍ଥିକ ଆଇନରେ କରାଯାଇଥିବା ସଂଶୋଧନ ଆଧାରରେ କାର୍ଯ୍ୟକାରୀ କରାଯାଉଛି। ଜିଏସ୍‌ଟିଏନ୍ ପରାମର୍ଶ ଦେଇଛି ଯେ ଯେଉଁ କରଦାତାମାନେ ଏପର୍ଯ୍ୟନ୍ତ ଜିଏସ୍‌ଟିଆର୍-୧, ଜିଏସ୍‌ଟିଆର୍-୩ବି ଏବଂ ଜିଏସ୍‌ଟିଆର୍-୯ ଭଳି ସେମାନଙ୍କର ରିଟର୍ଣ୍ଣ ଫାଇଲ୍ କରିନାହାଁନ୍ତି, ସେମାନେ ସେମାନଙ୍କର ରେକର୍ଡ ମେଳ କରି ଯଥାଶୀଘ୍ର ପଡ଼ିରହିଥିବା ରିଟର୍ଣ୍ଣ ଫାଇଲ୍ କରନ୍ତୁ। ସିବିଆଇସି ଏହାର କ୍ଷେତ୍ର ଅଧିକାରୀମାନଙ୍କୁ ଏହି ସମୟସୀମା ବିଷୟରେ ଅବଗତ କରାଇବାକୁ ମଧ୍ୟ ନିର୍ଦ୍ଦେଶ ଦେଇଛି, ଯାହା ଦ୍ୱାରା ସେମାନେ ସମୟସୀମା ମଧ୍ୟରେ ସେମାନଙ୍କର ସମସ୍ତ ରିଟର୍ଣ୍ଣ ଫାଇଲ୍ କରିପାରିବେ।

ଜିଏସ୍‌ଟି ପୋର୍ଟାଲ୍ ଏକ ନୂତନ ପରାମର୍ଶ ଜାରି କରିଛି, ଯାହା ଅନୁଯାୟୀ ଜୁଲାଇ ମାସଠାରୁ କରଦାତାଙ୍କ ଜିଏସ୍‌ଟିଆର୍-୩ବିରେ ଦେଖାଯାଉଥିବା ସ୍ୱୟଂ-ଜନିତ ଟିକସ ଦାୟିତ୍ୱ ସମ୍ପାଦିତ ହୋଇପାରିବନାହିଁ। ବର୍ତ୍ତମାନ ଯଦି

## ୩ ବର୍ଷ ପୁରୁଣା ଜିଏସ୍‌ଟି ରିଟର୍ଣ୍ଣ ଫାଇଲ୍ ହୋଇପାରିବନାହିଁ

କରଦାତାମାନେ ସେମାନଙ୍କର ଜିଏସ୍‌ଟିଆର୍—୧ କିମ୍ବା ଆଇଏଫ୍‌ଏଫ୍‌ରେ କୌଣସି ଭୁଲ ସଂଶୋଧନ କରିବାକୁ ଚାହାଁନ୍ତି, ତେବେ ସେମାନେ ଜିଏସ୍‌ଟିଆର୍-୩ବି ଫାଇଲ କରିବା ପୂର୍ବରୁ ନୂତନ ଫର୍ମ ଜିଏସ୍‌ଟିଆର୍—୧ଏ ବ୍ୟବହାର କରି ସଂଶୋଧନ କରିପାରିବେ। ଏ ପର୍ଯ୍ୟନ୍ତ କରଦାତାମାନେ ଜିଏସ୍‌ଟିଆର୍-୩ବିରେ ସ୍ୱୟଂ-ଜନିତ ତଥ୍ୟରେ ପରିବର୍ତ୍ତନ କରିପାରିବେ। କିନ୍ତୁ ନୂତନ ପରିବର୍ତ୍ତନ ପରେ, ସଠିକ୍ ସୂଚନା କେବଳ ଜିଏସ୍‌ଟିଆର୍—୧ଏ ମାଧ୍ୟମରେ ଅପଡେଟ୍ କରିବାକୁ ପଡିବ। ଏହା ନିଶ୍ଚିତ କରିବ ଯେ ରିଟର୍ଣ୍ଣ ଦାଖଲ କରିବା ପୂର୍ବରୁ ଟିକସ ଦାୟିତ୍ୱ ସଠିକ୍ ଭାବରେ ପ୍ରତିଫଳିତ ହେଉଛି। କରଦାତାମାନଙ୍କୁ ଉପଯୁକ୍ତ ସମୟ ମଧ୍ୟରେ ସେମାନଙ୍କର ସମସ୍ତ ବିଚାରାଧୀନ ରିଟର୍ଣ୍ଣ ସମୀକ୍ଷା, ମେଳ ଏବଂ ଫାଇଲ କରିବାକୁ ପରାମର୍ଶ ଦିଆଯାଇଛି। କାରଣ ପୋର୍ଟାଲରେ ଧାର୍ଯ୍ୟ ସମୟସୀମା ପରେ ସଂଶୋଧନ କରିବା ସମ୍ଭବ ହେବନାହିଁ। ଏହା କରିବାରେ ବିଫଳ ହେଲେ ଅନୁପାଳନ ସମ୍ବନ୍ଧୀୟ ସମସ୍ୟା ଏବଂ ଆର୍ଥିକ କ୍ଷତି ହୋଇପାରେ।

# ମୁକେଶ ଅମ୍ବାନୀ ଟ୍ରମ୍ପଙ୍କ ନୂଆ ବିଜନେସ୍ ପାର୍ଟନର

ନୂଆଦିଲ୍ଲୀ,୧୯।୬(ଏଜେନ୍ସି): ଟ୍ରମ୍ପଙ୍କ ନୂଆ ବିଜନେସ୍ ପାର୍ଟନର ହେବେ ମୁକେଶ ଅମ୍ବାନୀ। ଭାରତର ସବୁଠାରୁ ଧନୀ ବ୍ୟକ୍ତି ତଥା ରିଲାଏନ୍ସ ଅଧ୍ୟକ୍ଷ ମୁକେଶ ଅମ୍ବାନୀ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ରିଅଲ୍ ଇଷ୍ଟେଟ୍ କମ୍ପାନୀରେ ନିବେଶ କରୁଥିବା ବିଦେଶୀ ଡେଭଲପରଙ୍କ ତାଲିକାରେ ସାମିଲ ହୋଇଛନ୍ତି। ମୁକେଶ ଅମ୍ବାନୀଙ୍କ ରିଲାଏନ୍ସ ୪ଆଇଆର୍ ରିଅଲ୍ଟି ଡେଭଲପମେଣ୍ଟ ମୁମ୍ବାଇରେ ଏକ ରିଅଲ୍ ଇଷ୍ଟେଟ୍ ପ୍ରକଳ୍ପ ପାଇଁ ଟ୍ରମ୍ପ ସଂଗଠନକୁ ପ୍ରାୟ ୮୬.୫ କୋଟି ଟଙ୍କାର ଡେଭଲପମେଣ୍ଟ ଫି ଦେଇଛି। ରିଲାଏନ୍ସ ୪ଆଇଆର୍ ରିଅଲ୍ଟି ଡେଭଲପମେଣ୍ଟ ହେଉଛି ରିଲାଏନ୍ସ ଇଣ୍ଡଷ୍ଟ୍ରିଜର ଏକ ୟୁନିଟ୍। ୱାଲ୍ ଷ୍ଟ୍ରିଟ୍ ଜର୍ଣ୍ଣାଲର ଏକ ରିପୋର୍ଟ ଅନୁଯାୟୀ, ବର୍ଷ ବର୍ଷ ଧରି ବିଶ୍ୱ ରାଜନୀତିରୁ

**ଟ୍ରମ୍ପଙ୍କ ରିଅଲ୍ ଇଷ୍ଟେଟ୍ କମ୍ପାନୀରେ କରିଛନ୍ତି ନିବେଶ**



ବ୍ୟବସାୟକୁ ଦୂରରେ ରଖିବା ପରେ ଟ୍ରମ୍ପ ପରିବାର ଏବେ ଏହି ଚୁକ୍ତିକୁ ବୃଦ୍ଧି କରୁଛି। ରାଷ୍ଟ୍ରପତି ଟ୍ରମ୍ପଙ୍କ ବାର୍ଷିକ ଆର୍ଥିକ ରିପୋର୍ଟ ଅନୁଯାୟୀ, ଭିଏତନାମ, ଦୁବାଇ ଏବଂ ସାଉଦି ଆରବ ଭଳି ଦେଶରେ ଟ୍ରମ୍ପ-ବ୍ରାଣ୍ଡେଡ୍ ପ୍ରୋଜେକ୍ଟ ଯୋଜନା କରୁଥିବା ନିବେଶକମାନେ ୨୦୨୪ ମସିହାରେ ଟ୍ରମ୍ପ ସଂଗଠନକୁ ୪୪.୬ ମିଲିୟନ ଡଲାର ବିଦେଶୀ ଲାଇସେନ୍ସିଂ ଏବଂ ଡେଭଲପମେଣ୍ଟ ଫି ପ୍ରଦାନ କରିଥିଲେ। ୨୦୨୩ରେ ୮୨ ନିୟୁତ ଡଲାର ଏବଂ ୨୦୨୨ରେ ୯୪ ନିୟୁତ ଡଲାର ଥିଲା। ଏହାର ଅର୍ଥ ହେଉଛି ଟ୍ରମ୍ପଙ୍କ ବ୍ୟବସାୟରେ ବିଦେଶୀ ନିବେଶ ଦ୍ରୁତ ଗତିରେ ବୃଦ୍ଧି ପାଉଛି।

# ଯୁଦ୍ଧରୁ ଆମେରିକା ଦୂରେଇ ରହୁ: ରୁଷ

## ଇରାନ ଉପରେ ଆମେରିକା ଆକ୍ରମଣ କଲେ ସ୍ଥିତି ଅସମ୍ଭାଳ ହୋଇପଡ଼ିବ

ତେହରାନ/ତେଲ ଆଭିଭ, ୧୯।୬ (ଏଜେନ୍ସି): ଇରାନ ଓ ଇସ୍ରାଏଲ ମଧ୍ୟରେ ଯୁଦ୍ଧ ଚାଲିଥିବା ବେଳେ ଏଥିରେ ସାମରିକ ହସ୍ତକ୍ଷେପ ନକରିବା ଲାଗି ଆମେରିକାକୁ ଚେତାବନୀ ଦେଇଛି ରୁଷିଆ। ଏହି ଯୁଦ୍ଧ ଧ୍ୱଂସ ଆଡ଼କୁ ମୁହାଁଉଥିବାରୁ ଇସ୍ରାଏଲ ପ୍ରଥମେ ଆକ୍ରମଣ ବନ୍ଦ କରୁ ବୋଲି ରୁଷିଆ କହିଛି । ଗତ ସାତ ଦିନ ଧରି ଦୁଇ ଦେଶ ମଧ୍ୟରେ ଯୁଦ୍ଧ ଚାଲିଛି ଏବଂ ଏଥିରେ ଆମେରିକା ସାମିଲ ହୋଇପାରେ ବୋଲି ସଙ୍କେତ ମିଳିବା ପରେ ରୁଷିଆ ପ୍ରଥମ ଥର ଲାଗି ମୁହଁ ଖୋଲିଛି । ରୁଷ ବୈଦେଶିକ ମନ୍ତ୍ରାଳୟର ମୁଖପାତ୍ର ମାରିଆ ଜାଖାରୋଭା କହିଛନ୍ତି ଯେ ବର୍ତ୍ତମାନ ପରିସ୍ଥିତିରେ ସାମରିକ ହସ୍ତକ୍ଷେପ ନକରିବା ଲାଗି ଆମେ ଆମେରିକାକୁ ସତର୍କ କରାଇ ଦେଉଛୁ । ଏହା ଏକ ବିପଜ୍ଜନକ ପଦକ୍ଷେପ ହେବ ଏବଂ ଏହାର ପରିଣାମ ଭୟଙ୍କର ହୋଇପାରେ ।



ଏହାପୂର୍ବରୁ ରୁଷ ଉପବୈଦେଶିକ ମନ୍ତ୍ରୀ ସାର୍ଗେଇ ରିୟାବକୋଭ ମଧ୍ୟ ସମାନ ଧରଣର ଚିନ୍ତା ପ୍ରକଟ କରି କହିଥିଲେ ଯେ ଯୁଦ୍ଧରେ ଇସ୍ରାଏଲକୁ ଆମେରିକା ସାମରିକ ସହାୟତା ଦେବା ବନ୍ଦ କରୁ। ଯୁଦ୍ଧରେ ଆମେରିକା ସାମିଲ ହେଲେ ସଂପୃକ୍ତ ଅଞ୍ଚଳରେ ଅସ୍ଥିରତା ସୃଷ୍ଟି ହେବା ସହିତ ପରିସ୍ଥିତିକୁ ସମ୍ଭାଳିବା ଅସମ୍ଭବ ହୋଇପଡ଼ିବ । ତେଣୁ ଆକ୍ରମଣ ସଂପର୍କରେ ଆମେରିକା ଚିନ୍ତା କରିବା ମଧ୍ୟ ଉଚିତ ନୁହେଁ।

ଇରାନର ପରମାଣୁ କେନ୍ଦ୍ର ଏବଂ ଗବେଷଣା ପ୍ରତିଷ୍ଠାନ ଉପରେ ଇସ୍ରାଏଲ ଯେପରି ଆଖିବୁଜା ଆକ୍ରମଣ ଚଳାଇଛି ସେଥିରେ ଉଦବେଗ ପ୍ରକାଶ କରି ବୈଦେଶିକ ବିଭାଗ ମୁଖପାତ୍ର ମାରିଆ କହିଲେ ଯେ ଏଭଳି ଆକ୍ରମଣ ଜାରି ରହିଲେ ବିଶ୍ୱକୁ ଧ୍ୱଂସ ହେବାକୁ ବେଶି ସମୟ ଲାଗିବ ନାହିଁ । ଏହାକୁ ନେଇ ଜାତିସଂଘ ପରମାଣୁ ନିରାପତ୍ତା ସଂସ୍ଥା ମଧ୍ୟ ଉଦବେଗ ପ୍ରକାଶ କରିସାରିଛି । ପରମାଣୁ କେନ୍ଦ୍ର ଉପରେ ଆକ୍ରମଣ ଯୋଗୁଁ ସଂପୃକ୍ତ ଅଞ୍ଚଳରେ ବିକରଣ ବିପଦ ବଢୁଛି । ଏହାକୁ ରୋକିବା ଲାଗି ବିଶ୍ୱ ସମୁଦାୟ ସ୍ୱର ଉତ୍ତୋଳନ କରୁନାହିଁ କାହିଁକି? ପରିବେଶବିତମାନେ କୁଆଡ଼େ ଗଲେ ବୋଲି ସେ ପ୍ରଶ୍ନ କରିଛନ୍ତି । ଇରାନର ବୁଶେହର ପରମାଣୁ କେନ୍ଦ୍ର ଉପରେ ଇସ୍ରାଏଲ ଆକ୍ରମଣ ବନ୍ଦ କରୁ ବୋଲି ସେ ପରାମର୍ଶ ଦେଇ କହିଛନ୍ତି ଯେ ସେଠାରେ ରୁଷ ପରମାଣୁ ବିଶେଷଜ୍ଞ କାର୍ଯ୍ୟରତ ଅଛନ୍ତି । ଏହା ହେଉଛି ଇରାନର ଏକମାତ୍ର ପରମାଣୁ ଶକ୍ତି କେନ୍ଦ୍ର ଯେଉଁଠାରେ କି ରୁଷ ଇନ୍ଧନ ବ୍ୟବହୃତ ହେଉଛି ।

ସୂଚନାଯୋଗ୍ୟ ଯେ ଗତକାଲି ରୁଷିଆ ଏବଂ ୟୁଏଇ ଇରାନ-ଇସ୍ରାଏଲ ଯୁଦ୍ଧକୁ ତୁରନ୍ତ ବନ୍ଦ କରିବା ଲାଗି ଆହ୍ୱାନ ଦେବା ସହିତ କହିଥିଲେ ଯେ ଏହାର ରାଜନୈତିକ ଓ କୂଟନୈତିକ ସାମଧାନ ରାସ୍ତା ବାହାର କରାଯାଉ ।

ଯୁଦ୍ଧରେ ସାମିଲ ନହେବା ଲାଗି ଚୀନ ମଧ୍ୟ ଆମେରିକାକୁ ସତର୍କ କରାଇ ଦେଇଛି । ପ୍ରଥମ ଥର ଲାଗି ତାଙ୍କ ପ୍ରତିକ୍ରିୟାରେ ଚୀନ ରାଷ୍ଟ୍ରପତି ଜିନ୍‌ପିଙ୍ଗ କହିଛନ୍ତି ଯେ ଅନ୍ୟ ଦେଶର ସାର୍ବଭୌମତ୍ୱ ପ୍ରତି ବିପଦ ସୃଷ୍ଟି କରାଯିବା ଠିକ୍ ନୁହେଁ । ଏହା ମଧ୍ୟପ୍ରାଚ୍ୟରେ ବିପଜ୍ଜନକ ସ୍ଥିତି ସୃଷ୍ଟିବ । ଏଥିରୁ ବିରତ ରହିବା ଲାଗି ସେ ଆମେରିକାକୁ ପରାମର୍ଶ ଦେଇଛନ୍ତି । ମାମଲାର ଆପୋଷ ସମାଧାନରେ ଚୀନ ଗଠନମୂଳକ ଭୂମିକା ଗ୍ରହଣ କରିବାକୁ ପ୍ରସ୍ତୁତ ବୋଲି ସେ କହିଛନ୍ତି ।

### ଖାମନେଇଙ୍କୁ ହତ୍ୟା ଧମକ ଦେଲା ଇସ୍ରାଏଲ

ମଧ୍ୟପ୍ରାଚ୍ୟରେ ଶାନ୍ତି ପ୍ରତିଷ୍ଠା କରିବାକୁ ହେଲେ ଇରାନର ସର୍ବୋଚ୍ଚ ନେତା ଆୟୋତୋଲ୍ଲା ଖାମନେଇଙ୍କୁ ହତ୍ୟା କରିବାକୁ ପଡ଼ିବ । ତାଙ୍କୁ ବଞ୍ଚିବାକୁ ଦିଆଯିବା ଉଚିତ ନୁହେଁ । ଏଭଳି ଧମକ ଦେଇଛନ୍ତି ଇସ୍ରାଏଲର ପ୍ରତିରକ୍ଷା ମନ୍ତ୍ରୀ କାଟ୍‌ଜ । ଇସ୍ରାଏଲ ଉପରେ ଇରାନର ଭୀଷଣ କ୍ଷେପଣାସ୍ତ୍ର ଆକ୍ରମଣ ପରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରି ସେ କହିଛନ୍ତି ଯେ ଇସ୍ରାଏଲକୁ ଧ୍ୱଂସ କରିବା ହେଉଛି ଖାମନେଇଙ୍କ ମୂଳ ଲକ୍ଷ୍ୟ । ତାଙ୍କ ନିର୍ଦ୍ଦେଶରେ ଇସ୍ରାଏଲର ମେଡିକାଲ ଉପରେ ଇରାନୀ ସେନା କ୍ଷେପଣାସ୍ତ୍ର ମାଡ଼ କରିଛନ୍ତି । ଏଥିରେ କ୍ଷତି ହୋଇଥିବା ସ୍ୱୀକାର କରି ସେ କହିଛନ୍ତି ଯେ ଖାମନେଇ ଯେଉଁଠି ଲୁଚିଥିଲେ ମଧ୍ୟ ତାଙ୍କୁ ଠାବ କରି ଇସ୍ରାଏଲୀ ସେନା ହତ୍ୟା କରିପାରିବେ । ଯୁଦ୍ଧ ଆରମ୍ଭରୁ ଇସ୍ରାଏଲର ଏଭଳି ଯୋଜନା ଥିଲେ ମଧ୍ୟ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବାରଣ କରିବାରୁ ଇସ୍ରାଏଲ ତାର ଏହି ଯୋଜନାରେ ଆଗେଇ ପାରିନାହିଁ।

# ୯ ଟି ଦେଶ ପାଖରେ ୯ ୯୦୦ ପରମାଣୁ ଅସ୍ତ୍ର, ରୁଷିଆରେ ସର୍ବାଧିକ

ଷ୍ଟକହାମ୍, ୧୯ ।୬(ଏଜେନ୍ସି): ଇସ୍ରାଏଲ୍ ଓ ଇରାନ ମଧ୍ୟରେ ଚାଲିଥିବା ଭୟାଭୟ ଯୁଦ୍ଧର ମୂଳ କାରଣ ହେଉଛି ପରମାଣୁ ଅସ୍ତ୍ର। ଇରାନ ପରମାଣୁ ଅସ୍ତ୍ର ତିଆରୀ କରୁଛି ଏବଂ ଏହା ଇସ୍ରାଏଲ ପ୍ରତି ବିପଦ ବୋଲି କହୁଛି ଇସ୍ରାଏଲ । ଏହି କାରଣରୁ ଇରାନର ପରମାଣୁ କେନ୍ଦ୍ର ଧ୍ୱଂସ ପାଇଁ ଲାଗି ପଡ଼ିଛନ୍ତି ଉଭୟ ଇସ୍ରାଏଲ ଏବଂ ଆମେରିକା । ଇରାନ ଏହା ପାଖରେ କୌଣସି ପରମାଣୁ ଅସ୍ତ୍ର ନାହିଁ କି ଏହାର ଏଭଳି କୌଣସି ଯୋଜନା ନାହିଁ ବୋଲି କହୁଛି । କିନ୍ତୁ ଆମେରିକା ଓ ଇସ୍ରାଏଲ ଏହା ମାନିବାକୁ ନାରାଜ । ଏଭଳି ସ୍ଥିତିରେ କେଉଁ ଦେଶ ପାଖରେ କେତେ ପରମାଣୁ ଅସ୍ତ୍ର ରହିଛି, ତାହାକୁ ନେଇ ଲୋକଙ୍କ ମନରେ ଉତ୍କଣ୍ଠା ସୃଷ୍ଟି ହେବା ସ୍ୱାଭାବିକ । ଏପର୍ଯ୍ୟନ୍ତ ନିଜ ପାଖରେ ପରମାଣୁ ଅସ୍ତ୍ରଶସ୍ତ୍ର ରଖିଛନ୍ତି ବୋଲି ୯ଟି ଦେଶ ଦାବି କରିଛନ୍ତି । ଏବେ ୯ଟି ଦେଶ ପାଖରେ ୯ ହଜାର ୯୦୦ରୁ ଅଧିକ ପରମାଣୁ ଅସ୍ତ୍ର ରହିଛି ବୋଲି ଷ୍ଟକହାମ ଇଣ୍ଟରନ୍ୟାସନାଲ ପିସ୍ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ୍ ଆକଳନ କରିଛି । ପ୍ରଥମେ ୫ଟି ଦେଶ ଯଥା ଆମେରିକା, ରୁଷିଆ, ଫ୍ରାନ୍ସ, ଚୀନ୍ ଓ ବ୍ରିଟେନ ପାଖରେ ପରମାଣୁ ଅସ୍ତ୍ର ରହିଥିଲା । ଏହି ୫ଟି ଦେଶ ପରମାଣୁ ଅପ୍ରସାର ସନ୍ଧି(ଏନ୍‌ପିଟି)ରେ ସ୍ୱାକ୍ଷର କରିଛନ୍ତି । ଏହା ଅନୁସାରେ ଯେଉଁ ଦେଶଗୁଡିକ ପାଖରେ ପରମାଣୁ ଅସ୍ତ୍ର ନାହିଁ, ସେମାନେ ପରମାଣୁ ଅସ୍ତ୍ର ତିଆରି କରିବେ ନାହିଁ ଓ ଏହାକୁ ହାସଲ କରିବେ ନାହିଁ । ପୁଣି ଯେଉଁ ଦେଶଗୁଡିକ ପାଖରେ ପରମାଣୁ ଅସ୍ତ୍ର ରହିଛି, ସେହି ଦେଶଗୁଡିକ ପରମାଣୁ ନିରସ୍ତ୍ରୀକରଣ ଉଦ୍ଦେଶ୍ୟରେ ସଦ୍‌ଭାବନାପୂର୍ବକ ଆଲୋଚନା ଜାରି ରଖିବେ । ଏହି ୫ଟି ଦେଶକୁ ବାଦ୍ ଦେଲେ ଦକ୍ଷିଣ ଏସିଆର ଦୁଇ ପାରମ୍ପରିକ ପ୍ରତଦ୍ୱନ୍ଦ୍ୱୀ ଭାରତ ଓ ପାକିସ୍ତାନ ସମେତ ଇସ୍ରାଏଲ ଏବଂ ଉତ୍ତରକୋରିଆ ପାଖରେ ମଧ୍ୟ ପରମାଣୁ ଅସ୍ତ୍ର ରହିଛି । ରୁଷିଆ ପାଖରେ ସର୍ବାଧିକ ୪, ୩୦୯ ଏବଂ ଉତ୍ତରକୋରିଆ ପାଖରେ ସର୍ବନିମ୍ନ ୫୦ଟି ପରମାଣୁ ଅସ୍ତ୍ର ରହିଛି । ଭାରତ ଓ ପାକିସ୍ତାନ ପାଖରେ ଯଥାକ୍ରମେ ୧୮୦ ଓ ୧୭୦ଟି ପରମାଣୁ ଅସ୍ତ୍ର ରହିଛି ।

ଭାରତ ପ୍ରଥମଥର ପାଇଁ ୧୯୭୪ରେ ପୋଖରାନ୍‌ରେ ପରମାଣୁ ପରୀକ୍ଷଣ କରିଥିଲା । ଏହାପରେ ଭାରତ ୧୯୯୮ରେ ମଧ୍ୟ ଏହାକୁ ଦୋହରାଇଥିଲା । ଏହାର କିଛି ସପ୍ତାହ ପରେ ପାକିସ୍ତାନ ମଧ୍ୟ ପରମାଣୁ ଅସ୍ତ୍ର ପରୀକ୍ଷଣ କରିଥିଲା । ଭାରତ ଓ ପାକିସ୍ତାନ ପରମାଣୁ ପରୀକ୍ଷଣ କରିଥିଲେ ମଧ୍ୟ ଏନ୍‌ପିଟିରେ ସ୍ୱାକ୍ଷର କରିନାହାନ୍ତି । ଇସ୍ରାଏଲ ନିଜ ପାଖରେ ପରମାଣୁ ଅସ୍ତ୍ର ରଖିଛି ବୋଲି କେବେ ଦାବି କରିନାହିଁ । କିନ୍ତୁ ଇସ୍ରାଏଲ ଏହି ବିଧ୍ୱଂସକାରୀ ଅସ୍ତ୍ର ରଖିଛି ବୋଲି ବିଶ୍ୱାସ କରାଯାଉଛି । ଇସ୍ରାଏଲ ମଧ୍ୟ ଏନ୍‌ପିଟିରେ ସ୍ୱାକ୍ଷର କରିନାହିଁ । ୧୯୮୫ରେ ଉତ୍ତର କୋରିଆ ଏନ୍‌ପିଟିରେ ସ୍ୱାକ୍ଷର କରିଥିଲେ ମଧ୍ୟ ୨୦୦୩ରେ ସେଥିରୁ ଓହରିଯାଇଥିଲା । ଆମେରିକାର ଆକ୍ରମଣାତ୍ମକ ଆଭିମୁଖ୍ୟକୁ ବାହାନା କରି ଉତ୍ତର କୋରିଆ ଏହି ନିଷ୍ପତ୍ତି ନେଇଥିଲା । ଏହାପରେ ୨୦୦୬ଠାରୁ ଉତ୍ତର କୋରିଆ ଏକାଧିକବାର ପରମାଣୁ ପରିକ୍ଷା କରି ସାରା ବିଶ୍ୱରେ ହଇଚଇ ସୃଷ୍ଟି କରିଛି ।

**କାହା ପାଖରେ କେତେ**

| | |
|---|---|
| ରୁଷିଆ | ୪, ୩୦୯ |
| ଆମେରିକା | ୩, ୭୦୦ |
| ଚୀନ୍ | ୬୦୦ |
| ଫ୍ରାନ୍ସ | ୨୯୦ |
| ୟୁକେ | ୨୨୫ |
| ଭାରତ | ୧୮୦ |
| ପାକିସ୍ତାନ | ୧୭୦ |
| ଇସ୍ରାଏଲ | ୯୦ |
| ଉତ୍ତର କୋରିଆ | ୫୦ |

# ଦୁଇଟି ବିମାନର ଜରୁରୀ ଅବତରଣ

ନୂଆଦିଲ୍ଲୀ, ୧୯ ।୬(ଏଜେନ୍ସି): ଗୁରୁବାର ଦୁଇଟି ବିମାନର ଇମର୍ଜେନ୍ସି ଲ୍ୟାଣ୍ଡିଂ ହୋଇଛି । ଦିଲ୍ଲୀରୁ ଲେହ ଯାଉଥିବା ଇଣ୍ଡିଗୋ ବିମାନ ୬ଇ୨୦୦୬ ବୈଷୟିକ ତ୍ରୁଟି କାରଣରୁ ଗୁରୁବାର ସକାଳେ ଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିଥିଲା । ଏଥିରେ କ୍ରୁ ମେମ୍ବରଙ୍କ ସମେତ ୧୮୦ ଜଣ ଲୋକ ରହିଥିଲେ । ଏହାକୁ ବାଦ୍ ଦେଲେ ସ୍ପାଇସ୍ ଜେଟ୍ ବିମାନ ଏସ୍‌ଜି ୨୬୯୬ ଉଡାଣ ଆରମ୍ଭ କରିବାର ୧୦ ମିନିଟ୍ ପରେ ପ୍ରତ୍ୟାବର୍ତ୍ତନ କରିଥିଲା । ଏହି ବିମାନ ହାଇଦରାବାଦ୍‌ରୁ ତିରୁପତି ଯାଉଥିଲା ଓ ଏଥିରେ ୮୦ ଯାତ୍ରୀ ଥିଲେ । ଟେକ୍‌ଅଫ୍ ପରେ ବିମାନର ପଛ ଗେଟ୍‌ରେ କିଛି ସମସ୍ୟା ଥିଲା ବୋଲି ପାଇଲଟ୍ ସଙ୍କେତ ଦେଇଥିଲେ । ଫଳରେ ବିମାନକୁ ଏୟାରପୋର୍ଟକୁ ଫେରାଇ ଅଣାଯାଇଥିଲା । ଏହାପୂର୍ବରୁ ବୁଧବାର ଏୟାର ଇଣ୍ଡିଆର ୩ଟି ଫ୍ଲାଇଟ୍‌କୁ ବାତିଲ କରାଯାଇଥିଲା । ଏଗୁଡିକ ହେଲ ଦିଲ୍ଲୀ-ବାଲି, ଟରଣ୍ଟୋ- ଦିଲ୍ଲୀ ଓ ଦୁବାଇ- ଦିଲ୍ଲୀକୁ ଯାଉଥିବା ବିମାନ । ପୂର୍ବରୁ ୧୭ ତାରିଖ ଅର୍ଥାତ୍ ମଙ୍ଗଳବାର ଏୟାର ଇଣ୍ଡିଆର ୭ଟି ଫ୍ଲାଇଟ୍‌କୁ ବାତିଲ କରାଯାଇଥିଲା । ସେହିପରି ଗତ ୧୨ରୁ ୧୭ଚ ତାରିଖ ମଧ୍ୟରେ ଏୟାର ଇଣ୍ଡିଆର ମୋଟ୍ ୬୬ଟି ଫ୍ଲାଇଟ୍‌କୁ ବାତିଲ କରାଯାଇଥିଲା । ଗତ ୧୨ ତାରିଖରେ ଅହମଦାବାଦ୍ ବିମାନ ଦୁର୍ଘଟଣା ପରେ ବିଭିନ୍ନ କାରଣରୁ ଏହି ସବୁ ଫ୍ଲାଇଟ୍‌କୁ ବାତିଲ କରାଯାଇଛି ।




## ୨୧୧ ମୃତକଙ୍କ ଡିଏନ୍‌ଏ ମ୍ୟାଚ୍; ୧୮୯ ମୃତଦେହ ହସ୍ତାନ୍ତର

ଅହମଦାବାଦ୍, ୧୯ ।୬(ଏଜେନ୍ସି): ଅହମଦାବାଦ ବିମାନ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ୨୧୧ ଜଣ ମୃତକଙ୍କ ଡିଏନ୍‌ଏ ଟେଷ୍ଟ ଦ୍ୱାରା ପରିଚୟ ମିଳିସାରିଛି । ସେହିପରି ୧୮୯ଟି ମୃତଦେହ ସେମାନଙ୍କ ପରିବାରକୁ ହସ୍ତାନ୍ତର କରାଯାଇଛି । ଏ ନେଇ ଗୁଜରାଟ ସ୍ୱାସ୍ଥ୍ୟ ମନ୍ତ୍ରୀ ଋଷିକେଶ ପଟେଲ ସୂଚନା ଦେଇଛନ୍ତି । ହସ୍ତାନ୍ତର ହୋଇଥିବ ମୃତଦେହଗୁଡିକ ମଧ୍ୟରୁ ୧୩୧ ଜଣ ଭାରତୀୟ, ୪ ଜଣ ପର୍ତ୍ତୁଗାଲ, ୩୦ ଜଣ ବ୍ରିଟିଶ ଓ ଜଣେ କାନାଡା ନାଗରିକ ସାମିଲ ରହିଛନ୍ତି । ଏଗୁଡିକ ମଧ୍ୟରୁ ୬ଜଣ ଅଣଯାତ୍ରୀ ଥିଲେ । ଦୁର୍ଘଟଣା ପରେ ୭୧ ଜଣଙ୍କୁ ସିଭିଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ଏମାନଙ୍କ ମଧ୍ୟରୁ ୭ ଜଣଙ୍କର ଚିକିତ୍ସା ଏବେ ଚାଲୁଛି ଓ ବାକି ସବୁ ଘରକୁ ଫେରିସାରିଛନ୍ତି । ଉଲ୍ଲେଖଥାଉ କି, ଜୁନ୍ ୧୨ ତାରିଖରେ ବିମାନ ଦୁର୍ଘଟଣା ଘଟିଥିଲା ଓ ଏଥିରେ ୨୪୧ଜଣ ମୃତ୍ୟୁବରଣ କରିଥିଲେ । ଏମାନଙ୍କ ମଧ୍ୟ ଗୁଜରାଟ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୟ ରୂପାଣୀ ମଧ୍ୟ ସାମିଲ ଥିଲେ । ସମ୍ପୂର୍ଣ୍ଣ ରାଜକୀୟ ସମ୍ମାନ ସହ ତାଙ୍କୁ ଅନ୍ତେଷ୍ଟି କ୍ରିୟା ସମାପନ ହୋଇଛି ।



## ଇରାନରୁ ଫେରିଲେ ୧୧୦ ଛାତ୍ରଛାତ୍ରୀ

ନୂଆଦିଲ୍ଲୀ, ୧୯ ।୬(ଏଜେନ୍ସି): ଇସ୍ରାଏଲ ଓ ଇରାନ ମଧ୍ୟରେ ଚାଲିଥିବା ଯୁଦ୍ଧ ଏବେ ଆହୁରି ଭୟଙ୍କର ରୂପ ଧାରଣ କରିଛି । ଇରାନରେ ଅଧ୍ୟୟନରତ ୧୧୦ ଛାତ୍ରଛାତ୍ରୀ ସୁରକ୍ଷିତ ଭାବେ ଭାରତ ପ୍ରତ୍ୟାବର୍ତ୍ତନ କରିଛନ୍ତି । ଏମାନେ ଇରାନର ଉର୍ମିଆ ମେଡିକାଲ ୟୁନିଭର୍ସିଟିରେ ପଢୁଛନ୍ତି । ଏମାନଙ୍କ ମଧ୍ୟରୁ ୯୦ ଜଣ ଛାତ୍ର କେବଳ କଶ୍ମୀରର । ଯୁଦ୍ଧ କାରଣରୁ ଇରାନରେ ଫସି ରହିଥିବା ଛାତ୍ରଛାତ୍ରୀଙ୍କୁ ଫେରାଇ ଆଣିବାକୁ ଭାରତ ସରକାର 'ଅପରେସନ ସିନ୍ଧୁ' ଆରମ୍ଭ କରିଛନ୍ତି । ଯୁଦ୍ଧ ପାଇଁ ଇରାନ ସ୍ଥିତି ଦିନକୁ ଦିନ ଖରାପ ହେବାରେ ଲାଗିଛି । ଖାସ୍ କରି ରାଜଧାନୀ ତେହରାନରେ ସ୍ଥିତି ସବୁଠାରୁ ଖରାପ୍ ହୋଇଛି ବୋଲି ଦିଲ୍ଲୀରେ ପହଞ୍ଚିବା ପରେ ଜଣେ ଛାତ୍ର କହିଛନ୍ତି । ମଙ୍ଗଳବାର ଏହି ଛାତ୍ରଛାତ୍ରୀମାନଙ୍କୁ ଆର୍ମେନିଆ ଆଣାଯାଇଥିଲା । ଏମାନଙ୍କୁ ରାଜଧାନୀ ୟେରେଭେନ୍‌ର ଏକ ହୋଟେଲରେ ରହିବାର ବ୍ୟବସ୍ଥା କରାଯାଇଥିଲା । ଏହାପରେ ଏମାନଙ୍କୁ କତାର ରାଜଧାନୀ ଦୋହା ଦେଇ ଭାରତ ଅଣାଯାଇଥିଲା । ଇଣ୍ଡିଗୋର ଏକ ବିମାନ ୟେରେଭେନ ବିମାନ ବନ୍ଦରରୁ ଛାତ୍ରଙ୍କୁ ନେଇ ଦୋହା ଯାଇଥିଲା । ଦୋହାରୁ ଏହି ଫ୍ଲାଇଟ୍ ଦିଲ୍ଲୀ ଇନ୍ଦିରା ଗାନ୍ଧୀ ବିମାନ ବନ୍ଦରକୁ ଅଣାଯାଇଥିଲା । ଏବେ ମଧ୍ୟ ଇରାନ୍‌ରେ ୧,୫୦୦ ଛାତ୍ରଛାତ୍ରୀଙ୍କ ସମେତ ୧୦ ହଜାର ଭାରତୀୟ ଫସି ରହିଛନ୍ତି । ବିମାନ ବନ୍ଦର ବନ୍ଦ ରହିଥିଲେ ମଧ୍ୟ ଦେଶର ସୀମା ଖୋଲା ରହିଛି ବୋଲି ଇରାନ ବୈଦେଶିକ ମନ୍ତ୍ରଣାଳୟ ତରଫରୁ କୁହାଯାଇଛି । ତେଣୁ ଫସି ରହିଥିବା ବିଦେଶୀ ନାଗରିକ ସେମାନଙ୍କୁ ଦେଶକୁ ଫେରିବାର କୌଣସି ଅସୁବିଧା ନାହିଁ ବୋଲି ସରକାରଙ୍କ ତରଫରୁ କୁହାଯାଇଛି ।

# ଏଲନ୍ ମସ୍କଙ୍କ ରକେଟ ପରୀକ୍ଷା ବେଳେ ବିସ୍ଫୋରଣ

ଟେକ୍ସାସ, ୧୯ ।୬(ଏଜେନ୍ସି): ବିଶ୍ୱର ସବୁଠାରୁ ବିତ୍ତଶାଳୀ ବ୍ୟବସାୟୀ ଏଲନ ମସ୍କଙ୍କ ସ୍ପେଶ୍ ଏକ୍ସ ଷ୍ଟାରସିପ୍-୩୬ ରକେଟ୍ ଟେଷ୍ଟ ଅବସରରେ ହଠାତ ବିସ୍ଫୋରଣ ଶିକାର ହେବା ସହ ଜଳିଯାଇଛି । ବୁଧବାର ଆମେରିକାର ଟେକ୍ସାସ୍‌ର ଷ୍ଟାରବେସ୍ ଟେଷ୍ଟିଂ ସାଇଟ୍‌ରେ ଘଟିଥିବା ଏହି ଘଟଣା ମଙ୍ଗଳ ଗ୍ରହ ଅଭିଯାନକୁ ଶକ୍ତ ଝଟ୍‌କା ଦେଇଛି । ବିସ୍ଫୋରଣ ପରେ ବହୁ ଦୂରକୁ ନିଆଁ ଓ ଧୂଆଁ ଦେଖିବାକୁ ମିଳିଥିଲା । ଭାରତୀୟ ସମୟ ଅନୁସାରେ ଗୁରୁବାର ସକାଳ ୯.୩୦ରେ ଏହି ବିସ୍ଫୋରଣ ହୋଇଥିଲା । ଟେଷ୍ଟ ଆରମ୍ଭ ହେବାର ଠିକ୍ ପୂର୍ବରୁ ଯେଉଁଠାରେ ଇନ୍ଧନ ନିଆଯାଇଥାଏ ଅର୍ଥାତ ରକେଟ୍ ଉପରେ ଭାଗରେ ହିଁ ଅଚାନକ ବିସ୍ଫୋରଣ ହୋଇଥିଲା । ଦେଖୁ ଦେଖୁ ସମ୍ପୂର୍ଣ୍ଣ ରକେଟ୍ ନିଆଁ ପିଣ୍ଡୁଳାରେ ପରିଣତ ହୋଇଥିଲା । ବିସ୍ଫୋରଣ ଏତେ ଶକ୍ତିଶାଳୀ ଥିଲା ଯେ, ଆଖପାଖରେ ଥିବା ଘରଗୁଡିକର କବାଟ ଓ ଝରକା ମଧ୍ୟ ହଲି ଯାଇଥିଲା । ଟେଷ୍ଟିଂ ପୂର୍ବରୁ ସୁରକ୍ଷାର ସମ୍ପୂର୍ଣ୍ଣ ବ୍ୟବସ୍ଥା କରାଯାଇଥିଲା । ଫଳରେ କୌଣସି ଲୋକ ମୃତାହତ ହୋଇ ନାହାନ୍ତି । କିନ୍ତୁ ଏହି ଘଟଣାରେ ପ୍ରଭୁତ ଆର୍ଥିକ କ୍ଷତି ଘଟିଛି । ରକେଟରେ ଇନ୍ଧନ ଭରିବାର ପ୍ରକ୍ରିୟା ଆରମ୍ଭ ହେବା ପରେ ହିଁ ବିସ୍ଫୋରଣ ଘଟିଥିଲା । ଏଥିସହ ଚଳିତବର୍ଷ ଷ୍ଟାରଶିପ୍‌ର କ୍ରମାଗତ ୩ଟି ପରୀକ୍ଷଣ ବିଫଳ ହୋଇଛି । ଏହି ଷ୍ଟାରଶିପ୍ ଜରିଆରେ ମଣିଷ ଦିନେ ମଙ୍ଗଳଗ୍ରହ ଯାତ୍ରା କରି ସେଠାରେ ବସତି ସ୍ଥାପନ କରିବ ବୋଲି ଏଲନ ମସ୍କଙ୍କ ଏକ ବଡ଼ ମହତ୍ତ୍ୱାକାଂକ୍ଷୀ ସ୍ୱପ୍ନ ରହିଛି । କିନ୍ତୁ ନିକଟରେ ମସ୍କଙ୍କ ଏହି ସ୍ୱପ୍ନ ସାକାର ହେବା ଭଳି ମନେ ହେଉନାହିଁ ।



# ପାକିସ୍ତାନ-ଲାଡେନ ଇତିହାସକୁ ଭୁଲିଯାଉଛି ଆମେରିକା

ନୂଆଦିଲ୍ଲୀ, ୧୯ ।୬(ଏଜେନ୍ସି): ହ୍ୱାଇଟ୍ ହାଉସ୍‌ରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ପାକିସ୍ତାନ ସେନାଧକ୍ଷ ଅସିମ ମୁନିରଙ୍କ ସାକ୍ଷାତ ନେଇ ଭାରତରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ଯେଉଁ ଦେଶ ଆତଙ୍କବାଦୀଙ୍କୁ ସମର୍ଥନ କରୁଛି, ତାକୁ ସମର୍ଥନ କରି ଟ୍ରମ୍ପ ଭୁଲ କରୁଛନ୍ତି । ଭୟଙ୍କର ଧାର୍ମିକ ଓ ଆତଙ୍କବାଦ ଚିନ୍ତାଧାରା ରଖିଥିବା ଜେନେରାଲ ମୁନିରଙ୍କୁ ମଧ୍ୟାହ୍ନ ଭୋଜନ ପାଇଁ ଡାକି ଟ୍ରମ୍ପ ଦୋମୁହାଁ ନୀତି ଧରିଛନ୍ତି । ଆମେରିକା ଦୁର୍ଦ୍ଦାନ୍ତ ଆତଙ୍କବାଦୀ ଲାଡେନ ଏବଂ ତାକୁ ପ୍ରଶ୍ରୟ ଦେଇଥିବା ପାକିସ୍ତାନର ଇତିହାସକୁ ଭୁଲିଯିବା ଉଚିତ ନୁ।ାହେଁ । ନ୍ୟୁୟର୍କ ଆତଙ୍କବାଦୀ ଆକ୍ରମଣର ମୁଖ୍ୟ ଅଭିଯୁକ୍ତ ଲାଡେନ ପାକିସ୍ତାନର ଆବୋଟ୍ଟାବାଦରେ ହିଁ ରହିଥିଲା ଓ ଆମେରିକା ତାକୁ ୨୦୧୧ରେ ହତ୍ୟା କରି ଏହାର ପ୍ରତିଶୋଧ ନେଇଥିଲା । ଏଭଳି ଦେଶକୁ ଟ୍ରମ୍ପ କିପରି ପ୍ରୋତ୍ସାହିତ କରୁଛନ୍ତି ବୋଲି ପ୍ରଶ୍ନ କରିଛନ୍ତି ସାଂସଦ ଶଶୀ ଥରୁର । ଭାରତୀୟ ପ୍ରତିନିଧି ଦଳର ନେତୃତ୍ୱ ନେଇ ବିଦେଶରୁ ଫେରିଥିବା ଥରୁର କହିଛନ୍ତି ଯେ ପାକିସ୍ତାନ ଆତଙ୍କବାଦକୁ ସମର୍ଥନ ନ କରିବାକୁ ଏବଂ ଆତଙ୍କବାଦୀଙ୍କୁ ତାଲିମ ନଦେବାକୁ ଆମେରିକା ଚେତାବନୀ ଦେବ ବୋଲି ଆମେ ଆଶା କରୁଛୁ । ପାକିସ୍ତାନ ଆତଙ୍କବାଦକୁ ଖୋଲାଖୋଲି ପ୍ରୋତ୍ସାହିତ କରୁଥିବା ବେଳେ ଟ୍ରମ୍ପଙ୍କ ଏଭଳି ଆଚରଣ ଆମକୁ ବିଚଳିତ କରୁଛି ।

ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ହ୍ୱାଇଟ୍ ହାଉସରେ ଗତକାଲି ପାକିସ୍ତାନ ସେନାଧକ୍ଷ ଜେନେରାଲ ଅସିମ ମୁନିରଙ୍କ ସହ ଆଲୋଚନା କରିଥିଲେ । ହ୍ୱାଇଟ୍ ହାଉସ୍‌ର କ୍ୟାବିନେଟ୍ ରୁମ୍‌ରେ ଦୁହେଁ ମଧ୍ୟାହ୍ନ ଭୋଜନ କରିଥିଲେ । ପ୍ରଥମଥର ପାଇଁ ଆମେରିକାର କୌଣସି ରାଷ୍ଟ୍ରପତି ପାକିସ୍ତାନ ସେନାଧକ୍ଷଙ୍କ ସହ ଆଲୋଚାନ କରିଛନ୍ତି । ଟ୍ରମ୍ପଙ୍କୁ ଶାନ୍ତି ପାଇଁ ନୋବେଲ ପୁରସ୍କାର ମିଳିବା ଉଚିତ ବୋଲି ମୁନିର ମନ୍ତବ୍ୟ ଦେବା ପରେ ଏଥିରେ ଖୁସି ହୋଇ ଟ୍ରମ୍ପ ତାଙ୍କୁ ମଧ୍ୟାହ୍ନ ଭୋଜନ ପାଇଁ ହ୍ୱାଇଟ୍ ହାଉସ୍ ଡାକିଥିଲେ । ଗତ ମେ ମାସରେ ଭାରତ ଓ ପାକିସ୍ତାନ ମଧ୍ୟରେ ଚାଲିଥିବା ଯୁଦ୍ଧକୁ ରୋକିବା ନେଇ ହୋଇଥିବା ଅସ୍ତ୍ରବିରତିର ଶ୍ରେୟ ଟ୍ରମ୍ପଙ୍କୁ ଦେଇଥିଲେ ମୁନିର । ଟ୍ରମ୍ପ କହିଛନ୍ତି ଯେ ଅସ୍ତ୍ରବିରତି ପାଇଁ ତାଙ୍କ ପରାମର୍ଶକୁ ମୁନିର ଗ୍ରହଣ କରିଥିଲେ । ନହେଲେ ଭାରତ ଓ ପାକିସ୍ତାନ ମଧ୍ୟରେ ପରମାଣୁ ଯୁଦ୍ଧ ହୋଇଯାଇଥାଆନ୍ତା ।

## ସଞ୍ଜୟ ବର୍ମା କିଏ?

### ୩୯ ଦିନରେ ୨୩୪ଥର କଲ କରିଥିଲା ସୋନମ

ନୂଆଦିଲ୍ଲୀ, ୧୯ ।୬(ଏଜେନ୍ସି): ରାଜା ରଘୁବଂଶୀ ହତ୍ୟା ମାମଲାରେ ନୂଆ ତଥ୍ୟ ସାମ୍ନାକୁ ଆସିଛି । ମୁଖ୍ୟ ଅଭିଯୁକ୍ତ ତଥା ରାଜାଙ୍କ ପତ୍ନୀ ସୋନମ ରଘୁବଂଶୀ ମାର୍ଚ୍ଚ ୧ରୁ ଏପ୍ରିଲ ୮ ମଧ୍ୟରେ ସଞ୍ଜୟ ବର୍ମା ନାମକ ଜଣେ ବ୍ୟକ୍ତିଙ୍କ ସହିତ ୨୩୪ଥର ଫୋନ୍ କଲ୍ କରି କଥା ହୋଇଛନ୍ତି । ଏହି ସଞ୍ଜୟ ବର୍ମା କିଏ, ସେ ନେଇ ଚର୍ଚ୍ଚା ହେଉଥିବା ବେଳେ ସତ କଥା ପଦାକୁ ଆସିଛି । ସଞ୍ଜୟ ଆଉ କେହି ନୁହନ୍ତି ସେ ହେଉଛନ୍ତି ଅନ୍ୟତମ ଅଭିଯୁକ୍ତ ତଥା ସୋନମଙ୍କ ପ୍ରେମିକ ରାଜ କୁଶୱାହ । ଏ ନେଇ ମେଘାଳୟ ପୁଲିସ୍ ସୂଚନା ଦେଇଛି । ସୋନମ ରାଜର ନମ୍ବରକୁ ସଞ୍ଜୟ ବର୍ମା ନାମରେ ସେଭ କରିଥିଲା । ସନ୍ଦେହକୁ ଏଡାଇବା ପାଇଁ ସୋନମ ଏହି ନାଟକ କରିଥିଲା । ପ୍ରତ୍ୟେକ ଥର ସୋନମ ଓ ରାଜ ଦୁହେଁ ୩୦ରୁ ୬୦ ମିନିଟ୍ କଥା ହୋଇଛନ୍ତି । ଜୁନ୍ ୮ରେ ସଞ୍ଜୟର ହ୍ୱାଟ୍ସଅପ୍ ନଂ ଶେଷଥର ପାଇଁ ଆକ୍ଟିଭ ହୋଇଥିଲା । ଏହି ଦିନ ସବୁ ଅଭିଯୁକ୍ତ ଗିରଫ ହୋଇଥିଲେ ଓ ସୋନମ ପୁଲିସ୍ ନିକଟରେ ଆତ୍ମସମର୍ପଣ କରିଥିଲା । ପୂର୍ବରୁ ସଞ୍ଜୟ କିଏ ସେ ନେଇ ଆମେ କିଛି ଜାଣିନାହୁଁ ବୋଲି ସୋନମର ଭାଇ ଗୋବିନ୍ଦ କହିଥିଲା । ଇନ୍ଦୋରରେ ରହୁଥିବା ସୋନମ ଓ ରାଜା ମେ ୧୧ରେ ବିବାହ କରିବା ପରେ ହନିମୁନ୍ ପାଇଁ ମେଘାଳୟ ଯାଇଥିଲେ । କିନ୍ତୁ ମେ ୨୩ରେ ରାଜା ନିଖୋଜ ହୋଇଥିଲେ । ଜୁନ୍ ୨ରେ ରାଜାଙ୍କ ମୃତଦେହ ମିଳିଥିଲା । ଜୁନ୍ ୧୧ରେ ରାଜାଙ୍କୁ ମାରିଥିବା କଥା ସୋନମ ପୁଲିସ୍ ଆଗରେ ସ୍ୱିକାର କରିଥିଲା । ସୋନମ ରାଜ ସହ ମିଶି ସ୍ୱାମୀ ରାଜା ରଘୁବଂଶୀଙ୍କୁ ମାରିବା ପାଇଁ ୩ ଜଣ ସୁପାରି କିଲରଙ୍କୁ ନିୟୋଜିତ କରିଥିଲା ।




## କମଲ ହାସନଙ୍କୁ ଆଶ୍ୱସ୍ତି



ନୂଆଦିଲ୍ଲୀ, ୧୯ ।୬(ଏଜେନ୍ସି): ବର୍ଷିଆନ ତାମିଲ ଅଭିନେତା କମଲ ହାସନଙ୍କ ସିନେମା 'ଠଗ୍ ଅଫ୍ ଲାଇଫ' କର୍ଣ୍ଣାଟକ୍‌ରେ ମୁକ୍ତିଲାଭ କରିବା ନେଇ ପଥ ପରିଷ୍କାର ହୋଇଛି । ଏ ନେଇ ଦାଏର କରାଯାଇଥିବା ପିଟିସନକୁ ନେଇ ଗୁରୁବାର ସୁପ୍ରିମକୋର୍ଟରେ ଶୁଣାଣି ହୋଇଥିଲା । ସିନେମା କିପରି ଭଲରେ ମୁକ୍ତିଲାଭ କରିବ ସେ ନେଇ ବ୍ୟବସ୍ଥା କରିବାକୁ ସୁପ୍ରିମକୋର୍ଟ କର୍ଣ୍ଣାଟକ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏ ନେଇ କୌଣସି ବିଭ୍ରାଟ ତଥା ବାଧା ସୃଷ୍ଟି ନ ହେବା ପାଇଁ ସୁରକ୍ଷା ତଥା ନିରାପତ୍ତା ବ୍ୟବସ୍ଥାକୁ କଡ଼ା କରିବାକୁ କର୍ଣ୍ଣାଟକ ସରକାରକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । କର୍ଣ୍ଣାଟକ ସରକାର ମଧ୍ୟ ସିନେମାକୁ ମୁକ୍ତିଲାଭ କରିବା ନେଇ କୌଣସି ରୋକ ଲଗାଯାଇ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି । ପୂର୍ଣ୍ଣ ସୁରକ୍ଷା ବ୍ୟବସ୍ଥାରେ ସିନେମା ରିଲିଜ ହେବ ବୋଲି ସରକାର ସୁପ୍ରିମକୋର୍ଟଙ୍କୁ କଥା ଦେଇଛନ୍ତି । ଏ ନେଇ ଯଦି କୌଣସି ବ୍ୟକ୍ତି କିମ୍ବା ସଂଗଠନ ବାଧା ସୃଷ୍ଟି କରିବାକୁ ଚେଷ୍ଟା କରନ୍ତି, ତେବେ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ଭାଷା ମାମଲାରେ ମଧ୍ୟ ସୁପ୍ରିମକୋର୍ଟ କମଲ ହାସନଙ୍କ ସପକ୍ଷରେ ମତ ଦେଇଛନ୍ତି । କନ୍ନଡ ଭାଷା ତାମିଲରୁ ସୃଷ୍ଟି ହୋଇଛି ବୋଲି କହି କମଲ ବିବାଦ ସୃଷ୍ଟି କରିଥିଲେ । ଏଥିପାଇଁ କମଲ କ୍ଷମା ମାଗନ୍ତୁ ବୋଲି ଦାବି ହୋଇଥିଲା । କିନ୍ତୁ ଏଥିପାଇଁ କମଲ କ୍ଷମା ମାଗିବାର ଆବଶ୍ୟକତା ନାହିଁ ବୋଲି ସୁପ୍ରିମକୋର୍ଟ କହିଛନ୍ତି । କ୍ଷମା ମାଗିବାକୁ କମଲଙ୍କୁ ବାଧ୍ୟ କରାଯାଇପାରିବ ନାହିଁ । ଏହା ତାଙ୍କର ମତ ମାତ୍ର । ଜଣକର ମତ ପାଇଁ ଆମେ କୌଣସି ସିନେମାର ରିଲିଜ୍‌କୁ ରୋକି ପାରିବା ନାହିଁ ବୋଲି ସୁପ୍ରିମକୋର୍ଟ କହିଛନ୍ତି ।

## ଆମେରିକା ପଠାଯିବ ଏୟାର ଇଣ୍ଡିଆ ଡ୍ରିମ୍‌ଲାଇନର ବ୍ଲାକ ବକ୍ସ

ଅହମଦାବାଦ୍, ୧୯ ।୬(ଏଜେନ୍ସି): ଜୁନ୍ ୧୨ରେ ଅହମଦାବାଦ୍‌ରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିବା ଏୟାର ଇଣ୍ଡିଆ ଡ୍ରିମଲାଇନର ବିମାନର ବ୍ଲାକବକ୍ସକୁ ଆମେରିକା ପଠାଯିବ । ଦୁର୍ଘଟଣାର ଗୋଟିଏ ଦିନ ପରେ ହିଁ ଏହି ବ୍ଲାକ ବକ୍ସ ମିଳିଥିଲା । ବିମାନରେ ନିଆଁ ଲାଗିବା ପରେ ବ୍ଲାକ ବକ୍ସ କ୍ଷତିଗ୍ରସ୍ତ ହୋଇଛି । ଫଳରେ ଏଥିରୁ ଡାଟା ତଥା ତଥ୍ୟ ମିଳିବା କଷ୍ଟକର ହୋଇଛି । ତେଣୁ ଯାଞ୍ଚ ପାଇଁ ବ୍ଲାକ ବକ୍ସକୁ ଏବେ ଆମେରିକା ପଠାଯିବ ବୋଲି କୁହାଯାଇଛି । ଭାରତରେ ଥିବା କୌଣସି ଲାବରୁ ବ୍ଲାକ ବକ୍ସର ଡାଟା ମିଳିବ ନାହିଁ । ଏବେ ଏହାକୁ ଆମେରିକାର ନ୍ୟାସନାଲ ଟ୍ରାନ୍ସପୋର୍ଟ ସେଫ୍‌ଟି ଲାବ (ଏନ୍‌ଟିଏସ୍‌ବି)କୁ ପଠାଯିବ । ସୁରକ୍ଷା ଓ ଗୋପନୀୟତା ବଜାୟ ରଖିବା ପାଇଁ ଏହା ସହିତ ସରକାରୀ ଅଧିକାରୀ ମଧ୍ୟ ଆମେରିକା ଗସ୍ତ କରିବେ । ଏହି ବିମାନ ଦୁର୍ଘଟଣାରେ ୨୭୦ ଜଣ ଲୋକ ମୃତ୍ୟୁ ବରଣ କରିଥିଲେ । ଏଆଇ-୨୭୧ ବିମାନ ଟେକ୍‌ଅଫ୍ କରିବା ମାତ୍ର କେତେ ସେକେଣ୍ଡ ମଧ୍ୟରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲା ।



## ପ୍ରଥମଥର ନେତୃତ୍ୱ ନେବେ ଗିଲ୍

# ଭାରତ-ଇଂଲଣ୍ଡ ଟେଷ୍ଟ ସିରିଜ୍ ଆଜିଠାରୁ

ଲିଡ୍ସ,୧୯।୬ (ଏଜେନ୍ସି):

ନୂଆ ଟିମ୍, ନୂଆ ଅଧିନାୟକ, ନୂଆ ଖେଳାଳିଙ୍କୁ ନେଇ ଭାରତ ଓ ଇଂଲଣ୍ଡ ମଧ୍ୟରେ ଏକ ନୂଆ ଟ୍ରଫି (ତେନ୍ଦୁଲକର-ଆଣ୍ଡରସନ) ଲାଗି ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ଆସନ୍ତାକାଲିଠାରୁ ଆରମ୍ଭ ହେବ। ଏହି ସିରିଜ୍ ଉଭୟ ଘରୋଇ ଇଂଲଣ୍ଡ ଓ ଭ୍ରମଣକାରୀ ଭାରତୀୟ ଦଳ ଲାଗି ବେଶ ଗୁରୁତ୍ୱପୂର୍ଣ୍ଣ। ୨୦୨୫-୨୭ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ ଲାଗି ଏହି ସିରିଜ୍ ସଫଳତାର ଖୋରାକ ଯୋଗାଇବ। ଭାରତୀୟ ଦଳର ନେତୃତ୍ୱରେ ନେବେ ଜଣେ ନୂଆ ଖେଳାଳି ଶୁବମନ ଗିଲ୍। ଇଂଲଣ୍ଡରେ ତାଙ୍କର ମାତ୍ର ୩ଟି ଟେଷ୍ଟ ଖେଳିବାର ଅଭିଜ୍ଞତା ରହିଛି। ତାଙ୍କୁ ପରାମର୍ଶ ଦେବାକୁ ମଧ୍ୟ ଦଳରେ ଅଭିଜ୍ଞ ଖେଳାଳି ନାହାନ୍ତି। ୭ ବର୍ଷ ପରେ ଟେଷ୍ଟ ଦଳକୁ ଫେରିଥିବା କରୁନ ନାୟାର ଇଂଲଣ୍ଡ ଲାୟନ୍ସର ଦୁର୍ବଳ ବୋଲିଂ ବିପକ୍ଷରେ ଶତକୀୟ ପାଳି ଖେଳିଛନ୍ତି। ଏହା ତାଙ୍କୁ ଇଂଲଣ୍ଡ ପରିବେଶ ଓ ଟପ୍ କ୍ଲାସ୍ ବୋଲିଂ ବିପକ୍ଷରେ କେତେ ସହାୟତା କରିବ ତାହା ଖେଳ ଆରମ୍ଭ ପରେ ଜଣାପଡ଼ିବ। ଏଭଳି ସମୟରେ ନୂଆ ଖେଳାଳିମାନେ ଆଗକୁ ଆସିବେ। ଇଂଲଣ୍ଡର ପିଚ୍ ଓ ପରିବେଶରେ ଖାପ୍ ଖୁଆଇବା ଭାରତୀୟଙ୍କ ଲାଗି କଷ୍ଟକର ହେବ। ଦଳ ମଧ୍ୟ ଏହି ପରିବେଶ ସମ୍ପର୍କରେ ବିଶେଷ ଅବଗତ ନୁହେଁ। କିଏ ଫର୍ମରେ ଅଛି ବା ନାହିଁ ତାହା ବଡ଼ କଥା ନୁହେଁ, ଏଭଳି ପରିବେଶରେ କିଏ ଖାପ୍ ଖୁଆଇ ଖେଳିବ ତାହା ଉପରେ ସବୁକିଛି ନିର୍ଭର କରେ। ଇଂଲଣ୍ଡରେ ଗିଲ୍ ମାତ୍ର ୩ଟି ଟେଷ୍ଟ ଖେଳି ୮୮ ରନ୍ କରିଛନ୍ତି। ଯଶସ୍ୱୀ ଜୟସ୍ୱାଲ, ଲୋକେଶ ରାହୁଲ, ଋଷଭ ପନ୍ତ୍ ଓ ରବୀନ୍ଦ୍ର ଜାଡେଜାଙ୍କ ଉପରେ ବ୍ୟାଟିଂ ନିର୍ଭର କରିବ। ଏମାନେ କିଛି ନ କିଛି ଟେଷ୍ଟରେ ପ୍ରଦର୍ଶନ କରିଛନ୍ତି।

ବୋଲିଂରେ ଭାରତର ପେସ୍ ବାହିନୀ ପ୍ରତିପକ୍ଷ ଇଂଲଣ୍ଡକୁ ଟକ୍କର ଦେବା ସ୍ଥିତିରେ ରହିଛି। ଇଂଲିଶ ବୋଲରଙ୍କ ଅପେକ୍ଷା ଯଶପ୍ରୀତ୍ ବୁମ୍‌ରାଙ୍କ ନେତୃତ୍ୱରେ ଗଠିତ ଭାରତୀୟ ପେସ୍ ବାହିନୀ ନିକଟରେ ଦକ୍ଷତା ରହିଛି। କିନ୍ତୁ ଇଂଲଣ୍ଡ ବ୍ୟାଟରଙ୍କ ତୁଳନାରେ ଭାରତୀୟ ବ୍ୟାଟରଙ୍କ ଅଭିଜ୍ଞତାର ଅଭାବ ରହିଛି। ଇଂଲଣ୍ଡ ପରିବେଶ କିପରି ଭାରତକୁ ସୁହାଇବ ତାହା ଉପରେ କେବଳ ଏହି ମ୍ୟାଚ୍ ନୁହେଁ ବରଂ ସିରିଜ୍ ନିର୍ଭର କରିବ।

ଅନ୍ୟ ପକ୍ଷରେ ଇଂଲଣ୍ଡ ଦଳରେ ରହିଛନ୍ତି ଅଭିଜ୍ଞ ବ୍ୟାଟର ଜୋ ରୁଟ୍ ଓ ବେନ୍ ଷ୍ଟୋକ୍ସ। ଏମାନେ ଏକା ଟେଷ୍ଟର ମୋଡ ବଦଳାଇପାରିବାର ଦକ୍ଷତା ରଖିଛନ୍ତି। ଓପନର ଜ୍ୟାକ୍ କ୍ରାଲୀ, ବେନ୍ ଡକେଟ ଓ ହ୍ୟାରୀ ବ୍ରୁକ୍ ମଧ୍ୟ ବେଶ ଦକ୍ଷ। ଏମାନେ ଭାରତୀୟ ବୋଲରଙ୍କ ଲାଗି ସମସ୍ୟା ସୃଷ୍ଟି କରିବେ। ସେ ଯାହା ହେଉ ଅଭିଜ୍ଞତା ଓ ପରିବେଶରେ ଇଂଲଣ୍ଡ ଭ୍ରମଣକାରୀ ଭାରତଠାରୁ ସାମାନ୍ୟ ଆଗୁଆ ରହିଛି।

ଦୁଇ ଦେଶ ମଧ୍ୟରେ ଟେଷ୍ଟ ରେକର୍ଡ ଯାହା ହେଉନା କାହିଁକି ଗତଥର ଏଠାରେ ଆୟୋଜିତ ଟେଷ୍ଟ ସିରିଜ୍ ବେଶ ରୋମାଞ୍ଚକ ମୁକାବିଲା ହୋଇଥିଲା। ଏହି ସିରିଜ୍ ଖେଳିଥିବା ରାହୁଲ, ବୁମ୍‌ରା ଓ ଜାଡେଜା ଦଳକୁ ଫାଇଦାରେ ରଖିବେ ବୋଲି ଆଶା କରାଯାଉଛି।

### ଖେଳାଳି ତାଲିକା

**ଭାରତର ସମ୍ଭାବ୍ୟ ଏକାଦଶ:** ଯଶସ୍ୱୀ ଜୟସ୍ୱାଲ, ଲୋକେଶ ରାହୁଲ, କରୁନ ନାୟାର, ଶୁବମନ ଗିଲ୍ (ଅଧିନାୟକ), ସାଇ ସୁଦର୍ଶନ, ଋଷଭ ପନ୍ତ୍ (ୱିକେଟ ରକ୍ଷକ/ ଉପଅଧିନାୟକ), ରବୀନ୍ଦ୍ର ଜାଡେଜା, ଶାର୍ଦ୍ଦୁଳ ଠାକୁର, ଯଶପ୍ରୀତ୍ ବୁମ୍‌ରା, ମହମ୍ମଦ୍ ସିରାଜ ଓ ପ୍ରସିଦ୍ଧ କ୍ରିଷ୍ଣା।

**ଇଂଲଣ୍ଡ ଏକାଦଶ:** ଜ୍ୟାକ୍ କ୍ରାଲୀ, ବେନ୍ ଡକେଟ, ଓଲି ପୋପ୍, ଜୋ ରୁଟ, ହ୍ୟାରୀ ବ୍ରୁକ୍, ବେନ୍ ଷ୍ଟୋକ୍ସ (ଅଧିନାୟକ), ଜେମି ସ୍ମିଥ୍ (ୱିକେଟ ରକ୍ଷକ), କ୍ରିସ୍ ୱକ୍ସ, ବ୍ରାଇଡନ କାର୍ସ, ଜୋଶ ଟଙ୍ଗ୍, ସୋଏବ ବଶିର।

### ଖେଳ ସମୟ

**ପ୍ରଥମ ସେସନ :** ଅପରାହ୍ଣ ୩ଟା ୩୦ରୁ ୫ଟା ୩୦

**ଦ୍ୱିତୀୟ ସେସନ :** ସନ୍ଧ୍ୟା ୫ଟା ୩୦ରୁ ରାତି ୭ଟା ୩୦

**ତୃତୀୟ ସେସନ :** ରାତି ୮ଟା ୧୦ରୁ ଖେଳ ଶେଷ ପର୍ଯ୍ୟନ୍ତ

**ପ୍ରସାରଣ:** ସୋନି ସ୍ପୋର୍ଟ୍ସ ନେଟ୍‌ୱର୍କ ଜିଓ ହଟ୍‌ଷ୍ଟାର, ଡିଡି ସ୍ପୋର୍ଟ୍ସ

### ପିଚ୍ ଓ ରେକର୍ଡ

ଏଠାରେ ପିଚ୍ ସାଧାରଣତଃ ଫାଷ୍ଟ ବୋଲରଙ୍କୁ ସୁହାଇଥାଏ। ଏଠାରେ ଯେଉଁ ଦଳ ଟସ୍ ଜିତିବ ସେହି ଦଳ ପ୍ରଥମେ ବ୍ୟାଟିଂ କରିବାକୁ ପସନ୍ଦ କରିବ। ପିଚ୍‌ରେ ଘାସ ରହିଛି ଓ ଏହା ବୋଲରଙ୍କୁ ସୁହାଇବ। କିନ୍ତୁ ଏଠାରେ ପାଗ ଭଲ ରହିଛି। ଖେଳ ଆରମ୍ଭ ହେବା ପରେ ପିଚ୍ ନିଶ୍ଚିତଭାବେ ବ୍ୟାଟରଙ୍କୁ ସୁହାଇବ ବୋଲି ଆଶା କରାଯାଉଛି। ଏଠାରେ ଭାରତ ୭୮ ରନ୍‌ରେ ଆଉଟ ହୋଇଥିଲା। ଏଠାରେ ମଧ୍ୟ ଦଳ ୬୨୮ ରନ୍‌ର ଦ୍ୱିତୀୟ ସର୍ବାଧିକ ସ୍କୋର ସଂଗ୍ରହ କରିଛି। ଏଣୁ ଦଳ ପ୍ରଥମେ ବ୍ୟାଟିଂକୁ ଏଡାଇଗଲେ, ଫାଇଦାରେ ରହିବ। ଇଂଲଣ୍ଡରେ ଦୁଇଦଳ ଏଯାଏ ୬୭ଟି ଟେଷ୍ଟ ଖେଳିଛି। ଏହା ମଧ୍ୟରୁ ଭାରତ କେବଳ ୯ଟି ମ୍ୟାଚ୍‌ରେ ବିଜୟୀ ହୋଇଛି। ଗତ ସିରିଜ୍‌ରେ ଭାରତ ୨ଟି ଟେଷ୍ଟ ଜିତିଥିଲା। ଏଥର ସବୁ ନୂଆରେ ଖେଳୁଥିବା ଭାରତ କିଭଳି ଖେଳିବ ତାହା ପିଚ୍ ଓ ପରିବେଶ ଉପରେ ନିର୍ଭର କରୁଛି।






## ଉନ୍ମୋଚିତ ହେଲା ଆଣ୍ଡରସନ-ତେନ୍ଦୁଲକର ଟ୍ରଫି

ଲଣ୍ଡନ, ୧୯।୬ (ଏଜେନ୍ସି): ଘରୋଇ ଇଂଲଣ୍ଡ ଓ ଭାରତ ମଧ୍ୟରେ ଶୁକ୍ରବାରଠାରୁ ପ୍ରତୀକ୍ଷିତ ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ ଆରମ୍ଭ ହେବାକୁଯାଉଛି। ଏହାର ଦିନକ ପୂର୍ବରୁ ଗୁରୁବାର ସିରିଜର ଟ୍ରଫି ଉନ୍ମୋଚିତ ହୋଇଛି। ଦୁଇ କିମ୍ବଦନ୍ତୀ କ୍ରିକେଟର୍ ଇଂଲଣ୍ଡର ଜେମ୍ସ ଆଣ୍ଡରସନ ଓ ଭାରତର ସଚିନ ତେନ୍ଦୁଲକରଙ୍କ ସମ୍ମାନାର୍ଥେ ଏଥର ଏହି ସିରିଜକୁ 'ଆଣ୍ଡରସନ-ତେନ୍ଦୁଲକର ଟ୍ରଫି' ନାମରେ ନାମିତ କରାଯାଇଛି। ଏହି ଦୁଇ ମହାନ କ୍ରିକେଟର୍ ଉପସ୍ଥିତ ରହି ନିଜ ନାମରେ ନାମିତ ହୋଇଥିବା ଟ୍ରଫିକୁ ଉନ୍ମୋଚିତ କରିଥିଲେ। ଉଲ୍ଲେଖଯୋଗ୍ୟ, ପୂର୍ବରୁ ଇଂଲଣ୍ଡ ମାଟିରେ ଭାରତ ଖେଳୁଥିବା ଟେଷ୍ଟ ସିରିଜର ନାମ ପୂର୍ବତନ କ୍ରିକେଟର୍ ଏମ୍‌ଏକେ ପଟୌଦୀଙ୍କ ନାମରେ 'ପଟୌଦୀ ଟ୍ରଫି' ପ୍ରଦାନ କରାଯାଉଥିଲା। କିନ୍ତୁ ଆୟୋଜକ ଇଂଲଣ୍ଡ ଆଣ୍ଡ ୱେଲ୍ସ କ୍ରିକେଟ୍ ବୋର୍ଡ (ଇସିବି) ଏଥର ସିରିଜର ନାମକୁ ପରିବର୍ତ୍ତନ କରି ଆଣ୍ଡରସନ ଓ ତେନ୍ଦୁଲକରଙ୍କ ନାମରେ ନାମିତ କରିବାକୁ ନିଷ୍ପତ୍ତି ନେଇଥିଲା। ତେବେ ସଚିନଙ୍କ ଅନୁରୋଧକ୍ରମେ 'ପଟୌଦୀ'ଙ୍କ ଐତିହ୍ୟକୁ ଅକ୍ଷୁର୍ଣ୍ଣ ରଖିବା ଲାଗି ଏହି ଟେଷ୍ଟ ସିରିଜର ବିଜୟୀ ଅଧିନାୟକଙ୍କୁ 'ପଟୌଦୀ ପଦକ' ପ୍ରଦାନ କରିବା ନେଇ ନିଷ୍ପତ୍ତି ହୋଇଥିଲା। ସଚିନ ଓ ଆଣ୍ଡରସନ ଟେଷ୍ଟ କ୍ରିକେଟ୍‌ରେ ନିଜ ନିଜ ଦେଶ ପାଇଁ ଅତୁଳନୀୟ ଅବଦାନ ପ୍ରଦାନ କରି ଅବସର ନେଇଛନ୍ତି। ସଚିନ ୨୦୦ ଟେଷ୍ଟ ଖେଳି ୧୫,୯୨୧ ରନ ସଂଗ୍ରହ କରିଛନ୍ତି। ଯେଉଁଥିରେ ୫୧ ଶତକ ଓ ୬୮ ଅର୍ଦ୍ଧଶତକ ଲିପିବଦ୍ଧ ରହିଛି। ସେହିଭଳି ଆଣ୍ଡରସନ ୧୮୮ ଟେଷ୍ଟ ଖେଳି ୭୦୪ ୱିକେଟ୍ ନିଜ ନାମରେ ଲିପିବଦ୍ଧ କରିଛନ୍ତି।

## ମୁଁ ମହିଳା କ୍ରିକେଟ୍ ଖେଳିବାକୁ ଯୋଗ୍ୟ: ଅନନ୍ୟା ବାଙ୍ଗର୍

ନୂଆଦିଲ୍ଲୀ, ୧୯।୬ (ଏଜେନ୍ସି): ପୂର୍ବତନ ଭାରତୀୟ କ୍ରିକେଟର୍ ସଞ୍ଜୟ ବାଙ୍ଗରଙ୍କ ସନ୍ତାନ ଅନନ୍ୟା ବାଙ୍ଗର ଟ୍ରାନ୍ସଜେଣ୍ଡର କ୍ରିକେଟ୍ ଖେଳାଳିଙ୍କୁ ସମର୍ଥନ କରିବା ଲାଗି ପ୍ରୟାସ ଆରମ୍ଭ କରିଛନ୍ତି।



ଏଥିଲାଗି ଅନନ୍ୟା ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ (ଆଇସିସି) ଓ ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)କୁ ଚିଠି ଲେଖି ଟ୍ରାନ୍ସଜେଣ୍ଡର କ୍ରିକେଟର୍‌ଙ୍କୁ ସମର୍ଥନ ଜଣାଇବା ଲାଗି ଅପିଲ୍ ମଧ୍ୟ କରିଛନ୍ତି। ସାମାଜିକ ଗଣମାଧ୍ୟମ ଇନ୍‌ଷ୍ଟାଗ୍ରାମରେ ୮ ପୃଷ୍ଠା ସମ୍ବଳିତ ଏକ ସାଇଣ୍ଟିଫିକ୍ ରିପୋର୍ଟ ଶେୟାର କରି ଅନନ୍ୟା କହିଛନ୍ତି, 'ବୈଜ୍ଞାନିକ ଭାବେ ସେ ମହିଳା କ୍ରିକେଟ୍ ଖେଳିବାକୁ ବର୍ତ୍ତମାନ ଯୋଗ୍ୟ ବିବେଚିତ ହୋଇଛନ୍ତି। ଏବେ ପ୍ରଶ୍ନ ଉଠୁଛି ଦୁନିଆ ଏହି ସତକୁ ସ୍ୱୀକାର କରିବା ଲାଗି ପ୍ରସ୍ତୁତ ଅଛି ତ।' ତାଙ୍କର ଏହି ପୋଷ୍ଟ ଖୁବ୍ ଭାଇରାଲ ହେବାରେ ଲାଗିଛି। ବିଶ୍ୱ କ୍ରିକେଟ୍‌ର ସର୍ବୋଚ୍ଚ ସଂସ୍ଥା ଆଇସିସିର ନିୟମ ଅନୁଯାୟୀ, ବର୍ତ୍ତମାନ ଟ୍ରାନ୍ସଜେଣ୍ଡର କ୍ରିକେଟର୍‌ଙ୍କୁ ମହିଳା କ୍ରିକେଟ୍‌ରେ ଖେଳିବାକୁ ଅନୁମତି ପ୍ରଦାନ କରାଯାଉନାହିଁ। ୨୦୨୩ ବିଶ୍ୱକପ୍ ସମୟରେ ବସିଥିବା ଆଇସିସି ବୋର୍ଡ ବୈଠକରେ ଏନେଇ ନିଷ୍ପତ୍ତି ହୋଇଥିଲା। ଉଲ୍ଲେଖଯୋଗ୍ୟ, ୨୩ ବର୍ଷୀୟ ଅନନ୍ୟା, ୧ ବର୍ଷ ଧରି ହର୍‌ମୋର୍ନ ରିପ୍ଲେସମେଣ୍ଟ ଥେରାପି ଜରିଆରେ ପୁରୁଷରୁ ମହିଳା ବନିଛନ୍ତି। ଏଥିଲାଗି ମାଞ୍ଚେଷ୍ଟର ମେଟ୍ରୋପଲିଟାନ୍ ବିଶ୍ୱବିଦ୍ୟାଳୟ ତାଙ୍କୁ ସମସ୍ତ ସହାୟତା ପ୍ରଦାନ କରିଥିଲା। ପୂର୍ବରୁ ସେ ପୁରୁଷ କ୍ରିକେଟ୍‌ରେ ବିଭିନ୍ନ ବୟସବର୍ଗରେ ପ୍ରତିନିଧିତ୍ୱ କରିସାରିଛନ୍ତି। ମହିଳା ବନିବା ପରେ ସେ କ୍ରିକେଟ୍ ଟ୍ରେନିଂ ଜାରି ରଖିଛନ୍ତି।

### ■ ଆଜି ପ୍ୟାରିସ ଡାଏମଣ୍ଡ ଲିଗ୍

## ୮ ବର୍ଷ ପରେ ଭାଗନେବେ ନୀରଜ

ପ୍ୟାରିସ, ୧୯।୬ (ଏଜେନ୍ସି): ଭାରତୀୟ ତାରକା ଆଥ୍‌ଲେଟ୍ ନୀରଜ ଚୋପ୍ରା ଶୁକ୍ରବାର ଅନୁଷ୍ଠିତ ହେବାକୁ ଥିବା ପ୍ୟାରିସ ଡାଏମଣ୍ଡ ଲିଗ୍‌ରେ ଅଂଶଗ୍ରହଣ କରିବେ। ଏଥିସହ ଦୀର୍ଘ ୮ ବର୍ଷର ବ୍ୟବଧାନ ପରେ ନୀରଜ ଏହି ସମ୍ମାନଜନକ ଇଭେଣ୍ଟରେ ଭାଗନେବେ। ୨୭ ବର୍ଷୀୟ ନୀରଜ ଶେଷଥର ଲାଗି ୨୦୧୭ ପ୍ୟାରିସ ଡାଏମଣ୍ଡ ଲିଗ୍‌ରେ ଜାଭେଲିନ୍ ଫିଙ୍ଗିଥିଲେ। ଡିଫେଣ୍ଡିଂ ବିଶ୍ୱ ଚାମ୍ପିଅନ ନୀରଜ ଶୁକ୍ରବାର ଶ୍ରେଷ୍ଠ ପ୍ରଦର୍ଶନ କରି ସିଜନର ପ୍ରଥମ ମେଜର ଟାଇଟଲ୍ ହାସଲ କରିବା ଲକ୍ଷ୍ୟରେ ରହିଛନ୍ତି। ଏଥିପୂର୍ବରୁ ବର୍ଷ ଆରମ୍ଭରେ ସେ ଦକ୍ଷିଣ ଆଫ୍ରିକାରେ ଅନୁଷ୍ଠିତ ଆମନ୍ତ୍ରଣୀୟ ମିଟ୍‌ରେ ୮୪.୫୨ ମିଟର ଜାଭେଲିନ ଫିଙ୍ଗି ସ୍ୱର୍ଣ୍ଣପଦକ ଜିତିଥିଲେ। କିନ୍ତୁ ଏହି ପ୍ରତିଯୋଗିତା ଏକ ମେଜର ଇଭେଣ୍ଟ ନ ଥିଲା। ତେବେ ଦୋହା ଡାଏମଣ୍ଡ ଲିଗ୍‌ରେ ନୀରଜ କ୍ୟାରିୟର ଶ୍ରେଷ୍ଠ ୯୦.୨୩ ମିଟର ଫିଙ୍ଗିଥିଲେ। ସେ ତାଙ୍କ କ୍ୟାରିୟରରେ ପ୍ରଥମଥର ୯୦ ମିଟର ମାର୍କ ଅତିକ୍ରମ କରିଥିଲେ ମଧ୍ୟ ଦୋହାରେ ଦ୍ୱିତୀୟ ସ୍ଥାନରେ ରହି ରନର୍ସଅପ୍ ହୋଇଥିଲେ। ଜର୍ମାନୀର ଜୁଲିଏନ୍ ୱେବର ଏହି ଇଭେଣ୍ଟରେ ୯୧.୦୬ ମିଟର ଫିଙ୍ଗି ପ୍ରଥମ ସ୍ଥାନ ହାସଲ କରିନେଇଥିଲେ। ତେଣୁ ନୀରଜ ପ୍ୟାରିସ ଡାଏମଣ୍ଡ ଲିଗ୍ ଉପରେ ନଜର ପକାଇଛନ୍ତି। ତେବେ ଦୁଇଥରର ବିଶ୍ୱ ଚାମ୍ପିଅନ ଗ୍ରେନେଡାର ଆଣ୍ଡରସନ ପିଟର୍ସ, ଜର୍ମାନୀ ୱେବର୍‌ଙ୍କ ଭଳି ବିଶ୍ୱର ଶ୍ରେଷ୍ଠ-୬ଜଣ ଜାଭେଲିନ୍ ଫିଙ୍ଗାଳୀ ଏଥିରେ ଅଂଶଗ୍ରହଣ କରୁଥିବାରୁ ନୀରଜଙ୍କ ପାଇଁ ଏଠାରେ ବିଜୟୀ ହେବା କଷ୍ଟସାଧ୍ୟ ହେବ।



### ହକି ମାଷ୍ଟର୍ସ କପ୍

## ଓଡ଼ିଶା ପୁରୁଷ ଜିତିଲେ; ନିରାଶ କଲେ ମହିଳା

ଭୁବନେଶ୍ୱର, ୧୯।୬ (ସମିସ): ହକି ଇଣ୍ଡିଆ ଆନୁକୂଲ୍ୟରେ ଚେନ୍ନଇରେ ଚାଲିଥିବା ହକି ମାଷ୍ଟର୍ସ କପ୍‌ର ପ୍ରଥମ ସଂସ୍କରଣରେ ଓଡ଼ିଶାକୁ ମିଶ୍ରିତ ଫଳାଫଳ ମିଳିଛି। ଗୁରୁବାର ମେୟର ରାଧାକ୍ରୀଷ୍ଣନ ହକି ଷ୍ଟାଡିୟମରେ ଖେଳାଯାଇଥିବା ପୁରୁଷ ବିଭାଗ ମ୍ୟାଚରେ ଓଡ଼ିଶା ୬-୩ ଗୋଲ୍‌ରେ ପୁଡୁଚେରୀକୁ ପରାସ୍ତ କରିଛି। ତେବେ ଓଡ଼ିଶା ମହିଳା ଦଳ ୧-୩ ଗୋଲ୍‌ରେ ପଞ୍ଜାବ ନିକଟରୁ ହାରିଯାଇଛି।

ହକି ମାଷ୍ଟର୍ସ କପ୍ ପୁରୁଷ ବିଭାଗରେ ପୁଲ୍-ବି'ରେ ସ୍ଥାନ ପାଇଥିବା ଓଡ଼ିଶା ୬-୩ ଗୋଲ୍‌ରେ ଏକପାଖିଆ ଭାବେ ପୁଡୁଚେରୀକୁ ପରାସ୍ତ କରିଥିଲା। ଓଡ଼ିଶା ପାଇଁ ସାଣ୍ଟିଏଲ୍ ମୁଣ୍ଡୁ ହ୍ୟାଟ୍ରିକ ଗୋଲ୍ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧିନାୟକ ଲାଜରୁସ ବାର୍ଲା, ବେନାର୍ଡ ଲାକ୍ରା ଓ ଲଧୁ ଏକ୍କାଙ୍କ ଷ୍ଟିକ୍‌ରୁ ଗୋଟିଏ ଲେଖାଏ ଗୋଲ୍ ବାହାରିଥିଲା। ବିଜୟ ସହ ୩ ପଏଣ୍ଟ ପାଇଛି ଓଡ଼ିଶା। ଶୁକ୍ରବାର ପଞ୍ଜାବ ବିପକ୍ଷରେ ଓଡ଼ିଶା ଶେଷ ପୁଲ୍ ମ୍ୟାଚ୍ ଖେଳିବ। ଅପରପକ୍ଷରେ ମହିଳା ବିଭାଗରେ ଓଡ଼ିଶା କିନ୍ତୁ ୧-୩ ଗୋଲ୍‌ରେ ପରାଜୟର ସାମ୍ନା କରିଛି। ଓଡ଼ିଶା ପାଇଁ ରଞ୍ଜିତା ବେକ୍ ଏକମାତ୍ର ଗୋଲ୍‌ଟି ଦେଇଥିଲେ। ଅବସରପ୍ରାପ୍ତ ୪୦ ବର୍ଷରୁ ଊର୍ଦ୍ଧ୍ୱ ହକି ଖେଳାଳିଙ୍କୁ ନେଇ ଖେଳାଯାଉଥିବା ଏହି ଟୁର୍ଣ୍ଣାମେଣ୍ଟର ପ୍ରଥମ ସଂସ୍କରଣରେ ପୁରୁଷ ବିଭାଗରେ ୧୧ଟି ଓ ମହିଳାରେ ୮ ଦଳ ଅଂଶଗ୍ରହଣ କରିଛନ୍ତି।

## ବନ୍ଦ ହେବ କି ଆଇଏସ୍ଏଲ୍!

ନୂଆଦିଲ୍ଲୀ,୧୯।୬ (ଏଜେନ୍ସି): ଭାରତର ଫୁଟବଲ ଖେଳର ପରିଚାଳନା କରୁଥିବା ସର୍ବଭାରତୀୟ ଫୁଟବଲ ମହାସଂଘ (ଏଆଇଏଫଏଫ୍) ପକ୍ଷରୁ ୨୦୨୫-୨୬ କ୍ୟାଲେଣ୍ଡରରେ ଦେଶର ସର୍ବବୃହତ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍ଏଲ୍)କୁ ସ୍ଥାନିତ କରାଯାଇ ନାହିଁ। ଏହା ଫଳରେ ଆଇଏସ୍ଏଲ୍‌ର ସ୍ଥିତିକୁ ନେଇ ପ୍ରଶ୍ନ ଉଠିଛି। ଏହି ଟୁର୍ଣ୍ଣାମେଣ୍ଟରେ ଦର୍ଶକ ସଂଖ୍ୟା କମିବା, ଆଶା ଅନୁଯାୟୀ ଆର୍ଥିକ ଲାଭ ନ ମିଳିବା ଫଳରେ ଏହି ଟୁର୍ଣ୍ଣାମେଣ୍ଟ ଆୟୋଜନ ନେଇ ଅଚଳାବସ୍ଥା ସୃଷ୍ଟି ହୋଇଛି। ୨୦୧୪ରେ ଆରମ୍ଭ ହୋଇଥିବା ଫ୍ରାଞ୍ଚାଇଜ୍ ଭିତ୍ତିକ ଏହି ଟୁର୍ଣ୍ଣାମେଣ୍ଟକୁ ଫୁଟବଲ ସ୍ପୋର୍ଟ୍ସ ଡେଭଲେପମେଣ୍ଟ ଲିମିଟେଡ୍ (ଏଫ୍ଏସ୍‌ଡିଏଲ୍) ଆରମ୍ଭ କରିଥିଲା। ୨୦୧୯ ବେଳକୁ ଏହା ଭାରତର ଶ୍ରେଷ୍ଠ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ପରିଣତ ହୋଇଥିଲା। ଏହି ଟୁର୍ଣ୍ଣାମେଣ୍ଟ ଲାଗି ହୋଇଥିବା ମାଷ୍ଟର ରାଇଟସ ଏଗ୍ରିମେଣ୍ଟ (ଏମ୍ଆର୍ଏ) ଗତ ଡିସେମ୍ବରରେ ଶେଷ ହୋଇଥିଲା। ଏହା ଏଯାଏ ପୁନଃପଞ୍ଜିକରଣ ହୋଇ ନାହିଁ। ଏଥିଲାଗି ଗତ ଏପ୍ରିଲରେ ଏଆଇଏଫ୍ଏଫ୍ କାର୍ଯ୍ୟନିର୍ବାହୀ କମିଟି ଏହାର ସମାଧାନ ଲାଗି ଏକ ୮ ଜଣିଆ ଟାସ୍କ ଫୋର୍ସ କମିଟି ଗଠନ କରିଥିଲା। କିନ୍ତୁ କମିଟି କୌଣସି ନିଷ୍ପତ୍ତିରେ ପହଞ୍ଚି ନାହିଁ। ଯାହା ଫଳରେ ଟୁର୍ଣ୍ଣାମେଣ୍ଟ ଆୟୋଜନ ନେଇ ସନ୍ଦେହ ସୃଷ୍ଟି ହୋଇଛି। ଏଆଇଏଫ୍ଏଫ୍ ଦ୍ୱାରା ଘୋଷିତ କ୍ୟାଲେଣ୍ଡରରେ ଆଇଏସ୍ଏଲକୁ ସ୍ଥାନ ନ ମିଳିବା ଫଳରେ ଏଭଳି ସନ୍ଦେହ ସୃଷ୍ଟି ହେବା ସ୍ୱାଭାବିକ୍।



### ଡବ୍ଲ୍ୟୁବିବିଏଲ୍ ଖେଳାଳି ଡ୍ରାଫ୍ଟ

## ଜେମିମାଙ୍କୁ ବଜାୟ ରଖିଲା ବ୍ରିସ୍‌ବେନ୍

ମେଲ୍‌ବୋର୍ଣ୍ଣ, ୧୯।୬ (ଏଜେନ୍ସି): ଅଷ୍ଟ୍ରେଲିଆରେ ଅନୁଷ୍ଠିତ ହେଉଥିବା ଟି-୨୦ କ୍ରିକେଟ୍ ପ୍ରତିଯୋଗିତା ମହିଳା ବିଗ୍ ବାସ୍ ଲିଗ୍ (ଡବ୍ଲ୍ୟୁବିବିଏଲ୍)ର ୧୧ତମ ସିଜନ ଲାଗି ଖେଳାଳି ଡ୍ରାଫ୍ଟ ପ୍ରକ୍ରିୟା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଖେଳାଳି ଡ୍ରାଫ୍ଟ ଜରିଆରେ ବିଭିନ୍ନ ଫ୍ରାଞ୍ଚାଇଜ ସେମାନଙ୍କ ଦଳ ପ୍ରସ୍ତୁତ କରିଛନ୍ତି। ଡବ୍ଲ୍ୟୁବିବିଏଲ୍-୧୧ ଲାଗି ମୋଟ୍ ୨୩ ଜଣ ବିଦେଶୀ ମହିଳା କ୍ରିକେଟର୍‌ଙ୍କୁ ବିଭିନ୍ନ ଫ୍ରାଞ୍ଚାଇଜ ଦଳରେ ସାମିଲ କରିଛନ୍ତି। ସେମାନଙ୍କ ମଧ୍ୟରେ ଏକମାତ୍ର ଭାରତୀୟ ଭାବେ ଜେମିମା ରୋଡ୍ରିଗ୍ୱେଜ ରହିଛନ୍ତି। ବ୍ରିସବେନ୍ ହିଟ୍ ଦଳ ଜେମିମାଙ୍କୁ କ୍ରମାଗତ ଦ୍ୱିତୀୟ ସିଜନ ଲାଗି ଦଳରେ ସାମିଲ କରିଛି। ଡ୍ରାଫ୍ଟ ପ୍ରକ୍ରିୟାର ପ୍ରଥମ ରାଉଣ୍ଡରେ ମେଲ୍‌ବୋର୍ଣ୍ଣ ଷ୍ଟାର୍ସ ଜେମିମାଙ୍କୁ ନେଇଥିଲା। କିନ୍ତୁ ବ୍ରିସବେନ୍ ହିଟ୍ 'ରିଟେନସନ କାର୍ଡ' ବ୍ୟବହାର କରି ଜେମିମାଙ୍କୁ ଦଳରେ ରଖିବାରେ ସଫଳ ହୋଇଥିଲା। ଜେମିମା ଗତବର୍ଷ ଡବ୍ଲ୍ୟୁବିବିଏଲ୍‌ରେ ବ୍ରିସବେନ ପାଇଁ ସର୍ବାଧିକ ରନ ସଂଗ୍ରହକାରୀ ବ୍ୟାଟର୍ ଥିଲେ। ସେ ୧୩୯ ଷ୍ଟ୍ରାଇକରେଟ୍‌ରେ ୨୬୭ ରନ ସଂଗ୍ରହ କରି ଦଳକୁ ଚାମ୍ପିଅନ କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଗୁରୁବାର ଡ୍ରାଫ୍ଟ ଜରିଆରେ ବିଭିନ୍ନ ଦଳରେ ସାମିଲ ହୋଇଥିବା ୨୩ଜଣ ବିଦେଶୀ ଖେଳାଳିଙ୍କ ମଧ୍ୟରୁ ଇଂଲଣ୍ଡର ସର୍ବାଧିକ ୧୨ଜଣ, ଦକ୍ଷିଣ ଆଫ୍ରିକାର ୫ଜଣ ଖେଳାଳି ରହିଛନ୍ତି।



### ପାଥୁମ ନିଶାଙ୍କାଙ୍କ ଶତକ

## ଶ୍ରୀଲଙ୍କାର ଦୃଢ଼ ଜବାବ

ଗଲ,୧୯।୬ (ଏଜେନ୍ସି):

ଓପନର ପାଥୁମ ନିଶାଙ୍କାଙ୍କ ଶତକ ଓ ଦ୍ୱିତୀୟ ୱିକେଟ ଯୋଡିରେ ଦିନେଶ ଚାଣ୍ଡିମଲଙ୍କ ସହ ୧୫୭ ରନ୍‌ର ଶତକୀୟ ଭାଗୀଦାରି ବଳରେ ଏଠାରେ ଚାଲିଥିବା ବାଂଲାଦେଶ ବିପକ୍ଷ ପ୍ରଥମ ଟେଷ୍ଟରେ ଘରୋଇ ଶ୍ରୀଲଙ୍କା ଦୃଢ଼ ଜବାବ ଦେଇଛି। ଏହି ଟେଷ୍ଟର ପ୍ରଥମ ପାଳିରେ ନାଜମୋଲ ହୋସେନ ସାଣ୍ଟୋଙ୍କ ୧୪୮ ଓ ମୁସ୍‌ଫିକର ରହିମଙ୍କ ୧୬୩ ରନ୍ ବଳରେ ବାଂଲାଦେଶ ୪୯୫ ରନ୍ କରିଥିଲା। ଜବାବରେ ପାଥୁମ ନିଶାଙ୍କାଙ୍କ ୧୮୭ ରନ୍‌ର ମାଷ୍ଟର ଶତକ ବଳରେ ତୃତୀୟ ଦିନ ଖେଳ ଶେଷ ସୁଦ୍ଧା ଶ୍ରୀଲଙ୍କା ପ୍ରଥମ ଇନିଂସରେ ୪ ୱିକେଟ ହରାଇ ୩୬୮ ରନ୍ ସଂଗ୍ରହ କରିଛି। ଏହି ସମୟରେ କାମିନ୍ଦୁ ମେଣ୍ଡିସ୍ ୩୭ ଓ ଧନଞ୍ଜୟ ଡି ସିଲ୍‌ଭା ୧୭ ରନ୍‌ରେ ବ୍ୟାଟିଂ କରୁଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓପନର ଲାହିରୁ ଉଦାରା ୨୯, ଦିନେଶ ଚାଣ୍ଡିମାଲ ୫୪ ଏବଂ କ୍ୟାରିୟର ଶେଷ ଟେଷ୍ଟ ଖେଳୁଥିବା ଆଞ୍ଜେଲୋ ମାଥ୍ୟୁସ ୩୯ ରନ୍ କରିଥିଲେ। ବାଂଲାଦେଶ ପକ୍ଷରୁ ହାସନ ମାମୁଦ୍, ତାଇଜୁଲ ଇସ୍‌ଲାମ, ନଇମ ହସନ ଓ ମୋମିନୁଲ ହକ୍ ଗୋଟିଏ ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ। ପୂର୍ବରୁ ବାଂଲାଦେଶ ୯ ୱିକେଟରେ ୪୮୪ ରନ୍‌ରୁ ଖେଳ ଆରମ୍ଭ କରି ଆଉ ୧୧ ରନ୍ ଯୋଗ କରିବା ପରେ ୪୯୫ ରନ୍‌ରେ ଅଲଆଉଟ ହୋଇଥିଲା। ଶ୍ରୀଲଙ୍କା ପକ୍ଷରୁ ଅସିଥା ଫର୍ଣ୍ଣାଣ୍ଡୋ ସର୍ବାଧିକ ୪ଟି, ମିଲନ ପ୍ରିୟନାଥ ଓ ଥାରିନ୍ଦୁ ରତନାୟକେ ୩ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ।




### ■ ନିଖିଳ ଓଡ଼ିଶା ୬-ରେଡ୍ ସ୍ନୁକର୍

## ଆକ୍ରମଙ୍କୁ ହରାଇଲେ ସିଂଘାଲ

ଭୁବନେଶ୍ୱର,୧୯।୬ (ସମିସ): ଆଜିଠାରୁ ଆରମ୍ଭ ହୋଇଛି ନିଖିଳ ଓଡ଼ିଶା ୬-ରେଡ୍ ସ୍ନୁକର ଟୁର୍ଣ୍ଣାମେଣ୍ଟ। ଟୁର୍ଣ୍ଣାମେଣ୍ଟର ପ୍ରଥମ ଦିନରେ ରାଜ୍ୟ କନିଷ୍ଠ ଚାମ୍ପିଅନ ବିଶେଷ ସିଂଘାଲ ୩-୧ରେ ବରିଷ୍ଠ ଖେଳାଳି ଆକ୍ରମ ଖାନ୍‌ଙ୍କୁ ହରାଇ ପ୍ରଥମ ଦିନରେ ବଡ଼ ବିପର୍ଯ୍ୟୟ ସୃଷ୍ଟି କରିଛନ୍ତି। ସେହିପରି ଜ୍ଞାନ ଦାସ ମଧ୍ୟ ସୁନ୍ଦର ଖେଳ ପ୍ରଦର୍ଶନ କରି ଡବଲ ବିଜୟ ହାସଲ କରିଛନ୍ତି। ପ୍ରଥମ ମୁକାବିଲାରେ ସେ ୩-୦ରେ ଆରୋନ ଆନିୟାନଙ୍କୁ ଓ ଦ୍ୱିତୀୟ ମୁକାବିଲାରେ ଅବିନାଶ ମହାପାତ୍ରଙ୍କୁ ମଧ୍ୟ ୩-୦ ଫ୍ରେମ୍‌ରେ ପରାସ୍ତ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଦୁର୍ଗା ମହାନ୍ତିଙ୍କୁ ଉଦ୍‌ଭାସ ମହାପାତ୍ର, ଜଗଦୀଶ ମହାନ୍ତିଙ୍କଚ କୁନାଲ ଅଗରୱାଲ, ଡକ୍ଟର ଅତନୁ ନାୟକଙ୍କୁ ନିଶି ଦାସ, ଅଶିତ୍ ଚୌଧୁରୀଙ୍କୁ ସତ୍ୟଦୀପ ଦାସ, ଚିରଞ୍ଜୀବ ସିଂହଙ୍କୁ ନିଶାନ୍ତ ବିଶ୍ୱାଳ, ଅମିୟ ରଞ୍ଜନ ନାୟକଙ୍କୁ ଶାରଦା ବେହେରା ଓ ମିଶାଲ ସ୍ୱାଇଁଙ୍କୁ ସିଦ୍ଧାର୍ଥ ସେନ୍ ପରାସ୍ତ କରି ପ୍ରଥମ ରାଉଣ୍ଡରେ ବିଜୟୀ ହୋଇଛନ୍ତି। ଏହି ଟୁର୍ଣ୍ଣାମେଣ୍ଟ ବିଲିଆର୍ଡ୍ସ ଓ ସ୍ନୁକର ସଂଘ ଓଡ଼ିଶା (ବିଏସ୍ଏଓ) ଆନୁକୂଲ୍ୟରେ ସ୍ଥାନୀୟ ସାଲିଆସାହିସ୍ଥିତ ଭିଣ୍ଟେଜ କ୍ଲବ୍ ପରିସରରେ ଆଜିଠାରୁ ଆରମ୍ଭ ହୋଇ ୨୨ ତାରିଖଯାଏ ଚାଲିବ।



PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS